

ମୁଖ୍ୟ ନିର୍ବାଚନ କମିଶନ ନିଯୁକ୍ତି ନେଇ କେନ୍ଦ୍ର ଉପରେ ବର୍ଷିଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଷ୍ଟନିଂ ଲୁକ୍‌ରେ ଅନୁଷା ସେନ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୧ Vol. 21 No-321 19 FEBRUARY 2025 WEDNESDAY BHUBANESWAR ବୁଧବାର, ୧୯ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବନ୍ଦ ହେବ ରୁଷ-ୟୁକ୍ରେନ ଯୁଦ୍ଧ !

# ଆମେରିକା-ରୁଷିଆ ଆଲୋଚନା



ନୂଆଦିଲ୍ଲୀ,୧୮।୨: ମଙ୍ଗଳବାର ସାଉଦୀ ଆରବର ରିଆଦରେ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଆମେରିକା ଏବଂ ରୁଷିଆ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଦୁଇଦେଶର ଅଧିକାରୀଙ୍କ ମଧ୍ୟରେ ଏହି ଆଲୋଚନା ହୋଇଛି। ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବୈଦେଶିକ ନୀତି ପରାମର୍ଶଦାତା ୟୁରି ଉଷାକୋଭ ରୁଷିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ ଆମେରିକା ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲଜ୍ ଏବଂ ପଶ୍ଚିମ ଏସିଆ ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ୱିଟ୍ କଫ୍ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ଏହି ବୈଠକକୁ ୟୁକ୍ରେନକୁ ନିମନ୍ତ୍ରଣ କରାଯାଇ ନଥିଲା। ଯାହାକୁ ନେଇ ୟୁରୋପୀୟ ରାଷ୍ଟ୍ର ପକ୍ଷରୁ ଚିନ୍ତାପ୍ରକଟ କରାଯାଇଛି। ସୂଚନାଯୋଗ୍ୟ ଯେ ୟୁକ୍ରେନ-ରୁଷିଆ ଯୁଦ୍ଧର ୩ ବର୍ଷ ପରେ ସାଉଦୀ ଆରବରେ ଏହି ବୈଠକ ହୋଇଥିଲା। ଶାନ୍ତି ଚୁକ୍ତିନାମାରେ ଆମେରିକାର ଭୂମିକା ଥିବାରୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଏହି ବୈଠକ ଡକାଯାଇଥିଲା। ସାଉଦୀ ଆରବ ଏହି ବୈଠକରେ ମଧ୍ୟସ୍ଥତା କରିଥିଲା। ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତଃ ଘଟାଇବା ଲକ୍ଷ୍ୟରେ ଏହି ଆଲୋଚନା ହୋଇଥିଲା। ତେବେ ୟୁକ୍ରେନ ରାଷ୍ଟ୍ରପତି କହିଛନ୍ତି ଯେ ଯଦି ଏଥିରେ ୟୁକ୍ରେନକୁ ଡକାଯାଇ ନାହିଁ ତେବେ ବୈଠକର ଫଳାଫଳକୁ ତାଙ୍କ ଦେଶ ଗ୍ରହଣ କରିବ ନାହିଁ । ଏପରିକି ୟୁରୋପୀୟ ସଂଘକୁ ମଧ୍ୟ ଏହି ଆଲୋଚନାରେ ସାମିଲ କରାଯାଇନାହିଁ। ୟୁରୋପୀୟ ସଂଘ କହିଛନ୍ତି ଯେ ଏକ ନିରପେକ୍ଷ ଓ ସ୍ଥାୟୀ ଶାନ୍ତି ପାଇଁ ସେମାନଙ୍କ ଉପସ୍ଥିତି ଜରୁରି। ଅନ୍ୟପକ୍ଷରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କହିଛନ୍ତି, ୟୁକ୍ରେନ-ରୁଷିଆ ମଧ୍ୟରେ ଶାନ୍ତି ପାଇଁ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ । ତେବେ ରୁଷିଆ ଓ ଆମେରିକା ଯେଉଁଭଳି ଭାବେ ଆଲୋଚନା କରୁଛନ୍ତି ତାହାକୁ ନେଇ ଚିନ୍ତା ପ୍ରକଟ କରିଛି ୟୁକ୍ରେନ।

## ୩୩୨୭ କେଜି ଗଞ୍ଜେଇ ଜବତ

ବୌଦ୍ଧ,୧୮।୨(ଭାସ୍କର ନ୍ୟୁଜ): ରାୟଗଡା ଏବଂ ଫୁଲବାଣୀ ଜିଲ୍ଲା ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ମୋଟ ୩୩୨୭ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ବାଇକ ଏବଂ ପିକ ଅପ୍ ଭ୍ୟାନକୁ ମଧ୍ୟ ପୋଲିସ ଜବତ କରିଛି । ରାୟଗଡା ଜିଲ୍ଲା ଗୁଣୁପୁର ଥାନା, ବୌଦ୍ଧ ଜିଲ୍ଲାରେ ଗୋଛପଡା ଏବଂ ବୌଦ୍ଧ ଥାନାରେ ଦୁଇଟି ମାମଲା ଏବଂ ଅନ୍ୟଟି ଫୁଲବାଣୀ ସଦର ଥାନାରେ ପଞ୍ଜିକୃତ ହୋଇଛି । ବୌଦ୍ଧ ଥାନା ଅଧୀନ ନେନ୍ଦନ ଗାଁ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଅଭିଯୁକ୍ତମାନେ ଏକ ପିକ ଅପ ଭ୍ୟାନରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମ୍ପର୍କରେ ଖବର ପାଇ ପୋଲିସ ଯାଞ୍ଚ କରିଥିଲା। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବା ବେଳେ ୧୩୨୫ କେଜି ଗଞ୍ଜେଇ ଓ ପିକ ଅପ ଭ୍ୟାନକୁ ପୋଲିସ ଜବତ କରିଛି । ସେହିପରି ଅନ୍ୟ ଏକ ମାମଲା ବୌଦ୍ଧ ଜିଲ୍ଲା ଗୋଛପଡା ଥାନାରେ ପଞ୍ଜିକୃତ ହୋଇଛି। କାତ୍ରେଙ୍ଗିଆ ଗ୍ରାମ ପଞ୍ଚାୟତ ପାଦେବି ଗାଁ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୦୨୦ କେଜି ଗଞ୍ଜେଇ ସହ ଏକ ବୋଲେରୋ ଜବତ କରିଛି। ସେହିପରି ରାୟଗଡା ଜିଲ୍ଲା ଗୁଣୁପୁର ଥାନା ଆରଏମସି ଚେକ ପୋଷ୍ଟ ନିକଟରେ ପୋଲିସ ଗାଡି ଯାଞ୍ଚ କରୁଥିବା ବେଳେ ଜୟନ୍ତ ବେହେରା ନାମକ ଜଣେ ଅଭିଯୁକ୍ତଙ୍କ ନିକଟରୁ ୬୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ● ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୫,୯୬୭.୩୯

ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ




ରାଜସ୍ଥାନର ଉଦୟପୁରଠାରେ ଆୟୋଜିତ ଦ୍ୱିତୀୟ ସର୍ବଭାରତୀୟ ଜଳମନ୍ତ୍ରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୨୦ ସନ୍ଧ୍ୟା ନୁହେଁ, ସକାଳେ ଶପଥ ନେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୮।୨: ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ସାନଦାର ବିଜୟ ହୋଇଛି ଏବଂ ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀ ଗାଦି ହାତେଇବାରେ ଦଳ ସଫଳ ହୋଇଛି। ଆସନ୍ତା ୨୦ ତାରିଖରେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ମାତ୍ର ମୁଖ୍ୟମନ୍ତ୍ରୀ ଭାବେ କିଏ ଶପଥ ନେବେ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ। ଅନ୍ୟପକ୍ଷରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଶପଥଗ୍ରହଣ ସମାରୋହକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ରାମଲୀଳା ମଇଦାନରେ ଏହି ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏଥିରେ ବିଜେପିର ବହୁ ବଡ଼ ନେତା ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ୨୦ ତାରିଖ ସନ୍ଧ୍ୟାରେ ଶପଥଗ୍ରହଣ କରାନଯାଇ ସେହିଦିନ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। କିନ୍ତୁ ପୂର୍ବରୁ କୁହାଯାଇଥିଲା ଯେ ୨୦ ତାରିଖ ଅପରାହ୍ନ ୪.୩୦ରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ । କିନ୍ତୁ ଏବେ ଶପଥଗ୍ରହଣ ସମୟ ପରିବର୍ତ୍ତନ ହୋଇଛି। ଶପଥଗ୍ରହଣ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସ୍ଥିର ହୋଇଛି। ସିଙ୍ଗର କୈଳାଶ ଖେର୍‌ଙ୍କ ପର୍ଫମାନ୍ସ ମଧ୍ୟ ପ୍ରଦର୍ଶିତ ହେବାର ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶପଥଗ୍ରହଣ ସ୍ଥଳରେ ପହଞ୍ଚିବା ପରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ● ପୃଷ୍ଠା ୫ ଦେଖନ୍ତୁ

### ନବନିଯୁକ୍ତ ପିସିସି ସଭାପତିଙ୍କ ସଂକଳ୍ପ ପଦଯାତ୍ରା

## ଓଡ଼ିଶା ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି: ଭକ୍ତ




ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ) : ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ସଂପୂର୍ଣ୍ଣ ଶକ୍ତିର ସହ କଂଗ୍ରେସ ଆଗକୁ ବଢ଼ିବ । ଓଡ଼ିଶାକୁ କଂଗ୍ରେସ ● ପୃଷ୍ଠା ୫ ଦେଖନ୍ତୁ

### ପଦଯାତ୍ରାରେ ଆହତ ହେଲେ ଭକ୍ତ

ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ): ନବନିଯୁକ୍ତି ପିସିସି ସଭାପତି ଭକ୍ତଚରଣ ଦାସ ଦିଲ୍ଲୀରୁ ଫେରିବା ପରେ ଏକ ସଂକଳ୍ପ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ଭୁବନେଶ୍ୱର ବିମାନବନ୍ଦରଠାରୁ ଆରମ୍ଭ ହୋଇ ସହର ଭିତରକୁ ଆସିଥିଲା। ତେବେ ଶିଶୁଭବନ ଛକ ନିକଟରେ ନବନିଯୁକ୍ତ ପିସିସି ସଭାପତିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରିବା ସମୟରେ ଶ୍ରୀ ଦାସ ଆହତ ହୋଇଥିଲେ। ଶତାଧିକ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା ହେବାରୁ ପିସିସି ସଭାପତି ଶ୍ରୀ ଦାସ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଏଥିସହ ତାଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ଫଳରେ କିଛି ସମୟ ପାଇଁ ଶ୍ରୀ ଦାସଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରାଯାଇଥିଲା। ସେ ସାମାନ୍ୟ ସୁସ୍ଥ ହେବାପରେ ପୁଣି ସେବା ମନୋବୃତ୍ତି ରଖି ପଦଯାତ୍ରାକୁ ଆଗକୁ ନେଇଥିଲେ।

## ୧୮।୨।୨୦୨୫ ର ମତାମତ

କଂଗ୍ରେସର ସର୍ବକ୍ଷମା ଯୋଜନା ପରେ ଛାଡ଼ିଥିବା ନେତା ଫେରିବା ସମ୍ଭବ କି ?




### ଆଜିର ପ୍ରସଙ୍ଗ

ଦିଲ୍ଲୀ ରେଳଷ୍ଟେସନ ଟ୍ରାଜେଡି ପାଇଁ ରେଳ ବିଭାଗକୁ ଦାୟୀ କରାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

### କିଟ୍ ଛାତ୍ରୀ ମୃତ୍ୟୁ ଘଟଣା

# ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି

- ଦୋଷୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ
- କିଟ୍‌ର ୫ କର୍ମଚାରୀଙ୍କୁ ଗିରଫ କଲା ପୋଲିସ
- କ୍ଷମା ପ୍ରାର୍ଥନା କଲେ କିଟ୍ କର୍ତ୍ତୃପକ୍ଷ
- ନେପାଳ ରାଜରାସ୍ତାରେ ତୀବ୍ର ପ୍ରତିବାଦ




ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ): କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। କିଟ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ସଦସ୍ୟ ରହିଛନ୍ତି। କମିଟିର ରିପୋର୍ଟ ମିଳିବା ପରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ● ପୃଷ୍ଠା ୫ ଦେଖନ୍ତୁ

### ବିଧାନସଭାରେ କିଟ୍ ପ୍ରସଙ୍ଗ

## ତାତିଲେ ବିଜେପି, କଂଗ୍ରେସ ବିଧାୟକ

ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ): ଗତ ୧୬ ତାରିଖ ଅପରାହ୍ନ ୪ଟାରେ କିଟ୍ ପରିସରରେ ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଲାଗି ରହିଥିବା ସ୍ଥିତିକୁ ନେଇ ମଙ୍ଗଳବାର ବିଧାନସଭା ସରଗରମ ହୋଇ ଉଠିଥିଲା। ଏହି ଘଟଣାରେ ଶୂନ୍ୟକାଳରେ ପ୍ରବଳ ତାତି ଦେଖିବାକୁ ମିଳିଥିଲା। ବିଜେପି ବିଧାୟକ ବାବୁ ସିଂ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ଶ୍ରୀ ସିଂ କହିଥିଲେ ଯେ କିଟ୍ ବହୁ ଜମିକୁ ଜବରଦଖଲ କରିଛି ଓ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ କରିଛି। ଏପରିକି ସେଠାରେ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି। ଶାଗମାଛ ଦରରେ କିଟ୍ ଜମି କିଣିଛି। ଏ ନେଇ ସଠିକ ତଦନ୍ତ ହେବା ଜରୁରି ବୋଲି ସେ ଦାବି କରିଥିଲେ। ସେହିପରି ବିଜେପି ବିଧାୟକ ସନ୍ତୋଷ ଖଟୁଆ କହିଥିଲେ ଯେ କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ପରେ ତା ପରର ଘଟଣା ପାଇଁ ଓଡ଼ିଶା ନିନ୍ଦିତ ହୋଇଛି। ସେହିପରି ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ସଠିକ ତଦନ୍ତ ହେବା ଦରକାର। ସେହିପରି ଝାରସୁଗୁଡ଼ାର ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ କିଟ୍ ଉପରେ ପ୍ରବଳ ବର୍ଷିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ବିଚାରବିଭାଗୀୟ ତଦନ୍ତ ନ ହେଲେ ଗୃହରେ ଧାରଣା ଦେବି। ବିଧାନସଭାରେ ବିଜେପି ସଦସ୍ୟମାନେ କହିଥିଲେ ଯେ କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅହଂଭାବ ଯୋଗୁ ଓଡ଼ିଶାକୁ ବିଶ୍ୱ ଦରବାରରେ ପୁଣିଥରେ ନିନ୍ଦିତ ହେବାକୁ ପଡ଼ିଛି। ସବୁପ୍ରକାର ମାନବିକତାକୁ ଭୁଲି ନେପାଳୀ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ସେମାନଙ୍କୁ ଜୋର ଜବରଦସ୍ତ ବସ୍‌ରେ ବସାଇ ଷ୍ଟେସନରେ ଅସହାୟ ଅବସ୍ଥାରେ ଯେପରି ଛାଡ଼ି ଦିଆଗଲା ତାହା ନିଶ୍ଚିତ ଭାବେ ଅମାନବୀୟ ଘଟଣା।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବିରୋଧିଙ୍କୁ ଖାଲି ସବୁ ଗନ୍ଧଉଛି
ନାକ ଟେକୁଛନ୍ତି ଦେଖି ବଜେଟ,
ସର୍କାର କହନ୍ତି ଅତୀବ ସୁନ୍ଦର
ଖର୍ଚ୍ଚ ପାଇଁ କିଛି ନାହିଁ ଆକଟ ।
ହାତଖୋଲା କରି ହେଇଛି ବାଣ୍ଟ,
ଡବଲ ଇଞ୍ଜିନି ସରକାର ଇଏ
ଆଉ ନ ରହିବ ରାଜ୍ୟେ ସଙ୍କଟ ।

## ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ



ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରଛାତ୍ରୀମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଛନ୍ତି। ଆସନ୍ତା ୧୯ ତାରିଖରୁ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨୭ଯାଏ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ୩ଲକ୍ଷ ୯୩ ହଜାର ୬୧୮ଜଣ ପରୀକ୍ଷାର୍ଥୀ ରହିଛନ୍ତି । ଏଥିପାଇଁ ୧୨୭୬ ପରୀକ୍ଷା କେନ୍ଦ୍ର କରାଯାଇଛି। ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ କଳାରେ ୨ଲକ୍ଷ ୪୭ହଜାର ୩୯୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବାଣିଜ୍ୟରେ ୨୫ହଜାର ୫୨୬ଜଣ ରହିଛନ୍ତି । ସେହିପରି ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ● ପୃଷ୍ଠା ୫ ଦେଖନ୍ତୁ

## ସିବିଆଇ ଚଢାଉ ପରେ ପଦବୀରୁ ଇସ୍ତଫା ଦେଲେ ବିଷ୍ଣୁପଦ



ଭୁବନେଶ୍ୱର,୧୮।୨(ଭାସ୍କର ନ୍ୟୁଜ): ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଲିଙ୍କ୍‌କୁ ନେଇ ମଙ୍ଗଳବାର ସକାଳେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ବାସଭବନରେ ସିବିଆଇ ପକ୍ଷରୁ ଚଢାଉ କରାଯାଇଛି। ଏହି ଚଢାଉ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ତଥା ବିନା କାରଣରେ କରାଯାଇଥିବାରୁ ଏହାର ପ୍ରତିବାଦରେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ଶ୍ରୀ ସେଠୀ। ସେ ମୁଖ୍ୟ ଶାସନସଚିବଙ୍କୁ ନିଜର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ୧୯୯୫ ବ୍ୟାଚ୍‌ର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସେ ନିରନ୍ତର ଓ ନିଃସ୍ୱାର୍ଥପର ଭାବେ ସେବା ଯୋଗାଇଦେଇ ଆସିଛନ୍ତି । କିନ୍ତୁ ମଙ୍ଗଳବାର ହଠାତ୍ ମୋ ଘରେ ସିବିଆଇ ଚଢାଉ କରାଯିବା ଦୁର୍ଭାଗ୍ୟଜନକ। ସିବିଆଇ ଯାଞ୍ଚର ତରିକା ଠିକ୍ ନଥିଲା ବୋଲି ସେ ଅଭିଯୋଗ କରିବା ସହ ବିନା ୱାରେଣ୍ଟରେ କିପରି ମୋ ଘରେ ଚଢାଉ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏସବୁ ଉଦ୍ଦେଶ୍ୟ ପ୍ରଣୋଦିତ ଓ ମୋ ପ୍ରତି ଅବିଚାର। ତେବେ ତାଙ୍କ ଇସ୍ତଫାପତ୍ର ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଇନଥିବା ସୂଚନା ମିଳିଛି। ସୂଚନାଥାଉ କି ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିଙ୍କ୍‌କୁ ନେଇ ସିବିଆଇର ଏକ ୮ଜଣିଆ ଟିମ୍ ତାଙ୍କ ବାସଭବନରେ ଚଢାଉ କରିଛି। ତେବେ ବିଷ୍ଣୁପଦ ଏସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ ଯେ ଦେଢକୋଟି ଟଙ୍କାର ଡିଲ୍ ପାଇଁ ୧୦ଲକ୍ଷ ଟଙ୍କାର ଲାଞ୍ଚ କାରବାର ନେଇ ଗତ ଡିସେମ୍ବର ୬ ତାରିଖରେ ହୋଟେଲ ମେ ଫେୟାର ସମ୍ମୁଖରେ ସିବିଆଇ ଏକ ଦାମୀ କାର୍‌ରେ ଛାପ ମାରିଥିଲା। ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀରେ ମଧ୍ୟ ତନାଘନା କରିଥିଲା। ଏହି ମାମଲାରେ ସିବିଆଇ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଚଞ୍ଚଲ ମୁଖାର୍ଜୀ, ସନ୍ତୋଷ ମହାରଣା ଓ ଦେବଦତ୍ତ ମହାପାତ୍ର। ପରେ ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ ରିମାଣ୍ଡରେ ନିଆଯାଇ ପଚରାଉଚୁରା ମଧ୍ୟ କରାଯାଇଥିଲା। ଏଥିସହ ବିଷ୍ଣୁପଦଙ୍କ ● ପୃଷ୍ଠା ୫ ଦେଖନ୍ତୁ

### କେନ୍ଦ୍ର ପ୍ରଦୂଷଣ ବୋର୍ଡର ରିପୋର୍ଟ

## ଦୂଷିତ ହେଲାଣି ତ୍ରିବେଣୀ ସଙ୍ଗମର ପାଣି

ପ୍ରୟାଗରାଜ,୧୮।୨: କୋଟି କୋଟି ଶ୍ରଦ୍ଧାଳୁଙ୍କ ବୁଡ଼ ପରେ ଏବେ ପ୍ରଦୂଷିତ ହେଲାଣି ତ୍ରିବେଣୀ ସଙ୍ଗମ ଜଳ। ଏ ନେଇ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ୩୦ଦିନ ଭିତରେ ତ୍ରିବେଣୀ ଜଳ ଏଭଳି ସ୍ଥିତିରେ ପହଞ୍ଚିଛି, ଯାହାକି ଆଉ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ । ଏନଜିଟି ପକ୍ଷରୁ ଦାଏର କରାଯାଇଥିବା ସିପିସିବିର ରିପୋର୍ଟ ପରେ ଏହି ଖୁଲାସା ହୋଇଛି। ଜଳସ୍ତରରେ ଏଭଳି କିଛି କ୍ଷତିକାରକ ଉପାଦାନ ମିଳିଛି, ଯାହା ଚର୍ମକୁ କ୍ଷତି ପହଞ୍ଚାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ପାଣିରେ ଫିକଲ କୋଲିଫର୍ମର ମାତ୍ରା ବଢିଯାଇଛି। ମାସକ ମଧ୍ୟରେ କୋଟି କୋଟି ସଂଖ୍ୟକ ଶ୍ରଦ୍ଧାଳୁ ବୁଡ଼ ପକାଇବା ପରେ ପାଣିରେ ପ୍ରଦୂଷଣ ସ୍ତର ବୃଦ୍ଧି ପାଇଛି। ତେବେ ଏହି ରିପୋର୍ଟ ମିଳିବା ପରେ ଏନଜିଟିର ଚିନ୍ତା ବଢିଯାଇଛି। ୭ ଦିନ ଭିତରେ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ପିସିବିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଶୁଣାଣି ଆଗାମୀ ୧୯ ତାରିଖରେ କରାଯିବ। ତେବେ ପ୍ରଶ୍ନ ଉଠୁଛି, ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ବିପଦରେ ପଡିବାର ଆଶଙ୍କା ରହିଥିବାବେଳେ ଆଗକୁ ୟୁପି ସରକାରଙ୍କ ପଦକ୍ଷେପ କ'ଣ ରହିବ ତା ଉପରେ ସମସ୍ତଙ୍କ ନଜର। ଆସ୍ଥାର ବୁଡ଼ ପକାଇବା ଅଧିକ ଜରୁରି ନା ସ୍ୱାସ୍ଥ୍ୟପ୍ରତି ସଚେତନ ରହିବା ଅଧିକ ଜରୁରି ସେ ନେଇ ଚିନ୍ତାପ୍ରକଟ କରାଯାଇଛି। ସୂଚନାଯୋଗ୍ୟ ଯେ କୁମ୍ଭମେଳା ଆରମ୍ଭ ହେବା ଦିନଠାରୁ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଉଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେଉଥିବାର କୁହାଯାଉଛି ।




ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହର ଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପାଟଣାଗଡ ଉପଖଣ୍ଡସ୍ତରୀୟ ଜୁନିଅର ରେଡ୍ କ୍ରସର ପରାମର୍ଶଦାତାଙ୍କ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଇରାମ୍ ସାହୁ ଯୋଗଦେଇ ଜୁନିଅର ରେଡ୍କ୍ରସର ଦାୟିତ୍ୱ ଓ ଜନସେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଲିମଦାତା ରୂପେ ରବୀନ୍ଦ୍ର ଖେତ୍ରପାଲ, ଘନଶ୍ୟାମ ମେହେର, ଯଦୁମଣି ବରଗ, ଅରବିନ୍ଦ କୁମାର ଯୋଗଦେଇ ପରାମର୍ଶଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରାମର୍ଶ ଦାତା ହେମସାଗର ପ୍ରଧାନ, ଅଜୟ ଭୋଇ ସମେତ ଖପ୍ରାଖୋଲ, ବେଲପଡ଼ା ଓ ପାଟଣାଗଡ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ୍କ୍ରସ ପରାମର୍ଶଦାତା ଯୋଗଦେଇଥିବାବେଳେ ବ୍ଲକ ସଂଯୋଜକ ଶରତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଯାତ୍ରା ଲାଗି ପରିଚାଳନା କମିଟିର ପ୍ରସ୍ତୁତି ବୈଠକ





ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ଆଧ୍ୟାତ୍ମିକ ଯାତ୍ରା କହିଲେ ବଡ଼ଯାତ୍ରାକୁ ବୁଝାଇଥାଏ। ଏହି ଯାତ୍ରା ଦୀର୍ଘ ଏକ ମାସ ଧରି ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ହେଉଛି ବହୁ ପୁରାତନ ଯାତ୍ରା ଶ୍ରୀମା ମୁତ୍ୟାଲୁ ଆମା ବାଲରାଜୁ ପୋତାରାଜୁ କନାମ ରାଜୁ ନାମରେ ପୂଜା ପାଆନ୍ତି ଗୋଟିଏ ଦେବୀଙ୍କ ସହ ତିନି ଠାକୁର। ଏହି ଯାତ୍ରା କେଉଁ ଆଦିମ ଅମଳରୁ ଆରମ୍ଭ ହୋଇଥିଲା। ଦୁଇ ବର୍ଷରେ ଥରେ ଏହି ବଡ଼ଯାତ୍ରା ମାଲକାନଗିରି ଜିଲ୍ଲା ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ , ତେଲେଙ୍ଗାନା ଏବଂ ଛତିଶଗଡ ଭଳି ପଡୋଶୀ ରାଜ୍ୟ ସହ ରାଜ୍ୟ ବାହାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବିଶେଷ କରି ଆଦିବାସୀମାନଙ୍କର ପରମ୍ପରାରେ ପୂଜା ପାଆନ୍ତି ଦେବାଦେବୀ। ଗ୍ରାମର ସୁରକ୍ଷା ନିମନ୍ତେ ପ୍ରଥା ପରମ୍ପରା ରୀତିନୀତିରେ ପୂଜା ଅର୍ଚ୍ଚନା ହୋଇଥାଏ। ବର୍ତ୍ତମାନ ସମୟରେ ଏହି ଯାତ୍ରା ମାଲକାନଗିରି ଜିଲ୍ଲାର ବଡ଼ଯାତ୍ରା ବୋଲି ମଧ୍ୟ କୁହାଯାଉଛି। ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଶ୍ରଦ୍ଧାଳୁଙ୍କ ନିଜ ନିଜର ମାନସିକ ପୂର୍ଣ୍ଣ କରିବା ଲାଗି ଏଠାକୁ ଆସିଥାନ୍ତି। ମାନମକୁଣ୍ଡା ଠାରୁ ଦେବାଦେବୀଙ୍କୁ ନେଇ ନୌକାବିହାର କରି ଆନ୍ଧ୍ର ପ୍ରଦେଶର ପୋଲୁର ଠାରେ ସ୍ନାନ କରନ୍ତି ତିନି ଠାକୁର। ସ୍ନାନ କରି ସାରିବା ପରେ ସେଠାରୁ ସଜବାଜ ହୋଇ ବାହାରନ୍ତି ଦେବା ଦେବୀ।ପରେ ଓଡିଶା ଆସିବା ପରେ ଆରମ୍ଭ ହୁଏ ବଡ଼ଯାତ୍ରାର ଜିଲ୍ଲା ପରିକ୍ରମା। ଯାତ୍ରାରେ ସର୍ବଜାତି ଧର୍ମର ଲୋକେ ଠାକୁରଙ୍କୁ ଦର୍ଶନ କରିଥାନ୍ତି।ତେଣୁ ଏହି ଯାତ୍ରା ପରିଚାଳନା କରିବା ଲାଗି ଗାଁ ଗାଁରେ ପୂଜାରୀ ଏବଂ କମିଟି ସଦସ୍ୟ ମାନେ ରହିଥାନ୍ତି। ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବା ବେଳେ ଯାତ୍ରାକୁ କିପରି ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ କରି ହେବ ଏହାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ମାଲାମାଡ଼ି , ସମ୍ପାଦକ କାର୍ତ୍ତିକ ଦେବନାଥ, ପୁଜାରୀ ଦୁର୍ଗା ରାଓ , କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ, ସରପଞ୍ଚ ପୃଥ୍ୱୀରାଜ ମାଝୀ , କମିଟି ସଦସ୍ୟ ବିନୋଦ ସାହୁ, ବିନୋଦ ମହାନ୍ତି , ଶିବ ସାହୁ ସମେତ ସାତ ଗୋଟି ପଞ୍ଚାୟତର ମୁଖିଆ ଏବଂ ପୂଜାରୀ ମାନଙ୍କ ଉପସ୍ଥିତରେ ଏହି ବୈଠକ ଶେଷ ହୋଇଥିଲା।

## ଖାଲି ପଡ଼ିଥିବା ସରକାରୀ ଜମିକୁ ଜବରଦଖଲ ପ୍ରୟାସ ଅଭିଯୋଗ

### କାର୍ଯ୍ୟାନୁଷ୍ଠାନ ନେଉନାହିଁ ପ୍ରଶାସନ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂଆ ସରକାର ହେବା ପରେ ଜବରଦଖଲରେ ଥିବା ସମସ୍ତ ସରକାରୀ ଜମିକୁ ମୁକ୍ତ କରାଯିବ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଯିବା ସହ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରିକରି କଠୋର ପଦକ୍ଷେପ ନେବା ପାଇଁ କୁହାଯାଇଛି। ମାତ୍ର ସରକାରୀ ନିର୍ଦ୍ଦେଶନାମା କାଗଜଫର୍ଦ୍ଦରେ ରହି ଯାଇଥିବାବେଳେ ପ୍ରଶାସନିକ ଅଧିକାରୀମାନଙ୍କର ପୂର୍ବ ସରକାରରେ ଥିବା ମାନସିକତା ଏପର୍ଯ୍ୟନ୍ତ ବଦଳିନଥିବା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରୀ ଜମି ଜବରଦଖଲ କରିଅଛନ୍ତି ସେମାନଙ୍କ ପାଖରେ ପହଞ୍ଚିବାତ ଦୂରର କଥା କିନ୍ତୁ ଖାଲିପଡ଼ିଥିବା ସରକାରୀ ଜମିକୁ ଏବେକା ସରକାର ଜବରଦଖଲ କରୁଥିବା ଜମିକୁ ସୁରକ୍ଷା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦର୍ପଣ ତହସିଲ ଅଧିନ ନଳୀପୁର ମୌଜାରେ। ଖବରରୁ ପ୍ରକାଶ ବାଉଜଙ୍ଗ-ଧାଉଡ଼ିଆପଦା ଗ୍ରାମ୍ୟଉନ୍ନୟନ ରାସ୍ତାର ଚାରିନଙ୍ଗଳ ଏବଂ ନଳୀପୁର ସୀମାନ୍ତବର୍ତ୍ତୀ ଅଞ୍ଚଳ ରାଜା ବଜାର କୁହାଯାଉଥିବା ସ୍ଥାନ ନିକଟରେ। ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଉଦ୍ଦିଷ୍ଟ ଖାତା ନଂ-୧୩୩୯, ପ୍ଲଟ ନଂ-୬୧୮ ଏ୦.୦୭ଡ଼ି ଜଳାଶୟ କିସମ ଜମି ଉପରେ ଚାରିନଙ୍ଗଳ ଗ୍ରାମର ସେକ୍ ବଦରୁଦ ଦୋଜା, ପିତା ସେକ୍ ଜଲାଲୁଦ୍ଦିନ୍ ଉକ୍ତ ସରକାରୀ ଜଳାଶୟ ଜମିକୁ ବଳପୂର୍ବକ ଭାବେ ବାଲିପକାଇ ପୋତିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପୂର୍ବରୁ ସେହି ଖାତା ନଂ-୧୩୩୯ ଓ ପ୍ଲଟ ନଂ-୬୧୯ ଯାହାର କିସମ ମଧ୍ୟ ଜଳାଶୟ ଅଟେ। ତାହାକୁ ସେ ଜୈନିକ ବ୍ୟକ୍ତିଙ୍କ ଠାରୁ କ୍ରୟ କରି ତାର ସମ୍ମୁଖରେ ଥିବା ସରକାରୀ ଜମିକୁ ଜବରଦଖଲ କରିବାକୁ ଅପଚେଷ୍ଟା କରିଛନ୍ତି। ଏଥିନେଇ ଗ୍ରାମବାସୀମାନେ ପ୍ରତିବାଦ ସ୍ୱରୂପ ଦର୍ପଣ ତହସିଲଦାରଙ୍କ ନିକଟରେ ଗତ ୧୧.୦୨. ୨୦୨୫ରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦର୍ପଣ ତହସିଲଦାର ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ରତ୍ନମାଳା ସାହୁ ବାଲିଚନ୍ଦ୍ରପୁର ପୋଲିସକୁ ସାଥିରେ ନେଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ଉକ୍ତ ଜମିଟି ସରକାରୀ ଜମି ହୋଇଥିବା ନେଇ ସ୍ପଷ୍ଟ ହେବା ପରେ ସେ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କ ଜରିଆରେ ଜବରଦାଖଲକାରୀ ସେକ୍ ବଦରୁଦ ଦୋଜା, ପିତା ସେକ୍ ଜଲାଲଦ୍ଦିନ୍ଙ୍କୁ ଡ଼କାଇ କାଗଜପତ୍ର ସହକାରେ ଉପସ୍ଥିତ ହେବା ପାଇଁ ପରାମର୍ଶ ଦେଇ କାର୍ଯ୍ୟ ବନ୍ଦ ପାଇଁ କହିଥିଲେ। ମାତ୍ର ଜବରଦଖଲକାରୀ ରାଜସ୍ୱ ନିରୀକ୍ଷକ ଓ ଥାନାଧିକାରୀଙ୍କ କଥାକୁ ନମାନି ସେହିଦିନ ପୁନର୍ବାର ଉକ୍ତ ଜମିରେ ଅପରାହ୍ନରେ ବାଲି ଫିଲିଂ କରିଚାଲିଥିଲେ। ଅଭିଯୋଗକାରୀ ମାନେ ମୌଖିକ ଭାବେ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ଓ ଥାନାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଇଥିବା ଅଭିଯୋଗ ହୁଏ। ଏ ନେଇ ରାଜସ୍ୱ ନିରୀକ୍ଷକ ରତ୍ନମାଳା ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଉକ୍ତ ଜମିଟି ସରକାରଙ୍କର ଆମେ ଜବରଦଖଲକାରୀଙ୍କୁ କାର୍ଯ୍ୟ ବନ୍ଦ ପାଇଁ କହିବା ସହ ଦର୍ପଣ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛୁ। ତହସିଲଦାରଙ୍କ ନିର୍ଦ୍ଦେଶ ମିଳିବା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଷ୍ଟପ୍ରହର ନାମଯଜ୍ଞ




ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ):ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ବାଲିପଡ଼ିଆ ଗ୍ରାମର ଗ୍ରାମ ଦେବତୀ ବୁଢୀଜାଗୁଲାଇ ପୀଠ ପ୍ରାଙ୍ଗଣରେ ବୁଢୀଜାଗୁଲାଇ ପୂଜା କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ସୀତରାମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯଥା ରୀତିନୀତି ଅନୁଯାୟୀ ପୂଜାପାଠ ହୋଇଥିବା ବେଳେ ପ୍ରଦୀପ୍ତ କୁମାର ମହାନ୍ତି କର୍ତ୍ତା ଏହି ଅଷ୍ଟପ୍ରହର ନାମଯଜ୍ଞରେ ସହଯୋଗ କରିଥିଲେ। ଜିଲ୍ଲା ସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ ମାନେ ଏଥିରେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବୟଜ୍ୟେଷ୍ଠ କଳାକାର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ସୁନାକର ସାମଲ, ଫକିର ଚରଣ ରାଉତ ଓ ଘନଶ୍ୟାମ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନାମଯଜ୍ଞରେ ବାଲିପଡ଼ିଆ ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୂକୃପା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ଆଜି କମିଟି ପକ୍ଷରୁ ଗ୍ରାମର ବିଭିନ୍ନ ସାହିରେ ନଗର କୀର୍ତ୍ତନ କରାଯାଇଥିଲା। ଅଷ୍ଟପ୍ରହର କାର୍ଯ୍ୟକ୍ରମରେ ବୁଢୀଜାଗୁଲାଇ କମିଟିର ସମସ୍ତ କର୍ମକର୍ତ୍ତା ସଭ୍ୟ/ସଭ୍ୟା ଓ ଗ୍ରାମବାସୀ ମାନେ ସହଯୋଗ ପ୍ରଦାନ କରିଥିଲେ।

## କାଉନସିଲରଙ୍କ ପୌର ନିର୍ବାହୀ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦର ସମସ୍ତ କାଉନସିଲରମାନେ ଆଜି ପୌର ପରିଷଦର ସଭା ଗୃହରେ ନୂତନ ଭାବରେ ଯୋଗଦାନ କରିଥିବା ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂଚନା ଅନୁଯାୟୀ ଉମରକୋଟ ପୌର ପରିଷଦରେ ୧୪ ଟି ୱାର୍ଡ ରହିଛି। ଆଜିର କାର୍ଯ୍ୟକ୍ରମରେ ୧୦ ଜଣ ବିଜେଡି କାଉନସିଲର , ଜଣେ ଭାଜପା କାଉନସିଲର, ଜଣେ କଂଗ୍ରେସର କାଉନସିଲର ଉପସ୍ଥିତ ଥିଲେ। ସୌଜନ୍ୟମୂଳକ ସାକ୍ଷାତ ସମୟରେ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ସହରର ଉନ୍ନୟନ କାର୍ଯ୍ୟ କିପରି ତ୍ୱରାନିତ ହେବ ସେଥିପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରିବା ସହ ପରିଷଦରେ ଅନେକ ଦିନ ହେଲା ଟେଣ୍ଡର ଆହ୍ୱାନ କରାଯାଇ ନାହିଁ ଫଳରେ ଲୋକଙ୍କ ଅନେକ କାର୍ଯ୍ୟ ବାକି ହୋଇ ପଡିରହିଛି। ତେଣୁ ଶୀଘ୍ର କିପରି ଟେଣ୍ଡର ବାହାରିବ ସେଥିପ୍ରତି ଧ୍ୟାନ ଦେବା ସହ ସହରର ପରିମଳ ଉପରେ ବିଶେଷ ଧ୍ୟାନଦେବାକୁ ମଧ୍ୟ କାଉନସିଲରମାନେ ଅନୁରୋଧ କରିଥିଲେ। ସାକ୍ଷାତ ସମୟରେ କାଉନସିଲରମାନେ ନୂତନ ନିର୍ବାହୀ ଅଧିକାରୀଙ୍କୁ ଫୁଲତୋଡ଼ା ଦେଇ ମିଠା ଖୁଆଇଥିଲେ। ଦୀର୍ଘ ଦିନପରେ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ପୌର ପରିଷଦକୁ ମିଳିଥିବାରୁ କାଉନସିଲର ମାନେ ଖୁସି ବ୍ୟକ୍ତ କରିଛନ୍ତି। ଉପସ୍ଥିତ ଥିବା କାଉନସିଲରମାନେ ହେଲେ ତପନ କୁମାର ଦେବନାଥ, ସାଇ ନାରାୟଣ ପାଢ଼ୀ, ମନୋଜ କୁମାର ନାୟକ, ଚିତ୍ତରଞ୍ଜନ ପାତ୍ର, ନେତ୍ର ହରିଜନ, ସରୋଜିନୀ ଶବର, ନିଲମ ହରିଜନ, ଚିନମୟି ଠାକୁର, ଇତିଶ୍ରୀ ଦଳେଇ, ଶିଖା ରାଣୀ ସରକାର , ରେବା।

## ଦୁଇମାସ ଧରି ଉଠୁନି ଧାନ

### ରାଜରାସ୍ତା ଅବରୋଧ କରିବାକୁ ଧମକ ଦେଲେ ଚାଷୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡିରୁ ଉଠୁନାହିଁ ଧାନ। ଚାଷୀକୁଳ ହନ୍ତସନ୍ତ।ମାସ ମାସ ଧରି ପଡ଼ି ରହୁଛି ମଣ୍ଡିରେ ଧାନ। ଫଳରେ ଚାଷୀମାନେ ପାଇ ପାରୁନାହାଁନ୍ତି ଟଙ୍କା। ପରିବାର ଭରଣପୋଷଣ ହେବ କିପରି ବୋଲି ଚାଷୀଙ୍କ ଭାଳେଣି। ଶେଷରେ ଚାରି ପଞ୍ଚାୟତର ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଶେଷ ହୋଇଛି ଟାର୍ଗେଟ ଏ କଥା କହି ଧାନ ମଣ୍ଡିକୁ ଆଉ ଯାଉନାହାନ୍ତି ମିଲର କିମ୍ବା ପ୍ରଶାସନିକ ଅଧିକାରୀ। ହେଲେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସାଲିମି ଧାନ ମଣ୍ଡିରେ ଗତ ଏକ ମାସରୁ ଅଧିକ ସମୟ ଧରି ପଡି ରହିଛି ଶହ ଶହ ବସ୍ତା ଧାନ। ସାଲିମି, ମହୁପଦର, ଟେମୁରପାଲି ଓ କମାରପାଲି ପଞ୍ଚାୟତର ଅନେକ ଚାଷୀ ଏପର୍ଯ୍ୟନ୍ତ ବସ୍ତାଟିଏ ଧାନ ମଧ୍ୟ ସରକାରଙ୍କୁ ବିକ୍ରି କରିନଥିବା ବେଳେ କେମିତି ସରିଯାଇଛି ଟାର୍ଗେଟ ବୋଲି ଲୋକେ ପଚାରିବା ସହ ଧାନ ମଣ୍ଡିରେ ଆସି ହଟଗୋଳ କରିବା ସହ ମୁଖ୍ୟ ରାସ୍ତା ଉପରେ ଧାନ ବସ୍ତା ରଖି ଆନ୍ଦୋଳନ କରୁଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ଚାଷୀଙ୍କ ଧାନ ନକିଣିଲେ ସବୁ ଧାନରେ ନିଆଁ ଲଗାଇବା ସହ ଚାଷୀମାନେ ଏହି ରାଜରାସ୍ତା ଉପରେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଦୀର୍ଘ ସମୟ ଧରି ଚାଷୀଙ୍କ ଏହି ଆନ୍ଦୋଳନ ଚାଲିଥିଲା ବେଳେ ଘଟଣା ସ୍ଥଳରେ ମାଥିଲି ବ୍ଲକର ଯୋଗାଣ ଅଧିକାରୀ ଓ ତହସିଲଦାର ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝା ସୁଝା କରିବା ସହ ଉକ୍ତ ମଣ୍ଡିର ଟାର୍ଗେଟ ଏକ ହଜାର କ୍ୱିଣ୍ଟାଲରୁ ଅଢେଇ ହଜାର କ୍ୱିଣ୍ଟାଲକୁ ବୃଦ୍ଧି କରିଥିଲେ।

## ପିକଅପ୍ ଭ୍ୟାନ୍‌ରେ ଆକସ୍ମିକ ଅଗ୍ନିକାଣ୍ଡ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ରବିବାର ଏକ ପିକ୍‌ଅପ ଭ୍ୟାନ ଗାଡ଼ି ନମ୍ବର (ଓଡ଼ି ୦୨ ବିଏକ୍ସ ୪୦୦୯) ଉକ୍ତ ଗାଡ଼ିରେ କିଛି ମାଲ ପରିବହନ ହୋଇ ଯାଉଥିବା ସମୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧିନ ଅଚ୍ୟୁତବସନ୍ତ ପଞ୍ଚାୟତସ୍ଥିତ ଗଡ଼ଜିତ ଛକ ଠାରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ସେହି ଛକ ଠାରେ ଛକରେ ଉପସ୍ଥିତ ଥିବା ଜନସାଧାରଣ ହଠାତ୍ ଅଗ୍ନିକାଣ୍ଡ ଦେଖି ଭୟଭୀତ ହେବା ସହ ସାହସ ବାନ୍ଧି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବାଲିଚନ୍ଦ୍ରପୁର ଥାନାକୁ ଉପସ୍ଥିତ ଜନସାଧାରଣଙ୍କ ତରଫରୁ ଖବର ଦିଆଯାଇଥିଲା। ଏହି ଗାଡ଼ି ମାଲିକ ହେଲେ ଗୋଳେଇପୁର ପଞ୍ଚାୟତ ନିମାପାଟଣା ଗ୍ରାମର ଆଶୁତୋଷ ପୃଷ୍ଟି। ଉକ୍ତ ଗାଡ଼ିରେ କେହି କେହି ଗଞ୍ଜେଇପତ୍ର ଥିବା କହୁଥିବାବେଳେ କେହି କେହି ଏହାକୁ ପିଡ଼ିପତ୍ର ବୋଲି କହୁଥିଲେ। ମାତ୍ର ପୋଲିସ ପହଞ୍ଚିବା ପୂର୍ବରୁ ଗାଡ଼ି ମାଲିକ ଶ୍ରୀ ପୃଷ୍ଟି ଘଟଣାସ୍ଥଳରୁ ଉକ୍ତ ଗାଡ଼ିକୁ ନେଇ ଚମ୍ପଟ ମାରିଥିଲେ। ତେବେ ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କୁ ପଚାରିବାରେ ଆମର ଜଣେ ଅଧିକାରୀ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସେହି ଘଟଣାରେ ଆମ୍ଭେ ପାଣିକୋଇଲିରେ ଅଛୁ। ସିଂହ ବାବୁ ଥାନା ଦାୟିତ୍ୱରେ ଅଛନ୍ତି। ତେବେ ଥାନା ଦାୟିତ୍ୱରେ ଥିବା ଏସ.ଆଇ ହରିଶ ଚନ୍ଦ୍ର ସିଂହଙ୍କୁ ପଚାରିବାରେ ସେ କହନ୍ତି ସେମିତି କିଛି ଖବର ମୋ ପାଖରେ ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜନସାଧାରଣଙ୍କ ପକ୍ଷରୁ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦିଆଯାଇଥିବା କହୁଥିବା ବେଳେ ପୋଲିସ କିନ୍ତୁ ଏ ନେଇ କୌଣସି ଖବର ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ବିଶ୍ୱେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଧାନଗର ଗ୍ରାମର ଭାଲିଆମଠରେ ଗତ ରବିବାର ଠାରୁ ବିଶ୍ୱେଶ୍ୱର ମହାଦେବଙ୍କ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରାଯାଇଛି। ଯଜ୍ଞର କାର୍ଯ୍ୟସୂଚୀ ଅନୁଯାୟୀ ରବିବାର ଏହାର ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ ସୋମବାର ଗ୍ରାମର ୨୦୨ଜଣ ମହିଳାଙ୍କୁ ନେଇ ସୁଦୂର ତାରାପୁର ସ୍ଥିତ ନାରାୟଣୀ ମନ୍ଦିର ନିକଟସ୍ଥ ମହାନଦୀରୁ ଏକ ଆଧ୍ୟାତ୍ମିକ ପରିବେଶରେ କଳସ ଯାତ୍ରା କରାଯାଇଥିଲା। ଯଜ୍ଞର କର୍ତ୍ତା ଓ କର୍ତ୍ତୀ ଭାବେ ଭଗବାନ ସ୍ୱାଇଁ ଏବଂ ପ୍ରଜ୍ଞା ମହାପାତ୍ରଙ୍କୁ ବରଣି କରାଯାଇଥିଲା। ଏହି କଳସଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଅଦ୍ୱୈତ୍ୟ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ନରେନ୍ଦ୍ର ସ୍ୱାଇଁ, ମନୋରଂଜନ ମହାପାତ୍ର,ଉଲ୍ଲାସ ସ୍ୱାଇଁ,ନିରଞ୍ଜନ ଜେନା,ସୁନାକର ସ୍ୱାଇଁ, ବନବିହାରୀ ରାଉତ,ଅରୁଣ ସ୍ୱାଇଁ, ରଘୁନାଥପୁର ମଣ୍ଡଳ ବିଜେପି ସଭାପତି ସ୍ୱରାଜ ସାମଲ, ଗୁଆଳିପୁର ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ସରପଂଚଙ୍କ ପ୍ରତିନିଧି ନିହାର ରଂଜନ ସାହୁ, ପ୍ରକାଶ ମଲ୍ଲିକ ପ୍ରମୁଖ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଆସନ୍ତା ୧୯ତାରିଖ ବୁଧବାର ଏହାର ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ କରାଯିବ। ୩ଦିନ ବ୍ୟାପି ଯଜ୍ଞର ପ୍ରତ୍ୟେକ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାଯାଇଛି।

## ଯଯାତି ପଟ୍ଟନାୟକ ବିଜେପି ଅନୁଗୁଳ ଜିଲ୍ଲା ନୂତନ ସଭାପତି



ଅନୁଗୁଳ(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା ବିଜେପିର ନୂତନ ଜିଲ୍ଲା ସଭାପତି ଭାବେ ଯଯାତି ପଟ୍ଟନାୟକଙ୍କର ନାମ ଘୋଷଣା କରାଯାଇଛି ।ଏହାପରେ ସମଗ୍ର ଅନୁଗୁଳ ଜିଲ୍ଲାରୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ନିକଟକୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମସ୍ତ ଜିଲ୍ଲା ସଭାପତି ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଂସଦ ରୁଦ୍ର ନାରାୟଣ ପାଣି, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ଏନ୍‌ଏସ ଆଇସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ନୂତନ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୁଳ ଜିଲ୍ଲାକୁ ରାଜ୍ୟରେ ଏକ ନମ୍ବର କରିବା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲା ପାଇଁ ଆଣୁଥିବା ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ବିକାଶ ମୂଳକ କାର୍ଯ୍ୟକୁ ସଠିକ ଭାବେ ବିଧାନସଭା କ୍ଷେତ୍ର ଅନୁଯାୟୀ ତ୍ୱରାନ୍ୱିତ କରିବା ସହ ସଂଗଠନ କୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଜିଲ୍ଲାର ସମସ୍ତ ନେତୃବୃନ୍ଦ ଓ ଜିଲ୍ଲା ପ୍ରଭାରୀ ସିମାଞ୍ଚଳ ଖଟେଇଙ୍କୁ କୃତଜ୍ଞତା ଜଣାଇଛନ୍ତି । ପାର୍ଟି ଯେଉଁ ଦାୟିତ୍ୱ ଦେଇଛି ତାକୁ ସଠିକ ଭାବେ ସମ୍ପାଦନ କରିବା ପାଇଁ ଉଦ୍ୟମ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀଯୁକ୍ତ ପଟ୍ଟନାୟକ ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୮୫ ମସିହା ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଥିବାବେଳେ ସେ ଛାତ୍ର ସଂସଦ ର ସାଧାରଣ ସମ୍ପାଦକ ଥିଲେ। ପରବର୍ତୀ ସମୟରେ ଛାତ୍ର ସଂସଦ ର ସଭାପତି ଏବଂ ଏବିଭିପିର ରାଜ୍ୟ ଉପ ସଭାପତି, ରାଜ୍ୟ ସହ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ରେ ରହି କାର୍ଯ୍ୟକରି ଆସିଛନ୍ତି। ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ, ଜିଲ୍ଲା ଉପ ସଭାପତି, ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ଭଳି ଦାୟିତ୍ୱରେ ରହି କାର୍ଯ୍ୟ ନିର୍ବାହ କରିଛନ୍ତି । ଡାକ୍ତର ଦେବେନ୍ଦ୍ର ପ୍ରଧାନ ଅଟଳବିହାରୀ ବାଜପେୟୀଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିବାବେଳେ ତାଙ୍କର ସଚିବ ଭାବେ କାର୍ଯ୍ୟ କରିଥିଲେ । ଅନୁଗୁଳ ବିଧାନସଭାର ପ୍ରଭାରୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଥିଲେ। ବିଭିନ୍ନ ସାମାଜିକ ସଂଗଠନ ସହ ମଧ୍ୟ ଜଡିତ ରହି କାର୍ଯ୍ୟ କରିଆସୁଥିଲେ ।

## ଶ୍ରଦ୍ଧାଞ୍ଜଳି ସଭା

ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସେବାନିବୃତ ସରକାରୀ କର୍ମଚାରୀ ସଂଘ ବରଗଡ଼ ସଭା ଗୃହରେ ସ୍ୱର୍ଗତ ସୁରେଶ ଚନ୍ଦ୍ର ପଧାନ (ରୋହିଣିଆଁ)ଙ୍କ ସୁପୁତ୍ର ହରିବୋଲ ପଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଜନତା ସଂଘର୍ଷ ସମିତି ସ୍ୱେଚ୍ଛାସେବୀ ସଙ୍ଗଠନ ବରଗଡ଼ ତଥା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼, ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସହର ତଥା ଆଖପାଖ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଗଣ ଅଂଶ ଗ୍ରହଣ କରି ସ୍ୱର୍ଗତ ପଧାନଙ୍କ ଜୀବନାଦର୍ଶ ଗୁଣାବଳି ଓ ଅବଦାନ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ପଶ୍ଚିମ ଓଡ଼ିଶାର କଳାକାର ସଂଘ, ଗୋପପୁର କମିଟୀ ସଭାପତି ଦୟାନିଧି ପଧାନ, ପୂର୍ବତନ ବିଧାୟକ ଯଦୁମଣି ପଧାନଙ୍କ ସୁପୁତ୍ର ଯୁବନେତା ଆନନ୍ଦ ପଧାନ, ସେବାନିବୃତ ସରକାରୀ କର୍ମଚାରୀ ସଂଘ ବରଗଡ଼ର ସଭାପତି ଧ୍ରୁବଚରଣ ହୋତା, ରୋହିଣିଆଁ ଗ୍ରାମର ଉଦୀୟମାନ ବ୍ୟକ୍ତି ତଥା ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ବରଗଡ଼ର ପ୍ରତିଷ୍ଠାତା ଧରଣୀଧର ବିଶ୍ୱାଳ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର ପଧାନ, କାଉନ୍‌ସିଲର୍ ରୋଶନ ପଧାନ, ଏଚିଭର୍ସ୍ ହେଲ୍‌ପିଙ୍ଗ୍ ଫାଉଣ୍ଡେସନ୍ ବରଗଡ଼ର ସଭାପତି ଦିବାକର ମାଝି, ସମାଜସେବୀ ସମାରୁ ପଧାନ, ପଞ୍ଚାୟତ କଲେଜ ବରଗଡ଼ର ଅବସରପ୍ରାପ୍ତ କର୍ମଚାରୀ ତଥା ସ୍ୱର୍ଗତ ପଧାନଙ୍କ ଭଣଜା ପରମାନନ୍ଦ ସାହୁ, ସମାଜସେବୀ ଯୁବନେତା ବୀରେନ ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ର ବରିଷ୍ଠ ଶିକ୍ଷକ ନେପାଲ ଦୁଆନ, ଦୁଃଖୀସେବକ ସାହୁ, ସନାତନ ସାହୁ, ପ୍ରମୋଦ ସାହୁ, ରୋହିଣିଆଁ ଗ୍ରାମର କିଶୋର ପଧାନ, ଭାସ୍କର ପଧାନ, ସାନ୍ତନୁ ପଧାନ (କନିଷ୍ଠ ପୁତ୍ର), କାଶିନାଥ ପଧାନ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ।

## ବିଜ୍ଞାନ ମହାବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ଆସିକା ଚିନିଶିଳ୍ପ ଗବେଷଣା ଯାତ୍ରା



ଆସିକା (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପରାମର୍ଶ କ୍ରମେ, ଆସିକା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ସହମତିରେ ଏବଂ ରସାୟନ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି ଶେଷ ବର୍ଷ ରସାୟନ ବିଭାଗର ଶିକ୍ଷାର୍ଥୀ ମାନଙ୍କୁ ନେଇ ଏକ ଗବେଷଣା ଯାତ୍ରା ହୋଇଯାଇଛି। ଏହି ଗବେଷଣା ଯାତ୍ରାରେ ରସାୟନ ବିଭାଗର ଅଧ୍ୟାପକ ଚନ୍ଦନ ମାରାଣ୍ଡି, ଅଧ୍ୟାପିକା ମାଧୁରୀ ହେମ୍ବ୍ରମ ଏବଂ ରସାୟନ ବିଭାଗ ପ୍ରୟୋଗଶାଳା ଶିକ୍ଷକ ଦ୍ୱୟ ଧନଞ୍ଜୟ ମହାପାତ୍ର ଏବଂ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ୨୫ ଜଣ ରସାୟନ ସମ୍ମାନ ଶିକ୍ଷାର୍ଥୀ ରସାୟନିକ ଗବେଷଣା ନିମନ୍ତେ ଆସିକା ଚିନି ଶିଳ୍ପ ପରିଦର୍ଶନ କରିଥିଲେ। ଚିନି ଉତ୍ପାଦନର ପ୍ରକ୍ରିୟାକୁ ସମସ୍ତେ ପରଖିଥିଲେ। ଚିନି ଶିଳ୍ପର ଭାରପ୍ରାପ୍ତ ରସାୟନ ପ୍ରୟୋଗଶାଳା ସହାୟକ କୃଷ୍ଣଚନ୍ଦ୍ର ଲେଙ୍କା ସମସ୍ତଙ୍କୁ ଚିନି ଉତ୍ପାଦନର ସମଗ୍ର ରସାୟନିକ ପ୍ରକ୍ରିୟାକରଣ ସଂଦର୍ଭରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆଖୁର ଗୁଣାତ୍ମକ କିପରି ପରୀକ୍ଷା କରାଯାଏ, ଆଖୁର ଅଶୁଦ୍ଧ ପ୍ରକ୍ରିୟାକୁ କିପରି ବିଶୁଦ୍ଧିକରଣ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ, କେତେ ପରିମାଣରେ ଗନ୍ଧକ ପ୍ରୟୋଗ କରାଯାଏ, ଚିନିକୁ ଶୁଭ୍ରତାରେ କିପରି ପରିଣତ କରାଯାଏ, ଆଖୁରୁ ଗୁଡ଼, ସାକାରିନ ଏବଂ ମୋଲାସସ୍ କିପରି ବାହାରେ, ଏପରି ଅନେକ ଚିନି ଉତ୍ପାଦନର ସମସ୍ତ ବିଶୋଧନ ରସାୟନିକ ପ୍ରକ୍ରିୟାର ଧାରାବିବରଣୀ ଚିନିଶିଳ୍ପର ପ୍ରୟୋଗଶାଳା ସହାୟକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ ଏବଂ ଶିକ୍ଷାର୍ଥୀ ମାନଙ୍କ ବିଭିନ୍ନ ରସାୟନିକ ପ୍ରକ୍ରିୟାର ବିଶୋଧନ ଏବଂ ବିଶୁଦ୍ଧିକରଣର ଉତ୍କଣ୍ଠା ପ୍ରଶ୍ନର ଉତ୍ତର ରଖିଥିଲେ। ଚିନି ଶିଳ୍ପର ଗୋଦାମ ଗୃହକୁ ମଧ୍ୟ ସମସ୍ତେ ଦେଖିଥିଲେ। ଏପରି ଗବେଷଣା ଯାତ୍ରା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ରସାୟନିକ ଗବେଷଣାର ସମସ୍ତ ତଥ୍ୟର ଜ୍ଞାନାର୍ଜନ ଏବଂ ଭବିଷ୍ୟତ ରସାୟନିକ ଶୋଧାର୍ଥୀ ହେବା ପାଇଁ ଆରମ୍ଭିକ ଧାରଣା ମନରେ ଉଦ୍ଜୀବିତ କରିବାର ନଜିର ରହିଛି।

## ରାଜ୍ୟ ମାନବାଧିକାର କମିଶନଙ୍କ ନୋଟିସ୍ ପରେ ପୋଲିସ ତତ୍ପର

### ■ ଅତିରିକ୍ତ ଏସ୍‌ପିଙ୍କୁ ପୁନଃ ତଦନ୍ତ ଦାୟିତ୍ୱ

ଜଗତସିଂହପୁର ( ଭାସ୍କର ନ୍ୟୁଜ) : ୨୦୨୩ ମସିହା ତିର୍ତ୍ତୋଲ ଥାନାରେ ପଞ୍ଜିକୃତ ହୋଇଥିବା କେଶ ନଂ ୪୪୪/ ୨୩ ଓ ୫୮୭/ ୨୩କୁ ନେଇ ଦୀର୍ଘ ଦୁଇବର୍ଷ ଧରି ବିବାଦ ଲାଗି ରହିଛି। ଉକ୍ତ ଦୁଇଟି କେଶ କରିଥିବା ନୌବାହାର ବେଗମ, ସ୍ୱାମୀ-ଶେଖ କମର ଅଲ୍ଲୀ, ସା-ବିରିଡୋଳ ଦର୍ଶାଇଛନ୍ତି ଯେ, ରସଲପୁର ଗ୍ରାମର ଓ.ଏସ.ଅହେମତ ଖାଁ, ପିତା-ଖଇଦ୍ରିସ ଖାଁ ଓ ତାଙ୍କ ସ୍ତ୍ରୀ, ନୌବିହାର ବେଗମଙ୍କ ଉପରେ ଆକ୍ରମଣ କରିବା ସହିତ ଧମକ ଚମକ ଦେଇଥିଲେ । ବିଡ଼ମ୍ବନାର ବିଷୟ ଯେ, ଏଭଳି ଘଟଣା ଗତ ୭ ଅଗଷ୍ଟ ୨୦୨୨ ମସିହାରେ ଘଟିଥିବା ସମୟରେ ୧ ବର୍ଷ ୨ ମାସ ପରେ ତିର୍ତ୍ତୋଲ ଥାନାରେ ଏତଲା ଗ୍ରହଣ କରି କେଶ କରିଛି। ଅପରପକ୍ଷରେ ଅଭିଯୁକ୍ତ ଓ.ଏସ.ଅହେମଦ ଖାଁ ଓ ତାଙ୍କ ମା ତେହେରା ଖାତୁନ ଦର୍ଶାଇଛନ୍ତି ଯେ, ଓ.ଏସ.ଅହମ୍ମଦ ଖାଁ ଭାରତ ଛାଡ଼ି ସୁଦୂର ବାହାରିନରେ ପିଲାମାନଙ୍କ ସହିତ ରହୁଛନ୍ତି । ଓ.ଏସ.ଅହମ୍ମଦ ଖାଁ ତାଙ୍କ ପିତା ଇଦ୍ରିସ ଖାଁଙ୍କ ଅନ୍ତେଷ୍ଟିକ୍ରିୟା ପାଇ ୩ ଅଗଷ୍ଟ ୨୦୨୨ରେ ଘରକୁ ଆସିଥିଲେ ଓ କାମ ସାରି ବାହାରିନ ଫେରିଯାଇଛନ୍ତି । ତେବେ ତାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ମିଥ୍ୟା କେଶରେ ପକାଯାଉଛି । କାରଣ ଗତ ୨୦୧୬ ମସିହାରେ ଓ.ଏସ.ଅହମ୍ମଦ୍ ଖାଁଙ୍କ ଉପରେ ରସୁଲପୁର ଗ୍ରାମର ଲତିଫ ଉଦ୍ଦିନ (ମାମା) ଓ ତାଙ୍କ ସହଯୋଗୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ଉକ୍ତ ଘଟଣାକ୍ରମରେ ତିର୍ତ୍ତୋଲ ଥାନା କେଶ ନଂ – ୧୧୬/ ୧୬ରେ ଅଭିଯୁକ୍ତ ମାନଙ୍କୁ ମାନ୍ୟବର ଅଦାଲତ ଗତ ୧୫/ ୦୭/ ୨୦୨୩ରେ ଦଣ୍ଡିତ କରିଥିଲେ। ଉକ୍ତ ଘଟଣାର ପ୍ରତିଶୋଧ ନେବା ପାଇଁ ଲତିଫ ଉଦ୍ଦିନ(ମାମା) ତାଙ୍କ ସଂପର୍କୀୟଙ୍କ ଦ୍ୱାରା ଏଭଳି ମିଥ୍ୟା କେଶ କରିଛି। ଦସ୍ତଖତ କରିଥିଲେ । ଉକ୍ତ ଘଟଣାର ପ୍ରତିଶୋଧ ନେବା ପାଇଁ ଲତିଫ ଉଦ୍ଦିନ(ମାମା) ତାଙ୍କ ସଂପର୍କୀୟଙ୍କ ଦ୍ୱାରା ଏଭଳି ମିଥ୍ୟା କେଶ କରିଛି। ଏଠାରେ ପ୍ରକାଶ ଥାଉ କି ତିର୍ତ୍ତୋଲ ପୋଲିସ ଘଟଣା ଘଟିବାର ୧ ବର୍ଷ ୨ ମାସ ପରେ କେଶ ପଞ୍ଜିକୃତ କରିଛି। ଏହି ମିଥ୍ୟା କେଶ ସଂପର୍କରେ ଏସ୍‌ପି, ଡ଼ି.ଜି ଓ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ ପରେ ଦୁଇଥର କେଶ ସୁପରଭିଜନ କରାଯାଇଛି । ପ୍ରଥମ ଥର ଇନ୍‌ସପେକ୍ଟର ସରସ୍ୱତୀ ଶତପଥି, ତିର୍ତ୍ତୋଲ ସିଡ଼ିପିଓ, ଦ୍ୱିତୀୟ ଥର ଅତିରିକ୍ତ ଏସ୍‌ପି, ଡ଼ିଜି ଓ ମାନବାଧିକାର କମିସନଙ୍କ ନିକଟରେ ତେହେରା ଖାତୁନ ଅଭିଯୋଗ କରିଛନ୍ତି; ଏପରିକି ସଠିକ୍ ତଦନ୍ତ କରି ନ୍ୟାୟ ପାଇବା ପାଇଁ ତେହେରା ଖାତୁନ ଗତ ଜାନୁୟାରୀ ୬ ଓ ୧୫ ତାରିଖରେ ଏସ୍‌ପିଙ୍କୁ ଜଣାଇବା ପରେ ମାନବାଧିକାର କମିସନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩ ମାର୍ଚ୍ଚ ୨୦୨୫ରେ ସଠିକ୍ ତଦନ୍ତ ରିପୋର୍ଟ ଉପସ୍ଥାପନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପି ସଠିକ୍ ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପି ସତ୍ୟ ଦାଶଙ୍କୁ ଦାୟିତ୍ୱ ଦେଇଛନ୍ତି ।



କଟକ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆପଦା ମିତ୍ର'ମାନଙ୍କୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡ଼ିପିଓ ବାପିବିଶ୍ୱଜିତ ସାହୁ ଏବଂ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ବିଷୟ ବିଶାରଦ ଭାବେ ଯୋଗଦେଇ ପିଲାମାନଙ୍କୁ ସୁରକ୍ଷା ଯୋଗାଇଦେବା, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ କିପରି ନିଆଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ବ୍ଲକରୁ ୪୦ଜଣ ଆପଦାମିତ୍ର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ତୃଣମୂଳ ସ୍ତରରେ ଥିବା ଶିଶୁମାନଙ୍କର ସୁରକ୍ଷା ଦିଗରେ କିପରି ଉତ୍ତରଦାୟୀ ବ୍ୟବସ୍ଥା ସମୂହ କାର୍ଯ୍ୟଶୀଳ ରହିବେ ସେ ଦିଗରେ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆୟୋଜନ ଓ ପରିଚାଳନା କରିଥିଲେ ।

### ରାଜ୍ୟପାଳଙ୍କ ସହ କାଶ୍ମୀର ଯୁବ ପ୍ରତିନିଧିଙ୍କ ଭାବବିନିମୟ

# କାଶ୍ମୀର ଯୁବବର୍ଗ ବିକଶିତ ଭାରତର ନିର୍ମାତା ହୁଅନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କାଶ୍ମୀର ଉପତ୍ୟକାର ଯୁବବର୍ଗ ଏକ ବିକଶିତ ଭାରତର ନିର୍ମାତା ହୁଅନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି । ରାଜଭବନର ନ୍ୟୁ ଅଭିଷେକ ହଲଠାରେ ପଞ୍ଚମ କାଶ୍ମୀର ଯୁବବିନିମୟ କାର୍ଯ୍ୟକ୍ରମରେ କାଶ୍ମୀର ଉପତ୍ୟକାରୁ ଆସିଥିବା ଯୁବ ପ୍ରତିନିଧିମାନେ ରାଜ୍ୟପାଳଙ୍କ ସହ ଭାବବିନିମୟ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । କାଶ୍ମୀରର ଯୁବ ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏହି ଯୁବବିନିମୟ କାର୍ଯ୍ୟକ୍ରମ ଜାତୀୟ ସଂହତିକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ଅଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ ବୁଝାମଣା ଓ ସଦ୍‌ଭାବ ବୃଦ୍ଧି କରିବା ପାଇଁ ଆମ ଦେଶର ପ୍ରତିବଦ୍ଧତା ସୂଚାଉଛି । ଏହା ମଧ୍ୟ ଏକ ଭାରତ-ଶ୍ରେଷ୍ଠ ଭାରତ ଭାବନାକୁ ପ୍ରତିଫଳିତ କରୁଛି ଯାହା ବିଭିନ୍ନ ରାଜ୍ୟର ଯୁବବର୍ଗ ମଧ୍ୟରେ ଏକତା, ସାଂସ୍କୃତିକ ବିନିମୟ ଏବଂ ପାରସ୍ପରିକ ବୁଝାମଣାର ବନ୍ଧନକୁ ମଜବୁତ କରୁଛି । ଭାରତରେ ଥିବା ବିବିଧ ସୌନ୍ଦର୍ଯ୍ୟ ଓ ସୁଯୋଗକୁ କାଶ୍ମୀରର ଯୁବ ବର୍ଗ ଅନୁସନ୍ଧାନ କରୁଥିବା ଜାଣି ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ । ରାଜ୍ୟପାଳ କାଶ୍ମୀରର ଯୁବ ପ୍ରତିନିଧିଙ୍କୁ ସମ୍ବୋଧିତ ବେଳେ କହିଥିଲେ ଯେ ଯୁବ ନେତୃତ୍ୱ ଓ ସେମାନଙ୍କ ସଶକ୍ତିକରଣ ହେଉଛି ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ । ଭାରତ ସରକାର ଦକ୍ଷତା ବିକାଶ, ଶିକ୍ଷା, ନିଯୁକ୍ତି ସୁଯୋଗ, କ୍ରୀଡ଼ା ଏବଂ ଉଦ୍ୟୋଗ ମାଧ୍ୟମରେ କାଶ୍ମୀର ଯୁବକଯୁବତୀଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି, ଯାହାକି ସେମାନଙ୍କ ଭବିଷ୍ୟତ ଗଠନ କରିବାରେ ସହାୟକ ହେଉଛି । ପୃଥିବୀର ସ୍ୱର୍ଗ ଭାବେ ଗୌରବ ବହନ କରେ କାଶ୍ମୀର । କାଶ୍ମୀରର ଯୁବବର୍ଗ ଏହାର ଐତିହ୍ୟ ବହନ କରୁଛନ୍ତି । ମନୋରମ ଉପତ୍ୟକା, ନୈସର୍ଗିକ ସୌନ୍ଦର୍ଯ୍ୟ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରତିଭାବାନ ଯୁବପୀଢ଼ି ପାଇଁ କାଶ୍ମୀର ଜଣାଶୁଣା ବୋଲି କହିବା ସହ ସେମାନଙ୍କ ଶକ୍ତି, ଦୃଢ଼ ସଂକଳ୍ପ ଏବଂ ନବସୃଜନ ଭାରତର ଭବିଷ୍ୟତକୁ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟପାଳ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇ ଏହି କାର୍ଯ୍ୟକ୍ରମ କେବଳ ଜ୍ଞାନ ଏବଂ ଅଭିଜ୍ଞତା ପ୍ରଦାନ କରିବ ନାହିଁ ବରଂ ଜୀବନବ୍ୟାପୀ ବନ୍ଧୁତା ଏବଂ ଅର୍ଥପୂର୍ଣ୍ଣ ସଂଯୋଗ ଗଠନ କରିବାରେ ସହାୟକ ହେବ ବୋଲି କହିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପ୍ରତିନିଧିଙ୍କର ଓଡ଼ିଶା ପରିଦର୍ଶନ ସମୟରେ ଫଳପ୍ରଦ ଓ ସୁଖଦ ରହଣୀ କାମନା କରିଥିଲେ । କାଶ୍ମୀରର ଯୁବ ପ୍ରତିନିଧିମାନେ ସେମାନଙ୍କର ଓଡ଼ିଶା ଭ୍ରମଣର ଅନୁଭୂତି ବାଣ୍ଟି ଓଡ଼ିଶାର କଳା, ସଂସ୍କୃତି, ଜୀବନଶୈଳୀ, ଆତିଥେୟତା ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଗୁଣର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ କାଶ୍ମୀର ଯୁବ ପ୍ରତିନିଧିମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଯାହା ଦେଖି ଅତିଥି ପ୍ରତିନିଧିମାନେ ଓଡ଼ିଶା ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ ।

### ଅବକାରୀ ବିଭାଗର ସମୀକ୍ଷା ବୈଠକ

# ବେଆଇନ କାରବାର ରୋକିବା ଓ ଦକ୍ଷତାର ସହ କାର୍ଯ୍ୟ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବରୁ ଚାଲିଆସୁଥିବା ବହୁ ବେଆଇନ ମଦ କାରବାରକୁ ରୋକିବା ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାରେ ଆମେ ସକ୍ଷମ ହୋଇପାରିଛେ । ତେବେ ଏହି ଧାରା ଆଗାମୀ ଦିନରେ ଆହୁରି ଦ୍ରୁତତର ହେବା ସହ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସଂପୂର୍ଣ୍ଣ ରୂପେ ରୋକିବା ପାଇଁ ଆଇନରେ ପରିବର୍ତ୍ତନ ଆସିବ ଏବଂ ନୂଆ ଅବକାରୀ ନୀତିରେ ତାହା ପ୍ରତିଫଳିତ ହେବ । ତେଣୁ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଦକ୍ଷତାକୁ ବୃଦ୍ଧି କରି ରାଜ୍ୟର ସୁନାମ ବଢ଼ାଇବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଅବକାରୀ ଜିଲ୍ଲା ଅଧୀକ୍ଷକଙ୍କ ସହ ଆଲୋଚନା ବେଳେ ଜିଲ୍ଲାୱାରୀ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମଲା ସଂଖ୍ୟା, ମହୁଲ ଫୁଲ ବିକ୍ରୟ ଏବଂ ଅନ୍ୟ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ସ୍ଥିତି ଏବଂ ଜବତ ଗାଡ଼ିର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ଏହି ଅବସରରେ ବିଭାଗରେ ଖାଲିଥିବା ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଆରମ୍ଭ ସହ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ଆବଶ୍ୟକୀୟ ତାଲିମ୍ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ଏଥିସହ ବିଭିନ୍ନ ଜିଲ୍ଲାରେ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ଓ ଡିପୋର ସ୍ଥିତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର, ଅବାକରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍.ଡି ଅମ୍ବର କର ଏବଂ ଓଏସ୍‌ବିସି ଜି.ଏମ୍ ସଞ୍ଜୟ କୁମାର ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲା ଅବକାରୀ ଅଧୀକ୍ଷକ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ବ୍ୟାପକ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ୨୦୧୩ମସିହାରୁ ଆଜି ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ, ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଓ ଅନୁପସ୍ଥିତ ଠିକାସଂସ୍ଥା କର୍ମଚାରୀଙ୍କ ଉପସ୍ଥାନ ଜାଲିଆତି କରି ଦରମା ଉଠାଉଥିବା ଭଳି ସଂଗୀନ ଅଭିଯୋଗ ହୋଇଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରୁନଥିବା ଦେଖାଯାଉଛି। ବିଭାଗକୁ ନୌବାଣିଜ୍ୟ ସଂଗ୍ରହାଳୟ ସଂପର୍କିତ ତଥ୍ୟ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଲେ ସୁଦ୍ଧା ସୂଚନାର ତଥ୍ୟ ମିଳୁନଥିବା ଅଭିଯୋଗ କରିଛନ୍ତି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ। ନୌବାଣିଜ୍ୟ ସଂଗ୍ରହାଳୟରେ ଥିବା ଆକ୍ୱାରିୟମ ରକ୍ଷଣାବେକ୍ଷଣ ପାଇଁ ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଦେଇ ଏହି ବାବଦରେ ମାସିକ ୫ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ଦିଆଯାଉଥିବା ବେଳେ ବିଭାଗୀୟ ଅଧିକାରୀ ତଦାରଖ କରୁନଥିବା ଓ ଏହାର ସଠିକ ରକ୍ଷଣାବେକ୍ଷଣ ଏବଂ ଆକ୍ୱାରିୟମରେ ଆଧୁନିକ ମାଛ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି । କେତେକ ସମୟରେ ଆକ୍ୱାରିୟମକୁ ଅନଭିଜ୍ଞ କର୍ମଚାରୀ ରକ୍ଷଣାବେକ୍ଷଣ କରୁଥିବା ଯୋଗୁଁ ମଲାମାଛ ଭାସୁଥିବା ଦେଖିବାକୁ ମିଳୁଥିବା ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ନୀରବ ରହୁଥିବା ଦେଖାଯାଉଛି। ସଂଗ୍ରହାଳୟରେ ଥିବା ୪ଡି ଏସଏଫ ଏକ୍ସ ପ୍ରେକ୍ଷାଳୟ ସଠିକ ରକ୍ଷଣାବେକ୍ଷଣ ହେଉନଥିବାରୁ ଅଧିକାଂଶ ସିଟ୍ ଭାଙ୍ଗିରୁଜି ଯାଇଥିବା ଦେଖାଯାଉଛି। ଅନିୟମିତତା ଏବଂ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଭିଜିଲାନ୍ସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଭିଜିଲାନ୍ସ ଏଆଇଜି ମହେଶ୍ୱର ସେଠୀଙ୍କୁ ସମସ୍ତ ତଥ୍ୟପ୍ରମାଣ ସହ ଏକ ଦାବୀପତ୍ର ଦେଇଛନ୍ତି। ଭିଜିଲାନ୍ସ ଅନିୟମିତତା ଏବଂ ଦୁର୍ନୀତିର ତଦନ୍ତ କରି ଏଥିରେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିତେନ୍ଦ୍ରଙ୍କୁ ପ୍ରତିଶ୍ରୁତି ମିଳିଛି।

## ସହର ଷ୍ଟର୍ମୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ବିଏମ୍‌ସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହରୀ ବନ୍ୟା ପ୍ରତିରୋଧ କରିବା ପାଇଁ ସହର ଷ୍ଟର୍ମୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଯାଉଛି ବିଏମସି । ଏଥିପାଇଁ ୮.୦୪ କୋଟି ଟଙ୍କାର ବ୍ୟୟ ବରାଦ ରହିଛି । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ପାଇଁ ଆଇଆଇଟି ରୁରକି ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି ବିଏମସି । ଭୁବନେଶ୍ୱରରେ ଆଉ ସୃଷ୍ଟି ହେବ ନାହିଁ କୃତ୍ରିମ ବନ୍ୟା । ପ୍ରତିବର୍ଷ ମୌସୁମୀ ଋତୁରେ ସହରଟି ବାତ୍ୟା ଜନିତ ବର୍ଷା ଏବଂ ସମୟ ସମୟରେ ମୂଷଳଧାରାରେ ବର୍ଷା ଯୋଗୁଁ ସହରୀ ବନ୍ୟା ଏବଂ ଜଳପ୍ଲାବନ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉ ଥିଲେ ଲୋକେ । ରାଜଧାନୀ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଜଳବନ୍ଦୀ ରହେ, ଯେଉଁଥିରେ ବସ୍ତି, ଟ୍ରାଫିକ, କଲୋନୀ ଇତ୍ୟାଦି ଲୋକେ ଅସୁବିଧା ର ସମ୍ମୁଖୀନ ହୁଅନ୍ତି । ବିଏମସି ସାରା ଭୁବନେଶ୍ୱରରେ ସହରାଞ୍ଚଳ ବନ୍ୟାକୁ ନିୟନ୍ତ୍ରିତ କରିବା ପାଇଁ ଏକ ଜଳବାୟୁ-ସ୍ମାର୍ଟ ଡ୍ରେନେଜ୍ ସିଷ୍ଟମ ପାଇଁ ମାଷ୍ଟର ପ୍ଲାନ୍ ଏବଂ ଡ୍ରାଫ୍ଟ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବାରେ ଆବଶ୍ୟକ ପ୍ରଯୁକ୍ତି ଜ୍ଞାନ ଏବଂ ବିଶେଷଜ୍ଞତାର ଉପଯୋଗ କରିବାକୁ ଆଇଆଇଟି ରୁରକି ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି ।

### ମହିଳା ଯାତ୍ରୀଙ୍କ ସମ୍ମାନ ସୁନିଶ୍ଚିତ କରିବାକୁ ଏସ୍‌ଟିଏର ପଦକ୍ଷେପ

# କଟକ ନେତାଜୀ ବସ୍ ଟର୍ମିନାଲରେ ମାରାଥନ୍ ଯାଞ୍ଚ



କଟକ(ଭାସ୍କର ନ୍ୟୁଜ୍): କୌଣସି ଯାତ୍ରୀଙ୍କ ମଧ୍ୟରେ ବସ କର୍ମଚାରୀ ପାତରଅନ୍ତର କରି ପାରିବେ ନାହିଁ। ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ । ପ୍ରଥମ ଯାତ୍ରୀ ଭାବରେ ମହିଳାଙ୍କୁ ବାରଣ ଭଳି କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଦୃଢ଼ ପଦକ୍ଷେପ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଆଜି କଟକ ନେତାଜୀ ବସ ଟର୍ମିନାଲରେ ମାରାଥନ ଯାଞ୍ଚ କରାଯାଇଛି। ଆଗକୁ ରାଜ୍ୟର ସମସ୍ତ ବସଷ୍ଟାଣ୍ଡରେ ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ନିଷ୍ପତି ନିଆଯାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳବାର ସକାଳୁ ଏସ୍‌ଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ପରିବହନ ଆୟୁକ୍ତ ବିରଂଚି ନାରାୟଣ ଅଧିକାରୀ ପ୍ରମୁଖ ସ୍ୱତନ୍ତ୍ର ଟିମ ସହକଟକ ବସଷ୍ଟାଣ୍ଡରେ ପହଁଚିଥିଲେ। ଯାତ୍ରୀଙ୍କୁ ନେବାକୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ରୁଟର ୨୦ରୁ ଅଧିକ ବସ ଉପରେ ନଜର ରଖିଥିଲେ । ପ୍ରଥମେ ଆସୁଥିବା ମହିଳା ଯାତ୍ରୀଙ୍କ ପ୍ରତି ବସ କର୍ମଚାରୀଙ୍କ କିଭଳି ବ୍ୟବହାର ରହୁଛି ତାହା ଦେଖିଥିଲେ । ଏହାସହ ଟର୍ମିନାଲରେ ଥିବା ଅନେକ ମହିଳା ଯାତ୍ରୀଙ୍କଠାରୁ ଏ ସଂକ୍ରାନ୍ତରେ ପଚାରି ବୁଝିଥିଲେ । ଏସଟିଏ ସଚିବ କହିଛନ୍ତି, ଯେ ସରକାରଙ୍କ ନିର୍ଦ୍ଦେଶରେ ଟିମ ଆଜି କଟକ ବସଷ୍ଟାଣ୍ଡରେ ଯାଂଚ କରିଛି । ମୋଟର ଯାନ ଆଇନ ଅନୁଯାୟୀ, ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କରାଯିବା ଦଣ୍ଡନୀୟ ଅପରାଧ । ଏଥିପାଇଁ ନିୟମାବଳୀରେ ଜରିମାନା, ପରମିଟ ରଦ୍ଦ ଭଳି ଦଣ୍ଡବିଧାନର ପ୍ରାବଧାନ ମଧ୍ୟ ରହିଛି । ତେବେ ଏଠାରେ ଆଜିର ପଚରାଉଚରାରେ ମିଳିଥିବା ମତାମତ ସନ୍ତୋଷଜନକ ରହିଛି। ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି, ନାରୀଙ୍କୁ ଦେବୀ ରୂପରେ ବନ୍ଦନା କରାଯାଏ । ମହିଳାଙ୍କ ସମ୍ମାନକୁ ସୁନଶ୍ଚିତ କରିବା କେବଳ ଏସଟିଏ ନୁହେଁ ସମାଜର ସମସ୍ତଙ୍କ ଦାୟିତ୍ୱ । ଯାତ୍ରୀ ପରିବହନରେ କୌଣସି ଅନ୍ଧବିଶ୍ୱାସ କିମ୍ବା କୁସଂସ୍କାରର ବଶବର୍ତୀ ହୋଇ କେହି ବି ମହିଳାଙ୍କୁ ଅସମ୍ମାନିତ କରିବା ଉଚିତ ନୁହେଁ। ଯଦି ଏଭଳି କୌଣସି ବେଆଇନ ଘଟଣା ଏସଟିଏ ନଜରକୁ ଆସେ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରାଥମିକତା ଦେବା ଆମର ଦାୟିତ୍ୱ । ଆଗକୁ ମଧ୍ୟ ପରିବହନ ସେବା କ୍ଷେତ୍ରରେ ଏଭଳି ସରପ୍ରାଇଜ ଚେକିଂ ଜାରି ରହିବ । କେବଳ କଟକ ନୁହେଁ, ସମସ୍ତ ବସଷ୍ଟାଣ୍ଡରେ ଏଭଳି ଯାଞ୍ଚ ପାଇଁ ଆରଟିଓମାନଙ୍କୁ କୁହାଯାଇଥିବା ସେ ଜଣାଇଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏସଟିଏର ଏଭଳି ଯାଞ୍ଚ ପ୍ରକ୍ରିୟାରେ ଖୁସି ବ୍ୟକ୍ତ କରିଛନ୍ତି ।

## ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା । ଛାତ୍ରଛାତ୍ରୀମାନେ ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## ନାବାଳିକା ଯୌନ ଶୋଷଣ ମାମଲାରେ ଆସାମୀଙ୍କୁ ଆଜୀବନ ଦଣ୍ଡାଦେଶ

କଟକ(ଭାସ୍କର ନ୍ୟୁଜ): ଜଣେ ନାବାଳିକା ଯୌନଶୋଷଣ ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଗତପୁର ଥାନା ଅଧିନସ୍ଥ ବିଶ୍ୱନାଥପୁର ଅଞ୍ଚଳର ଆସାମୀ ରବିନ୍ଦ୍ର ଭୋଇ (୬୪)କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । କୋର୍ଟ ଏହି ମାମଲାରେ ପିଡିତା ନାବାଳିକାକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ଗତ ୨୦୨୪ ମସିହା ମାର୍ଚ୍ଚ ୨୭ ତାରିଖରେ ଘଟଣା ଘଟିଥିଲା । ଆସାମୀ ରବିନ୍ଦ୍ର ଜଣେ ୪ ବର୍ଷୀୟା ଶିଶୁକୁ ଯୌନ ଶୋଷଣ କରିଥିଲା । ଏ ସମ୍ପର୍କରେ ଶିଶୁଟିର ମାଆ ଗତ ମାର୍ଚ୍ଚ ୨୮ ତାରିଖରେ ଜଗତପୁର ଥାନାରେ ଏତଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ପୋଲିସ୍ ଅଭିଯୁକ୍ତ ବିରୋଧରେ ୨୦୨୪ ମସିହା ମଇ ୨୭ ତାରିଖରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା । ମାମଲାରେ ୧୨ ଜଣଙ୍କ ସାକ୍ଷ୍ୟଗ୍ରହଣ କରାଯାଇଥିବା ବେଳେ ସମୁଦାୟ ୧୯ଟି ୧୯ଟି ତଥ୍ୟକୁ ବିଚାରକୁ ନିଆଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।



ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ନାଟକ 'ଚିତ୍ର ପ୍ରତିମା'ର ଏକ ଝଲକ୍

## ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀ (ବିଜ୍ଞାନ ବିଭାଗ)ଙ୍କୁ ମୋର ଶୁଭେଚ୍ଛା। ଛାତ୍ରଛାତ୍ରୀ ଚାପମୁକ୍ତ ହୋଇ ଦୃଢ଼ ଆତ୍ମବିଶ୍ୱାସ ରଖି ପରୀକ୍ଷା ଦିଅନ୍ତୁ। ସମସ୍ତ ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

## ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ ଉଦ୍‌ଘାଟିତ



କଟକ(ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ ୨୦୨୫ ଆଜି କଟକ ଖ୍ରୀଷ୍ଟିଆନ ସାହି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଆଜି ସନ୍ଧ୍ୟାରେ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଟେରାକୋଟାରେ ଉପଲବ୍ଧ ସାମଗ୍ରୀ ସମ୍ପର୍କରେ ଜନସାଧାରଣ ଅବଗତ ହୋଇପାରିଲେ ଏହା ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିପାରିବ ଓ ପରିବେଶ ଅନୁକୂଳ ହୋଇପାରିବ ବୋଲି କହିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀରେ ମୋଟ ୭୫ ଟି ଷ୍ଟଲ ଲାଗିଛି। ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ଉତ୍ପାଦକ ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ଏହି ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ପ୍ରଦର୍ଶନୀରେ ଖୁବ ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ପ୍ରଦର୍ଶିତ ହେଉଛି। ଉଦଘାଟନି ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ଜ୍ୟୋତି ରଜ ଜେନା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଶାନ୍ତ କୁମାର ସାମଲ, ତାପସ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ମାନସ ରଜ ସେଠୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଟେରାକୋଟା କାରିଗରମାନଙ୍କୁ ବିଶେଷ ସହାୟତା ଯୋଗାଇବାରେ ସହାୟକ ହେବ। ପ୍ରଦର୍ଶନୀର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ପରୀକ୍ଷା ଦେଇଥାନ୍ତେ ଜଣେ ଛାତ୍ର। ହେଲେ ମଙ୍ଗଳବାର ମିଳିଲା ତାଙ୍କର ଝୁଲନ୍ତା ମୃତଦେହ । ଏଭଳି ଏକ ଘଟଣା ରାଜଧାନୀରେ ଘଟିଥିବା ଦେଖିବାକୁ ମିଳିଛି । ପରିତ୍ୟକ୍ତ ସି-ସୋର କୋଠାରୁ ମିଳିଛି ଛାତ୍ରଙ୍କ ମୃତଦେହ । ମୃତ ଛାତ୍ର ଜଣକ ହେଲେ ସୁମନ ବିଶ୍ୱାଳ । ଏକ ଘରୋଇ କଲେଜରେ ବିସିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ସୁମନ। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି କେହି ଝୁଲାଇ ଦେଇଛି ତାହା ସ୍ପଷ୍ଟ ହୋଇନି । ତେବେ ତାଙ୍କ ପ୍ୟାକେଟ୍‌ରୁ ସୁଇସାଇଡ ନୋଟ ମିଳିଥିବାରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଉକ୍ତ ଚିଠିରେ ବାପାଙ୍କ ଉଦ୍ଦେଶ୍ୟରେ କିଛି ଲେଖାଯାଇଥିଲା ବାପା, ଭଲ ପୁଅ ହୋଇ ପାରିଲିନି ମୋତେ କ୍ଷମା କରିଦିଅ। ଖବର ପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି । ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚିଛନ୍ତି । ମୃତଦେହ ପୋଷ୍ଟମର୍ଟମ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## କେନ୍ଦ୍ର ବଜେଟ୍‌ରୁ ଓଡିଶା ସବୁ କ୍ଷେତ୍ରରେ ଲାଭାନ୍ୱିତ ହେବ: ଗିରିରାଜ ସିଂହ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ କେବଳ ଏକ ବଜେଟ ନୁହେଁ ବରଂ ଦଶ ବର୍ଷର ଶାସନର ରିପୋର୍ଟ କାର୍ଡ । ବଜେଟରେ ସବୁ କ୍ଷେତ୍ର ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି । ଓଡିଶା ବିଭିନ୍ନ କ୍ଷେତ୍ରରେ ବଜେଟ ଦ୍ୱାରା ଲାଭାନ୍ୱିତ ହେବ ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ପ୍ରକାଶ କରିଛନ୍ତି । ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି । ଏହି ଅବସରରେ ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୁଜାରୀ ଉପସ୍ଥିତ ଥିଲେ । ସେ କହିଛନ୍ତି ଯେ, ୧୬ ଲକ୍ଷ କୋଟିରୁ ୨୦୧୪ରେ ବଜେଟ ଆରମ୍ଭ ହୋଇଥିଲା । ୨୦୨୫-୨୬ରେ ୫୧ ଲକ୍ଷ କୋଟିର ବଜେଟ ହୋଇଛି । ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ ଟିକସ ମୁକ୍ତ ହୋଇଛି । କୃଷକଙ୍କୁ ୫ ଲକ୍ଷ ଟଙ୍କା କ୍ରେଡିଟ କାର୍ଡରେ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ ୨୯ ଲକ୍ଷ ଘର ସଂପୂର୍ଣ୍ଣ ହୋଇଛି । ୪୧ ହଜାର କିମି ସଡ଼କ, ଜଳଜୀବନ ମିଶନର ୭୧%, ଜନମନ ଯୋଜନାରେ ଓଡ଼ିଶାର ୨୪% ଲୋକଙ୍କୁ ସ୍ୱୀକୃତି ଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଯାଏଁ ସହାୟତା ମିଳିବ । ଭିତ୍ତିଭୂମି କ୍ଷେତ୍ରରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଗରୁ କେବଳ ୩ଟି ମେଡିକାଲ କଲେଜ ଥିଲା । ମୋଦି ସରକାର ଆସିବା ପରେ ୭ଟି ମେଡିକାଲ କଲେଜ ପ୍ରତିଷ୍ଠା ହେଲା । ଆଗାମୀ ଦିନରେ ସବୁ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ୍ ସ୍ଥାପିତ ହେବ । ସବୁ ଜିଲ୍ଲାରେ କ୍ୟାନ୍ସର ଡେ କେୟାର ସେଣ୍ଟର୍ ମଧ୍ୟ ତିଆରି ହେବ । ରେଳ କ୍ଷେତ୍ରରେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କେବଳ ୮୩୮ କୋଟି ଟଙ୍କା ଅନୁଦାନ ମିଳିଥିଲା । କିନ୍ତୁ ଏବେ ୪୮ ପ୍ରକଳ୍ପ କାମ ଚାଲିଛି, ଯେଉଁଥିରେ ୭୩୭୨୩ କୋଟି ଟଙ୍କାର ଅନୁଦାନ କେନ୍ଦ୍ର ଦେଇଛି । ଚଳିତ ଆର୍ଥିକ ବର୍ଷରେ ୧୦ ହଜାର ୫୮୯ କୋଟି ଟଙ୍କା ଓଡ଼ିଶାକୁ ରେଳ ବଜେଟରେ ମିଳିଛି । ଏହାସହ ୫୯ଟି ଅମୃତ ଷ୍ଟେସନ ମଧ୍ୟ କାମ ଚାଲିଛି । ୬ ବନ୍ଦେ ଭାରତ ଟ୍ରେନ ମଧ୍ୟାଇଲିବ । ପେଟ୍ରୋଲିୟମ କ୍ଷେତ୍ରରେ ମଧ୍ୟ ଅନେକ କାମ ହେଉଛି । ପର୍ଯ୍ୟଟନ ପାଇଁ ମିଶନ ମୋଡ଼ରେ କାମ ହେଉଛି । ହୀରାକୁଦ, ମହାନଦୀ ପର୍ଯ୍ୟଟନ ବିକାଶ ହେବା, ରିଭର ଫ୍ରଣ୍ଟ ହେବ, ସାତକୋଶିଆ ବାଘ ସଂରକ୍ଷଣ ପ୍ରକଳ୍ପ ପାଇଁ କାମ ହେବ । କୃଷି କ୍ଷେତ୍ର ପାଇଁ ୭୦ ଲକ୍ଷ ମେଟ୍ରିକ ଟନ୍ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସବୁ ସ୍କୁଲରେ ଡାଟା ଇନୋଭେସନ ସେଣ୍ଟର ଆଇଆଇଟି ହୋଇଛି । ଓଡ଼ିଶାରେ ୧ ହାଜର ଅଟଳ ଥିଙ୍କିଂ ଟାଙ୍କ ହେବ, ବନ୍ଦରର ବିକାଶ ହେବ । ଏବେ ୫ ଏୟାର ପୋର୍ଟ, ଉଡାଣ ଯୋଜନାରେ ସମ୍ବଲପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମରେ ଏୟାର ପୋର୍ଟ ତିଆରି ହେବ । ୧୨୨ ମେଟ୍ରିକ ଟନ କେବଳ ଟସର ଉତ୍ପାଦନ ହେଉଛି । ଓଡ଼ିଶାକୁ ସିଲ୍କ ଷ୍ଟେଟ ଭାବେ ଘୋଷଣା କରାଯିବ । ସବୁଠୁ ବଡ଼ ଟସର ଉତ୍ପାଦକ ରାଜ୍ୟ ହେବ ଓଡ଼ିଶା । ଆଗକୁ ୫ଟି ଜିଲ୍ଲା ଚିହ୍ନଟ ହେବ । ସେହି ଜିଲ୍ଲାରେ ଟେକ୍ସଟାଇଲ ସେଣ୍ଟର ହେବ । ଓଡ଼ିଶାରେ ସାଢ଼େ ୩ ଲକ୍ଷ କାରିଗର ଅଛନ୍ତି । ୮୦ ଲକ୍ଷ କୋଟି ଉପରକୁ ଗଲାଣି ରପ୍ତାନି । ଲୋକଙ୍କ କ୍ରୟ ଶକ୍ତି ବଢ଼ିଛି । ଭାରତର ଅର୍ଥନୀତି ବଢ଼ି ଚାଲିଛି । କଂଗ୍ରେସ ୨୯ ବର୍ଷରେ ମାତ୍ର ୩ କୋଟି ଘର ତିଆରି କରିଥିବା ବେଳେ ୧୦ ବର୍ଷରେ ୪ କୋଟି ଘର ତିଆରି କରିଛନ୍ତି । ଆହୁରି ୩ କୋଟି ଘର ଗରିବ ଲୋକଙ୍କୁ ମିଳିବ । ଜନ ଧନ ଆକାଉଣ୍ଟ ଗରିବ ଲୋକଙ୍କ ବଳ ହୋଇଛି ।





" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



### ମୁଖ୍ୟମନ୍ତ୍ରୀ ମୋହନଙ୍କ ଆକର୍ଷଣୀୟ ବଜେଟ

# 'ସମୃଦ୍ଧ ଓଡ଼ିଶା'ର ଭିତ୍ତିଭୂମି ସ୍ଥାପନ

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ ସୋମବାର ଦିନ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ଲାଗି ଏହି ବଜେଟ ଆଗତ କରିଥିଲେ ହେଁ ଏଥିରେ ସବୁବର୍ଗର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ପର୍ଯ୍ୟାପ୍ତ ପ୍ରୟାସ କରାଯାଇଛି ଏବଂ ସାମଗ୍ରିକ ଦୃଷ୍ଟିକୋଣରୁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଖୁବ୍ ଆକର୍ଷଣୀୟ ହୋଇପାରିଛି। ଏହି ବଜେଟରେ ରାଜ୍ୟର ଗରିବ ଲୋକ, କୃଷକ ଓ ମହିଳାଙ୍କ କଲ୍ୟାଣ ଠାରୁ ଆରମ୍ଭ କରି ଗ୍ରାମୀଣ ବିକାଶ, ଜଳସେଚନର ପ୍ରସାର, ଅଧିକ ପୁଞ୍ଜିନିବେଶ, ବନ୍ଦର ଭିତ୍ତିକ ଶିଳ୍ପର ବିକାଶ, ଶିଳ୍ପାୟନ ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ପ୍ରାଧାନ୍ୟ ଦିଆଯାଇ ଅଧିକ ଅର୍ଥ ବରାଦ ହୋଇଛି। ଆସନ୍ତା ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ବିଜେପି ସରକାର ଯେଉଁ ସଂକଳ୍ପ ଗ୍ରହଣ କରିଛନ୍ତି, ଏଥର ବଜେଟ୍‌ରେ ତାହାର ମୂଳଦୁଆ ପଡିଥିଲା ଭଳି ମନେ ହେଉଛି। ଆସନ୍ତା ଆର୍ଥିକ ବର୍ଷରେ ୧୬ ଟି ନୂତନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ବଜେଟରେ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ଅନ୍ତ୍ୟୋଦୟ ଗୃହ ଯୋଜନା ବାବଦରେ ୨୬୦୩ କୋଟି, ଉତ୍ତର ଓଡ଼ିଶା ବିକାଶ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ବାବଦରେ ୨୦୦ କୋଟି ଟଙ୍କା ଲେଖାଏଁ ବରାଦ କରାଯାଇଛି। ମହିଳା ସଶକ୍ତିକରଣ ପାଇଁ 'ସୁଭଦ୍ରା ପ୍ଲସ୍' ନାମରେ ଏକ ନୂଆ ଯୋଜନା ପ୍ରସ୍ତାବ ରହିଥିବା ବେଳେ ସେ ବାବଦରେ ୧୫୨ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ପ୍ରଚଳିତ ଥିବା 'ସୁଭଦ୍ରା' ଯୋଜନା ନିମନ୍ତେ ଏହି ବଜେଟରେ ୧୦ ହଜାର ୧୪୫ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରସ୍ତାବ ରହିଛି। ଗତଥର ବଜେଟର ଆକାର ତୁଳନାରେ ଏଥର ବଜେଟର ଆକାର ୯.୪୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ରାଜ୍ୟ ବଜେଟ ପରିମାଣ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିବା ସ୍ଥଳେ ଏଥର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପିତ ହୋଇଛି। ଏଥିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ନିମନ୍ତେ ୩୭ ହଜାର ୮୩୮ କୋଟି ଟଙ୍କା ବରାଦ ହୋଇଛି। କୃଷି କ୍ଷେତ୍ର ଓ କୃଷକ କଲ୍ୟାଣ ବିଭାଗର ଯୋଜନା ଖର୍ଚ୍ଚ ପୂର୍ବ ବର୍ଷ ତୁଳନାରେ ୧୫ ପ୍ରତିଶତ ବଢ଼ିଥିବା ସ୍ଥଳେ ଜଳସେଚନ ବାବଦ ବ୍ୟୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ଆସନ୍ତା ୫ ବର୍ଷ ଭିତରେ ଅତିରିକ୍ତ ୧୫ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ପ୍ରସ୍ତାବ ରହିଛି। ରାଜ୍ୟର ପ୍ରତି ସବଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଏହି ବଜେଟରେ ଏକ ପ୍ରଶଂସନୀୟ ଯୋଜନାର ପ୍ରସ୍ତାବ ରହିଛି। ଏହା ବ୍ୟତୀତ ୧୦୦ ଆଦର୍ଶ ମଣ୍ଡି ଖୋଲାଯିବା ସଙ୍ଗେ ସଙ୍ଗେ ୫୫ ଲକ୍ଷ ଚାଷୀଙ୍କୁ ସମବାୟ ସଂସ୍ଥା ସହ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। 'ସୁସ୍ଥ ଓଡ଼ିଶା' ଗଠନ ଲକ୍ଷ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଏଥର ୧୧ ପ୍ରତିଶତ ଅଧିକ ଅର୍ଥ ବରାଦ ହୋଇଛି। ରାଜ୍ୟରେ ବିଧାୟକଙ୍କ ହାତ ପାଣ୍ଠି ୩ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଆଭ୍ୟନ୍ତରୀଣ ନିରାପତ୍ତା ସୁଦୃଢ଼ କରିବା ପାଇଁ ବଜେଟରେ ୧୦ ହଜାର ୭୦୦କୋଟି ଟଙ୍କା ବରାଦ ହୋଇଥିବା ସ୍ଥଳେ କେବିକେ ବିକାଶ ପାଇଁ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଛି। ଆସନ୍ତା ୨୦୨୬ ମସିହା ସୁଦ୍ଧା ରାଜ୍ୟର ସମସ୍ତଙ୍କୁ ପାଇପ୍ ଯୋଗେ ଜଳ ଯୋଗାଣ ଲକ୍ଷ୍ୟରେ ରାଜ୍ୟର ପ୍ରମୁଖ ୧୧୫ଟି ସହରାଞ୍ଚଳରେ ୨୪ଘଣ୍ଟିଆ ଜଳ ଯୋଗାଣ ନିମନ୍ତେ ବଜେଟରେ ବ୍ୟବସ୍ଥା ହୋଇଛି। ଏଥିପାଇଁ ଜଳ ଜୀବନ ମିଶନରେ ୭୦୦ କୋଟି ଟଙ୍କାର ପାଣ୍ଠି ଏବଂ 'ବସୁଧା' ଯୋଜନାରେ ପାଇପରେ ଜଳ ଯୋଗାଣ ପାଇଁ ୧୬୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ 'ଓଡ଼ିଆ ଅସ୍ମିତା'କୁ ବଜେଟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିବା ସ୍ଥଳେ ଏ ବାବଦରେ ସମୁଦାୟ ୪୮୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୧୯୪ କୋଟି, ବକୁଳ ବନ ଉନ୍ନୟନ ନିମନ୍ତେ ୫୦ କୋଟି ଏବଂ ଓଡ଼ିଶା ପ୍ରବାସୀ ଓ ସମ୍ପର୍କ କ୍ଷେତ୍ରରେ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ବଜେଟରେ ଅନେକଗୁଡିଏ ପଦକ୍ଷେପର ପ୍ରସ୍ତାବ ରହିଛି। ମାଗଣା ସିଟି ଓ ଏମ୍‌ଆରଆଇ ପରୀକ୍ଷା ବାବଦରେ ୨୦୯୧ କୋଟି, ପରିଷ୍କାର ହସ୍ପିଟାଲ ପାଇଁ ନିର୍ମଳ ଯୋଜନାରେ ୯୯୭ କୋଟି ଏବଂ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମ ଲାଗି ୪୨୦ କୋଟି ଟଙ୍କା ବରାଦ ହୋଇଛି। ନୂତନ ଆର୍ଥିକ ବର୍ଷରେ ସରକାର ୪୭ ହଜାର ୪୦୦ କୋଟି ଟଙ୍କା ଋଣ ଉଠାଇବାକୁ ପ୍ରସ୍ତାବ ରଖିଥିବା ବେଳେ ଖୋଲା ବଜାରରୁ ୧୭ ହଜାର ୫୩୮ କୋଟି ଟଙ୍କା ଉଠାଯିବ। ମୋଟାମୋଟି ଭାବରେ ବଜେଟରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ବହୁ ଭଲ ବ୍ୟବସ୍ଥା ରହିଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହାର ସଫଳ କାର୍ଯ୍ୟକାରିତା ପ୍ରତି ଧ୍ୟାନ ଦେବାକୁ ପଡିବ।

# ଟ୍ରେଡ୍‌ୱାରର ଲମ୍ବା ଇତିହାସ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ ଟ୍ରମ୍ପ ଦାୟିତ୍ୱ ନେବା ପରେ ଏବେ ଟ୍ରେଡ୍‌ୱାର ବା ବ୍ୟାପାର ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି। ଟ୍ରମ୍ପ ଯେ କେବଳ ଏଭଳି ଟ୍ରେଡ଼୍‌ୱାର ଏବେ ଆରମ୍ଭ କରିଛନ୍ତି ତା' ନୁହେଁ ଏହାର ଇତିହାସ ମଧ୍ୟ ଲମ୍ବା। ବ୍ୟାପାର ଯୁଦ୍ଧ ବିଶ୍ୱସ୍ତରୀୟ ଆର୍ଥିକ ଗତିଶୀଳତାକୁ ଏକ ମହତ୍ୱପୂର୍ଣ୍ଣ ଆକାର ଦେଇଥିଲା। ଯାହା ଇତିହାସରୁ ସ୍ପଷ୍ଟ। ଏଭଳି ବିବାଦ ସେତିକିବେଳେ ଆରମ୍ଭ ହୋଇଥାଏ ଯେତେବେଳେ ରାଷ୍ଟ୍ର ଘରୋଇ ଉଦ୍ୟୋଗର ରକ୍ଷା ପାଇଁ ଟାରିଫ, କୋଟା ବା ଅନ୍ୟ ବ୍ୟାପାର ଅବରୋଧ ଲଗାଇଥାନ୍ତି ଯାହା ପ୍ରକୃତପକ୍ଷେ ଅନ୍ୟ ରାଷ୍ଟ୍ରଙ୍କୁ ପ୍ରତିବାଦ, ପ୍ରତିରୋଧ ଏପରିକି ସମକାଳୀନ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ କରିଥାଏ। ଟ୍ରେଡ଼୍‌ୱାର ବିଶ୍ୱସ୍ତରୀୟ ବାଣିଜ୍ୟ ବ୍ୟବସାୟକୁ ବାଧିତ କରିଥାଏ, ଭୂ-ରାଜନୈତିକ ଅସ୍ଥିରତା ସୃଷ୍ଟି କରିଥାଏ। ଦେଶ ଦେଶ ମଧ୍ୟରେ ତିକ୍ତତା ବଢିଥାଏ ଏପରିକି ଯୁଦ୍ଧ ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ଏଣୁ ଟେଡ଼୍‌ୱାର କେବଳ ଯେ ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଆର୍ଥିକ ନୀତିର ବିକଳ୍ପକୁ ପ୍ରଭାବିତ କରିଥାଏ ତା' ନୁହେଁ ବରଂ ଆମଦାନୀର ରଣନୀତିକ ବିକଳ୍ପକୁ ମଧ୍ୟ ପ୍ରଭାବିତ କରିଥାଏ। ଆର୍ଥିକ ଅତି ରାଷ୍ଟ୍ରବାଦ ସାରା ଦୁନିଆରେ ଦକ୍ଷିଣପନ୍ଥୀ ଲୋକ- ଲୁଭାବନବାଦର ଉଦୟ କାରଣରୁ ପ୍ରକଟିତ ହୋଇଥାଏ। ଆମେରିକାରେ ଏବେ ସେପରି ଘଟୁଛି। ଆମେରିକା ପୁଣି ନିଜକୁ ମହାନ ଭାବେ ଉପସ୍ଥାପିତ କରିବା ପାଇଁ ଚାହୁଁଛି ଏବଂ ୟୁରୋପରେ ଅପ୍ରବାସୀ ସଂଖ୍ୟା ବୃଦ୍ଧିକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହା ପଛରେ ଏକ ଆର୍ଥିକ ଉପସ୍ତର ରହିଛି ଯାହା ସ୍ପଷ୍ଟ ପରିଲକ୍ଷିତ ହେଉଛି। ବ୍ୟାପାର ସଂଘର୍ଷ ଏହାର କେନ୍ଦ୍ରବିନ୍ଦୁ ପାଲଟିଛି ଓ ବୈଶ୍ୱିକ ନୀତି ପ୍ରସଙ୍ଗର ଆଲୋଚନାରେ ସର୍ବାଗ୍ରେ ରହିଛି।

ଆଜିର ପରସ୍ପର ସହ ଜଡ଼ିତ ଅର୍ଥ ବ୍ୟବସ୍ଥାର ଜଟିଳତାକୁ ବୁଝିବା ପାଇଁ ତାର ଐତିହାସିକ ପ୍ରଭାବ ଏବଂ ସମକାଳୀନ ନିହିତାର୍ଥକୁ ବୁଝିବାର ଆବଶ୍ୟକତା ରହିଛି। ପ୍ରାରମ୍ଭିକ ବ୍ୟାପାର ଯୁଦ୍ଧ ଇଷ୍ଟ ଇଣ୍ଡିଆ କମ୍ପାନୀ ଠାରୁ ଆରମ୍ଭ ହୋଇଥିଲା ଓ ଉପନିବେଶର ବିସ୍ତାର ହୋଇଥିଲା। ଶହଶହ ବର୍ଷ ପୂର୍ବେ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ୟାପାର ଯୁଦ୍ଧର କେନ୍ଦ୍ରରେ ଥିଲା। ୧୬୦୦ ଶତାବ୍ଦୀରେ ସ୍ଥାପିତ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ରିଟେନ ଏବଂ ଇଷ୍ଟ ଇଣ୍ଡିଜ୍ ମଧ୍ୟରେ ବ୍ୟାପାରକୁ ଗୁରୁତ୍ୱ ଦେଇଥିଲା। ଚା'ପତି, ମସଲା, ବସ୍ତ୍ର ଏବଂ ଅଫିମ ଭଳି ବସ୍ତୁକୁ ଏହି କମ୍ପାନୀ ନିୟନ୍ତ୍ରିତ କଲା। ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା କେବଳ ବାଣିଜ୍ୟ ବ୍ୟବସାୟ କରୁଥିଲା ଓ ଭାରତରେ ବ୍ରିଟିଶ ଉପନିବେଶ ଶାସନର ମୂଳଦୁଆ ରଖିଥିଲା। କମ୍ପାନୀର ଆକ୍ରାମକ ବ୍ୟବସାୟିକ ରଣନୀତି ଭାରତୀୟ ବଜାରରେ ନିଜର ପ୍ରଭୁତ୍ୱକୁ ସୁରକ୍ଷିତ କରିବା ପାଇଁ ଏବଂ ଭାରତୀୟ ବଜାରକୁ ନିୟନ୍ତ୍ରିତ କରିବା ପାଇଁ ଡ଼ଚ ଏବଂ ପର୍ତ୍ତୁଗାଲର ବ୍ୟବସାୟୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଇଥିଲା। ଏହି ଉପନିବେଶିକ ବ୍ୟାପାର ଯୁଦ୍ଧ କାରଣରୁ ସ୍ଥାନୀୟ (ଭାରତୀୟ) ଅର୍ଥ ବ୍ୟବସ୍ଥାକୁ ବହୁମୂଲ୍ୟ ଦେବାକୁ ପଡିଥିଲା। କାରଣ ସାମ୍ରାଜ୍ୟବାଦୀଙ୍କ ବିନିର୍ମାଣ ବୁନିଆଦୀ ଢାଞ୍ଚାର ମୂଳଥିଲା ଉପନିବେଶ ନୀତି ଓ ଏହା ସ୍ୱଦେଶୀ ଉଦ୍ୟୋଗକୁ ଚପାଇ ଦେଇଥିଲା। ଇଷ୍ଟଇଣ୍ଡିଆ କମ୍ପାନୀର ଏଭଳି ନୀତି କାରଣରୁ ସ୍ୱଦେଶୀ ଉଦ୍ୟୋଗମାନେ ଆର୍ଥିକ ଅବ୍ୟବସ୍ଥା ଦେଇ ଗତି କରୁଥିଲେ ଯାହା ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀ ଓ ବ୍ରିଟିଶ ବିରୁଦ୍ଧରେ ଅସନ୍ତୋଷ ଓ ବିଦ୍ରୋହର କାରଣ ପାଲଟିଥିଲା। ଆଂଗ୍ଲୋଫାଇଲ ଇତିହାସକାରମାନେ ଏହାକୁ ୧୮୫୭ ବିଦ୍ରୋହର ଅନ୍ୟତମ କାରଣ ବୋଲି ବର୍ଣ୍ଣନା କରିଛନ୍ତି।

୧୯ଶ ଶତାବ୍ଦୀର ଅଫିସ ଯୁଦ୍ଧ ଏସବୁ କଥାର ଏକ ଉଦାହରଣ ବୋଲି କୁହାଯାଇପାରେ। ଏହି ବ୍ୟାପାର ଯୁଦ୍ଧ ସୈନ୍ୟ ସଂଘର୍ଷରେ ପରିଣତ ହୋଇଥିଲା। ସେ ସମୟରେ ଚୀନର ବ୍ୟାପାର ନୀତି ଚା' ଏବଂ ରେଷମ ରପ୍ତାନୀକୁ ଗୁରୁତ୍ୱ ଦେଉଥିଲା ଯଦିଓ ଆମଦାନୀ ସୀମିତ ଥିଲା। ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଫିମ ଚୋରାଚାଲାଣ ଆରମ୍ଭ କରିଥିଲେ। ଭାରତରୁ ଚୀନକୁ ଅଫିମ ଚାଲାଣ କରାଗଲା। ଏହା ବ୍ୟାପକ ଆର୍ଥିକ ଅବ୍ୟବସ୍ଥା ସୃଷ୍ଟି କରିଥିଲା। ଚୀନର କିଙ୍ଗ ରାଜବଂଶ ଏହି ଅଫିମ ବ୍ୟାପାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ପ୍ରତି ଜବାବରେ ବ୍ରିଟେନ ସେନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଚୀନ ରାଜବଂଶ ବିରୁଦ୍ଧରେ ୧୮୩୯ ରୁ ୧୮୪୨ ଓ ୧୮୫୬ରୁ ୧୮୬୦ ପର୍ଯ୍ୟନ୍ତ ଅଫିମ ଯୁଦ୍ଧ ଚାଲିଥିଲା। ଏହି ସଂଘର୍ଷ ପରେ ଚୀନ ବ୍ରିଟିଶ ବ୍ୟବସାୟୀଙ୍କୁ ଚୀନରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଅନୁମତି ଦେବା ସହ ହଙ୍ଗକଙ୍ଗକୁ ବ୍ରିଟିଶ ଶାସକଙ୍କୁ ସମର୍ପଣ କରି ନିଜର ଅର୍ଥ ବ୍ୟବସ୍ଥା ଉପରେ ବିଦେଶୀ ପ୍ରଭାବକୁ ସ୍ୱୀକାର କରିବା ପାଇଁ ବାଧ ହୋଇଥିଲେ। ୧୯ଶ ଶତାବ୍ଦୀ ଶେଷ ଏବଂ ବିଂଶ ଶତାବ୍ଦୀ ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ୟବସାୟିକ ସଂଘର୍ଷ ଔପନିବେଶିକ ପ୍ରତିଦ୍ୱନ୍ଦ୍ୱିତାରୁ ହଟିଯାଇ ଆର୍ଥିକ ବର୍ଚ୍ଚସ୍ୱ ପାଇଁ ଔଦ୍ୟୋଗିକ ଶକ୍ତିରେ ପରିବର୍ତ୍ତିତ ହୋଇଯାଇଥିଲା। ଗିଲଡ଼େଡ଼୍‌ଏଜ (୧୮୭୦-୧୯୦୦)ରେ ସଂଯୁକ୍ତ ରାଜ୍ୟ ଆମେରିକା ତାର ଘରୋଇ ଉଦ୍ୟୋଗକୁ ୟୁରୋପୀୟ ଉଦ୍ୟୋଗଙ୍କ ଠାରୁ ବଞ୍ଚାଇବା ପାଇଁ ସଂରକ୍ଷଣବାଦୀ ନୀତିକୁ ଆପଣେଇ ନେଲା। ଆମେରିକାର ଏହି ନୀତି କାରଣରୁ ଜନ ଡି ରକଫେଲର ଏବଂ ଆଣ୍ଡ୍ର୍ୟୁକାନେଗିଙ୍କ ଭଳି ଉଦ୍ୟୋଗପତିଙ୍କୁ ଏହାର ଲାଭ ମିଳିଥିଲା। ଆମେରିକାର ନୀତିକୁ ବିରୋଧ କରି ୟୁରୋପୀୟ ଦେଶମାନେ ପଦକ୍ଷେପ ସ୍ୱରୂପ ଯେଉଁ ଟାରିଫ ନିର୍ଦ୍ଧାରଣ କଲେ, ତାହା ଅନ୍ତର୍ଜାତୀୟ ବ୍ୟାପାରକୁ ଧିମା କରିଦେଇଥିଲା ଓ ଆର୍ଥିକ ଅସ୍ଥିରତା ବୃଦ୍ଧି ପାଇଥିଲା। ପରିଣାମ ସ୍ୱରୂପ ଆର୍ଥିକ ମାନ୍ଦାବସ୍ଥା ଦେଖା ଦେଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ସହଯୋଗ ମୂଳକ ବିଶ୍ୱସ୍ତରୀୟ ବ୍ୟାପାର ଢାଞ୍ଚାର ମାର୍ଗ ପ୍ରଶସ୍ତ ହୋଇଥିଲା।

ଏକବିଂଶ ଶତାବ୍ଦୀରେ ବ୍ୟାପାର ଯୁଦ୍ଧ ଆର୍ଥିକ କୂଟନୀତିର ଏକ ପ୍ରକ୍ରିୟା ଭାବେ ଉଭା ହୋଇଛି। ଆମେରିକା- ଚୀନ ବ୍ୟାପାର ସଂଘର୍ଷ ଏହାର ଉଦାହରଣ। ୨୦୧୮ ମସିହାରେ ଟ୍ରମ୍ପ ପ୍ରଶାସନ ଏହି ଯୁଦ୍ଧ ଆରମ୍ଭ କରିଥିଲା। ଏବେ ବ୍ୟବସାୟିକ ଅସନ୍ତୁଳନ, ବୌଦ୍ଧିକ ସମ୍ପଦର ଚୋରି ଏବଂ ରାଷ୍ଟ୍ରୀୟ ସୁରକ୍ଷା ଚିନ୍ତାର କଥା କହି ଆମେରିକା ଚୀନରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ ଲଗାଇଛି। ଚୀନ ମଧ୍ୟ ପ୍ରତି ଜବାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ବ୍ୟାପାର ଯୁଦ୍ଧର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ଯାହାଙ୍କୁ ଟ୍ରେଡ୍‌ୱାର-୨ କୁହାଯାଉଛି। ଏହା ଏବେ ବୈଶ୍ୱିକ ବ୍ୟାପାର ଗତିଶୀଳତାକୁ ନୂଆ ରୂପ ଦେଇଛି ଯେଉଁଥିପାଇଁ ଭାରତ ପାଇଁ ଅବସର ଏବଂ ଚାଲେ ଉଭୟ ଦେଖାଦେଇଛି। ଭାରତ-ଆମେରିକା ମତ ୨୦୨୪-୨୫ ଆର୍ଥୀକ ବର୍ଷର ଅଧିକ ବ୍ୟବସାୟ ବଢ଼ିଛି। ପରିବର୍ତ୍ତିତ ବ୍ୟାପାର ପରିଦୃଶ୍ୟରେ ଭାରତ ନିଜକୁ ଅଧିକ ସକ୍ଷମ କରିବା ସହ ସଂରଚନାତ୍ମକ ସୁଧାରକୁ ଲାଗୁ କରିବା ଆବଶ୍ୟକ।

# କୁମ୍ଭମେଳା: ପୁଣ୍ୟଘାଟର କଥା

ତ୍ରିନାଥ ଓଝା
ଧବଳେଶ୍ୱର ଗଡ଼ା, କଟକ
ମୋ :୯୨୩୮୬୦୨୮୨୫

ପ୍ରୟାଗରାଜ କୁମ୍ଭମେଳାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ଥ, ମୁନିଋଷି, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏପରିକି ଅନ୍ୟ ଧର୍ମାବଲମ୍ବୀମାନେ ଏହି ଶାହୀ ସ୍ନାନ ବା ଅମୃତ ସ୍ନାନ ପାଇଁ ଆଗମନ କରୁଛନ୍ତି। ଖବରକାଗଜରେ ପ୍ରକାଶିତ ହୋଇଥିବା ଖବର ମୁତାବକ ଚଳିତ ବର୍ଷ ପ୍ରୟାଗରାଜରେ ୫୦ଟି ଘାଟ ପ୍ରସ୍ତୁତ ହୋଇଛି। ତେବେ ଅନେକଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ ଯେ ଏହି ଘାଟ ଗୁଡ଼ିକ ସବୁ କେଉଁଠି ଏବଂ ଏହାର ପରିପାର୍ଶ୍ୱିକ ଘଟଣାବଳୀ କ'ଣ ସବୁ ରହିଛି।

ପ୍ରୟାଗରାଜର ସମସ୍ତ ଘାଟ ମଧ୍ୟରେ ନିଜସ୍ୱ ଓ ସ୍ୱତନ୍ତ୍ର ସ୍ଥାନରେ ରହିଛି ଦଶାଶ୍ୱମେଧ ଘାଟ। ଏହା ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ବୋଲି ସୋସିଆଲ ମିଡ଼ିଆ ସାଇଟ କୁମ୍ଭ.ଇନରେ ପ୍ରକାଶିତ ହୋଇଛି। ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ଦଶାଶ୍ୱମେଧର ଅର୍ଥର କ'ଣ? ଏହାର ଅର୍ଥ ହେଉଛି ଦଶ ଅଶ୍ୱମେଧ ଯଜ୍ଞପରି। ପୌରାଣିକ ବିଶ୍ୱାସ ଓ ବର୍ଷ ବର୍ଷର ଲୋକକଥା ଅନୁଯାୟୀ ଅନେକ ବର୍ଷ ତଳେ ଜଣେ ମହାନ ରାଜା ଏହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ। ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନଙ୍କ ଭିତରେ ବିଶ୍ୱାସ ଭରିରହିଲା ଯେ ଏହି ଘାଟରେ ଦିବ୍ୟ ସ୍ନାନ କରିବା ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ ଏବଂ ଜଣେ ଦିବ୍ୟଶକ୍ତିର ଅଧିକାରୀ ହୋଇଥାଏ।

ପ୍ରୟାଗରାଜର ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ଓ ମର୍ଯ୍ୟାଦାବନ୍ତ ଘାଟ ଭିତରେ ସରସ୍ୱତୀ ଘାଟର ସ୍ୱତନ୍ତ୍ରତା ରହିଛି। ଲୋକ ବିଶ୍ୱାସ ଓ ପୁରାଣର କଥାବସ୍ତୁକୁ ଦେଖିଲେ ଜଣାଯାଏ ଯେ ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ପବିତ୍ର ସରସ୍ୱତୀ ନଦୀର ମୂଳ ଉତ୍ସ ଏହି ଠାରେ ହିଁ ଥିଲା। ପବିତ୍ର କୁମ୍ଭମେଳା ଅବସରରେ ଏହି ଘାଟରେ ସ୍ନାନ କରିବା ପାଇଁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ଆଗ୍ରହ ଓ ଶ୍ରଦ୍ଧା ରହିଥାଏ। ଏହି ଘାଟର ବିଶେଷତ୍ୱ ହେଉଛି ଏଠାରେ ଅତି ବ୍ୟବସ୍ଥିତ ଓ ସୁନ୍ଦର ଭାବରେ ପାହାଚ ଗୁଡ଼ିକ ରହିଛି ଯେଉଁଠାରେ ଲୋକମାନେ ପୂଜା ନୈବେଦ୍ୟ ସମର୍ପଣ କରିବା ସହ ଏହା ତୀର୍ଥଯାତ୍ରୀ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅର୍ଘ୍ୟ ଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ।

ପ୍ରୟାଗରାଜର ଅନ୍ୟତମ ଐତିହ୍ୟସମ୍ପନ୍ନ ଘାଟ ହେଉଛି କିଲ୍ଲା ଘାଟ। ତେବେ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରୟାଗରାଜରେ କିଲ୍ଲା ଶବ୍ଦର ଉଦ୍ଭବ କେଉଁଠୁ ହେଲା? ଐତିହାସିକ ଆକବର କିଲ୍ଲାର ସନ୍ନିକଟ ସ୍ଥଳରେ ଏହି ଘାଟଟି ଥିବାରୁ ଏହାର ନାମକରଣ କିଲ୍ଲା ଘାଟ ହୋଇଛି। ତେବେ ଏହି ଘାଟକୁ ଆସୁଥିବା ଲୋକମାନଙ୍କର ଆକର୍ଷଣର ପ୍ରମୁଖ କାରଣ ହେଉଛି ଏଠାରେ ଯୋଗ ପ୍ରାଣାୟମ ଓ ଧ୍ୟାନ କରି ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ଓ ଆନନ୍ଦମୟ ସ୍ଥାନ ରହିଛି। ସନାତନ, ହିନ୍ଦୁ ସଂସ୍କୃତି ଓ ଈଶ୍ୱର ଚେତନା ପ୍ରତି ଗଭୀର ବିଶ୍ୱାସୀମାନେ ଏହି ଶାନ୍ତିପୂର୍ଣ୍ଣ ସ୍ଥାନରେ କିଛି ସମୟ ଅତିବାହିତ କରି ନିଜକୁ କର୍ମମୟ ସଂସାର ଜୀବନ ଠାରୁ ଦୂରେଇ ଶାନ୍ତି ପାଇବା ପାଇଁ ଚେଷ୍ଟିତ ହୋଇଥାନ୍ତି। ଏହି ଘାଟରେ ପ୍ରାୟତଃ ବର୍ଷ ତମାମ ନିୟମିତ ଗହଳି ଓ ଭିଡ଼ ପରିଲକ୍ଷିତ ହୋଇଥାଏ।

ପ୍ରୟାଗରାଜର ମହାକୁମ୍ଭ ସମୟରେ ରସୁଲାବାଦ ଘାଟ ଅନେକଙ୍କ ପାଇଁ ଏକ ସ୍ମରଣୀୟ ଓ ପବିତ୍ରତମ ଘାଟ ଭାବେ ପରିଚିତ। ତେବେ ଏହି ଘାଟର ଗୁରୁତ୍ୱ ଅନ୍ୟ ସାଧାରଣ ଦିନ ଠାରୁ କୁମ୍ଭମେଳା ସମୟରେ ଅଧିକ ପ୍ରତୀୟମାନ ହୋଇଥାଏ। ବର୍ଷ ତମାମ ଏହି ଘାଟଟି ଶ୍ରାଦ୍ଧ, ସମର୍ପିତ ପିଣ୍ଡଦାନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରସିଦ୍ଧ ଓ ମନ ପସନ୍ଦର ଘାଟ। ଏଠାରେ ନିଜ ପୂର୍ବଜଙ୍କୁ ଭକ୍ତି ସମର୍ପଣ ପୂର୍ବକ ଅର୍ଘ୍ୟ ଓ ପିଣ୍ଡଦାନ କରି ଆତ୍ମ ବିଶ୍ୱାସର ସହିତ ଶ୍ରଦ୍ଧାଳୁମାନେ ଘରକୁ ଫେରିଥାନ୍ତି। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶାନ୍ତି ବିରାଜମାନ ହେଉଥାଏ କାରଣ ଏଠାରେ ଅଧିକ ଗହଳି ଚହଳି ସେପରି ଦେଖାଦେଇନଥାଏ।

ଆସ୍ଥା ଓ ବିଶ୍ୱାସର ପବିତ୍ର ମହାକୁମ୍ଭରେ ଜ୍ଞାନଗଙ୍ଗା ଘାଟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସାଧାରଣତଃ ପ୍ରଶ୍ନଟି ଉଠେ ଯେ ଜ୍ଞାନଗଙ୍ଗା ଶବ୍ଦ ମାନେ କ'ଣ? ଯେଉଁଠି ଜ୍ଞାନର ଗଙ୍ଗା ସ୍ରୋତସ୍ୱିନୀ ପରି ଚିରପ୍ରବାହିତ ସେଇ ଘାଟକୁ ହିଁ ଜ୍ଞାନଗଙ୍ଗା ଘାଟ କୁହାଯାଏ। ବର୍ଷ ବର୍ଷର ବିଶ୍ୱାସ ଉଜ୍ଜୀବିତ ରହିଛି ଯେ ଏହି ଘାଟକୁ ମୋକ୍ଷ ପ୍ରାପ୍ତିର ଦିବ୍ୟ ଘାଟ ଭାବେ ବିଶ୍ୱାସ କରାଯାଏ। ଦିନ ଥିଲା ଏହି ଘାଟରେ ଆମ ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ନମସ୍ୟ ଉପାସକ ମୁନୀ, ଋଷି, ସିଦ୍ଧ ସାଧକମାନେ ବର୍ଷ ବର୍ଷ ଧରି କଠୋର ତପସ୍ୟା ସାଧନ କରି ଜ୍ଞାନପ୍ରାପ୍ତି ହୋଇଥିଲେ। ପ୍ରୟାଗରାଜରେ ଯେ କେହି ଆଗମନ କରୁଥିଲେ ଜ୍ଞାନଗଙ୍ଗା ଘାଟକୁ ନିଶ୍ଚିନ୍ତ ଭାବରେ ଥରେ ଆସି ଏଠାରେ କିଛି ସମୟ ଅତିବାହିତ କରିବା ପାଇଁ ସଂକଳ୍ପ ରଖିଥାନ୍ତି।

ପ୍ରୟାଗରାଜର ଅନ୍ୟତମ ଚଳ ଚଞ୍ଚଳ ଓ ବ୍ୟସ୍ତପୂର୍ଣ୍ଣ ତଥା ସବୁବେଳେ ଲୋକବାକ ଭରି ରହିଥିବା ଘାଟଟି ହେଉଛି ନୌକାଯାନ ଘାଟ। ଏହି ଘାଟର ନାମଟି ନୌକାଯାନ ଶବ୍ଦରୁ ରହିଥିବାରୁ ଏହା ବାସ୍ତବିକ ନୌକା ବିହାର ଓ ବିଭିନ୍ନ ପ୍ରକାର ବୋଟିଂ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଏକ ପ୍ରକାର ଭିଡ଼ି ଆଣିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଘାଟରୁ ପ୍ରାୟତଃ ତମାମ ତ୍ରିବେଣୀ ସଙ୍ଗମ ବା ପ୍ରୟାଗରାଜର ସମସ୍ତ ଦୃଶ୍ୟ ଅନେକ ଦୂରରୁ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରିଥାଏ। ଯାହାପାଇଁ ଏହି ଘାଟଟି ସବୁବେଳେ ଚଳଚଞ୍ଚଳ ରହିଥାଏ। ଆପଣ କୁମ୍ଭମେଳାକୁ ଆସୁଥିଲେ ନିଶ୍ଚିନ୍ତ ଭାବରେ ଏହି ଘାଟ ମାନଙ୍କର ଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରି ଆଧ୍ୟାତ୍ମିକ ଶାନ୍ତି ପାଇପାରିବେ।

# ବିନାଶକୁ ଆମନ୍ତ୍ରଣ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

କଥାରେ ଅଛି 'ମାଘ ମାସର ଜାଡ ବାଘ' ପରି । କିନ୍ତୁ ଆମ ଦେଶରେ ଗଲା ଜାନୁୟାରୀ ମାସରେ ଯେଉଁଭଳି ଗରମ ଅନୁଭୂତ ତାହା ଜଳବାୟୁ ପରିବର୍ତ୍ତନର ପ୍ରତିଫଳନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଜାନୁୟାରୀ ମାସରେ ଉତପ୍ତ ବର୍ଷ ଥିବା ରେକର୍ଡ କରାଯାଇଛି, ଯାହାକି ଅପ୍ରତ୍ୟାଶିତ। କିନ୍ତୁ ଏନେଇ ଜଳବାୟୁ ବିଜ୍ଞାନୀଙ୍କ ଉତ୍ତର ମଧ୍ୟ ଅସ୍ପଷ୍ଟ। ତେବେ ଏହା କେବଳ ବାୟୁମଣ୍ଡଳରେ ଗ୍ରୀନ ହାଉସ ଗ୍ୟାସର ବୃଦ୍ଧିର କାରଣ ନୁହେଁ। ବାୟୁ ମଣ୍ଡଳରେ ଏଲ ନିନୋରୁ ଲା-ନିନୋକୁ ପରିବର୍ତ୍ତନ ସତ୍ତ୍ୱେ ଜାନୁୟାରୀରେ ଉଷ୍ମତା ବୃଦ୍ଧି ନିଶ୍ଚିତ ଭାବେ ପ୍ରଶ୍ନବାଚୀ ଭାବେ ଉଭା ହୋଇଛି। କାରଣ ଲା-ନିନୋ ବାୟୁମଣ୍ଡଳକୁ ଥଣ୍ଡା କରିବା ସଙ୍ଗେ ସଙ୍ଗେ ଜଣାଶୁଣା। କହିବା ବାହୁଲ୍ୟ ଯେ, ବିଶ୍ୱ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବା ନେଇ ଗତ କିଛି ବର୍ଷ ଧରି ଜଳବାୟୁ ବିଜ୍ଞାନୀମାନେ ଭବିଷ୍ୟବାଣୀ କରି ଆସୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଉତାପ ୦.୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଇଥିବାବେଳେ ବାସ୍ତବରେ ତାହା ଏହି ସୀମା ଅତିକ୍ରମ କରିଥିବା କୁହାଯାଏ। ଦେଶରେ ଲା-ନିନା ୨୦୨୦ରୁ ୨୦୨୩ ମଧ୍ୟରେ ରହିଥିଲା । ଯାହା ଉତପ୍ତ ଜଳବାୟୁକୁ ନିୟନ୍ତ୍ରଣ କରି ମହାସାଗରରେ ମହଜୁଦ କରି ରଖିଥିଲା। ଏଲ-ନିନୋ ଏହାକୁ ପ୍ରବାହିତ କରିଥାଏ। ୨୦୨୫ ପୂର୍ବ ବର୍ଷ ତୁଳନାରେ ଅଧିକ ଶୀତଳ ହେବା ନେଇ ଜଳବାୟୁ ବିଶାରଦମାନେ ଆଶା କରିଥିବା ବେଳେ କାହିଁକି ଗଲା ଜାନୁୟାରୀ ଅଧିକ ଉତ୍ତପ୍ତ ହୋଇଥିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ହେଉଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖ କରାଯାଇପାରେ ଯେ, ବାୟୁମଣ୍ଡଳରେ ବିଶ୍ୱ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ପାଇଁ ଗତ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏବେ ଯେଉଁଭଳି ତାପମାତ୍ରା ବୃଦ୍ଧି ୨୦୩୦ ମସିହା ସୁଦ୍ଧା ୨.୬ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବା ନେଇ ବିଜ୍ଞାନୀମାନେ ସତର୍କ କରାଇ ସାରିଲେଣି। କିନ୍ତୁ ପ୍ୟାରିସ ରାଜିନାମାକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରଗୁଡିକ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏହି ରାଜିମାରୁ ଆମେରିକା ନିକଟରେ ଏବେ ଓହରି ଯାଇଥିବାବେଳେ ଜି-୨୦ ରାଷ୍ଟ୍ରଗୁଡିକ ମଧ୍ୟ ନୀରବ ରହିଥିବା ଦେଖାଯାଏ। ବିଶେଷ କରି ବ୍ରିଟେନ, ବ୍ରାଜିଲ, ଜାପାନ, ଆଦି ରାଷ୍ଟ୍ରଗୁଡିକରେ ନୀରବତା ମଧ୍ୟ ବିସ୍ମୟ ମନେହୁଏ। ଅନ୍ୟପକ୍ଷରେ ୟୁଏନଏଫସିସିସି ତା'ର ରିପୋର୍ଟରେ ଆଶା ପ୍ରକାଶ କରିଛି ଯେ, ଆସନ୍ତା ସେପ୍ଟେମ୍ବରରେ କୋପ-୩୦ ଶିଖର ସମ୍ମିଳନୀ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଛି। ସେପ୍ଟେମ୍ବର ସୁଦ୍ଧା ସମସ୍ତ ରାଷ୍ଟ୍ର ସେମାନଙ୍କର ଜଳବାୟୁ ନିୟନ୍ତ୍ରଣ ତଥା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ନେଇ ସେମାନଙ୍କର ଯୋଜନା ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବା ଉଚିତ। କିନ୍ତୁ ପ୍ୟାରିଶ ରାଜିନାମାରେ ସ୍ୱାକ୍ଷର କରୁଥିବା ୯୦ପ୍ରତିଶତରୁ ଅଧିକ ରାଷ୍ଟ୍ର ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ରିପୋର୍ଟରେ କୁହାଯାଇଛି। ଏହା ନିସନ୍ଦେହ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଯଦି ରୋକିବା ଲାଗି ବୈଶ୍ୱିକ ସ୍ତରରେ ଆନ୍ତରିକତା ଉଦ୍ୟମ ନହୁଏ, ତେବେ କେବଳ ପାଣିପାଗକୁ ଏହା ପ୍ରଭାବିତ କରିବ ନାହିଁ, ସମୁଦ୍ର ଜଳ ପତନ ବୃଦ୍ଧି ପାଇ ବିଶ୍ୱର ବହୁ ଉପକୂଳ ଅଂଚଳ ବୁଡିଯିବା ନେଇ ବୈଜ୍ଞାନିକମାନେ ସତର୍କ କରାଇ ସାରିଲେଣି। ସମୁଦ୍ର ଜଳପତନ ବୃଦ୍ଧିର କାରଣ ଭାବେ ହିମଶୃଙ୍ଗ ଓ ବରଫ ତରଳିବା ବୋଲି କୁହାଯାଇଛି। ହିମାଳୟରୁ ବଡ ବଡ ବରଫ ଖଣ୍ଡ ଏବଂ ଆଂର୍ଟଟିକାରେ ବରଫ ତରଳିବା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ। ବରଫ ତରଳି ହିମାଚଳ ଓ ଉତରାଖଣ୍ଡରେ ପ୍ରାକୃତିକ ବିପର୍ଯ୍ୟାୟ ଘଟିବା, ବୋଧହୁଏ କେହି ପାଶୋରି ନଥିବେ। କେବଳ ଭାରତ ନୁହେଁ, ଆମେରିକାରେ ବାରମ୍ବାର ସାମୁଦ୍ରିକ ବାତ୍ୟା, ବରଫ ବୃଦ୍ଧି ମଧ୍ୟ ଏହାର କାରଣ ଭାବେ କୁହାଯାଇଛି। ସେହିପରି ମୌସୁମୀ ବର୍ଷାରେ ଅନିୟମିତତା ତଥା ଅତିବୃଷ୍ଟି, ଅନାବୃଷ୍ଟି ଏହାର ଆଉ ଏକ କାରଣ। ରାଷ୍ଟ୍ରଗୁଡିକର ଅବହେଳା କେବଳ ବିପର୍ଯ୍ୟାୟ ତଥା ବିନାଶକୁ ଆମନ୍ତ୍ରଣ କରିବା ସାର ହେବ।

# ସୁରେନ୍ଦ୍ର ମହାନ୍ତି: କୃଷ୍ଣଚୂଡ଼ାର କଥାକାର



ବାଦଲ ଭୂୟାଁ
ପୁରୁଣା ସୋନାରୀ, ଜାମସେଦପୁର
ମୋ: ୯୨୦୪୬୫୨୦୬୫

ଯାତ୍ରୀ ହିଁ ତାଙ୍କର ଜୀବନ। ପଥ ହିଁ ତାଙ୍କର ପୃଥିବୀ। ଗତି ହିଁ ତାଙ୍କର ଲକ୍ଷ୍ୟ। କେଉଁଠି ସୁନା ପଞ୍ଜୁରି ଭିତରେ ଶୁଆ ହୋଇ ରହିବାର, କେଉଁ ଗୋଲାପ ବଣରେ ବୁଲବୁଲ ହୋଇ ଅଟକିଯିବାର ଅଭିଳାଷ ତାଙ୍କ ଯାତ୍ରାପଥରେ ପୂର୍ଣ୍ଣଚ୍ଛେଦ ଟାଣିପାରି ନାହିଁ। ଅନ୍ୱେଷା ହିଁ ତାଙ୍କର ଅଭୀପସା, ସନ୍ଧାନ ହିଁ ତାଙ୍କ ସ୍ୱଧର୍ମ। ସେ ଉଡନ୍ତା ଚଢ଼େଇ.. ପାନ୍ଥ ପ୍ରଜାପତି...ମୁକ୍ତ କପୋତ। ସାହିତ୍ୟରେ ଗୋଷ୍ଠୀହୀନ ବେସାଲିସୀ ମଣିଷ, ରାଜନୀତିରେ ଯାଯାବର ଘୂର୍ଣ୍ଣି। ତେଣୁ ତାଙ୍କର ମୂଲ୍ୟାୟନ ପାଇଁ ମନୁଷ୍ୟବତ୍ତା ଓ ହୃଦୟବତ୍ତାର ସମାଧିଶିଳା ଉପରେ ଭୁଲ ଆଉ ଠିକ୍ର ଫେଡ଼ାଣ-ମିଶାଣ ଲୋଡ଼ାପଡ଼େ ନାହିଁ, ସତ୍ୟ ଓ ଆଦର୍ଶ ହରଣ ଗୁଣନ ମଧ୍ୟରେ ତ୍ରୁଟି ଆଉ ବିଚ୍ୟୁତିର ଭାଗଫଳ ଖୋଜି ବସିବା ପ୍ରୟୋଜନ ହୁଏନାହିଁ। ଫ୍ରେମବନ୍ଧା ଫଟୋ, ରଙ୍ଗଛଡ଼ା ଆଲବମ୍ ଓ କିଛି କିଛି କାଗଜବିଡ଼ାର ସ୍ତୂପତଳୁ ତାଙ୍କର ପ୍ରକୃତ ପରିଚୟ ପାଇବା ପାଇଁ ଗଳଦଘର୍ମ ଚେଷ୍ଟା ଲୋଡ଼ା ହୁଏନାହିଁ।

ସିଦ୍ଧ, ସାଧନା ଓ ସ୍ୱୀକୃତିର ଊର୍ଦ୍ଧ୍ୱରେ ଏହି ସାରସ୍ୱତ ପ୍ରବାଦପୁରୁଷ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସାଧନାରେ ସମୃଦ୍ଧ କରି ଆସିଛନ୍ତି ଓଡ଼ିଆ ସାହିତ୍ୟକୁ ବହୁ ଉପନ୍ୟାସ, ଚରିତ ଉପନ୍ୟାସ ଓ ଗଳ୍ପ ସଂକଳନ ଜରିଆରେ। ଓଡ଼ିଶାରେ ଏପରି କ୍ୱଚିତ ସାକ୍ଷର ହୁଏତ ଥିବେ, ଯେଉଁମାନେ ସୁରେନ୍ଦ୍ର ମହାନ୍ତିଙ୍କର ସାହିତ୍ୟ ପଢ଼ି ନାହାନ୍ତି, ସୁରେନ୍ଦ୍ର ଶୈଳୀ ଓ ନାନୁକରଣୀୟ ଶବ୍ଦର ସାୟରୀରେ ମନ୍ତ୍ରମୁଗ୍ଧ ପାଲଟି ନାହାନ୍ତି। 'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ମରାଳର ମୃତ୍ୟୁ', 'ଅନ୍ଧ ଦିଗନ୍ତ', 'କୁଳବୃଦ୍ଧ' ଓ ନିଜର ଜୀବନସ୍ମୃତି 'ପଥ ଓ ପୃଥିବୀ' ତାଙ୍କର ଦୀର୍ଘ ନିରଳସ ନିଷ୍ଠାପର ସାଧନାର କତିପୟ ଉଜ୍ଜ୍ୱଳ ଇସ୍ତାହାର। ଏଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଶାରଳା ପୁରସ୍କାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଆହୁରି ବହୁ ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ।

ଆଜି ହୁଏତ ଅନେକେ ବିଶ୍ୱାସ କରିବେ ନାହିଁ ଯେ ଓଡ଼ିଆ ସାହିତ୍ୟର ଏହି ମୁକୁଟବିହୀନ ସମ୍ରାଟଙ୍କୁ ଏକଦା ଜୀବିକା ନିର୍ବାହ ପାଇଁ ରାଜପଥର ଯାଯାବର ଜୀବନ କାଟିବାକୁ ପଡ଼ିଥିଲା। ୧୯୪୩ ମସିହା ଶେଷ ଆଡ଼କୁ ସୁରେନ୍ଦ୍ର ବାବୁ ଆପଣେଇ ନେଇଥିଲେ ଟ୍ରାଭେଲିଂ ଏଜେଣ୍ଟର ଜୀବିକା, ବୁଲି ବୁଲି ଲୁଧିଆନାର ଗୋଟିଏ ସିଲକ ଶାଢ଼ୀ କମ୍ପାନୀ ପାଇଁ ଅର୍ଡ଼ର ସଂଗ୍ରହ କାର୍ଯ୍ୟ, ଜୀବନସ୍ମୃତି ପଥ ଓ ପୃଥିବୀରେ ଏହି ସମ୍ପର୍କୀୟ ତାଙ୍କର ଅନୁଭୂତି ଯେତିକି କରୁଣ, ଦୁଃସ୍ଥିତି ଓ ଦୁର୍ଦ୍ଦିନ ଭିତରେ କାଳ କାଟୁଥିବା ତରୁଣ ପିଢ଼ିର ସାହିତ୍ୟକମାନଙ୍କ ପାଇଁ ସେତିକି ଉତ୍ସାହପ୍ରଦ। ତା ପରର ଜୀବନ ଜନତା ସଂପାଦକଙ୍କର ଜୀବନ।

ଏବେ ସୁରେନ୍ଦ୍ର ମହାନ୍ତି ଶତାବ୍ଦୀ ପୁରୁଷ। ତାଙ୍କର ସ୍ମୃତି ଶତାବ୍ଦୀର ସ୍ମୃତି। ବିଂଶ ଶତାବ୍ଦୀର ତୃତୀୟ ଦଶକର ଆରମ୍ଭରେ ଉଦୟ ହୋଇ, ଶେଷ ଦଶକରେ ଅସ୍ତ ହୋଇଥିଲେ ସେ। କିନ୍ତୁ ତାଙ୍କ ସାହିତ୍ୟର ସହସ୍ରାଂଶୁ ଗତ ଶତାବ୍ଦୀକୁ ବି ଯେଉଁପରି ଦୀପ୍ତିମାନ କରି ରଖିଥିଲା, ଚଳିତ ଶତାବ୍ଦୀକୁ ବି ସେହିପରି ଦୀପ୍ତିମାନ କରି ରଖିଛି। ସେ ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଅସ୍ତ ନାହିଁ। ସୁରେନ୍ଦ୍ର ମହାନ୍ତି ମଧ୍ୟ ଆମ ସାହିତ୍ୟର ନାଗାଧିରାଜ ହିମାଳୟ। ତାଙ୍କ ସାହିତ୍ୟର ଅନେକ ଶୃଙ୍ଗ। ଯେତେ ଦିନ ଓଡ଼ିଆ ଭାଷା ସାହିତ୍ୟ ଥିବ, ସେତେ ଦିନ ସେ ଶୃଙ୍ଗସବୁ ଚିର ଉନ୍ନତ ଓ ଚିର ଅମ୍ଳାନ ହୋଇ ରହିଥିବ।

ଆକାଶ ଓ ସମୁଦ୍ରକୁ ନ ଦେଖିବା ଯାଏ ଯେପରି ବୁଝି ହୁଏନାହିଁ ବ୍ୟାପ୍ତି ଓ ଗଭୀରତାର ପରିଭାଷା, ସୁରେନ୍ଦ୍ର ମହାନ୍ତିଙ୍କୁ ନ ପଢ଼ିଲେ ସେହିପରି ଜାଣି ହୁଏନାହିଁ ଓଡ଼ିଆ ସାହିତ୍ୟର ପ୍ରାଚୁର୍ଯ୍ୟ ଓ ସୁରେନ୍ଦ୍ରଶୈଳୀର ନାନ୍ଦନିକତା। ସେ ନିଜେ ହିଁ ନିଜର ଷ୍ଟାଇଲ। ଉତ୍ତର ଷାଠିଏର ଶାରୀରିକ ଦୌର୍ବଲ୍ୟ ଭିତରେ ବି ଶେଷ ପର୍ଯ୍ୟନ୍ତ ତାଙ୍କର ଲେଖନୀ କର୍ମଚଞ୍ଚଳ ଥିଲା। ସାହିତ୍ୟ ପରି ସୁରେନ୍ଦ୍ର ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ପ୍ରଚୁର ଉତ୍ତେଜନାରେ ଭରପୂର, ଯେ କୌଣସି ସଫଳ ଫିଲ୍ମର କାହାଣୀ ପରି।



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅଧିନସ୍ଥ ପାଟସୁନ୍ଦରପୁର ଗ୍ରାମପଞ୍ଚାୟତ ବଡ଼କଣ ଓ ପାଟସୁନ୍ଦର ଗ୍ରାମରେ ଥିବା ସୁନ୍ଦରେଶ୍ୱର ମହାଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୪ରେ ପୀଠରେ ଅଙ୍କୁରାରୋପଣ ପରେ ୧୫ରେ ଗଙ୍ଗାବରଣ ଓ ଅଗ୍ନିସ୍ଥାପନ, ୧୬ରେ ଚଣ୍ଡୀଯଜ୍ଞ ୧୭ରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା । ପଣ୍ଡିତ ରାଜକିଶୋର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନର ମୁଖ୍ୟ ବାଳକୃଷ୍ଣ ମହାନ୍ତିଙ୍କ, ବିରଞ୍ଚି ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମହା ବିଶ୍ୱଶାନ୍ତି ଯଜ୍ଞ ପାଇଁ ପୁରୀ ମୁକ୍ତିମଣ୍ଡପ ବ୍ରାହ୍ମଣମାନଙ୍କ ସହଯୋଗରେ ଦେବୀନଦୀ ଘାଟରୁ ସୁନ୍ଦରେଶ୍ୱର ମହାଦେବଙ୍କ ପୀଠକୁ କଳସ ଯାତ୍ରା କରାଯାଇଥିଲା । ପୀଠରେ ଅଖଣ୍ଡ ନାମ ସଂକିର୍ତ୍ତନ ସାଙ୍ଗକୁ ସନ୍ଧ୍ୟାରେ ପ୍ରବଚନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବଡକଣ ଓ ପାଟସୁନ୍ଦରପୁର ସହ ଏହାର ଆଖପାଖ ଗ୍ରାମର ଲୋକଙ୍କ ଭିଡ଼ ଜମିଥିଲା । ଏହି ଧାର୍ମିକ କାର୍ଯ୍ୟକ୍ରମ ଦେଖିବାକୁ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ଦିନରାତି ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା ।

# ଜୟଗୁରୁ ଆଶ୍ରମରୁ ମୁସଲିମ୍ ବସ୍ତି ନାଳବନ୍ଧ ରାସ୍ତା ମରଣଯନ୍ତା, କେବେ ସୁଧୁରିବ ସମସ୍ୟା ?



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନାଳବନ୍ଧ ରାସ୍ତାକୁ ନେଇ ଲୋକମାନେ ବିଭିନ୍ନ ସମସ୍ୟାରେ ଗତି କରୁଥିବା ବେଳେ ଦୀର୍ଘଦିନ ହେବ ନାଳବନ୍ଧ ରସ୍ତା ନାମରେ ଅର୍ଥ ଚଳୁ କରାଯାଉଥିଲେ ମଧ ତାହା ଜନସାଧାରଣଙ୍କ ସେବାରେ ଲାଗିପାରୁ ନାହିଁ । ଦୀର୍ଘଦିନ ହେବ ଏହି ରାସ୍ତାରେ ପାଣି ନିଷ୍କାସନ ପାଇଁ ଅଣ୍ଡରଗ୍ରାଉଣ୍ଡ୍ ପୋଲ ନିର୍ମାଣ ହେଉଥିଲେ ମଧ କାର୍ଯ୍ୟ ଧିମା ଗତିରେ ଚାଲି ଥିବାରୁ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି କଲେଜର ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ଅଧିକାରୀ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଉ ନଥିବାରୁ ଜନସାଧାରଣ ଯାତାୟାତରେ ବାଧା ଉପୁଜୁଛି । ନିମାପଡ଼ା ଅଂଚଳରେ ଠିକା କାର୍ଯ୍ୟକୁ ନେଇ ଅସନ୍ତୋଷ ଦେଖା ଦେଉଥିବା ବେଳେ ନାଳବନ୍ଧ ରାସ୍ତାରେ ଏବେ ଖାଲଖମା ସୃଷ୍ଟି ହୋଇଛି । ଲୋକ ଦେଖାଣିଆ ଭାବେ କିଛି ଡ଼ଷ୍ଟ ପକାଯାଇ ଅର୍ଥ ଚଳୁ କରାଯାଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଜୟଗୁରୁ ଆଶ୍ରମ ଠାରୁ ମୁସଲିମ୍ ବସ୍ତି ପର୍ଯ୍ୟନ୍ତ ନାଳବନ୍ଧ ରାସ୍ତା ଦୀର୍ଘଦିନ ହେବ ଖାଲଖମା ସୃଷ୍ଟି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଅଛି । ଛୋଟବଡ଼ ଦୁର୍ଘଟଣାରେ ଅନେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ନଜିର ରହିଛି । ସେହି ରାସ୍ତାରେ ବର୍ତ୍ତମାନ ଜଣେ ଠିକାଦାର ପାଣି ନିଷ୍କାସନ ପାଇଁ ବନ୍ଧ ତଳେ ପୋଲ ନିର୍ମାଣ କରୁଥିବା ବେଳେ କାର୍ଯ୍ୟ ଧିମା ଗତିରେ ଚାଲୁ ଥିବାରୁ ଲୋକମାନେ ରାସ୍ତା ଦେଇ ଯାତାୟତ କରିପାରୁ ନାହାନ୍ତି । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି କଲେଜର ଛାତ୍ରଛାତ୍ରୀ ଓ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା କାର୍ଯ୍ୟ ମରାମତି ପାଇଁ ଦାବୀ ହେଉଥିଲେ ମଧ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ନିମାପଡ଼ା ପୁରୁଣା ବସ୍ଷ୍ଟାଣ୍ଡ୍ ଠାରୁ କୋର୍ଟ ବଳଙ୍ଗା ରାସ୍ତାକୁ ଏହି ରାସ୍ତା ସଂଯୋଗୀକରଣ ହୋଇଛି । ସେହିପରି ଏହି ରାସ୍ତା ଦେଇ ଗାଡ଼ିମୋଟର ଯାତାୟତ କରିପାରୁ ନଥିବା ବେଳେ ପୂର୍ବପଟ ନାଳବନ୍ଧରେ ଗାଡ଼ି ଯାତାୟତ କରୁଥିଲେ ମଧ ଖାଲଖମା ସୃଷ୍ଟି ହୋଇ ଯାତାୟାତରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି । ଏ ଦିଗରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ନିମାପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

### ପାରାଦୀପରେ ଶ୍ରମିକ ଓ କର୍ମଚାରୀଙ୍କୁ ଶୋଷଣ

# କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ କେବେ ?



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ଓ ଶିଳ୍ପ ସହରରେ ଏବେ ଦେଖାଯାଉଛି ଅଭାବନୀୟ ଘଟଣା । ଏଠାରେ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଶ୍ରମିକ, କର୍ମଚାରୀ ଓ ଠିକାଦାରମାନେ ତାଙ୍କର ପ୍ରାପ୍ୟ ଦେବାରେ ବିଭିନ୍ନ କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରିବା ସହ ମାନସିକ ଯନ୍ତ୍ରଣା ଦେଉଥିବା ନେଇ ଅଭିଯୋଗ ହେଉଛି । ଏଥିନେଇ ଅନେକବାର କର୍ମଚାରୀ, ଶ୍ରମିକ ଓ ସ୍ଥାନୀୟ ଠିକାଦାରମାନେ ସେମାନଙ୍କ ପ୍ରାପ୍ୟ ପାଇଁ ଆନ୍ଦୋଳନ ଓ ପ୍ରତିବାଦ କରୁଥିଲେ ମଧ୍ୟ କମ୍ପାନୀ ଉପରେ ଏହାର କୌଣସି ପ୍ରଭାବ ପଡୁଥିବା ଦେଖିବାକୁ ମିଳୁନି । ସେହିପରି ସରକାରଙ୍କ ଦ୍ୱାରା ନିର୍ଧାର୍ଯ୍ୟ ପ୍ରାପ୍ୟ ବଦଳରେ ଶ୍ରମିକ ଓ କର୍ମଚାରୀଙ୍କୁ ଅପେକ୍ଷାକୃତ କମ ପ୍ରାପ୍ୟ ମିଳୁଥିବା ବେଳ ଠିକାଦାରମାନେ ବହୁ କମ ମୂଲ୍ୟରେ କମ୍ପାନୀମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ଏବଂ ସେ ବାବଦରେ ମଧ୍ୟ ପ୍ରାପ୍ୟ ମିଳୁନଥିବା ଅଭିଯୋଗ ହେଉଛି । ଏପରି ଏକ ଘଟଣା କ୍ରମରେ ପାରାଦୀପ ବନ୍ଦରର ବାସଗୃହ ନିର୍ମାଣ କରୁଥିବା ଠିକା କମ୍ପାନୀ କାମ ଛାଡି ଚାଲିଯିବାରୁ ସ୍ଥାନୀୟ କିଛି ଠିକାଦାର ସେମାନଙ୍କର ଲକ୍ଷାଧିକ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ଏକରେ ବେକାରୀ, ବେରୋଜଗାରୀ ବୃଦ୍ଧି ଓ କର୍ମସଂସ୍ଥାନ ଅଭାବରୁ ସ୍ଥାନୀୟ ଜନସାଧାରଣ ଚିନ୍ତାରେ ଥିବାବେଳେ ସାଧାରଣରେ କମ୍ପାନୀମାନଙ୍କ ଶୋଷଣ ଓ ଠକାମୀ କୋରଡ଼ ମାଡ଼ ସଦୃଶ ହୋଇଛି । ତେବେ ଦୀର୍ଘବର୍ଷ ପରେ ସରକାର ପରିବର୍ତ୍ତନ ହୋଇଥିବା ଏବଂ ସ୍ଥାନୀୟ ଉଦୀୟମାନ ଯୁବ ନେତା ସମ୍ପଦ ସ୍ୱାଇଁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେବା ନିଶ୍ଚିତ ଭାବେ ଜନସାଧାରଣଙ୍କ ମଧ୍ୟରେ ଆଶା ଉଦ୍ରେକ କରିଛି । ତେବେ ପାରାଦୀପରେ ଏହି ସମସ୍ୟାର ଆଶୁ ସମାଧାନ ଦିଗରେ ମନ୍ତ୍ରୀ ଏଭଳି ଠକ କମ୍ପାନୀମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଅନୁରୋଧ କରାଯାଇଛି ।

## ଦେଶୀ ବନ୍ଧୁକ ଓ ବିସ୍ଫୋରକ ଜବତ: ଜଣେ ଗିରଫ



ବାରିପଦା(ଭାସ୍କର ନ୍ୟୁଜ): ଏକ ନିଶ୍ଚିତ ଗୁପ୍ତ ସୂଚନା ଆଧାରରେ, ପିଠାବଟା ଉତ୍ତର ବନ୍ୟଜନ୍ତୁ ରେଞ୍ଜର ବନ ଅଧିକାରୀଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଏକ ଅବୈଧ ଶିକାର ଚେଷ୍ଟା ରୋକି ଦେଇଥିଲେ । ଏହି ଅଭିଯାନରେ ଜଣେ ଅଭିଯୁକ୍ତଙ୍କୁ ଦେଶୀ ବନ୍ଧୁକ ଓ ଅବୈଧ ବିସ୍ଫୋରଣ ସାମଗ୍ରୀ ସହିତ ଗିରଫ୍ କରାଯାଇଛି । ଅଭିଯୁକ୍ତ ପରାଓ ହେମ୍ବ୍ରମ (କାନ୍ଦା), ଯିଏ ମୟୁରଭଞ୍ଜ ଜିଲ୍ଲାର କୁଳିଆନା ଥାନା ଅନ୍ତର୍ଗତ ଅସନବଣି ଗ୍ରାମର ଅବସରପ୍ରାପ୍ତ ଭାଗନ୍ ହେମ୍ବ୍ରମଙ୍କ ପୁଅ, ବାଲଡିହା ବିଟ୍ ଅଞ୍ଚଳରେ ଗଛ ଉପରେ ଏକ ମଞ୍ଚା ନିର୍ମାଣ କରିଥିଲେ । ସେଠାରୁ ଜଙ୍ଗଲ ପ୍ରାଣୀମାନଙ୍କୁ ହତ୍ୟା କରିବା ଯୋଜନା କରିଥିଲେ । କିନ୍ତୁ ବନ ବିଭାଗ କର୍ମଚାରୀ ଗତକାଲି ରାତି ୮ଟାରେ ଅଟକ କରି ତା ନିକଟରୁ ଗୋଟିଏ ଦେଶୀ ତିଆରି ବନ୍ଧୁକ ଓ ବିସ୍ଫୋରଣ ସାମଗ୍ରୀ ଜବତ କରିଛନ୍ତି । ଅଭିଯୁକ୍ତ ବିରୋଧରେ ଅସ୍ତ୍ର ଅଧିନିୟମ ୧୯୫୯ ଅନ୍ତର୍ଗତ ମାମଲା ରୁଜୁ କରାଯିବା ସହ ନ୍ୟାୟିକ ହିରାସତକୁ ପଠାଯାଇଛି ।

### ନ୍ୟାୟାଳୟଙ୍କ ରାୟକୁ ତହସିଲ୍‌ଦାର୍‌ଙ୍କ ଫୁଁ'

## ଓଡ଼ପଡା ତହସିଲ କାର୍ଯ୍ୟାଳୟରେ ଗଣମାଧମକୁ ନାଲି ଆଖି



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଓଡାପଡା ତହସିଲଦାର କାର୍ଯ୍ୟାଳୟରେ ଏବେ ଗରିବ ଅସହାୟ ଲୋକଙ୍କ ପାଇଁ ତହସିଲଦାରଙ୍କ ସମୟ ନାହିଁ । ଯଦି କୌଣସି, ଜାଗା ବାଡ଼ିଜମି ପଟ୍ଟା ପ୍ରଦାନ କିମ୍ବା ଡ଼ିମାରେଗେସନ ସମ୍ବନ୍ଧିୟ ଅଭିଯୋଗ ନେଇ ତହସିଲଦାର କାର୍ଯ୍ୟାଳୟଙ୍କୁ କୌଣସି ଜନସାଧାରଣ ଯାଉଛନ୍ତି ତାଙ୍କୁ ନିରାଶ ହେବାକୁ ପଡୁଛି, ଏମିତିକି ସମ୍ପୃକ୍ତ ଘଟଣା ବାବଦରେ ସୂଚନା ଅଧିକା ଆଇନ ବଳରେ ତଥ୍ୟ ମାଗିଲେ ମଧ ସନ୍ତୁଷ୍ଟି ଜନକ ତଥ୍ୟ ମିଳୁନାହିଁ । ଯଦି କୌଣସି ବ୍ୟକ୍ତି ଗଣମାଧମର ସାହାଯ୍ୟ ନେଉଛନ୍ତି ଜାଣି ଶୁଣି ତାଙ୍କ ଅଭିଯୋଗକୁ ତହସିଲର ନାଲି ଫାଇଲ ତଳେ ଚାପି ଦିଆଯାଉଛି । ଗତ ଜାନୁୟାରୀ ମାସରେ ୮୦ବର୍ଷୀୟ ବୃଦ୍ଧ ଯୁଧିଷ୍ଠିର ବିଶ୍ୱାଳଙ୍କ ଜମିପଟ୍ଟା ପ୍ରଦାନ ବାବଦରେ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିନାହିଁ । ସେଥିପାଇଁ ଏହି ବିଷୟରେ କିଛି ଅଧିକ ସୂଚନା ପାଇଁ ଆମେ ଯେତେବେଳେ ଓଡାପଡା ତହସିଲଦାର ମନୋଜ କମାର ମାଝୀଙ୍କ ପ୍ରତିକ୍ରିୟା ନେବାରୁ ସେ ପ୍ରତିକ୍ରିୟା ନଦେଇ ଗଣମାଧମ ବ୍ୟକ୍ତିଙ୍କ ଜାଗା ହଡପ କରିବା ପାଇଁ ଏପରି ଖବର ପ୍ରସାରଣ କହି ଗଣମାଧମଙ୍କୁ ଦୁର୍ବ୍ୟବହାର କରିଥିଲେ । ଯଦି ନ୍ୟାୟାଳୟଙ୍କ ରାୟ ପରେ ମାସ ମାସ ବିତିଗଲା ପରେ ମଧ ଶ୍ରୀ ବିଶ୍ୱାଳଙ୍କୁ ଏପର୍ଯ୍ୟନ୍ତ ଓଡାପଡା ତହସିଲରୁ ପଟ୍ଟା ମିଳିପାରିଲାନାହି ତେବେ ଗଣମାଧମ ପ୍ରତିନିଧି କିପରି ତାଙ୍କ ଜାଗା ହଡପ କରିବା କଥା ତହସିଲଦାର କହୁଛନ୍ତି । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କହୁଥିବା ଗଣମାଧମ ସାଧାରଣ ଲୋକର ସ୍ୱର ସାଜି ସେମାନଙ୍କ ଅସୁବିଧାକୁ ସରକାରଙ୍କ ପାଖରେ ପହଞ୍ଚାଉଥିବା ବେଳେ ତହସିଲଦାରଙ୍କ ଏଭଳି ବକ୍ତବ୍ୟ ଗଣମାଧମର କଣ୍ଠରୋଧ କରୁଛି । ଏଠି ପ୍ରଶ୍ନ ଉଠୁଛି ଓଡାପଡା ତହସିଲ ରେ ଅନେକ ବେଆଇନି କଳାମୁଗୁନି ପଥର, ଇଟାଭାଟି, ମାଙ୍କଡ଼ା ପଥର ଚୋରି ହେଉଥିବା ବେଳେ ସରକାରୀ ଜାଗାରୁ ଚୋରି କଣ ତହସିଲଦାରୁଙ୍କ ନଜରରେ ଆସୁନାହିଁ । ପରୋକ୍ଷରେ କହିବାକୁଗଲେ ସରକାରୀ ସମ୍ପତ୍ତି ଚୋରିରେ କଣ ତହସିଲଦାର ବାବୁ ସରକାରୀ ଯାଗା ନିଜେ ହଡ଼ପ କରୁନାହାନ୍ତି କି ? ନା ନିଜର ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଗଣମାଧମକୁ ନାଲି ଆଖି ଦେଖାଉଛନ୍ତି । ଜିଲ୍ଲାପାଳଙ୍କୁ ଅନୁରୋଧ ସମସ୍ୟାର ଉଚିତ ତଦନ୍ତ କରି ଲୋକମାନଙ୍କୁ ଠିକ୍ ସମୟରେ ନ୍ୟାୟ ପ୍ରଦାନ ସହ ହରିଲୁଟ୍ ହେଉଥିବା ରାଜସ୍ୱ ଉପରେ ଅଙ୍କୁଶ ଲଗାଇଲେ ଓଡ଼ାପଡ଼ାରୁ ହରିଲୁଟ ହେଉଥିବା ରାଜସ୍ୱ ରକ୍ଷା ପାଇପାଇପାରିବ ।

## ବିଏଲ୍‌ଏଫ୍ ସଭାନେତ୍ରୀଙ୍କୁ ଆକ୍ରମଣ ଅଭିଯୋଗ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ମହିଳା ସଂଘର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟଙ୍କୁ ଜନୈକା ମହିଳା ପ୍ରିୟଙ୍କା ମହାପାତ୍ର ମାଡ଼ ମାରି ରକ୍ତାକ୍ତ କରିବା ଘଟଣାକୁ ନେଇ ଆହତ ବିଷ୍ଣୁପ୍ରିୟା ରଘୁନାଥପୁର ଥାନାରେ ଏକ ଏତଲା ଦେଇଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ, ରଘୁନାଥପୁର ବ୍ଲକ ରେଢୁଆ ବଣୁଆ ସାହିର ପ୍ରିୟଙ୍କା ମହାପାତ୍ର ଦିର୍ଘଦିନ ହେବ ରଘୁନାଥପୁର ବଜାର ଉପରେ ଥିବା ଏକ ଗୃହକୁ ଜବରଦଖଲ କରି ରଖିଛନ୍ତି । ଗ୍ରୁପର ଇସି ମେମ୍ବର ମାନେ ଏହାକୁ ବିରୋଧ କରିବାରୁ ସମସ୍ତ ଇସି ମେମ୍ବରମାନଙ୍କୁ ବହୁ ସମୟରେ ଗାଳିଗୁଲଜ କରିବା ସହିତ ଆଶାଳୀନ ବ୍ୟବହାର କରିବା ଓ ମିଶନ ଶକ୍ତି ଗୃହ ସମ୍ମୁଖରେ ସଭାନେତ୍ରୀ ଆସୁଥିବାର ଦେଖି ତାଙ୍କୁ ମାଡ଼ ମାରି ରକ୍ତାକ୍ତ କରିବା ସହିତ ପଛରେ ଗୋଡାଇ ଗୋଡାଇ ଯାଇ ତାଙ୍କର ମୋବାଇଲ ଛଡ଼ାଇ ନେବା ସହିତ ପୁନର୍ବାର ଆକ୍ରମଣ କରିବା ନେଇ ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା ନିଜର ଅଭିଯୋଗରେ ଦର୍ଶାଇଛନ୍ତି । ଏତଲା ପାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ । ଅନ୍ୟପକ୍ଷରେ ପ୍ରିୟଙ୍କା ମହାପାତ୍ର ମଧ୍ୟ ଥାନାରେ ପାଲଟା ଅଭିଯୋଗେ କରିଛନ୍ତି ।

## ଯନ୍ତ୍ରୀ-ଠିକାଦାରଙ୍କ ଅନୁପସ୍ଥିତିରେ ପୂର୍ତ୍ତ ବିଭାଗ ରାସ୍ତା ପିଚୁ କାର୍ଯ୍ୟ ସରିବ କେବେ ?

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ପୂର୍ତ୍ତ ବିଭାଗରେ ଘଟୁଥିବା ଦୁର୍ନୀତି ଓ ଅନୀୟମିତ କାର୍ଯ୍ୟ ବିଭାଗର ପିଛାଛାଡୁ ନାହିଁ । ଏଠାରେ ଏକକ ଚକ୍ରବର୍ତ୍ତୀ ପାଲଟି ରାଜନଗର ପୂର୍ତ୍ତ ବିଭାଗର ସବୁ ସେକ୍ସନର ଦାୟିତ୍ୱ ତୁଲାଇ ବିଜେଡି ସରକାର ସମୟରୁ କୋଟିପତି ହେବାରେ ସକ୍ଷମ ହୋଇଥିବା ଯନ୍ତ୍ରୀ ଏବଂ ୧୫ ବର୍ଷ ରହିଥିବା ସ୍ଥାନୀୟ କିରାଣୀଙ୍କ ଆୟ୍ୱହିର୍ଭୁତ



ସମ୍ପତିର ଚର୍ଚ୍ଚା ଚାଲୁଛି । ଏହାସତ୍ତ୍ୱେ ରାଜନଗରଠାରୁ ଗୁପ୍ତି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଠିକାଦାର ଓ ଯନ୍ତ୍ରୀଙ୍କ ବିନା ଅନୁପସ୍ଥିତିରେ ବହୁବାର ପିଚୁ ପଡିଥିଲେ ମଧ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ପୁନରମୂଷିକ ଭାବେ ପରିଣତ ହୋଇଯାଉଛି । ଆଜକୁ ପ୍ରାୟ ଦୀର୍ଘ ଦିନ ହେବ ଏହି ରାସ୍ତାରେ ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ରାସ୍ତାକୁ ନବୀକରଣ କରିବାକୁ ପୁରୁଣା ପିଚୁ ତାଡ଼ି ନୂତନ ପିଚୁ ପଡୁଛି । ନିମ୍ନମାନର ପିଚୁ ସାଙ୍ଗକୁ ନିମ୍ନମାନର ଅଠାରେ କାର୍ଯ୍ୟ ହେଉଛି । ରାସ୍ତାରୁ ପିଚୁ ଖୋଲା ହୋଇଥିବାରୁ ରାସ୍ତାର ଡଷ୍ଟଗୁଣ୍ଡ ଉଡି ପଥଚାରୀଙ୍କ ଆଖିନାକ ଆଦିରେ ଗୁଣ୍ଡ ପଶି ରୋଗାଗ୍ରସ୍ତ କରୁଥିବା ଅଭିଯୋଗ ହେଉଛି । ରାସ୍ତାରେ ପାଣି ଛିଞ୍ଚି ଡଷ୍ଟଗୁଣ୍ଡ ଉଡିବାକୁ ବନ୍ଦ କରାଯାଉନାହିଁ । ସର୍ବସାଧାରଣଙ୍କ ଜାଣିବା ପାଇଁ କେଉଁଠି ଫଳକ ନାହିଁ । କେତେ ଦୂରତାର କାର୍ଯ୍ୟ, ଠିକାଦାର ଓ ଯନ୍ତ୍ରୀ କିଏ, କେତେ ଟଙ୍କାର କାମ, କଣ କଣ ସାମଗ୍ରିର ପରିମାଣ, କେବେ ଆରମ୍ଭ ଓ ଶେଷ ଏସବୁର କିଛି ଲିଖିତ ଫଳକ ନାହିଁ । ସେଥିପାଇଁ ଜନସାଧାରଣଙ୍କୁ ଅନ୍ଧାରରେ ରଖୁଛି ରାଜନଗର ପୂର୍ତ୍ତ ବିଭାଗ । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ପକ୍ଷରୁ ତଦନ୍ତ କରାନଗଲେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଧିହାନରେ ରହିଛନ୍ତି ଜନସାଧାରଣ ।

## ନୂଆଗାଁ ପଞ୍ଚାୟତର ଦାବି ପୂରଣ ନହେଲେ ଜନଆନ୍ଦୋଳନ



ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସିଦ୍ଧ ଗୁମ୍ଫା ଆଶ୍ରମ ପରିସରରେ ମେଳି ହୋଇଛନ୍ତି ପଞ୍ଚାୟତ ବାସୀ । ସ୍ମୃତି ରଞ୍ଜନ ମନ୍ତ୍ରୀଙ୍କ ଆବାହକତ୍ୱରେ ଓ ସମାଜସେବୀ ଅସିତ୍ ସ୍ୱାଇଁଙ୍କ ସଭାପତିତ୍ୱରେ କମ୍ପାନୀର ବିଭିନ୍ନ କାର୍ଯ୍ୟକୁ ବିରୋଧ କରାଯାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନର ମନମାନି, ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଦାବିକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି କରିଥିଲେ ମଧ ୧୫ଦିନ ଅତିକ୍ରମ କଲେ ବି କିଛି ସୁଫଳ ମିଳିନଥିବାରୁ ସେମାନେ ପୁନର୍ବାର ବୈଠକରେ ମିଳିତ ହେଲେ ବୋଲି କହିଛନ୍ତି । ଏବେ ବି କମ୍ପାନୀ ଲୋକଙ୍କ ଦାବିକୁ ଉପେକ୍ଷା କରି ମନମାନି ଚଳାଇ ଥିବାରୁ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି । ପରେ ସିଦ୍ଧ ଗୁମ୍ଫାରେ ଏକ ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ଅଶିତ କୁମାର ସ୍ୱାଇଁ, ସ୍ମୃତିରଞ୍ଜନ ମନ୍ତ୍ରୀ, ବିଚିତ୍ରା ନନ୍ଦ ମନ୍ତ୍ରୀ, ବିଜୟ ନାୟକ, ତୀର୍ଥ ରାଜ ମନ୍ତ୍ରୀ, ପ୍ରେମାନନ୍ଦ ଦାସ, ବସନ୍ତ ରାଉତ, ନାରାୟଣ ବର୍ଦ୍ଧନ, ଧ୍ୱଜ ବରାଳ, ମଣ୍ଟୁ ସ୍ୱାଇଁ, ଅବନୀ ଭୂୟାଁ, ନାରାୟଣ ସ୍ୱାଇଁ ଓ ମାନଗୋବିନ୍ଦ ପ୍ରଧାନ ପ୍ରମୁଖ କମ୍ପାନୀ ଯେତିକି ଜଙ୍ଗଲ କାଟିବ ପ୍ରଥମେ ସେତିକି ଜଙ୍ଗଲ ସୃଷ୍ଟିକରୁ, ଚୁକ୍ତି ସ୍ୱାକ୍ଷରିତ ଅନୁଯାୟୀ ପ୍ରକଳ୍ପ ପରିସରରେ ୯୫୭ଏକର ପରିମିତ ଜମିରେ ସବୁଜ ଜଙ୍ଗଲ ସୃଷ୍ଟିକରୁ, ଭୂତଳ ଜଳ ବ୍ୟବହାର ବନ୍ଦକରୁ, ବନ୍ୟପ୍ରାଣୀଙ୍କ ସୁରକ୍ଷା, ସ୍ଥାନୀୟ ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ଓ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ୩୦ଦଫା ଦାବିକୁ ଉପସ୍ଥାପନ କରିଛନ୍ତି । ଏ ସମସ୍ତ ଦାବି ପୂରଣ ପରେ କମ୍ପାନୀ ହେଉ । ନଚେତ୍ ପଞ୍ଚାୟତ ବାସୀଙ୍କ ତରଫରୁ ଆଇନୀର ସହାୟତା ନେବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ପୁରାଣ ବର୍ଣ୍ଣିତ ପ୍ରାଚୀ ଓ କୁଶଭଦ୍ରା ଅବହେଳିତ


ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପବିତ୍ର କୁଶଭଦ୍ରା ନଦୀ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ । ଏହି ନଦୀ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନଥିବା ବେଳେ ପୁରାଣ କିମ୍ବଦନ୍ତୀ ସହିତ ଜଡ଼ିତ କୁଶଭଦ୍ରା ନଦୀ ଆଜି ପ୍ରଶାସନ ଆଢୁଆଳରେ । କ'ଣ ପାଇଁ ପ୍ରଶାସନ ଏହି ନଦୀ ପ୍ରତି ଦୃଷ୍ଟି ଦେଉ ନାହିଁ ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ନଦୀ ପୀଠରେ ବହୁ ଦେବାଦେବୀଙ୍କ ପ୍ରାଚୀନ ମନ୍ଦିର ରହିଥିବା ବେଳେ ତାହା ମଧ ପୁନଃଉଦ୍ଧାର ହୋଇପାରୁ ନାହିଁ । ସେହିପରି ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପ୍ରାଚୀ ନଦୀ ରହିଅଛି । ରାମକୃଷ୍ଣ ଚୈତନ୍ୟ, ପଂଚୁ ପାଣ୍ଡବ, ପଂଚସଖା ଆଦି ବହୁ ସାଧୁସନ୍ଥ ଋଷିମୁନୀଙ୍କ ଦ୍ୱାରା ପରିକ୍ରମାର ସ୍ମାରକୀ ଏବେ ବି ପ୍ରାଚୀ ତଟରେ ଦୃଶ୍ୟମାନ ହୁଏ । ନଦୀ ପୀଠରେ ବହୁ ପୁରାଣ ବର୍ଣିତ ଦେବାଦେବୀ ମନ୍ଦିର ରହିଥିବା ବେଳେ ତାହା ମଧ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ପ୍ରାଚୀ ନଦୀ ଓ କୁଶଭଦ୍ରା କୂଳରେ ବହୁ ସାଧୁସନ୍ଥ ତପସ୍ୟା କରି ସିଦ୍ଧିଲାଭ କରିଛନ୍ତି । ପୁରାଣ ବର୍ଣ୍ଣିତରେ ଏହି ଦୁଇ ନଦୀର ଅନେକ ଗାଥା ରହିଅଛି । ଯାହା ଏବେ ବିଲୁପ୍ତ ହେବାକୁ ବସିଥିବା ବେଳେ ଦୁଇଟି ନଦୀ ଏବେ ଶୁଖିଲା ପଡୁଛି । କେବେ ଉଦ୍ଧାର ହେବ ପ୍ରାଚୀ, କୁଶଭଦ୍ରା ତାହାକୁ ନେଇ ଆଧାତ୍ମିକ ବ୍ୟକ୍ତିମାନେ ଚିନ୍ତା ପ୍ରକଟ କରିଛନ୍ତି । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

## ପାରାଦୀପ ବନ୍ଦର ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ଆର ଆଣ୍ଡ ବି ବିଭାଗ ପକ୍ଷରୁ ୩୧ତମ ପୁଷ୍ପ ପ୍ରଦର୍ଶନୀ ପାରାଦୀପ ପୋର୍ଟ ଅଫିସର୍ସ କ୍ଲବ ପରିସରରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ସେ କହିଥିଲେ ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ପାରାଦୀପ ସହରକୁ ସବୁଜ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଏବଂ ପାରାଦୀପ ଅଠବାଙ୍କୀରୁ ୪ ନଂ ଗେଟ ପର୍ଯ୍ୟନ୍ତ ଦ୍ରୁତଗତିରେ ଆଗେଇ ଚାଲିଛି । ଓଏଡ଼ିସି ସହାୟତାରେ ପ୍ରତିବର୍ଷ ବନ୍ଦରାଞ୍ଚଳରେ ଏକଲକ୍ଷ ବୃକ୍ଷ ଚାରାରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରୀ ଦଶଗୁପ୍ତା ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ପ୍ରଦର୍ଶନୀରେ ବନ୍ଦର କର୍ମଚାରୀ, ବ୍ୟବସାୟୀ, ସ୍ଥାନୀୟ ମାଲି, ଫୁଲଚାଷୀଙ୍କ ସମେତ ୧୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଷ୍ଟଲରେ ୪୮ ପ୍ରକାରର ବିଭିନ୍ନ କିସମର ଫୁଲ, ବୃକ୍ଷ, ଆକର୍ଷଣୀୟ ବାଙ୍ଗରା ବୃକ୍ଷ, ପତ୍ର ସମୂହ ଲତା, ପରିବା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀ ଦେଖିବାକୁ ବନ୍ଦର ଅନ୍ତେବାସୀ ଓ ସ୍ଥାନୀୟ ଜନସାଧାରଣଙ୍କ ପ୍ରବଳଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଅଫିସର୍ସ କ୍ଲବ୍‌ରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏବଂ ଉପାଧ୍ୟକ୍ଷ ଶ୍ରୀ ଦାସଗୁପ୍ତା ପୁଷ୍ପ ପ୍ରଦର୍ଶନୀ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ବଣୁଆ ହାତୀ ଉପଦ୍ରବ, ଅଳ୍ପକେ ବର୍ତ୍ତିଲେ ୨ ପରିବାର



ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଥମିବାର ନା ଗନ୍ଧ ଧରୁନି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଡିହଡୋଳ ଫରେଷ୍ଟ ସେକ୍ସନ ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମରେ । ଗ୍ରାମର ଗୋବିନ୍ଦ ନାଏକଙ୍କ ପୁଅ ଗୁଣନିଧି ନାଏକ, ସ୍ତ୍ରୀ ଟୁନି ନାଏକ ଓ ୧୨ ବର୍ଷର ଝିଅ ଗାୟତ୍ରୀ ନାଏକ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଗୋଠ ଛଡ଼ା ଦନ୍ତା ଚାଳ ଛପର ଘର ଭାଙ୍ଗି ଦେଇଛି । ସପରିବାର ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘରର ମାଟି କାନ୍ଥ ଭାଙ୍ଗି ଦେବାରୁ ଆସବାବପତ୍ରଗୁଡ଼ିକ ବିଛାଡ଼ି ହୋଇ ପଡିବା ଏବଂ ଘରର ବାହାର ବାରଣ୍ଡାରେ ଥିବା ଧାନ ବସ୍ତା ଟେକି ନେଇ ଦନ୍ତା ଖାଇଦେଇଛି । ଗତ ଜାନୁଆରି ମାସ ୪ରେ ଏହି ଚାଳଛପର ଘର ଭାଙ୍ଗି ଧାନଚାଉଳ ଓ ଅନ୍ୟ ଆସବାବପତ୍ର ନଷ୍ଟ କରିଦେଇଥିବା ବେଳେ ଆଜିପର୍ଯ୍ୟନ୍ତ ଏହି ପରିବାରକୁ ସରକାରୀ ସହାୟତା ନମିଳିବାରୁ ପରିବାର କ୍ଷୋଭପ୍ରକାଶ କରିଛନ୍ତି । ପରେ ହାତୀ ସେଠାରୁ ପଳାଇ ଆସି ଘରପାଖ ନିକଟସ୍ଥ ଶଙ୍କୁଡ଼ିଆ ନାଏକ ଘରକୁ ଯାଇଥିଲା । ଶଙ୍କୁଡିଆ ଓ ସ୍ତ୍ରୀ ରମ୍ଭା ନାଏକ ୨ ଜଣ ହେଉଛନ୍ତି ଅସହାୟ ବୃଦ୍ଧଦମ୍ପତି । ବୃଦ୍ଧ ଶଙ୍କୁଡିଆ ଅକର୍ମଣ୍ୟ ସାଙ୍ଗକୁ ଦୃଷ୍ଟିହୀନ । ଏମାନେ ରହୁଥିବା ଘରର ଆଜବେଷ୍ଟ ଭାଙ୍ଗି ଦେଇଛି, ଯାହାକି ଏମାନେ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପରେ ଗ୍ରାମର କଲ୍ୟାଣ ସାହୁଙ୍କ ୨ ପୁଅ ନିରଞ୍ଜନ ସାହୁ ଓ ଧିର ସାହୁଙ୍କ ବାଡ଼ିରେ ତାର ବାଡ ଭାଙ୍ଗି ବଗିଚାରେ ପଶି ଆଳୁ, ବାଇଗଣ, କୋବି ଫସଲ ଖାଇବା ସହ ପ୍ରମୋଦ ନାୟକଙ୍କ ବାଡ଼ିରେ ପଶି କଦଳୀ ଗଛ ଭାଙ୍ଗି ଛାରଖାର କରିଦେଇଛି ।କ୍ଷୟକ୍ଷତି ଘଟାଇଥିବା ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଏବଂ ଜିଲ୍ଲା ପ୍ରଶାସନ, ସମାଜ କଲ୍ୟାଣ ବିଭାଗ, ପୁରୀର ମିଳିତ ସହଯୋଗରେ ମଙ୍ଗଳବାର ନିମାପଡ଼ା ବାଳକ ଉଚ୍ଚବିଦ୍ୟାଳୟରେ ନିଶାଭୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଛି । ପ୍ରତିଯୋଗିତାରେ ନିମାପଡ଼ା ଉଚ୍ଚ ବାଳକ ବିଦ୍ୟାଳୟ, ଜେ.ବି.ଆର. ବାଳିକା ଉଚ୍ଚବିଦ୍ୟାଳୟ, ଦକ୍ଷିଣେଶ୍ୱରୀ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ନିଶାର କୁପରିଣାମ ଉପରେ ପ୍ରତିଯୋଗିତା ହୋଇଥିବା ବେଳେ ନିଶା କିପରି ଛାତ୍ରଛାତ୍ରୀଙ୍କୁ କବଳିତ କରୁଛି ଏବଂ ନିଶାଠୁ ଦୂରେଇ ରହି ଛାତ୍ର ଜୀବନର ଲକ୍ଷ୍ୟ ପାଇବାକୁ ନିମନ୍ତେ ସଚେତନତା କରାଯାଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ମୁଖ୍ୟ ଅତିଥି ନିମାପଡ଼ା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ବିଚାରକ ଅକ୍ଷୟ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ତୁନୀଲତା ବେହେରା ପ୍ରତିଯୋଗିତାକୁ ମୂଲ୍ୟାଙ୍କନ କରିଥିଲେ । ନିଶାର କୁପ୍ରଭାବ ଓ ନିଶାମୁକ୍ତ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ପିପିଡ଼ବ୍ଲ୍ୟୁଓର ଗୀତିନନ୍ଦ ପଟ୍ଟନାୟକ, ପ୍ରଭାତ ବେହେରା, ସ୍ମିତାହାସ ନାୟକ, ଭବାନୀ ଶଙ୍କର ମହାରଣା, ଆଇ.ସାଇ କ୍ରିଷ୍ଣା ଆଦି ପରିଚାଳନା କରିଥିଲେ । ଶେଷରେ ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦ ପିଇବାକୁ ଟଙ୍କା ନଦେବାରୁ ଜେଜେ ମାଆକୁ ହତ୍ୟାକଲା ନାତି

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ବାଲିସାହିରେ ବିଭତ୍ସ ହତ୍ୟାକାଣ୍ଡ । ମଦ ପିଇବାକୁ ଟଙ୍କା ନଦେବାରୁ ଜେଜେ ମାଆକୁ ହତ୍ୟା କଲା ମଦ୍ୟପ ନାତି । ମୃତକ ବାଲିସାହିର ଶ୍ରୀମତୀ ଦଣ୍ଡପାଟ । ଶ୍ରୀମତୀ ଘରେ ଥିବା ବେଳେ ନାତି ଲିକୁ ସିଂହ ମଦ୍ୟପାନ କରି ପ୍ରଥମେ ଟଙ୍କା ମାଗିଥିଲା । ଏଥିରେ ଜେଜେ ମାଆ ବାରଣ କରିବାରୁ ତାଙ୍କୁ ମାଡ଼ ମାରିବା ସହ ତଣ୍ଟି ଉପରେ ଠିଆ ହୋଇଯାଇଥିଲା । ଯାହାକୁ ନେଇ ଲିକୁର ମାଆ ଚମ୍ପା ସିଂହ ମଧ ବାରଣ କରିବାରୁ ତାଙ୍କୁ ମଧ ଛାଡି ନଥିଲା । ଘଟଣା ସ୍ଥଳରେ ହିଁ ଶ୍ରୀମତୀ ଦଣ୍ଡପାଟଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ କଙ୍କଡ଼ାହାଡ଼ ପୋଲିସ ଅଭିଯୁକ୍ତ ମଦ୍ୟପ ଲିକୁ ସିଂହକୁ ପୋଲିସ ଥାନାରେ ଅଟକ ରଖିଛି । ଏଥିସହ ଘଟଣା ସ୍ଥଳରେ କାମାକ୍ଷାନଗର ଏସଡିପିଓ ଜ୍ଞାନରଞ୍ଜନ ମିଶ୍ର, ଜିଲ୍ଲା ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି ।

## ବାଇକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର


ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତ କଟକ ପାରାଦ୍ୱୀପ ରାସ୍ତାର ନୂଆପଡା ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ୨ମୃତ ଏବଂ ୧ ଗୁରୁତର । ଘଟଣାରୁ ପ୍ରକାଶ ମଙ୍ଗଳବାର ଏହି ବ୍ଲକ ଅଧିନ ଗୁକୁଳପୁର ଗ୍ରାମର ବିଭୂତି ଜେନାଙ୍କ ପୁଅ ରୁଦ୍ରନାରାୟଣ ଜେନା(ଲିପୁନ)ବୟସ ୨୦, ରାମ ଜେନାଙ୍କ ପୁଅ ତୋଫାନ ଜେନା (ହାପି)ବୟସ ୧୭ ଏବଂ ଦିଲିପ ଜେନାଙ୍କ ପୁଅ ରାଜାଜେନା(୨୮) ଏକ ପଲସର ବାଇକରେ ପାରାଦ୍ୱୀପ ପଟୁ ୩ଜଣ ନିଜ ଗ୍ରାମକୁ ଫେରୁଥିବା ସମୟରେ ମଧ୍ୟାହ୍ନରେ ନୂଆପଡା ବୁଲାଇ ପାଖରେ ଭାରସାମ୍ୟ ହରାଇ ରାସ୍ତା କଡରେ ଲାଗିଥିବା ରୋଡ ସେଫ୍ଟି ରୋଲିଂରେ ପିଟି ହୋଇଯାଇଥିଲେ । ଫଳରେ ଘଟଣା ସ୍ଥଳରେ ଲିପୁନ ଓ ହାପିର ମୃତ୍ୟୁ ହୋଇଥିବା ବେଳେ ରାଜାଜେନା ଗୁରତର ଅବସ୍ଥାରେ ପ୍ରଥମେ ମଣିଜଙ୍ଗ ମେଡିକାଲରେ ଚିକିତ୍ସିତ ହୋଇ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜଗସିଂହପୁର ସଦର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## କିଡ୍ସ ହୋମ୍ ପ୍ରୀ ସ୍କୁଲ୍‌ର ୨୩ତମ ବାର୍ଷିକ ଉତ୍ସବ



ପୁରୀ(ଭାସ୍କର ନ୍ୟୁଜ): ଶିଶୁ ଶିକ୍ଷାନୁଷ୍ଠାନ କିଡ୍ସ ହୋମ ପ୍ରୀ ସ୍କୁଲ୍‌ର ତେଇଶି ତମ ବାର୍ଷିକ ଉତ୍ସବ-୨୦୨୫ ଅନ୍ନପୂର୍ଣା ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧକ୍ଷ ସିଦ୍ଧାର୍ଥ ରାୟ ଏବଂ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ବରିଷ୍ଠ ଗବେଷିକା ଡକ୍ଟର ମନସା ଶ୍ରୀଚନ୍ଦନ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉଦ୍‌ବୋଧନ ମାଧ୍ୟମରେ ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି ଓ ଏହି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ତାଙ୍କର ଆଗାମୀ ଭବିଷ୍ୟତ ଗଢ଼ି ତୋଳିବେ, ଅଭିଭାବକମାନେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଏବଂ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସୁପରାମର୍ଶ ଦେଇଥିଲେ । ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ । ଅଧକ୍ଷା ରୂପାଲି ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ । ଉପଦେଷ୍ଟା ସୌରଭ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ଓଡ଼ିଆ ଓ ହିନ୍ଦୀ ଭଜନ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଏବଂ ପରିଶେଷରେ ଆଧ୍ୟାତ୍ମିକ ସଙ୍ଗୀତ ରୂପକ ଶ୍ରୀଗଣେଶ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳନାରେ ମୋନିକା ବାନାର୍ଜୀ, ସସ୍ମିତା ସାହୁ, ଝରଣା ଦାସ, ମୋନାଲିସା ଦାସ, କାବେରୀ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## କୋରେଇରେ ବାଲିମାଫିଆଙ୍କ ଉତ୍ପାତ୍ ଚରମ ସୀମାରେ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ବ୍ୟାସନଗର ଚହସିଲ ଅନ୍ତର୍ଗତ ବୈତରଣୀ ନଦୀ ମୁକୁନ୍ଦପୁର ଘାଟରେ ଚୋରା ବାଲି ମାଫିଆମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ପ୍ରତିଦିନ ବୈତରଣୀ ନଦୀର କୋରାଇ ଥାନାର ମକୁନ୍ଦପୁର ବାଲିଘାଟରୁ ହଜାର ହଜାର ଟ୍ରିପ ବାଲି ଚୋରାରେ ହାଇୱା ଯୋଗେ ଚାଲାଣ ହେଉଥିଲେ ମଧ ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଛି । ଫଳରେ ମାଫିଆମାନେ ଚୋରାବାଲି ବିକ୍ରି କରି ମାଲେମାଲ ହେଉଥିବା ବେଳେ ପ୍ରଶାସନ ଓ ସରକାର ପ୍ରତିଦିନ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ଏପରିକି ପୋଲିସ ଓ ପ୍ରଶାସନର କିଛି ମାଫିଆଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେମାନଙ୍କୁ ସୁରକ୍ଷା ଦେଉଥିବା ବା ଅଭି ଅଭିଯୋଗ ମଧ ହେଇ ଆସୁଛି । ଏ ନେଇ ବିଭିନ୍ନ ଗଣମାଧମରେ ବାରମ୍ବାର ଖବର ପ୍ରକାଶ ହେଲେ ମଧ ଜିଲ୍ଲା ପ୍ରଶାସନର ଦୁର୍ବଳତାକୁ ଢାଲ କରି ବାଲି ଚୋରାଚାଲାଣ ଚାଲୁ ରହିଛି । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି । କିନ୍ତୁ ବଦଳି ନାହାନ୍ତି କିଛି ଦୁର୍ନୀତିଖୋର ଓ ଲାଞ୍ଚୁଆ ଅଧିକାରୀ । ଦିନରାତି ୨୪ ଘଣ୍ଟା ହାଇୱା ମାଧମରେ ଚୋରା ବାଲି ଚାଲାଣ ହେବା ଫଳରେ ବରୁଣ୍ଡାଇଠାରୁ ସଠିପୁର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଲାଣି । ରାସ୍ତା ଉପରେ ଗ୍ରାମବାସୀଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଆସୁଥିବା ପିଲାମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏତତବ୍ୟତିତ୍ ରୋଗୀ ଆଣି ଆସୁଥବା ଆମ୍ବୁଲାନ୍ସଟିଏ ମଧ ମୁଖ୍ୟ ରାସ୍ତାକୁ ଆସିପାରୁନି । ହାଇୱାଗୁଡିକ ଧାଡ଼ବାନ୍ଧି ଛିଡ଼ା ହେଉଥିବାରୁ ଆମ୍ବୁଲାନ୍ସ ମୁଖ୍ୟ ରାସ୍ତାର ଆସିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ତେବେ ସ୍ଥାନୀୟ ଲୋକ ବାରମ୍ବାର ଏନେଇ ପାଣିକୋଇଲି ପୁଲିସକୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ । ଶୁଣିବାକୁ ମିଳୁଛି କୁଆଡେ ପାଣିକୋଇଲି ପୋଲିସ୍ ମୋଟା ଅଙ୍କରେ ହାତଗୁଞ୍ଜି ନେଇ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଛି । କିଛିଦିନ ତଳେ ସଠିପୁର ଛକରେ ବାଲି ବୋଝେଇ ହାଇୱା ଧକ୍କାରେ ଦୁଇ ନିରୀହ ଲୋକଙ୍କ ଜୀବନ ଚାଲିଥିବା ବେଳେ ପୋଲିସ୍ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ତୁରନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ଲାଗି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।



ଟାଙ୍ଗୀ, (ଭାସ୍କର ନ୍ୟୁଜ୍ ) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ କୁହୁଡି ଗ୍ରାମ ସ୍ଥିତ ମା’ ବୁଢ଼ୀବଘେଇ ମନ୍ଦିର ପ୍ରାଙ୍ଗଣରେ ୧୯୭୯ ମସିହା ମାଟ୍ରିକରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନୋଜ କୁମାର ମାନସିଂହ ଓ ଦୁଷ୍ମନ୍ତ ଭୁଜବଳଙ୍କ ତତ୍ତ୍ୱାବଧାନରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଜ ନିଜ ଭିତରେ ଭାଇଚାରା ଓ ସମାଜ ପାଇଁ କିଛି କାମ କରିବାର ସଂକଳ୍ପ କରିଥିଲେ । ସମସ୍ତେ ପୁରୁଣା ସ୍ମୃତିକୁ ମନେପକାଇବା ସହ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବା ସହିତ ବିଦ୍ୟାଳୟର ଅଗ୍ରଗତିରେ ସହଭାଗିତା ହେବା ପାଇଁ ସହମତି ହୋଇଥିଲେ । ତ୍ରିନାଥ ପାତ୍ର, ଆନନ୍ଦ ରାଓ, ପ୍ରଶାନ୍ତ ଭୁଜବଳ, ସୁବାସ ଚନ୍ଦ୍ର ପାଇକରାୟ, ଆନନ୍ଦ ପଳାଇ, ପ୍ରଭାକର ନାୟକ, ପଦ୍ମ ବିଶ୍ୱାଳ, ଶରତ ମାନସିଂହ, ସୁବାସ ଦଳାଇ, କାଶୀନାଥ ମହାରଣା, ହରିଶ୍ଚନ୍ଦ୍ର ଭୁଜବଳ, ଜିତେନ୍ଦ୍ର ବାଘସିଂହ, ବିଶ୍ୱଜିତ୍ ପଣ୍ଡା, ବୀଣାପାଣି ଅଧିକାରୀ, ସୂର୍ଯ୍ୟକାନ୍ତୀ ଆଚାର୍ଯ୍ୟ, ସୁକାନ୍ତି ମାଝୀ, ପ୍ରଫୁଲ୍ଲ ଶ୍ରୀଚନ୍ଦନ ଓ ବନଲକ୍ଷ୍ମୀ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କୋରାପୁଟ, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକର ଜନସାଧାରଣ ବିଭିନ୍ନ ଦାବି ନେଇ ଶିବିରରେ ଆସି ପଂହଚିଁଥିଲେ । ବିଶେଷ କରି ପେନସନ, ଭତ୍ତା ପ୍ରଦାନ, ଭାରତମାଳା ରାସ୍ତା, ସ୍ୱାସ୍ଥ୍ୟଗତ ସମସ୍ୟା, ଅବସର ପରେ ପେନସନ, ୪୦ବର୍ଷ ତଳର ହାଟ ଜମିର କ୍ଷତିପୂରଣ, ଗାଁକୁ ପାଣି ମିଳୁନଥିବା, ଗାଁ ରାସ୍ତା କାଟିଦେବା ସହ କୋରାପୁଟ ପୌରପାଳିକାର ଉଚ୍ଛେଦ ସମେତ ବିଭିନ୍ନ ଯୋଜନାରେ ଅନିୟମିତତା ଅଭିଯୋଗର ଶୁଣାଣି ହୋଇଥିଲା । ସର୍ବମୋଟ ୩୧ଟି ଅଭିଯୋଗର ପଞ୍ଜୀକରଣ ହୋଇଥିଲା । ସେଥିମଧ୍ୟରେ ୨୬ଟି ସାମୂହିକ ସମସ୍ୟା, ୪ଟି ବ୍ୟକ୍ତିଗତ ଓ ଗୋଟିଏ ରେଡକ୍ରସରୁ ସହାୟତା ପ୍ରଦାନ କରାଯାଇଥିଲା । ୧୫ଟି ମାମଲାର ଶୁଣାଣି ତୁରନ୍ତ କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ଭି.କିର୍ତି ଭାସନ । ଏହି ଶିବିରରେ ଏସପି ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଡିଏଫଓ କେଭି ଭାସ୍କର ରାଓ, ସିଡିଏମଓ ଡ. ବରଦାକାନ୍ତ ମିଶ୍ର, ବିଡିଓ ଦେବାଶିଷ ଗୌଡ, ତହସିଲଦାର ସୟଦ ସବିର ସା, ଜିଲ୍ଲା ଯୋଜନା କମିଟି ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଯୁଗୋଳ କିଶୋର ଟାକ୍ରି, ଟାଟା ପାଓ୍ୱାର ନିର୍ବାହୀ ଯନ୍ତ୍ରୀ ଇଂ ଭଗବାନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ପି କେ ମହାନ୍ତି, ବିଇଓ ଶ୍ରୀକାନ୍ତ ଜାନି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ନନ୍ଦପୁର ବ୍ଲକ ପାଲିବା ହାଟରେ ମାଲିକାନସତ୍ତ୍ୱେ ଗତ ୪୦ବର୍ଷ ହେବ ପୂର୍ଣ୍ଣଚନ୍ଦ୍ର ପାଙ୍ଗିଙ୍କ ନାଁରେ ରହିଥିଲେ ହେଁ ତାଙ୍କୁ କ୍ଷତିପୂରଣ ଦିଆଯାଇନଥିବା ଅଭିଯୋଗ କରିଥିଲେ । ଝଡିଗୁଡାର ରେଲିସାହି-ହରିଜନ ସାହି ରାସ୍ତାକୁ କାଟି ଦେଇଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ । ସେମିଳିଗୁଡା ତଳସାହି ସ୍କୁଲରେ ତୁରନ୍ତ ପାଚେରି ନିର୍ମାଣ କରାଯାଉ ବୋଲି ଶିକ୍ଷୟତ୍ରୀମାନେ ଅନୁରୋଧ କରିଥିଲେ । ନନ୍ଦପୁର ବ୍ଲକର ପରଟା ଗାଁର ଦୁଇଶହରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବା ବେଳେ ପାନୀୟ ଜଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ ।

# ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ




କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ) : ବଲାଙ୍ଗିର କଣ୍ଟାବାଞ୍ଜି ସହରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ହରି ଭବନରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ପାଳନ କମିଟିର ସଭାପତି ରାଜୁ ଶର୍ମାଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବରିଷ୍ଠ ସାମାଜିକ କର୍ମି ଶିବାଜି ମହାନ୍ତି, କୈଳାସ ତେଲିଆ, ତିରଥ ସିଂ ଠାକୁର, ସଂଜୟ ଗାନ୍ଧୀ ସହ ଅନ୍ୟମାନେ ମଂଚାଶିନ ଥିଲେ । ସହରରେ ପ୍ରତ୍ୟେକ ବର୍ଷ ଧୁମଧାମରେ ଶ୍ରୀରାମ ନବମୀ ପାଳନ କରାଯାଉଥିବାରୁ ଚଳିତବର୍ଷ ମଧ୍ୟ ଧୁମଧାମରେ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନେଇ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଏହି ସଭାରେ ବିଭିନ୍ନ କର୍ମକର୍ତ୍ତା ଚୟନରେ ସଂପାଦକ ବେଦବ୍ୟାସ ନାଗ, କୋଷାଧକ୍ଷ ତିରଥ ସିଂ ଠାକୁରଙ୍କୁ ମନୋନିତ କରାଯାଇଥିଲା । ଏପରିକି ୪ଟି ସହ ସମ୍ପାଦକ, ୨ଟି ସହ କୋଷାଧକ୍ଷ, ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା ଓ ଅନ୍ୟ ୪ଜଣଙ୍କୁ ଚୟନ କରାଯାଇଥିଲା । ସଭାରେ ମହୋତ୍ସବ ପାଳନ କମିଟିର ନବରତ୍ନ ତାଲିକାରେ ବିଧାୟକ ଶ୍ରୀ ବାଗ, ବରିୟାମ ସିଂ ସାଲୁଜା, ଚିନ୍ମୟ କୁମାର ଯୋଷୀ, ଅଶୋକ ଛାପାଡିଆ, ଲଳିତ ଅଗ୍ରୱାଲ, ଅନିଲ ଅଗ୍ରୱାଲ ରୁବିଙ୍କୁ ମନୋନିତ କରାଯାଇଥିଲା ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧିଛକ ନିକଟସ୍ଥ ୯ ନମ୍ବର ଅଂଚଳରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ବେହେରା ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଙ୍ଗରେ ଥିବା ଶଙ୍କର ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି । ଉଭୟ ୯ ନମ୍ବର ମୁଣ୍ଡା ପଡ଼ା ଅଂଚଳର ବୋଲି ସୂଚନା ମିଳିଛି । ବେହେରା ମୁଣ୍ଡା ଓ ଶଙ୍କର ମୁଣ୍ଡା ଏକ ବାଇକରେ (ଓଡ଼ି ୨୩ ଏସ ୦୪୮୩)ରେ ଥିବା ବେଳେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ସ୍ଥାନୀୟ ଲୋକେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଉଭୟ ବେହେରା ମୁଣ୍ଡା ଓ ଶଙ୍କର ମୁଣ୍ଡାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ବେହେରା ମୁଣ୍ଡାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମଙ୍ଗଳବାର ବେହେରା ମୁଣ୍ଡାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଅନ୍ୟପଟେ ଘଟଣାର ଅନୁସନ୍ଧାନ ଜାରି ଥିବା ଓରିଏଣ୍ଟ ଥାନା ଅଧିକାରୀ ରୋଜାଲୀନ ପଟେଲ ସୂଚନା ଦେଇଛନ୍ତି ।

# ମନ୍ଦିରର ବାର୍ଷିକ ଉତ୍ସବ ପାଳି ମନୁଆଁକୁ ମନେ ପକାଇଲେ ଗ୍ରାମବାସୀ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସ୍ୱର୍ଗବ୍ରହ୍ମପୁର ଗ୍ରାମ ପଞ୍ଚାୟତବାସୀଙ୍କ ଆନନ୍ଦ କହିଲେ ନସରେ । ମନୁଆଁ ନାମକ ଏକ ହନୁମାଙ୍କଡ଼ ଆଜକୁ ଚଉଦ ବର୍ଷ ପୂର୍ବେ ସ୍ୱର୍ଗବ୍ରହ୍ମପୁର ପଞ୍ଚାୟତରେ ଘରେ ଘରେ ସୁପରିଚିତ ଥିଲା । ମନୁଆଁ ହନୁମାଙ୍କଡ଼ ପଶୁ ହେଲେ ମଧ୍ୟ ସ୍ୱର୍ଗବ୍ରହ୍ମପୁର ପଞ୍ଚାୟତବାସୀଙ୍କ ମନରେ ତା’ ପ୍ରତି ଥିଲା ଅତ୍ୟନ୍ତ ସେହ୍ନ, ଶ୍ରଦ୍ଧା, ଭଲପାଇବା । ଯେ କେହି ବ୍ୟକ୍ତି ମନୁଆଁ ବୋଲି ଡାକ ମାରିବା କ୍ଷଣି ମନୁଆଁ ମାଙ୍କଡ଼ ଯେଉଁଠି ଥାଉ ନାଁ କାହିଁକି ସଂଗେ ସଂଗେ ତା ପାଖରେ ଆସି ହଜାର ହେଉଥିଲା । ଏପରିକି ପଞ୍ଚାୟତ ବାସୀଙ୍କ ଭୋଜି ଭାତରେ ଆଗ ମନୁଆଁ ମାଙ୍କଡ଼ଙ୍କୁ ଖୋଜା ପଡୁଥିଲା । ହେଲେ ମନୁଆଁର ମୃତ୍ୟୁ ପରେ ସ୍ୱର୍ଗ ବ୍ରହ୍ମପୁର ପଞ୍ଚାୟତ ବାସୀ ଦୁଃଖରେ ଭାଙ୍ଗି ପଡିବା ସହିତ ମନୁଆଁକୁ ସମାଧି ଦେଇଥିଲେ । ମନୁଆଁର ସ୍ମୃତିକୁ ଉଦଜୀବିତ କରି ରଖିବା ନିମନ୍ତେ ପଞ୍ଚାୟତବାସୀଙ୍କ ସାହାଯ୍ୟ ସହଯୋଗରେ ମନୁଆଁ ମାଙ୍କଡ଼ ସମାଧି ସ୍ଥଳରେ ଏକ ହନୁମାନ ମନ୍ଦିର ନିର୍ମାଣ କରି ପ୍ରତିବର୍ଷ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରନ୍ତି । ଏହି ଉପଲକ୍ଷେ ତିନିଦିନ ଧରି ପ୍ରବଚନ, ଭଜନ ସଂକୀର୍ତନ, କଳସ ଶୋଭାଯାତ୍ରାର ଆୟୋଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ନିହାର ଶତପଥୀ, ଦେବାଶିଷ ସାହୁ, ବିଶ୍ୱ ଭୂଷଣ ମହାନ୍ତି, ସୁରେଶ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ ।

# ଆଇନ୍ ସଚେତନତା ଶିବିର



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର ଅଧ୍ୟକ୍ଷ ଏସ.ଏ.କେ ଜାହିରା ଅହମଦଙ୍କ ଅଧ୍ୟକ୍ଷତାରେ ତା-୧୭.୦୨.୨୦୨୫ ରିଖ ସୋମବାର ଦିନ ଘ ୧୦.୦୦ମି ରେ ସ୍ଥାନୀୟ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ତରଫରୁ ପ୍ରବାସୀ ଶ୍ରମିକ ମାନଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ, ରାୟଗଡା ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁବାସ ଚନ୍ଦ୍ର ମଣ୍ଡଳ, ରାୟଗଡା ଜିଲ୍ଲାର ଶ୍ରମ ଅଧିକାରୀ ରବିନ୍ଦ୍ରନାଥ ତ୍ରିପାଠି, ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ, ରାୟଗଡା ବାର ଆସୋସିଏସନର ଓକିଲ୍ ଦେବରାଜ ନାଏକ, ଫ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠି, ଜିଲ୍ଲାର ସମସ୍ତ ଶ୍ରମିକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ନିଜର ବକ୍ତବ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର ଅଧ୍ୟକ୍ଷ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଶ୍ରମ ଅଧିକାରୀ ନିଜର ବକ୍ତବ୍ୟରେ ଶ୍ରମିକ ମାନଙ୍କ ପାଇ ଉପଲବ୍ଧ ଥିବା ସରକାରଙ୍କର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜର ବକ୍ତବ୍ୟରେ ଅନ୍ୟ ସ୍ଥାନକୁ କାର୍ଯ୍ୟ କରିବା ପାଇ ଗଲେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ପଞ୍ଜିକରଣ କରିବା ପାଇ ସମସ୍ତ ଶ୍ରମିକ ମାନଙ୍କୁ ଅନୁରୋଧ କରିଥିଲେ ଓ ପରିଶେଷରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଶ୍ରମିକ ମାନଙ୍କର ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବାପାଇଁ ସମସ୍ତ ଶ୍ରମିକ ମାନଙ୍କୁ ବୁଝାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶ୍ରମିକ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

## ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବୈଠକ

# ପାଞ୍ଚ ଦଫା ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କେନ୍ଦ୍ରାପଡା ଜିଲ୍ଲା ଶାଖାର ଏକ ଜରୁରୀ ବୈଠକ ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆସନ୍ତା ମାର୍ଚ୍ଚ ୧୦ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ସହ ଆନ୍ଦୋଳନ ତୀବ୍ର ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି । ରାଜ୍ୟ ଓଷ୍ଟା ସମ୍ପାଦକ ଶିକ୍ଷକନେତା ପ୍ରଣବ କୁମାର ଜେନା ବିଭିନ୍ନ ବର୍ଗର ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ୫ଦଫା ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଆଲୋଚନା ଚକ୍ରରେ ୬୬୨ ବର୍ଗ ମହାବିଦ୍ୟାଳୟ କର୍ମଚାରୀ ସଂଘ ସଭାପତି ସୁରେନ୍ଦ୍ର କୁମାର ପଢିହାରୀ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ, ମଦ୍ରାସା ସଂଘ ଉପସଭାପତି ମହମ୍ମଦ ଜାହାଙ୍ଗିର, ଅଣଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ନେତା ପଙ୍କଜ କୁମାର ବେହୁରା, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ନେତା ଚି□ରଞ୍ଜନ କବି, ଜିଲ୍ଲା ଯୁଗ୍ମ ସମ୍ପାଦକ ଚିଟିକାନ୍ତ ନାୟକ, କାର୍ଯ୍ୟକାରୀ ସଭାପତି ବାବାଜୀ ଚରଣ ଦାସ, ଲାଇବ୍ରେରିଆନ୍ ସଞ୍ଜୟ କୁମାର ହୋତା, ବ୍ଲକ ସମ୍ପାଦକ ଗଗନ ବିହାରୀ ସୂତାର, ଦେବରାଜ ନାୟକ, ରଘୁନାଥ ଦାସ, ଅରବିନ୍ଦ ନାୟକ, ଅକ୍ଷୟ କୁମାର ମହାନ୍ତି, ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଆଦିକନ୍ଦ ସାହୁ, ଶିବ ପ୍ରସାଦ ବଳ, ସନ୍ତୋଷ କୁମାର ବରାଳ, ସଦସ୍ୟା ମଧୁଛନ୍ଦା ଶର୍ମା, ଅନ୍ନପୂର୍ଣ୍ଣା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ଶିକ୍ଷକ ନେତା ବିପିନ ଚରଣ ବେହୁରା, କାଶିନାଥ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆନ୍ଦୋଳନକୁ ଶାଣିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଯୁଗ୍ମ ସମ୍ପାଦକ ସରୋଜିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ସମସ୍ତ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ ସହ ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ପରିବର୍ତ୍ତେ ପୁରୁଣା ପେନସନ୍ ପ୍ରଦାନ, ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ, ଶିକ୍ଷିକାମାନଙ୍କୁ ପୂର୍ବ ୬ ବର୍ଷକୁ ମୂଳ ଚାକିରୀ ସହ ମିଶାଇ ୬ଟି ନୋସନାଲ ଇନ୍କ୍ରିମେ□ ପ୍ରଦାନ ପ୍ରଭୃତି ରହିଛି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିରିଡି ବ୍ଲକ ଅଧିନସ୍ଥ ମତିର ଗ୍ରାମର ପ୍ରମୋଦ କୁମାର ଜେନା ଅନଶନରେ ବସିଛନ୍ତି । ପ୍ରମୋଦ କୁମାର ଜେନା ଅଭିଯୋଗ କରନ୍ତି ଯେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ବିଭିନ୍ନ ପ୍ରସଙ୍ଗ ନେଇ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନିକ ତ୍ରୁଟିକୁ ଚପାଇ ଦେବା ପାଇଁ ପ୍ରମୋଦଙ୍କ ନାମରେ ମିଥ୍ୟା ଅଭିଯୋଗ କରାଇ ତାଙ୍କୁ ବହୁବାର ଜେଲ ପଠାଯାଇଛି । ନିରୁପାୟ ପ୍ରମୋଦ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରକୁ ବନ୍ଦ କରି ଧାରଣା ଦେଇଥିଲା ବେଳେ ତାଙ୍କୁ ମଧ୍ୟ ବିରୋଧ କରାଯାଇଥିଲା । ତେଣୁ ୩ ଦଫା ଦାବି ନେଇ ପ୍ରମୋଦ କୁମାର ଜେନା ଅନଶନରେ ବସିଛନ୍ତି । ଦାବି ଗୁଡିକ ହେଲା ୧. ପ୍ରଶାସନର ପକ୍ଷପାତିତା ଯୋଗୁଁ ତାଙ୍କ ଦୋକାନ ଘର ଉଚ୍ଛେଦର ତଦନ୍ତ । ୨. ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜରଙ୍କ ହୋଇଥିବା କେସର ନିରପେକ୍ଷ ତଦନ୍ତ । ୩. ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶୁଣାଣୀରେ ହୋଇଥିବା ଅତ୍ୟାଚାରର ତଦନ୍ତ ହେଉ ।

# ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟର ଶିବିର



ବରଗଡ଼, (ଭାସ୍କର ନ୍ୟୁଜ): ଗୋଟିଏ ଅନୁଷ୍ଠାନର ପୁରାତନ ଛାତ୍ର ଓ ସେହି ବିଦ୍ୟାଳୟ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ ହେଉଛନ୍ତି ସଂପୃକ୍ତ ବିଦ୍ୟାଳୟର ସମ୍ପତ୍ତି ବୋଲି ବରଗଡ଼ ବ୍ଲକ ସିମେଣ୍ଟ ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରବିବାର ଆୟୋଜିତ ଆମ୍ ମନ୍ଥନ ଶିବିରରେ ମତ ପ୍ରକାଶ ପାଇଛି । ପୂର୍ବତନ ପ୍ରଧାନ ଶିକ୍ଷକ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ସ୍କୁଲର ୨୦୦୯ ମସିହାରେ ପଢୁଥିବା ଛାତ୍ର ମାନେ ସମବେତ ହୋଇ ଥିବା ବେଳେ ପୂର୍ବତନ ଛାତ୍ର ଜଗବନ୍ଧୁ ଭୋସାଗର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁ, କପିଳ ବାଗ, ତରଣି ସେନ ବୁଦ୍ଧିଆ, ପ୍ରାଣ ଧନ ଦେବତା, ବୃନ୍ଦାବନ ସତପଥି ପ୍ରମୁଖ ଶିକ୍ଷକ ବୃନ୍ଦ ଉପସ୍ଥିତ ରହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପରିକଳ୍ପେ ପୁରାତନ ଛାତ୍ର ମାନେ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ର ମାନେ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍କୁଲର ପଢା ବେଳର ସ୍ମୃତି ଚାରଣ କରିଥିଲେ । ଏଥି ସହିତ ଉପସ୍ଥିତ ପୁରାତନ ଶିକ୍ଷକ ଓ ଛାତ୍ର ସ୍କୁଲ ସହିତ ସାମିଲ ହୋଇ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ ।

# ରାସ୍ତା ଜବରଦଖଲ କରି ଗୃହନିର୍ମାଣ ଅଭିଯୋଗ



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ବ୍ଲକ କଡବ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଟୁଆ ଗ୍ରାମରେ ସର୍ବ ସାଧାରଣ ରାସ୍ତାକୁ ୨ ଜଣ ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏବେ ଏହି ରାସ୍ତା ଉପରେ ଗୃହନିର୍ମାଣ ଜାରୀ ରଖିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିନେଇ ସୋମବାର ଚଟୁଆ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବାସିନ୍ଦା ମାନେ ବୋଲଗଡ଼ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ବେଳେ ସେ କାର୍ଯ୍ୟାଳୟରେ ଉପସ୍ଥିତ ନଥିବାରୁ ସେମାନେ ଆଡିସନାଲ ତହସିଲଦାର ଦୀପ୍ତିମୟୀ ଶର୍ମାଙ୍କୁ ଭେଟିଥିଲେ ମଧ୍ୟ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ଅଭିଯୋଗ ଅନୁଯାୟୀ ସଂପୃକ୍ତ ଗ୍ରାମ ଦେଇ ଯାଇଥିବା ଆରଡି ରାସ୍ତା ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତା(ଚଟୁଆ ମୌଜାର ଖାତା ନଂ -୩୦୮, ପ୍ଲଟ ନଂ -୩୭୯)କୁ ଦୁଇଜଣ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ବେଳେ ଏହାକୁ ମାପ ଚିହ୍ନଟ କରି ଜବରଦଖଲ ମୁକ୍ତ କରିବା ପାଇଁ ଦୀର୍ଘ ୪ ମାସ ଧରି ଗ୍ରାମବାସି ମାନେ ପ୍ରଚେଷ୍ଟା କରି ଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏଥିନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରାଯାଇଥିଲା ବେଳେ ବିଭାଗ ପକ୍ଷରୁ ବୋଲଗଡ଼ ତହସିଲ କାର୍ଯ୍ୟାଳୟକୁ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା । ତେବେ ଏହା ମଧ୍ୟରେ ଅନେକ ଥର ସଂପୃକ୍ତ ଗ୍ରାମବାସୀ ମାନେ ତହସିଲଦାରଙ୍କୁ ଶୀଘ୍ର ମାପ ଚିହ୍ନଟ କରି ପଦକ୍ଷେପ ନେବାକୁ ନିବେଦନ କରାଯାଇଥିଲେ ବି କୌଣସି ସୁଫଳ ମିଳୁନାହିଁ । ଅପରପକ୍ଷରେ ରାସ୍ତା ଜବରଦଖଲ ନେଇ ଗ୍ରାମବାସୀ ମାନେ ଚଳପ୍ରଚଳରେ ନାନାଦି ଅସୁବିଧା ଭୋଗ କରୁଥିବାବେଳେ ଜବରଦଖଲକାରି ସେଠାରେ ଦ୍ରୁତଗତିରେ ଗୃହନିର୍ମାଣ ଜାରୀ ରଖିଛନ୍ତି । ଏଥିନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସଞ୍ଜୟ ସାହୁ, ହେମନ୍ତ ସାହୁ, ପ୍ରଦୀପ ମହାରଣା, ଲକ୍ଷ୍ମଣ ମୁଦୁଲି, କୃଷ୍ଣଚନ୍ଦ୍ର ବାରିକ, ଚରଣ ବେହେରା ପ୍ରମୁଖ ଦାବି କରିଛନ୍ତି ।

# ବିଧାୟକ ଶୁଣିଲେ ଗ୍ରାମବାସୀଙ୍କ ଅସୁବିଧା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ପ୍ରଭୁ ଜଗନ୍ନାଥ ମନ୍ଦିର ପରିସରରେ ମାନ୍ୟବର ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀଙ୍କ ନିକଟରେ ବିଭିନ୍ନ ସମସ୍ୟା ନେଇ ଧାମୁନିଗାଁ, ଦେବିଦି, ଆର. ସୀତାପୁର, ରଣଦେବୀ, ଯାଜପୁର ଏହି ସମସ୍ତ ଗ୍ରାମର ଗ୍ରାମବାସୀ ମହେନ୍ଦ୍ରତନୟା ନଦୀର ପାଣି କେନାଲ ଯୋଗେ ଉପରୋକ୍ତ ଗାଁ ମାନଙ୍କୁ ପାଣିର ସୁବିଧା ପାଇ ପାରୁନଥିବା ଯୋଗୁଁ ସେଠାକାର ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କହି ବିଧାୟକଙ୍କୁ ସେମାନଙ୍କ ସମସ୍ୟା ଜଣେଇଥିଲେ ଏଥିରେ ବିଧାୟକ ତୁରନ୍ତ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରି ଏହି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ବୋଲି କହିଥିଲେ । ଏଥିରେ ବିଧାୟକ ସହ ଜିଲ୍ଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ଅଧକ୍ଷା ବଲାସାଇଆମ୍ମା, ରାଜ୍ୟ ଉପସମ୍ପାଦକ ପ୍ରଦୀପ ନାୟକ, ଜିଲ୍ଲାପରିଷଦ ଏସ.ବାଲରାଜୁ, କାଉଁସିଲର ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପିଏମ୍ ପୋଷଣ ଯୋଜନାରେ ବ୍ଲକସ୍ତରୀୟ ରନ୍ଧନ ପ୍ରତିଯୋଗିତା



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ପିଏମ୍ ପୋଷଣ ପାଚିକା ସହାୟିକାଙ୍କୁ ଯୋଜନାରେ ରୋଷେୟା ଓ ପାଚିକାଙ୍କୁ ନେଇ ରବିବାର ଦିନ ବ୍ଲକସ୍ତରୀୟ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନକୁ କିପରି ସଫାସୁତୁରା ଓ ସୁରକ୍ଷିତ, ପୁଷ୍ଟିଯୁକ୍ତ କରି ବିଦ୍ୟାର୍ଥୀମାନଙ୍କୁ ପରଷା ଯାଇପାରିବ ସେ ସମ୍ପର୍କରେ ରୋଷୟା ଓ ପାଚିକା ସହାୟିକାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ମଧ୍ୟାହ୍ନଭୋଜନ ରାଷେଇ ସମୟରେ ଆପ୍ରୋନ ପରିଧାନ, ରୋଷେଇ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ କରିବା ରୋଷେଇ ଘରେ ବିଦ୍ୟାର୍ଥୀଙ୍କ ପ୍ରବେଶକୁ ବାରଣ ଆଦି ଉପରେ ରୋଷେୟା ମାନେ ଧ୍ୟାନ ଦେବାକୁ ମତପ୍ରକାଶ କରିଥିଲେ । ପରଷା ଯାଉଥିବା ଖାଦ୍ୟ କିପରି ସ୍ୱାଦଯୁକ୍ତ ହେବ ସେ ନେଇ ବ୍ଲକସ୍ତରରେ ରୋଷେଇ ପ୍ରତିଯୋଗିତା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲା । ବିଆର୍‌ସିସି ଆର୍ ୟେସୁଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ ରାୟ, ଚାଉଳମେଣ୍ଡି ସରପଞ୍ଚ ଜଳନ୍ଧର ନାୟକ ଯୋଗ ଦେଇ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପାଙ୍ଗମ ଏକ୍ସ ଡିଏନ୍‌କେ ବିଦ୍ୟାଳୟର ବାସନ୍ତୀ ପୂଜାରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଦୁଲିବେଡ଼ା ୟୁଜିଏଚର ବୁଦ୍ରୀ ପୂଜାରୀ ଦ୍ୱିତୀୟ, ବାଲିଗୁଡା ପ୍ରାଥମିକ ବିଦ୍ୟାଳୟ ରୋଷେୟା ପୁଷ୍ପାଞ୍ଜଳି ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତଙ୍କୁ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସିଆରସିସି ସନ୍ତୋଷ ପୂଜାରୀ, ସୁରେଶ କୁମାର ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ । ପୂର୍ବରୁ ୩ ଦିନ ଧରି ବ୍ଲକ୍‌ର ପଞ୍ଚାୟତ ସ୍ତରରେ ୯ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା




ନବରଙ୍ଗପୁର, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲାର ୧୩୦ ଜଣ ତୀର୍ଥଯାତ୍ରୀଙ୍କ କୋଲକାତା ଓ କାମାକ୍ଷାକୁ ତୀର୍ଥଯାତ୍ରାର ଶୁଭାରମ୍ଭ ସ୍ଥାନୀୟ ମିଶନ ଶକ୍ତି ପରିସରରୁ ଅପରାହ୍ନ ୪.୩୦ ସମୟରେ ହୋଇଯାଇଅଛି । ଏହି ଅବସରରେ ମାନ୍ୟବର ବିଧାୟକ ଡ଼ାବୁଗାଁ ମନୋହର ରାନ୍ଧାରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀଙ୍କ ଶୁଭମନାସି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ଗଣ ତୀର୍ଥଯାତ୍ରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପଞ୍ଜୀକୃତ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା । ୪ଟି ବସ ଯୋଗେ ତୀର୍ଥଯାତ୍ରୀ ମାନେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି । ରାୟଗଡ଼ା ଷ୍ଟେସନରୁ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବେ । ଏହି ତୀର୍ଥଯାତ୍ରୀ ମାନେ ଆସନ୍ତା ୨୩ ତାରିଖ ଦିନ ପ୍ରତ୍ୟାଗମନ କରିବେ । ତୀର୍ଥଯାତ୍ରୀ ମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ପାଇଁ ୫ ଜଣ ନୋଡାଲ ଅଧିକାରୀ ଭାବରେ ପିଇଟି ଶିକ୍ଷକ ମାନଙ୍କୁ ନିଯୁକ୍ତ କରାଯାଇଛି । ଏହି ସମାରୋହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ ।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର

ପୃଷ୍ଠା-ଗ
Page-C
ଭୁବନେଶ୍ୱର
Bhubaneswar
୧୯.୦୨.୨୦୨୫
19.02.2025



ମାଲକାନଗିରି(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ବିଦ୍ୟାଳୟ ଅଧକ୍ଷ ଡ଼ କୈଳାଶ ମୀନାଙ୍କ ତତ୍ତ୍ୱାବଧାନରେ ଯୁବସଂସଦ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ଭୂମିକା ଯଥା ବାଚସ୍ପତି, ବିଭଗୀୟ ମନ୍ତ୍ରୀ, ସାଂସଦ ତଥା ସଂସଦରେ କାର୍ଯ୍ୟରତ ବିଭିନ୍ନ କର୍ମଚାରୀଙ୍କ ଭୂମିକା ନିଭେଇଥିଲେ। ଏହି ଅଧିବେଶନ ଦେଶର ବିଭିନ୍ନ ସମସ୍ୟା ଯଥା ମହିଳା ସଂରକ୍ଷଣ ବିଧେୟକ, ରେଳ ଦୁର୍ଘଟଣା, ସ୍ୱାସ୍ଥ୍ୟ ସମସ୍ୟା, ପରିବହନ ଉପରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ହୋଇଥିଲା। ବିରୋଧୀ ଦଳ ଦେଶରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ନେଇ ଶାସକ ଦଳକୁ ପ୍ରଶ୍ନ କରି ଜବାବ ତଲବ କରିଥିଲେ। ଏହି ଯୁବ ସଂସଦ ଅଧିବେଶନ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କ ଦେଶ ଏବଂ ଦେଶବାସୀଙ୍କ ପ୍ରତି କର୍ତ୍ତବ୍ୟ, ସଂସଦର ଗାରିମା, ମୌଳିକ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ସଂଚାଳନା ସମିତିର ସଦସ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ରହି ଯୁବ ସାଂସଦ ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ସାଂସଦ ମାନଙ୍କ ଭୂମିକା ଏବଂ ପ୍ରଦର୍ଶନକୁ ନେଇ ଶ୍ରେଷ୍ଠ ସାଂସଦ ଏବଂ ଅନ୍ୟ ଭୂମିକାରେ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଶ୍ରେୟଂଶ ପଟ୍ଟନାୟକ ଏଥିରେ ପ୍ରଥମ ହୋଇଥିଲେ।

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦୁଝର (ଭାସ୍କର ନ୍ୟୁଜ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେବି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ରାତି ଅଧରେ ବିଦ୍ୟାଳୟ ସମ୍ମୁଖରେ ମୃତଦେହକୁ ରଖି ଧାରଣାରେ ବସିଲେ ଗ୍ରାମବାସୀ। ଛାତ୍ରୀଙ୍କ ପରିବାରକୁ ପ୍ରଲୋଭିତ କରି ଘଟଣା ଚପାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତି ସାରା ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ। ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଭଣ୍ଡା ଅନ୍ତର୍ଗତ କେ.ବୀ. ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ଘଟଣାକୁ ଚାପି ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ ମଧ୍ୟ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚମ୍ପୁଆ ବ୍ଲକ୍ ରଙ୍ଗାମାଟିଆ ପଞ୍ଚାୟତ ରରୁଆଁଗୋଡା ଗ୍ରାମର ମିତ୍ରଭାନୁ ନାଏକ ଓ ଟିକିଲି ନାଏକଙ୍କ ଝିଅ ନନ୍ଦିନୀ ନାଏକ (୧୧) ଭଣ୍ଡା କେ.ବୀ ଉଚ୍ଚ ବିଦ୍ୟାଳୟର ବାଳିକା ଛାତ୍ରାବାସରେ ରହି ଷଷ୍ଠ




ଶ୍ରେଣୀରେ ପାଠ ପଢୁଥିଲେ। ଛାତ୍ରାବାସରେ ଥିବା ସମୟରେ ଗତ କିଛି ଦିନ ଧରି ନନ୍ଦିନୀଙ୍କ ଦେହ ଖରାପ ହୋଇଥିଲା। ଅସୁସ୍ଥତା ଯୋଗୁଁ ନନ୍ଦିନୀ ଘରକୁ ଯିବା ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଛାଡ଼ି ନଥିଲେ। ଏ ବିଷୟରେ ଘରକୁ ଜଣାଇବାକୁ ମଧ୍ୟ ଦେଇ ନ ଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ଗତ ନଅ ତାରିଖରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନନ୍ଦିନୀଙ୍କ ମାଆ ଟିକିଲିଙ୍କୁ ଡାକି ତାଙ୍କ ସହିତ ନନ୍ଦିନୀଙ୍କୁ ନେଇଯିବା ପାଇଁ କହିଥିଲେ। ସେହି ସମୟରେ ଅସୁସ୍ଥ ନନ୍ଦିନୀଙ୍କ ହାତ ଗୋଡ ଫୁଲିଯିବା ସହ ସେ ଠିଆ ହୋଇପାରୁ ନଥିଲେ। ଏକ ସାଧା କାଗଜରେ ଦସ୍ତଖତ କରିବା ପରେ ନନ୍ଦିନୀଙ୍କୁ ହଷ୍ଟେଲରୁ ଛାଡିଥିବା ନେଇ ତାଙ୍କ ମାଆ ଟିକିଲି ଅଭିଯୋଗ କରିଛନ୍ତି। ଟିକିଲି ଅସୁସ୍ଥ ନନ୍ଦିନୀଙ୍କୁ ହଷ୍ଟେଲରୁ ସିଧା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଓ ସେଠାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚାରିଦିନ ଧରି ଚିକିତ୍ସିତ ହେବାପରେ ପୂର୍ବାହ୍ନରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଛି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଛାତ୍ରୀ ଜଣଙ୍କୁ ସୁସ୍ଥ ଅବସ୍ଥାରେ ତାଙ୍କ ମାଆ ଆଧାର ବାୟୋମେଟ୍ରିକ୍ ଅପଡେଟ କରିବା ପାଇଁ ଘରକୁ ନେଇଥିଲେ ବୋଲି ସଫେଇ ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ତେବେ ଏଠାରେ ପ୍ରଶ୍ନ ଉଠୁଛି ନନ୍ଦିନୀ ଯଦି ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ତେବେ ତାଙ୍କ ମାଆ ତାଙ୍କୁ ବିଦ୍ୟାଳୟରୁ ନେବା ପରେ ଆଧାର କେନ୍ଦ୍ର ନେବା ପରିବର୍ତ୍ତେ ଡାକ୍ତରଖାନା ନେଲେ କାହିଁକି ? ଗତ ସୋମବାର ରାତିରେ ନନ୍ଦିନୀଙ୍କ ମୃତଦେହ କଟକରୁ ଆସିବା ପରେ ରରୁଆଁଗୋଡା ଗ୍ରାମବାସୀ ତାଙ୍କ ମୃତଦେହକୁ ଧରି ବିଦ୍ୟାଳୟ ସମ୍ମୁଖରେ ରଖି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବିରେ ଧାରଣା ଦେବା ସହ ରାସ୍ତାରୋକ୍ କରିଥିଲେ। ଖବର ପାଇ ବାରିଆ ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ରାତି ଦୁଇଟା ବେଳେ ଧାରଣାରୁ ଉଠାଇ ଥିଲେ। ଏ ନେଇ ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଛାତ୍ରୀ ମୃତ୍ୟୁକୁ ସ୍ୱୀକାର କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ସୂଚନା ଦେଇଛନ୍ତି। ଚମ୍ପୁଆ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କେ.ବୀ. ଉଚ୍ଚ ବିଦ୍ୟାଳୟ ଓ ବାଳିକା ଛାତ୍ରାବାସକୁ ଯାଇ ଘଟଣାର ତଦନ୍ତ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ଛାତ୍ରୀଙ୍କ ମୃତ୍ୟୁର ଉପଯୁକ୍ତ ତଦନ୍ତ କରି ଶୋକସନ୍ତପ୍ତ ପରିବାରକୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଓକେସିଏଲ୍ ପକ୍ଷରୁ ସଚେତନତା ରଥ ଶୁଭାରମ୍ଭ

ଧାମନଗର(ଭାସ୍କର ନ୍ୟୁଜ୍) : ଓକେସିଏଲ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବୈଷୟିକ ଶିକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଭଦ୍ରକ ଜିଲ୍ଲାର ଓକେସିଏଲ ଅଧୀନ ଡ୍ରିମ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ପକ୍ଷରୁ ଦୋବଲ କାଳୀ ବଜାର ଠାରେ ଏହି ସଚେତନତା ରଥ ଶୁଭାରମ୍ଭ ହୋଇଛି। ଦୋବଲ କାଳୀ ବଜାରସ୍ଥିତ ଡ୍ରିମ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ଏମ୍‌ଡି ନିରଞ୍ଜନ ଦଳାଇଙ୍କ ସଭାପତିତ୍ୱରେ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳକ ଗୌରବ ପ୍ରସାଦ ତ୍ରିପାଠୀ, ଶିକ୍ଷାବିତ ହୃଦାନନ୍ଦ କର, ଛବିତା ନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାର ଆବଶ୍ୟକତା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରକାଶ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ତନ୍ମୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଦୋବଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସଂଗୀତା ଦାସ ଓ ହରପ୍ରିୟା ମିଶ୍ର, ପ୍ରିୟଙ୍କା ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ପୂର୍ବାଞ୍ଚଳ ଟିକସ ପେଶାଦାରମାନଙ୍କର ଏକ ଦିବସୀୟ ସମ୍ମିଳନୀ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ଏବଂ ସର୍ବ ଭାରତୀୟ ଟିକସ ପେଶାଦାର ସଂଘ ପୂର୍ବାଞ୍ଚଳ ଶାଖା ଏବଂ ନିଖିଳ ଓଡ଼ିଶା ଟିକସ ଓକିଲ ସଂଘ ମିଳିତ ସହଯୋଗରେ ଅନୁଷ୍ଠିତ ହେଇଥିବା "ଜ୍ଞାନ ଉତ୍ସବ" ସମ୍ମିଳନୀକୁ ଓଡିଶା ଉଚ୍ଚ ନ୍ୟାୟାଳୟର ଜଜ୍ ମାନ୍ୟବର ନ୍ୟାୟମୂର୍ତ୍ତି ମୁରାରି ଶ୍ରୀ ରମଣ ଆନୁଷ୍ଠାନିକ ଭାବେ ପ୍ରଦିପ ଜାଳି ଉଦ୍ଘାଟନ କରିଛନ୍ତି। ମାନ୍ୟବର୍ ଶ୍ରୀ ରମଣ କହିଲେ ଦେଶ ଗଠନ ଓ ସମୃଦ୍ଧିରେ ଟିକସ ଓକିଲ ମାନଙ୍କ ପ୍ରମୁଖ ଭୂମିକା ରହିଛି। ସେମାନେ ଦେଶର ଆର୍ଥିକ ବିକାସ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। କର ଦାତା ମାନକୁ ଟିକସ ପଦକ୍ଷନ କ୍ଷେତ୍ରରେ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଉକ୍ତ ଦିବସୀୟ କର୍ମଶାଳାରେ ପ୍ରଥମ ଅଧିବେଶନରେ ଦ୍ରବ୍ୟ ଓ ସେବା କର ଏବଂ ଆୟକରର ନୂତନ ବଜେଟ୍ ଏବଂ ନୂତନ ଆୟକର ଆଇନ୍ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା। ବିଶେଷ ବକ୍ତା ଭାବେ କଲିକତାରୁ ଖ୍ୟାତନାମା ଦ୍ରବ୍ୟ ଓ ସେବା ଟିକସ ପରାମର୍ଶ ଦାତା ପ୍ରଦୀପ ମୋଦୀ ଏବଂ ଆୟକର ପରାମର୍ଶ ଦାତା କୋଲକତାର ଆୟୁଷ ଗୋଏଲ ଯୋଗ ଦେଇ ଆଲୋଚନା କରିଥିଲେ। ଦ୍ୱିତୀୟ




ଅଧିବେଶନରେ ଓଡ଼ିଶା ସରକାରଙ୍କ ସମବାୟ, ବୟନ ଓ ହସ୍ତତନ୍ତ ମନ୍ତ୍ରୀ ମାନ୍ୟବର ପ୍ରଦୀପ ବଳ ସାମନ୍ତ, କୋରେଇର ମାନ୍ୟବର ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ ଟିକସ ଓକିଲ ମାନଙ୍କ ଭୂମିକା କରଦାତା ମାନକୁ ଟିକସ ପ୍ରଦାନ କ୍ଷେତ୍ରରେ ସାହାଯ୍ୟ କରି ଦେଶର ସମୃଦ୍ଧି ବୃଦ୍ଧି କରିଥାନ୍ତି। ସନ୍ଧ୍ୟାରେ ଉଦ୍‌ଯାପନରେ ସମ୍ବାଦ ଗ୍ରୁପର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଟିକସ ଓକିଲ ମାନଙ୍କ ସେବା ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ତୁଲାଉଛନ୍ତି କରଦାତା ଓ ସରକାରଙ୍କ ବିଭିନ୍ନ କର ଆଦାୟ କ୍ଷେତ୍ରରେ ସମନ୍ୱୟ ରକ୍ଷା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତି ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଧନେସ୍ୱର ବାରିକ ଅତିଥି ପରିଚୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରର ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହ ଜଡ଼ିତ ସମ୍ପାଦକ ଅଶୋକ କୁମାର ଶର୍ମା, ହେମନ୍ତ କୁମାର ପଥାଳ, ଦୂର୍ବାଦଳ ବସୁ, ଦିଲ୍ଲିପ କୁମାର ମଲ୍ଲିକ, ଦେବେନ୍ଦ୍ର କୁମାର ପଣ୍ଡା, ରମାକାନ୍ତ ସେଠୀ, ବିଦ୍ୟାଧର ମହାନ୍ତି, ରତିକାନ୍ତ ବେହେରା, ରାଜେନ୍ଦ୍ର ଧୀର ସାମନ୍ତ, ଦିଲ୍ଲିପ କୁମାର ନାୟକ, ରମାକାନ୍ତ ନନ୍ଦ, ସତ୍ୟମ୍ ସତ୍ୟଦର୍ଶି ମହାପାତ୍ର, ପ୍ରଶାନ୍ତ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ବହୁ ମାନ୍ୟଗଣ ଅତିଥିଙ୍କ ସହିତ ଓଡିଶା ଓ ଓଡିଶା ବାହାରୁ ଅନେକ ଟିକସ ଓକିଲ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଏବଂ ବ୍ୟବସାୟୀ ପ୍ରତିନିଧି ଯୋଗ ଦେଇଥିଲେ।

## ଭାଜପାର ନୂତନ ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କୁ ସମ୍ବର୍ଦ୍ଧନା




ତିହିଡ଼ି,(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟିରେ ନୂତନ ସଭାପତି ଭାବେ ମନୋନୀତ ଭଗବାନ ପଣ୍ଡାଙ୍କୁ ତିହିଡ଼ି ବ୍ଲକ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭାଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ସଭାପତି ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ପରେ ଏକ ବାଇକ ଶୋଭାଯାତ୍ରାରେ ତିହିଡ଼ି ବଜାରକୁ ନିଆଯାଇଥିଲା। ସେଠାରେ ସେ ଦିବଂଗତ ନେତା ବିଷ୍ଣୁଚରଣ ସେଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେ ଦିବଂଗତ ନେତା ସ୍ୱର୍ଗତ ସେଠୀଙ୍କ ଜନ୍ମପୀଠକୁ ଯାଇ ତାଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ କାମନା କରିଥିଲେ। ପରେ ସେ ଦଳୀୟ ସଙ୍ଗଠନ ବିଷୟରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ମଣ୍ଡଳ ସଭାପତି କେଶବ ବେହେରା, ସାଇ ଚରଣ ବେହେରା ଓ ସରୋଜ ନାୟକଙ୍କ ସମେତ ବରିଷ୍ଠ ନେତା ରଘୁନାଥ ପାତ୍ର, ଭାଟପଡ଼ା ପଞ୍ଚାୟତର ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଫତେପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ ବଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଯୁବନେତା ସୀତାକାନ୍ତ ନାୟକ, ପ୍ରତାପ ଜେନା, ଦେବବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ଅମୂଲ୍ୟ ସେନାପତି, ଦେବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପୁହାଣ, ପ୍ରମୋଦ ଦାସ, ଭରତ ଚନ୍ଦ୍ର ସାହୁ, ତପୁନ ପାଣି, ସିଲୁ ବେହେରା, ହରିଶଚନ୍ଦ୍ର ନାୟକ, ଗଣେଶ କର, ମଦନ ପଣ୍ଡା, ଓମ୍‌ପ୍ରକାଶ ନାୟକ, ଅଶୋକ ରାଉତ, ରତିକାନ୍ତ ବିଶ୍ୱାଳଙ୍କ ସହ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସରକାରୀ ବାବୁଙ୍କ ରାଜଧାନୀ ମୋହ

- ବନ୍ଧାପଡିଛି ଅସ୍ତରଙ୍ଗ ଅଞ୍ଚଳର ବିକାଶ
- ଯା 'ଆସ କରୁଛନ୍ତି ୫୦ପ୍ରତିଶତ କର୍ମଚାରୀ
- ଦ୍ୱିତୀୟ,ଚତୁର୍ଥ ଶନିବାର ପୂର୍ବଦିନରୁ ଫାଙ୍କାପଡୁଛି ବିଭାଗ
- କୋର୍ଟ କଚେରୀ କାମ, କ୍ଷେତ୍ର ପରିଦର୍ଶନ ବାହାନା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଆଜ୍ଞା ସାରେ କି ମ୍ୟାଡ଼ମ୍ ନାହାନ୍ତି କି ? ନାଇଁ, ଫିଲଡ ଯାଇଛନ୍ତି। କୋର୍ଟରେ ତାରିଖ ଥିଲା ଯାଇଛନ୍ତି। ବାବୁ କିମ୍ବା ମ୍ୟାଡମ କେତେବେଳେ ଫେରିବେ ତାହାର ଉତ୍ତର ମଧ୍ୟ କାହା ପାଖରେ ନ ଥାଏ। କିନ୍ତୁ ବାବୁ କିମ୍ବା ମ୍ୟାଡମ ଆଉ ଅଫିସକୁ ଆସନ୍ତି ନାହିଁ। ଯଦି କେତେବେଳେ କାଁ ଭାଁ ଆସନ୍ତି ବିଳମ୍ବରେ। ଦ୍ୱିତୀୟ ଶନିବାର, ଚତୁର୍ଥ ଶନିବାର, ରବିବାରକୁ ଲାଗି କରି ରହୁଥିବା ଛୁଟିର ପୂର୍ବଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଏକାଧିକ ଅଫିସରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥାଏ। କେବଳ ଅଫିସର ନୁହନ୍ତି, ଅନେକ କର୍ମଚାରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ହୋଇଯାଇଛି। ଅସ୍ତରଙ୍ଗ ଅଞ୍ଚଳରେ ଅଫିସରମାନଙ୍କୁ ରାଜଧାନୀ ମୋହ ପାଗଳ କରିଛି। ଡ୍ୟୁଟିକୁ ଯେନ ତେନ ପ୍ରକାରେ ସାରି ଦେଇ ଭୁବନେଶ୍ୱର ଦୌଡୁଛନ୍ତି। କାରଣ ପରିବାର, କେତେକ କର୍ମଚାରୀଙ୍କ ପିଲାଛୁଆ ଭୁବନେଶ୍ୱରରେ ରହୁଛନ୍ତି। ସୂଚନା ଅନୁସାରେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଅନେକ ସରକାରୀ କାର୍ଯ୍ୟାଳୟର ପ୍ରାୟ ୮୦ପ୍ରତିଶତ ବିଭାଗର ଅଧିକାରୀ ଭୁବନେଶ୍ୱର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ପ୍ରତିଶତ ଦୈନିକ ଯିବା ଆସିବା କରୁଛନ୍ତି। ଏପରିକି କେତେ କର୍ମଚାରୀ ସରକାରୀ ଗାଡ଼ିରେ ଭୁବନେଶ୍ୱର କିମ୍ବା ଦୂରଦୁରାନ୍ତର ନିଜ ସ୍ୱଗୃହକୁ ଯାତାୟାତ କରୁଛନ୍ତି। ଅନ୍ୟ ପଟେ ଅସ୍ତରଙ୍ଗ ଅଞ୍ଚଳର କେତେକ କର୍ମଚାରୀ ଭୁବନେଶ୍ୱର ରହୁଥିବା ବେଳେ ତାଙ୍କୁ କାକଟପୁର ନୂତନ ବସ ଷ୍ଟାଣ୍ଡରୁ ଆଣିବା ପାଇଁ ସରକାରୀ ଗାଡ଼ିରେ ସରକାରଙ୍କ ତହବିଲରୁ ତେଲ ଖର୍ଚ୍ଚରେ ଅନେକ ଯିବା ଆସିବା କରୁଛନ୍ତି। ଡ୍ୟୁଟି ସାରି ଦେଇ ପୁନର୍ବାର ଭୁବନେଶ୍ୱର ଦୌଡୁଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀର ଅସ୍ତରଙ୍ଗ ଅଞ୍ଚଳର ତହସିଲ, ବ୍ଲକ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ରାସ୍ତା ଓ କୋଠାବାଡ଼ି ବିଭାଜନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆରଡବ୍ଲ୍ୟୁଏସଏସ, ଅନେକ ସମୟରେ ପୋଲିସ କର୍ମଚାରୀ, କୃଷି ବିଭାଗ, ଶିଶୁବିକାଶ କାର୍ଯ୍ୟାଳୟ ସହ ଏକାଧିକ ବିଭାଗରେ ଅବସ୍ଥା ସମାନ। ରାଜଧାନୀ ମୋହରେ ଏକାଧିକ କର୍ମଚାରୀ ଭୁବନେଶ୍ୱର ଧାଉଁଛନ୍ତି। ବ୍ଲକରେ ଯନ୍ତ୍ରୀ ମାନେ ବିଳମ୍ବରେ ପହଂଚୁଥିଲେ ମଧ୍ୟ କେବଳ ଗୋଟିଏ ବାହାନା କ୍ଷେତ୍ର ପରିଦର୍ଶନରେ ଥିଲୁ। କିନ୍ତୁ କେବଳ ମିଥ୍ୟା ପ୍ରତିଶ୍ରୁତି କହି ବିଳମ୍ବରେ କାର୍ଯ୍ୟାଳୟ ଆସୁଛନ୍ତି। ଖାଲି ସେତିକି ନୁହେଁ ଦୈନିକ ଯିବା ଆସିବା କରୁଥିବା ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ବିଳମ୍ବରେ ପହଂଚୁ ଥିବା ଲକ୍ଷ୍ୟ କରାଯାଇଛି। ବର୍ଷ ବର୍ଷ ଧରି ଏମିତି ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ଯେମିତି ଆଖି ବୁଜି ଦେଇଛି। ଏମିତିକି ସରକାରୀ ଗାଡ଼ିରେ କେତେ ତେଲ ଖର୍ଚ୍ଚ ହେଉଛି ଯାଞ୍ଚ କରାଯାଉନାହିଁ କି କର୍ମଚାରୀ କାର୍ଯ୍ୟାଳୟରେ ବିଳମ୍ବରେ ପହଂଚୁ ଥିବାରୁ ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ସାଧାରଣ ଲୋକ ଅଫିସର କିମ୍ବା କର୍ମଚାରୀଙ୍କୁ କାର୍ଯ୍ୟାଳୟ ନ ପାଇଁ ଲୋକେ ଅନେକ ସମୟରେ ନିରାଶରେ ଫେରିଛନ୍ତି। ଯାହାକୁ ନେଇ ଅସ୍ତରଙ୍ଗର ବିକାଶ ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀଙ୍କ ଇଚ୍ଛାଶକ୍ତି ଏବଂ ଆନ୍ତରିକ ବିକାଶ ମୂଳକ ପ୍ରକଳ୍ପ ଠାରୁ ଅସ୍ତରଙ୍ଗ ବହୁ ପଛରେ ପଡିଛି। ଜଣେ ବରିଷ୍ଠ ପ୍ରଶାସକଙ୍କ କହିବା ଅନୁସାରେ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥାନ, କିଏ କେତେବେଳେ ଅଫିସଯିବା ଆସିବା କରୁଛନ୍ତି, ବିନା କାମରେ କିଏ ବିଳମ୍ବରେ ଆସୁଛନ୍ତି, ଛୁଟି ପୂର୍ବତନ କେଉଁ ଅଧିକାରୀ ଶୀଘ୍ର ପଳାଉଛନ୍ତି ତାହା ଯାଞ୍ଚକରିବା ଜିଲ୍ଲାପ୍ରଶାସନ କାମ। ତେଣୁ ନିୟମିତ ଯାଞ୍ଚ କରାଗଲେ କାମରେ ଠକୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇପାରିବ।

## ଆରସା ଓ ମଙ୍ଗଳପୁର ସମିତିରେ ପଡ଼ିରହିଛି ୧୦ ହଜାର କୁଇଣ୍ଟାଲ ଧାନ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଆରସା ସେବାସମବାୟ ସମିତି ଓ ମଙ୍ଗଳପୁର ସେବାସମବାୟ ସମିତିରେ ୧୦ ହଜାରରୁ ଅଧିକ କୁଇଣ୍ଟାଲ ଧାନ ପଡ଼ିରହିଛି। ଆସନ୍ତା ୧୯ ତାରିଖରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷାରେ ଯଦି ସମିତିରେ ପଡ଼ିରହିଥିବା ଧାନ ଭିଜେ ତାହାଲେ ସମିତିର ସମ୍ପାଦକମାନେ ଦାୟୀ ରହିବେ ନାହିଁ ବୋଲି ସୂଚନା ଦେଇଛନ୍ତି। ଆଗାମୀ ୧୯ ତାରିଖରେ ବର୍ଷା ହେବାକୁ ଥିବାବେଳେ ଜିଲ୍ଲାପାଳ ଧାନ କିଣିବାକୁ ମନା କରିଛନ୍ତି। ଯେଉଁ ସମିତିରେ ଗୋଦାମ ଗୃହ ନାହିଁ ସେ ସମିତିମାନଙ୍କରେ ଏବେ ସୁଦ୍ଧା ହଜାର ହଜାର କୁଇଣ୍ଟାଲ ଧାନବସ୍ତା ବାହାରେ ପଡ଼ିରହିଛି। ସେଥିମଧ୍ୟରୁ ଆରସା ଓ ମଙ୍ଗଳପୁର ସମିତି ଅନ୍ତର୍ଭୁକ୍ତ। ଏହି ସମିତିରେ ଗୋଦାମ ଗୃହ ନଥିବାରୁ ଚାଷୀମାନଙ୍କଠାରୁ କିଣାଯାଇଥିବା ଧାନ ବସ୍ତା ବାହାରେ ପଡ଼ିରହିଛି। ସମ୍ପାଦକମାନେ ଧାନବସ୍ତାକୁ ରକ୍ଷା କରିବା ପାଇଁ ପଲିଥିନ ଘୋଡ଼ାଇ ଥିଲେ ମଧ୍ୟ ବର୍ଷା ହେଲେ ଧାନବସ୍ତା ଭିଜିବା ନିଶ୍ଚିତ। ଯାହାଫଳରେ ସମିତିର ସମ୍ପାଦକ ନିରୁପାୟ ହୋଇ ଧାନବସ୍ତା ଭିଜିଲେ ସେମାନେ ଦାୟୀ ରହିବେ ନାହିଁ ବୋଲି କହିଛନ୍ତି। ଏହି ସମିତିରୁ ଧାନ ଉଠାଇବା ପାଇଁ ମିଲରମାନଙ୍କୁ ପ୍ରଶାସନ ଓ ସମିତିର ସମ୍ପାଦକମାନେ ବାରମ୍ବାର କହୁଥିଲେ ମଧ୍ୟ ମିଲର ଗାଡ଼ି ପଠାଉନାହାଁନ୍ତି। ଯେଉଁଥିପାଇଁ ସମିତିରେ ହଜାର ହଜାର ଧାନବସ୍ତା ପଡ଼ିରହିଛି। ଏଥିସହିତ ବ୍ଲକର ଅନ୍ୟ ସମିତିରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଛି। ଯେଉଁ ସମିତିରେ ନିଜସ୍ୱ ଗୋଦାମ ଗୃହ ନାହିଁ ସେହି ସମିତିରେ ବାହାରେ ଧାନବସ୍ତା ମଧ୍ୟ ପଡ଼ିରହିଛି। ତୁରନ୍ତ ପ୍ରଶାସନ ଧାନ ଉଠେଇବା ପାଇଁ ପଦକ୍ଷେପ ନେବାକୁ ଚାଷୀଙ୍କ ମହଲରେ ଦାବି କରାଯାଇଛି।

## ନିଆଳି ମହୋତ୍ସବରେ ଦିବ୍ୟାଙ୍ଗଙ୍କୁ ଫିଙ୍ଗିଲେ ଗରମତେଲ ସହାୟତାର ହାତ ବଢ଼ାଇଲା କଣ୍ଟାପଡା ପ୍ରେସ କ୍ଲବ୍

ନିଆଳି (ଭାସ୍କର ନ୍ୟୁଜ): ନିଆଳିରେ ଚାଲିଛି ମହୋତ୍ସବ। ଏହି ମହୋତ୍ସବରେ ପେଟ ପୋଷିବା ପାଇଁ କାହୁଁ କେତେ ଦୂରରୁ ଧାଇଁ ଆସିଛନ୍ତି ଉଠା ବେପାରୀ ମାନେ। ପେଟ ପୋଷିବା ପାଇଁ ପୁରୀ ଜିଲ୍ଲା ନିମାପଡା ଥାନା ଅଧିନସ୍ତ ଭେଲି ଗ୍ରାମ ପଂଚାୟତ ହାମସା ପଡା ଗ୍ରାମର ସୁଶାନ୍ତ କୁମାର ଦାଶ ( ୪୫) ଦିବ୍ୟାଙ୍ଗ ଓ ମୁକ ହୋଇ ମଧ ପେଟ ପୋଷିବା ପାଇଁ ପାମ୍ପଡ ଚା' ଦୋକାନ ନିଆଳି ମହୋତ୍ସବରେ କରିଥିଲା। ସୋମବାର ଦିନ ମହୋତ୍ସବ ଚାଲିଥିବା ସମୟରେ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଯୁବକ ପାମ୍ପଡ ଖାଇ ସିଗାରେଟ ମାଗିଥିଲେ। ହେଲେ ସିଏ ସିଗାରେଟ ଦେବାର ବିଳମ୍ବ ହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ଯୁବକ ଦ୍ୱୟ ତତଲା ତେଲକୁ ତାଙ୍କ ଜଂଘ ଉପରେ ଢାଳି ଦେଇଥିଲେ। ସଙ୍ଗେ ସଙ୍ଗେ ଏହି ନିଆଳିର ଲୋକମାନେ ଦିବ୍ୟାଙ୍ଗ ଏହି ପାମ୍ପଡ ବିକାଳୀକୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଜୀବନ ବଞ୍ଚିବା ଶହ ପୋଡା ଜଳାରେ ଆତୁର ହେଉଥିବା ଦେଖିବାକୁ ମିଳିଥିଲା। ଦିବ୍ୟାଙ୍ଗଙ୍କ ଆର୍ତ୍ତ ଚିତ୍କାରରେ ସ୍ୱାସ୍ଥ୍ୟକେନ୍ଦ୍ରଟି ସତେ ଯେପରି ଥରି ଉଠିଥିଲା। ପରିବାର ଲୋକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଲା ପରେ ଥାନାରେ ଅଭିଯୋଗ କରିବେ ବୋଲି ଜଣା ପଡିଛି। ଖବର ପାଇ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ କଣ୍ଟାପଡା ପ୍ରେସ କ୍ଲବର ସଭାପତି ତଥା ନିଆଳି ପ୍ରେସ କ୍ଲବ ଉପଦେଷ୍ଟା ଶରତ କୁମାର ସାହୁ ପହଁଚି ନିଜ ସ୍ୱଳ୍ପ ଆୟ ଉପାର୍ଜନରୁ ୧ ହଜାର ଟଙ୍କା, ଫଳ, ହରଲିକ୍ସ, ବିସ୍କୁଟ ପାଉଁରୁଟି ଆଦି ଯୋଗାଇ ଦେଇଛନ୍ତି। ଏଥି ସହିତ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଡିଲେ ଆର୍ଥିକ ସହାୟତା ପ୍ରେସ କ୍ଲବ ବହନ କରିବ ବୋଲି କହି ଶୀଘ୍ର ଅଭିଯୁକ୍ତ ଦୁଇଙ୍କୁ ଗିରଫ କରିବାକୁ ସଭାପତି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନୃସିଂହ ଚରଣ ଜେନା ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।



## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଲି. ସଭାପତି ହେଲେ ଦମୟନ୍ତୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଲି. ଶୁଆକଟୀର ନବ ନିର୍ବାଚିତ ସଭାପତି ହେଲେ ଦମୟନ୍ତୀ ମହାନ୍ତ। ସୋସାଇଟିର ନିର୍ବାଚନ ପ୍ରକ୍ରିୟା ୨୦୨୫ ମସିହା ଜାନୁଆରୀ ୧୮ରେ ଆରମ୍ଭ ହୋଇଥିଲା। ପ୍ରାଥମିକ ଭୋଟର ତାଲିକା ଜାନୁଆରୀ ୨୨ରେ ପ୍ରକାଶିତ ହୋଇଥିଲା। ଜାନୁଆରୀ ୨୩ ରୁ ୨୬ ଯାଏଁ ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ ପରେ ୨୯ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଏବଂ ନିଷ୍ପତ୍ତି ହୋଇଥିଲା। ୩୧ ଜାନୁଆରୀରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ହୋଇଥିବା ବେଳେ ୩ ଫେବୃଆରୀ ମନୋନୟନ ପତ୍ର ଦାଖଲ ଓ ମନୋୟନ ପତ୍ରର ତାଲିକା ପ୍ରକାଶନ ହୋଇଥିଲା। ୫ ଫେବୃଆରୀରେ ମନୋନୟନ ପତ୍ର ଯାଞ୍ଚ ଏବଂ ଏହା ଉପରେ ପ୍ରମାଣ ସହିତ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ ନିର୍ବାଚନ ଅଧିକାରୀ। ମନୋନୟନ ପତ୍ର ପ୍ରତ୍ୟାହାର ଫେବୃଆରୀ ୯ରେ ହୋଇଥିବା ବେଳେ ୧୦ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ହୋଇଥିଲା। ସେଥିରେ ୧ ନମ୍ବର ଜୋନରେ ଲକ୍ଷ୍ମଣ ବାରିକ, ୨ ନମ୍ବର ଜୋନରେ ଗଜେନ୍ଦ୍ର ବାରିକ, ୩ ନମ୍ବର ଜୋନରେ ରୋହିତ ରଞ୍ଜନ ବାରିକ, ୪ ନମ୍ବର ଜୋନରେ ଚପଳା ନାଏକ, ୫ ନମ୍ବର ଜୋନରେ କଳ୍ପନା ପୁହାଣ, ୬ ନମ୍ବର ଜୋନରେ ଦୌପଦି ପ୍ରଧାନ, ୭ ନମ୍ବର ଜୋନରେ ଦମୟନ୍ତୀ ମହାନ୍ତ, ୮ ନମ୍ବର ଜୋନରେ ମଙ୍ଗୁଲୁ ପଧାନ, ୯ ନମ୍ବର ଜୋନରେ ସଚିନ ମୁଣ୍ଡା, ୧୦ ନମ୍ବର ଜୋନରେ ସୁଦନ ମୁଣ୍ଡା, ୧୧ ନମ୍ବର ଜୋନରେ ବିଶ୍ୱଭୂଷଣ ସାଆନ୍ତ, ୧୨ ନମ୍ବର ଜୋନରେ ଗୋବିନ୍ଦ ମୁଣ୍ଡା, ୧୩ ନମ୍ବର ଜୋନରେ ଦନ୍ଦଲେଇ ମୁଣ୍ଡା, ୧୪ ନମ୍ବର ଜୋନରେ କୃଷ୍ଣଚନ୍ଦ୍ର ନାଏକ ଏବଂ ୧୫ନମ୍ବର ଜୋନରେ ଖଗେଶ୍ୱର ପୂର୍ତ୍ତୀ ନିର୍ଦ୍ୱନ୍ଦରେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସମିତିର ସଭାପତି ପଦ ଚୟନ ପାଇଁ ୧୧ ଫେବୃଆରିରେ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ନିର୍ବାଚିତ ୧୫ ଜଣ ନିର୍ଦ୍ଦେଶକ ମଧ୍ୟରୁ ଦମୟନ୍ତୀ ମହାନ୍ତ ଏକାକି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ଏହି ପ୍ରାର୍ଥୀପତ୍ରକୁ ଯାଞ୍ଚ କରିବା ପରେ ୧୭ ଫେବୃଆରୀରେ ଦମୟନ୍ତୀ ମହାନ୍ତଙ୍କ ନାମକୁ ସଭାପତି ରୂପେ ଘୋଷଣା କରିଥିଲେ।



## ରାଶିଫଳ

ବୁଧବାର, ୧୯ ଫେବୃଆରୀ ୨୦୨୫



**ମେଷ:** ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ।



**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୌଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ। ବିବାହିତ ସାଥୀଙ୍କ ପତି କୌଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି।



**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅନ୍ତୁ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।



**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।



**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମୁନିଗୁଡା/ରାୟଗଡ଼(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ମୁନିଗୁଡା ବ୍ଲକ ସଦର ମହକୁମାସ୍ଥିତ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପାଟାଓ୍ୱରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ବନଖଣ୍ଡ ଅଧିକାରୀ ଆନ୍ନା ସାହେବ ଓହୋଲେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ, ମୁନିଗୁଡା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୫୯ ଟି ଅଭିଯୋଗ ଶିବିରରେ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୪ଗୋଟି ଗ୍ରାମବାସୀ ମାନଙ୍କ ଅଭିଯୋଗ ଥିଲା। ଏହି ଶିବିରରେ ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା , କୃଷି ସମସ୍ୟା, ଭତ୍ତା, ଗୃହ ନିର୍ମାଣ ଓ ଅନ୍ୟାନ ସମସ୍ୟା ଉପସ୍ଥାପିତ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଅଭିଯୋଗ ଶୁଣାଣି ଅଧିକାରୀ ସୁସ୍ମିତା ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁନିଗୁଡା କୃଷ୍ଣଚନ୍ଦ୍ର ଦଳପତି, ତହସିଲଦାର ମୁନିଗୁଡା ଏମ ଅନୁରାଧା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ, ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ ।

# ବାଂଲା ଶରଣାର୍ଥୀଙ୍କ ଆଶ୍ରୟସ୍ଥଳ ପାଲଟିଛି ଉମରକୋଟ




ଉମରକୋଟ(ଭାସ୍କର ନ୍ୟୁଜ): ଗତ ଅଗଷ୍ଟ ମାସରେ ବାଂଗଲାଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ବର୍ବରତା ଆକ୍ରମଣ ଘଟଣା ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଦେଶରେ ଲୁଚି ରହିଥିବା ବାଙ୍ଗଲାଦେଶୀ ଶରଣାର୍ଥୀ ସୀମାବର୍ତ୍ତି ଅଞ୍ଚଳରେ ପ୍ରବେଶ କରିବା ଆଶଙ୍କା କରି ଓଡିଶା - ଛତିଶଗଡ଼ ସୀମାନ୍ତ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଠାରେ ଗାଁ ଗାଁ ରେ ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ସଜାଗ ହୋଇଥିଲେ କ୍ଷ ଉମରକୋଟ ବ୍ଲକ ସଦରମହକୁମା ଓ ପୌରାଞ୍ଚଳରେ କିଛି ଘର ମାଲିକ ବିନା ପରିଚୟପତ୍ରରେ ବାହାର ବ୍ୟବସାୟୀମାନଙ୍କୁ ଘର ଭଡ଼ା ସୂତ୍ରରେ ରଖିଥିବା ବେଳେ ଯେଉଁ ବିବାଦ ସୃଷ୍ଟି ହେଲା। ଅଧିକାଂଶ ବ୍ୟବସାୟୀ ବାଙ୍ଗଲାଦେଶୀ ଶରଣାର୍ଥୀ ଯୋଗୁଁ ରାତାରାତି ଅଞ୍ଚଳ ଛାଡି ଚାଲିଯାଇଥିଲେ। କିଛି ଦିନ ପରେ ଏବେ ପୁଣି ସ୍ଥାନୀୟ ଅଞ୍ଚଳରେ ଅଧିକାଂଶ ବାହାର ବ୍ୟବସାୟୀ ପ୍ରବେଶ କରିବା ଅନୁମାନ କରାଯାଉଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ସହ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଦାବି ହୋଇଛି । ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଛତିଶଗଡ ସୀମାବର୍ତ୍ତି ଅଞ୍ଚଳ ହୋଇଥିବା ବେଳେ ଏଠାରେ ଦିନକୁ ଦିନ ଅଜଣା ବ୍ୟକ୍ତି ବିଶେଷଙ୍କ ସଂଖ୍ୟା ବହୁ ମାତ୍ରରେ ବଢ଼ିବାରେ ଲାଗିଛି । ଉମରକୋଟ ସହରରେ ବାହାର ରାଜ୍ୟର ଯେଉଁ ଭଳି ବେପାରୀ ବିଭିନ୍ନ ସାହି ସାହିରେ ରହି ଆସୁଛନ୍ତି । ଘର ମାଲିକ କିମ୍ବା ପୋଲିସ ପ୍ରଶାସନ ପାଖରେ ରେକର୍ଡ ଅନୁଯାୟୀ କୌଣସି ତଥ୍ୟ ନ ଥିବା ବେଳେ ବର୍ତ୍ତମାନ ଅଜଣା ଲୋକଙ୍କ ଆଶ୍ରୟ ସ୍ଥଳୀ ପାଲଟିଛି ଉମରକୋଟ। ଶାଢ଼ୀ,ପ୍ଲାଷ୍ଟିକ ସାମଗ୍ରୀ, ବାସନ କୁସନ, ମନୋହରୀ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହ ଉପକରଣ ତଥା ସୌଖିନ ସାମଗ୍ରୀ ବେପାର ଆଶାରେ ଗାଁ ରେ ପସରା ମେଲାଇଛନ୍ତି ବାହାର ବେପାରୀ । କିଛି ଦିନ ହେବ ପ୍ରତି ଦିନ ସକାଳେ ବହୁ ବାହାର ରାଜ୍ୟ ନମ୍ବର ଥିବା ଦୁଇ ଚକିଆ ଯାନରେ ବିଭିନ୍ନ ସାମଗ୍ରୀ ସମ୍ଭାର ସହ ଗାଁ ଗାଁ ରେ ପହଞ୍ଚି ବେପାର ଚଳାଇଛନ୍ତି। ରାଜ୍ୟ ରାଜପଥରେ ସ୍ଥାନୀୟ ଯାନବହନ କଡାକଡି ଯାଞ୍ଚ ପୋଲିସ ପକ୍ଷରୁ କରାଯାଉଥିବା ବେଳେ ଏମିତି ବେପାର ସାମଗ୍ରୀ ଗାଡ଼ି ଅନାୟାସରେ ଚଳ ପ୍ରଚଳ ହେଉଛି । ବେପାର ପାଇଁ ବାହାର ବେପାରୀଙ୍କ ଉପରେ ପ୍ରତିବନ୍ଧକ ରହିବା ଜରୁରୀ ନୁହେଁ ମାତ୍ର ଏମାନଙ୍କ ସଂପର୍କରେ ସଠିକ୍ ତଥ୍ୟ ଅନ୍ତତଃ ପୋଲିସ ରେକର୍ଡରେ ରହିବା ଆବଶ୍ୟକ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ବର୍ତ୍ତମାନ ଛୋଟ ମୋଟ ଚୋରୀ ଭଳି ଅପରାଧିକ ମାମଲା ସାମ୍ନାକୁ ଆସିଛି ।ତେବେ ପୋଲିସ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ସହ ସଚେତନତା ବାର୍ତ୍ତା। ପ୍ରଚାର ହେଉଥିବା ବେଳେ ବାହାର ରାଜ୍ୟରୁ ଆସୁଥିବା ଗାଡି ଓ ବେପାର ସାମଗ୍ରୀ ସହ ବେପାରୀଙ୍କ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ରହିପାରୁ ନାହିଁ । ଉମରକୋଟ ବ୍ଲକର ୨୬ ଗୋଟି ପଞ୍ଚାୟତ ସହ ପୌରାଞ୍ଚଳର ଠାରେ ଯେଉଁଭଳି ବାହାର ବ୍ୟବସାୟୀ ପ୍ରବେଶ ଜାରୀ ରହିଛି ସେହି ଅନୁପାତରେ ଦିନକୁ ଦିନ ଛୋଟ ମୋଟ ଚୋରି, ବାଇକ ଚୋରୀ ଭଳି ଅଭିଯୋଗ ସାମ୍ନାକୁ ଆସୁଛି। ସେହିଭଳି କିଛି ପରିବାର ବେପାରବଟା କରୁଥିବା ବେଳେ ପରିବାରର କିଛି ସଦସ୍ୟ ଭିକ୍ଷାବୃତ୍ତି କରୁଥିବା ସାମ୍ନାକୁ ଆସୁଛି । ବିଭିନ୍ନ ସାହି ଗଳିରେ ଏମିତି ଅଜଣା ବ୍ୟକ୍ତି ର କାରବାର ହେଉଥିବା ବେଳେ ସ୍ଥାନୀୟ ପୋଲିସ ନିକଟରେ ଖବର ରହୁନାହିଁ । ଅନେକ ବେପାରୀ ବର୍ତ୍ତମାନ ଉମରକୋଟ ସଦର ମହକୁମା ସହ ବିଭିନ୍ନ ପଞ୍ଚାୟତରେ ମଧ୍ୟ ଘର ଭଡ଼ା ନେଇ ରହି ଆସୁଥିବା ବେଳେ ଘର ଭଡା ଲୋଭରେ ଘର ମାଲିକ ମଧ୍ୟ ବେପାରୀମାନଙ୍କ ପରିଚୟ ପତ୍ର ରଖୁ ନାହାଁନ୍ତି। ଫଳରେ ନିରାପଦ ଭାବରେ ଅକ୍ଲେଶରେ ପ୍ରବେଶ କରି ସୁରକ୍ଷିତ ସ୍ଥାନ ଭାବେ ଉମରକୋଟକୁ ଆଶ୍ରୟ ସ୍ଥଳୀ କରିଛନ୍ତି । ପ୍ରତିଦିନ ଶହ ଶହ ବାଇକ ଓ ସାଇକେଲରେ ବେପାର ସାମଗ୍ରୀ ଧରି ଗାଁ ଗାଁ ରେ କାରବାର କରୁଥିବାବେଳେ ଏମିତି ଗାଡ଼ି ଓ ଗାଡ଼ିଚାଳକ ସହ ବ୍ୟବସାୟ ସମ୍ପର୍କିତ ତଥ୍ୟ ପୋଲିସ ପକ୍ଷରୁ ସଂଗ୍ରହ ଏକାନ୍ତ ଜରୁରୀ ବୋଲି ସବୁ ମହଲରେ ମତ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି ।

# ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରାର ଶେଷ ଦିନରେ ୭ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



କୋଷାଗୁମୁଡା(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ଗ୍ରାମରେ ଶୁକ୍ରବାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ସମ୍ପୂର୍ଣ୍ଣ ଜାକ ଜମକ ଏବଂ ବହୁ ଆଡମ୍ବରରେ ପାଳନ ଆରମ୍ଭ ହୋଇଥିଲା। ଆଜି ମାଘ ମଣ୍ଡେଇ ଯାତ୍ରାର ପଞ୍ଚମ ତଥା ଶେଷ ଦିନରେ ବନ୍ଧୁ ବାନ୍ଧବ ଘର ବାହୁଡିଛନ୍ତି। ତେବେ ରବିବାର ଶେଷ ଦିନ ଅବସରରେ ବାହାର ରାଜ୍ୟ ଏବଂ ଜିଲ୍ଲାରୁ ବିଭିନ୍ନ ଘରେଇଉପକରଣ ଏବଂ ସାଜସଜ୍ଜା ଜିନିଷପତ୍ର ସାଧାରଣ ବଜାର ଠାରୁ ମଧ୍ୟ କମ ଦାମରେ ବିକ୍ରୀ କରୁଥିବା ବେଳେ ମହିଳାଙ୍କ ଭିଡ ଦେଖିବାକୁ ମିଳିଛି । ମିନା ବଜାର ମଧ୍ୟରେ ରାମଦୋଳି, ଡ୍ରାଗୋନ ଟ୍ରେନ, ଖସଡ଼ା, ବୋଟିଂ, ଘୋଡାଗାଡି ଭଳି ଅନେକ ମନୋରଞ୍ଜନଦାୟକ ଗୁଡିକରେ ଛୋଟ ପିଲାଙ୍କ ଭିଡ ଦେଖିବାକୁ ମିଳିଥିଲା । ଏହି ମାଘ ମଣ୍ଡେଇରେ ଲୋକନୃତ୍ୟ ଏବଂ ଆଦିବାସୀ ନାଟକ ଦେଖିବା ପାଇଁ ଅଞ୍ଚଳ ଏବଂ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ଭିଡ଼ ଜମିଥିଲା । ଶେଷ ଦିନ ରେ ପ୍ରାୟ ୭ହଜାର ରୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ଏହି ମାଘ ମଣ୍ଡେଇ ଯାତ୍ରାରେ ପ୍ରାୟ ୫ଶହରୁ ଅଧିକ ଉଠାଦୋକାନ ସହ ସ୍ଥାନୀୟ ୪ଦୋକାନ ରେ ଆନୁମାନିକ ୩ କୋଟି ଟଙ୍କାରୁ ଅଧିକ ବେପାର ହୋଇଥିବା ଜଣାପଡିଛି । ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଗୋଟିଏଥର ହେଉଥିବା ବେଳେ ପ୍ରାୟ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏବଂ ଶନିବାର ମୁଖ୍ୟ ଦେବା ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ । ସ୍ଥାନୀୟ ଗ୍ରାମର ମୁଖ୍ୟ ଦେବତା ରାଜ୍ ଚାଉଁରିଆଙ୍କ ଏହା ମଣ୍ଡେଇ ଯାତ୍ରା । ଆଦିବାସୀଙ୍କ ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ । ମଣ୍ଡେଇ ଯାତ୍ରା କଲେ ଅଞ୍ଚଳରେ ରୋଗ, ବ୍ୟାଧି ବ୍ୟାପେ ନାହିଁ ଓ ଚଳିତ ବର୍ଷର ଫସଲ ଭଲ ହୋଇଥାଏ ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି ।

# ଶିବମନ୍ଦିରର ପ୍ରତିଷ୍ଠା ଉତ୍ସବ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ଠାରେ ନୂତନ ନିର୍ମିତ ଶିବ ମନ୍ଦିରର (ସୋମନାଥେଶ୍ୱର) ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠାଜନିତ ଶୁଭକାର୍ଯ୍ୟକୁ ଗଞ୍ଜାମ ଜିଲ୍ଲାର ନାମୀଦାମୀ ଶାସ୍ତ୍ରୀଙ୍କ ତଥା ପଣ୍ଡିତ କହ୍ନେଇ ଶତପଥୀ, ଯଜ୍ଞ ନାରାୟଣ ପାତ୍ର, ହୃଷୀକେଶ ପାଢ଼ୀ, ହରେକୃଷ୍ଣ ମିଶ୍ର, ହରିହର ଦାସ, ଡମ୍ବରୁଧର ପାଢ଼ୀ ଓ ରାମଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଙ୍ଗା ପୂଜନ ଓ କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିଲା । ଏହି ଅବସରରେ ସୋମନାଥପୁର ଓ ଏହାର ଆଖପାଖ ଗାଁର ପାଖାପାଖି ୧୦୦୦ ରୁ ଊର୍ଦ୍ଧ୍ୱ ମହିଳା ପ୍ରମୁଖ ଯୋଗଦେଇ ନିକଟସ୍ଥ ନଦୀରୁ ଜଳ ଆଣି ମୁଣ୍ଡରେ କଳସ ଧରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରି ଶେଷରେ ପ୍ରତିଷ୍ଠାସ୍ଥଳ ଯଜ୍ଞକୁଣ୍ଡ ନିକଟରେ ସ୍ଥାପିତ କରିଥିଲେ । ପରେ ନୀତି ଶାସ୍ତ୍ର ଅନୁଯାୟୀ ପଣ୍ଡିତମାନେ ଉକ୍ତ ଯଜ୍ଞ ବେଦୀରେ ବନଯାଗ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଆଜିର ଏହି ପବିତ୍ର କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିଷା, ମନ୍ଦିର କମିଟିର ସଭାପତି ବଳରାମ ସ୍ୱାଇଁ, ମୁଖ୍ୟ ଉଦ୍ୟୋକ୍ତା କିଶୋର ଚନ୍ଦ୍ର ପ୍ରଧାନ, ମନ୍ଦିର ପୂଜାରୀ ଆଦୁ ମାଝୀ, ସିରିପେଟା ଜଗନ୍ନାଥ ମନ୍ଦିର ପୂଜାରୀ ବିଜୟାନନ୍ଦ ପଣ୍ଡା, ସମାଜସେବୀ ଅଜୟ କୁମାର ପଟ୍ଟନାୟକ, ବାସୁଦେବ ଲେଙ୍କା, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମନ୍ଦିର ଉପଦେଷ୍ଟା ସଦସ୍ୟ ବଳରାମ ଚାଲାଣ, ମଦନ ସୁଆବି, ରବିନ୍ଦ୍ର ମାଝୀ, ଭଗବାନ ସ୍ୱାଇଁ, ମଙ୍ଗୁ ମାଝୀ, ଗୁରୁଦେବ ରୁମୁଡା, ବୁଦ୍ଧଦେବ ଚାଲାଣ, ଡମ୍ବରୁ ରୁମଡା, ଶ୍ରୀକାନ୍ତ ପାଢ଼ୀ, ମଙ୍ଗଳା ସୁଆବୀ, ଶତ୍ରୁଘ୍ନ ସ୍ୱାଇଁ, କୃଷ୍ଣ ମାଝୀ, ସନୁ ଖିଲ, ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଷ୍ଠା ଉତ୍ସବ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଯେଉଁଥିରେ ପ୍ରତ୍ୟେକ ଦିନ ଅନ୍ନଯଜ୍ଞ, ନାମଯଜ୍ଞ ଓ ଘୃତଯଜ୍ଞ ଭଳି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟିର ସମ୍ପାଦକ ବଳରାମ ଚାଲାଣ ମତପୋଷଣ କରିଛନ୍ତି ।

## ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ

# ଶ୍ରୀକୃଷ୍ଣ ଜନ୍ମ, ପୁତନା ପ୍ରେରଣ ଓ ଷଡ଼ମଲ୍ଲ ବିନାଶ




ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଷଷ୍ଠତମ ବିରାଟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସରେ ସୋମବାର ଦିନ କଂସ ମହାରାଜଙ୍କର ଦରବାରରେ ଶ୍ରୀକୃଷ୍ଣ ଜନ୍ମ, ପୁତନା ପ୍ରେରଣ, ଷଡ଼ମଲ୍ଲ ବିନାଶ ହୋଇଥିଲା । ଧନୁଯାତ୍ରା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ଶିବାଜି ମହାନ୍ତି, ସୁଶୀଲ ତ୍ୟାଗୀ ମଥାଧୀଶ ମହିମା ପୀଠ ମୁରିବାହାଲ, ବିଜେପି ମୁରିବାହାଲ ବ୍ଲକ ମଣ୍ଡଳ ସଭାପତି ରାମୁ କୁମ୍ଭାର , ହଳଦୀ ମଣ୍ଡଳ ସଭାପତି ସୁବାସ ପୋଢ଼, ଗଁରେଇ ମଣ୍ଡଳ ସଭାପତି ପ୍ରଦୀପ ବଛା, ବଲାଙ୍ଗୀର ସରକାରୀ ମହିଳା ବିଦ୍ୟାଳୟର ଉପବିଭାଗ ଅଧିକାରୀ ନକୁଳ ମାଝୀ, ବରିଷ୍ଠ ଶିକ୍ଷାବିତ୍ ଲମ୍ବୋଦର ଭୋଇ, ବଲାଙ୍ଗୀର ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ରବୀନ୍ଦ୍ର କୁମାର ସୁନା ପୋଲିସ ଅଧିକାରୀ ବଲାଙ୍ଗୀର, ମୁରିବାହାଲ ବ୍ଲକ ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଓବିସି ମୋର୍ଚ୍ଚା ବଲାଙ୍ଗୀର ଅକ୍ଷୟ ରଣା, ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସାତଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଛି । ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଛି ।ଦର୍ଶକମାନେ ସୁବିଧାରେ ଧନୁଯାତ୍ରା ଦେଖିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ବିଶ୍ୱବିହାରୀ ଯୋଷୀ, ନିରଞ୍ଜନ ସାହୁ ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର ,କାର୍ଯ୍ୟକାରୀ ସଭାପତି ତରଣୀସେନ୍ ମେହେର, ରାଜିବ କୁମାର ମହାନ୍ତି, ସୁଦାମ ବଘାର,ରମେଶ ନାଗ, ସୁଦାମ ସାହୁ ସାଧାରଣ ସମ୍ପାଦକ,ତରୁଣ ପୋଢ଼ ,ସହ ସମ୍ପାଦକ , ପ୍ରେମାନନ୍ଦ ମାଝୀ, ରମାରଞ୍ଜନ ପାତ୍ର କୋଷାଧ୍ୟକ୍ଷ , ପଦ୍ମଲୋଚନ ସାହୁ, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଉଦିତ କଟା, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ହେମନ୍ତ କୁମାର ଶର୍ମା,ଉପଦେଷ୍ଟା ଦୁର୍ଯୋଧନ ବେହେରା, ଚିନ୍ତାମଣି ମହାରଣା, କୃତିବାସ ଦାସ, ଯାଞ୍ଚ କମିଟି ସୁରେଶ କୁମାର ଶର୍ମା, ଅନିଲକୁମାର ଶର୍ମା, ରାମକୃଷ୍ଣ ଆଡ଼ଯୁଆଡ, ଭୀଷ୍ମରାଜ ମେହେର, ଉଦିତ କଟା, କରନ ଜାଲ, ଲକ୍ଷ୍ମଣ ମହାରଣା, କୁନ୍ତ ପୋଢ଼, ଯୁଗେନ୍ଦ୍ର ଥାଟିଙ୍କ ସହ ପ୍ରଚାର ପ୍ରସାର କମିଟିର କେଦାର ବଡଜେନା, ପ୍ରଫୁଲ୍ଲ ବଘାର, ଅମରେଶ ମାଝୀଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ କମିଟିର କୋଷାଧ୍ୟକ୍ଷ ଭରତ ଦାଶ ଧନ୍ୟବାଦ୍ ଦେଇଥିଲେ ।

# ବିଜେପି ଜିଲ୍ଲା ସଭାପତି ସମ୍ବର୍ଦ୍ଧିତ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବିଜେପି ସଭାପତି ଭାବେ ଶିବ ମୁଦୁଲିଙ୍କ ନାଁ ଦଳ ଘୋଷଣା କରିଛି । ନୂଆ ସଭାପତିଙ୍କୁ କୋରାପୁଟ ସର୍କିଟ ହାଉସରେ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ପରିଷଦ ସଭ୍ୟ ଗୌତମ ସାମନ୍ତରାୟ, ଯୁବମୋର୍ଚ୍ଚା ସଭାପତି ବିଶ୍ୱ ତ୍ରିପାଠୀ, ଜଗନ୍ନାଥ ଶତପଥୀ, ରାଧେଶ୍ୟାମ ପରିଡା, ମୀନକେତନ ଦାଶ, ଏସ ମନୋଜ କୁମାରଙ୍କ ସହ ବିଭିନ୍ନ ବ୍ଲକର ସଭାପତି ଭେଟି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷାବିତରୁ ନେତା ହୋଇଥିବା ଶିବ ମୁଦୁଲି ୨୦୧୪ ନିର୍ବାଚନରେ ଲକ୍ଷ୍ମୀପୁର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ହୋଇଥିଲେ । ରାଜ୍ୟ ଏସଟି ମୋର୍ଚ୍ଚା ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । କୋରାପୁଟ ଜିଲ୍ଲା ଆଦିବାସୀ ମଞ୍ଚ ସଭାପତି ଭାବେ ଦଳ ତାଙ୍କୁ ଦାୟିତ୍ୱ ଦେଇଥିଲେ । ସମସ୍ତଙ୍କୁ ନେଇ ଆଗକୁ ବଢିବେ, ସଂଗଠନକୁ ସୁଦୃଢ଼ କରିବା ତାଙ୍କ ପ୍ରାଥମିକତା। ଅନ୍ୟ ଦଳର ବହୁନେତା ବିଜେପିରେ ଯୋଗଦେବେ ବୋଲି ଶ୍ରୀ ମୁଦୁଲି କହିଛନ୍ତି ।

# ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ବିଜେପି ସଭାପତି ଭାବରେ ମନୋନୀତ ହେଲେ ନବ କିଶୋର ଶବର । ଦଳୀୟ ସ୍ତରରେ ଘୋଷଣା ପରେ ନବ କିଶୋରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲା ବିଜେପି କାର୍ଯ୍ୟାଳୟରେ ଦଳିୟ କର୍ମୀଙ୍କ ଗହଣରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ସଭାପତି ତଥା ପୁର୍ବତନ ବିଧାୟକ କେ. ନାରାୟଣ ରାଓ , ଜଗନ୍ନାଥ ମହାପାତ୍ର, ନୃସିଂହ ପଟ୍ଟନାୟକ , ଅରୁଣିମା ସାହୁ , କାଉନସିଲର ବିଭୂତି ଭୁଷଣ ବେହେରା ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବଡ଼ି ବିଲ୍‌ଡିଂରେ ଅସିତଙ୍କ କୃତିତ୍ୱ




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ମୋହନା ବ୍ଲକର ଅସିତ୍ ଦଉ ଭାରତର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ବଡ଼ି ବିଲଡ଼ିଙ୍ଗ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଚାଲିଛନ୍ତି। ଫେବୃଆରୀ ୯ରେ ପୁରୀର ସମୁଦ୍ର ବେଳା ଭୂମିରେ ଅନୁଷ୍ଠିତ କନିଷ୍ଠ ଓ ବରିଷ୍ଠ ୟୁନିଭରସାଲ ଲିଜେଣ୍ଡ କ୍ଲାସିକ୍ ବଡ଼ି ବିଲଡ଼ିଙ୍ଗ୍ ପ୍ରତୀଯୋଗିତାରେ ଚମ୍ପିଆନ୍ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୧୬ ଫେବୃଆରୀରେ ପୁରୀ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଥିବା ବିଏଫ୍ ୦୭ କ୍ଲାସିକ୍ ସିନିଅର ବଡ଼ି ବିଲଡ଼ିଙ୍ଗ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ଆସନ୍ତା ମାର୍ଚ୍ଚରେ ମାଲେସିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱସ୍ତରୀୟ ବଡ଼ି ବିଲଡ଼ିଙ୍ଗ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅସିତ୍ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାର୍ଚ୍ଚ ୯ରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହେବାକୁ ଥିବା ବଡି ବିଲଡିଙ୍ଗ୍ ପ୍ରତୀଯୋଗିତାରେ ସେ ଭାଗ ନେଇ କୃତିତ୍ୱ ହାସଲ କରିବେ ବୋଲି ଅସିତ୍ କହିଛନ୍ତି।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ନୂଆପଡ଼ା(ଭାସ୍କର ନ୍ୟୁଜ୍): କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଶିବିରରେ ମୋଟ ୧୦୨ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ୮୧ ଟି ବ୍ୟକ୍ତିଗତ ୧୯ ଟି ଗୋଷ୍ଠୀଗତ ଓ ୨ଟି ରେଡ୍ କ୍ରସ୍ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବୁଢ଼ି କୋମନା ଅସହାୟ ବିଧବା ସାହାନୀ ବାଗଙ୍କୁ ଦଶ ହଜାର ଟଙ୍କା ଏବଂ କୋମନାର ଭିନ୍ନକ୍ଷମ ବେଦବ୍ୟାସ ବାର୍ଗେଙ୍କୁ ପାଞ୍ଚ ହଜାର ଟଙ୍କାର ଆଶୁ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠି ରୁ ଯୋଗାଇ ଦିଆ ଯାଇଥିଲା କ୍ଷ ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାୟକ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧରଣୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମଋତୁ ପୂର୍ବରୁ ପାଣି ପାଇଁ ହନ୍ତସନ୍ତ କାଙ୍ଗୁରୁକୋଣ୍ଡା ଗ୍ରାମବାସୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ବର୍ଷ ବର୍ଷ ଧରି ବନ୍ଦ ରହିଛି ଜଳ ଯୋଗାଣ କେନ୍ଦ୍ର। ପିଇବା ପାଣି ନପାଇ ହନ୍ତସନ୍ତ ହେଉଛନ୍ତି ସମଗ୍ର ଆଦିବାସୀ ଗାଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରକୋଣ୍ଡା ଗାଁରେ। କାଙ୍ଗୁରକୋଣ୍ଡା ଗାଁରେ ନାଁ ଅଛି ଭଲ ନଳକୂପଟିଏ ନାଁ ରହିଛି କୂଅ ଶୋଷ ମିଣ୍ଟାଇବା ପାଇଁ । ତେଣୁ ଯିବାକୁ ପଡୁଛି କୋଷେ ବାଟ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପାଖରେ ରହିଛି ପଞ୍ଚାୟତ ଅଫିସ୍ ହେଲେ ଦୁଃଖ ଶୁଣିବାକୁ କେହି ନାହାଁନ୍ତି। ଅନେକ ଦିନ ଧରି ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣୁନାହାନ୍ତି ସରକାରୀ ବାବୁ। ଝରପାଣିକୁ ଭରସା କରୁଛନ୍ତି ଗ୍ରାମବାସୀ। ଝର ଆଉ ଚୁଆ ପାଣି ପିଇ ଗାଁରେ ନାନାଦି ରୋଗ ବ୍ୟାପୁଛି। ଅଶୁଦ୍ଧ ଚୁଆ ଓ ଝର ପାଣି ଗାଁ ଲୋକେ ବ୍ୟବହାର କରିବା ଫଳରେ ପିଲା ଠାରୁ ବଡ଼ ପର୍ଯ୍ୟନ୍ତ ଝାଡ଼ାବାନ୍ତି ଏବଂ ଚର୍ମରୋଗରେ ପୀଡିତ ହେଉଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଗାଁରେ ଟାଇମିଂ ଜଳଯୋଗାଣ କେନ୍ଦ୍ର ରହିଥିବାବେଳେ ଟୋପାଏ ପାଣି ଆସୁନଥିବା କହିଛନ୍ତି ଗାଁ ଲୋକେ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମାଣ ଏହି ଜଳଯୋଗାଣ କେନ୍ଦ୍ର କେବଳ ଖାଲି ନାମକୁ ମାତ୍ର ରହିଛି। ଗ୍ରାମବାସୀଙ୍କ କୌଣସି କାମରେ ଲାଗୁ ନଥିବା କହିଛନ୍ତି ଗ୍ରାମବାସୀ। ଆଦିବାସୀ ଗାଁ ଗଣ୍ଡାରେ ଏଭଳି ଦୃଶ୍ୟ ଦେଖିବା ପାଇଁ ସ୍ୱାଭାବିକ ଥିବାବେଳେ ନେତା ହୁଅନ୍ତୁ ଅବା ସରକାରୀ ବାବୁ କେହି ଆମ ଦୁଃଖ ଶୁଣିବାକୁ ନାରାଜ ବୋଲି କହିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ କାଲିମେଳା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସୋରେନ ବାବୁଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଟାଇମିଂ ଜଳ ଯୋଗାଣ କେନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯାଇ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ଜଳ ଯୋଗାଣ କେନ୍ଦ୍ରକୁ ଚଳାଇବା ଏବେ ପଞ୍ଚାୟତର ଦାୟିତ୍ୱ ରହିଛି। ତେବେ କାଙ୍ଗୁରକୋଣ୍ଡା ସରପଞ୍ଚ ରେବତୀ କୁଞ୍ଜଙ୍କୁ ଏନେଇ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ପାଇଛୁ। ଯଦି କୌଣସି କାରଣରୁ ଜଳ ଯୋଗାଣ କେନ୍ଦ୍ର ଅଚଳ ହୋଇଥିବ ତୁରନ୍ତ ମରାମତି ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରୀ

ଉମରକୋଟ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବରିଷ୍ଠ ତୀର୍ଥଯାତ୍ରୀ ଯୋଜନା ରେ ଆଜି ଉମରକୋଟ ପୌର ପରିଷଦ ପକ୍ଷରୁ ୯ ଜଣ ବରିଷ୍ଠ ନାଗରିକି କଲିକତା ଓ ଆସାମର କାମାକ୍ଷା ଗସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ ପୁରୁଷ ଓ ମହିଳା ୬ ଜଣ ଅଛନ୍ତି। ଏମାନେ ସମସ୍ତେ ପ୍ରଥମେ ନବରଙ୍ଗପୁର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଜିଲ୍ଲାରୁ ଅନ୍ୟ ତୀର୍ଥଯାତ୍ରୀଙ୍କ ସହ ମିଶି ଏକ ସ୍ୱତନ୍ତ୍ର ବସରେ କଲିକତା ଓ କାମାକ୍ଷା ଅଭିମୁଖେ ବାହାରିବେ। ଏହା ଏକ ସାତଦିନିଆ କାର୍ଯ୍ୟକ୍ରମ । ଆଜି ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ରେ ପୌରଧକ୍ଷା ରାଧା ଭତ୍ରା ଉପସ୍ଥିତ ରହି ସମସ୍ତ ତୀର୍ଥଯାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

# ଅଲଫାବେଟ୍‌ଜ ଇଣ୍ଟରନ୍ୟାସ୍‌ନାଲ ପ୍ରି-ସ୍କୁଲର ବାର୍ଷିକ ଉତ୍ସବ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଅର୍ବାନ ପଡିଆ ଠାରେ ଅଲଫାବେଟଜ୍ ଇଣ୍ଟରନ୍ୟାସନାଲ ପ୍ରି ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ମାନ୍ୟବର ପାରଳା ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ବିଧାୟକ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ଅଧକ୍ଷା ବାଲାସାଇ ଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଗୋପ(ଭାସ୍କର ନ୍ୟୁଜ): ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ଗୋପ-କୋଣାର୍କ ରାସ୍ତାରେ ଚଢାଉ କରାଯାଇ ଜଣେ ଧଳା ଜହର ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତା ନିକଟରୁ ୬୨ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଯାହାର ମୂଲ୍ୟ ୬ ଲକ୍ଷ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତ ଜଣକ ହେଲା ଗୋପ ଥାନା ଅଧିନ ଗିରିମା ଗ୍ରାମର ବସନ୍ତ କୁମାର ଜେନା (୩୨) । ଏ ନେଇ କୋଣାର୍କ ଅବକାରୀ ଥାନା ପକ୍ଷରୁ ୧୧୭/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ନିମାପଡା କୋର୍ଟକୁ ଚାଲାଣ କରାଯାଇଥିଲା । ମାତ୍ର ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପ-କାରାଗାରକୁ ପଠାଇ ଦିଆଯାଇଛି । ସୁଚନାମୁତାବକ ବସନ୍ତ ସହ ଏକ ରାକେଟ୍ ଦୀର୍ଘ ଦିନ ହେଲା ଧଳା ଜହର ବ୍ୟବସାୟ କରି ଯୁବଗୋଷ୍ଠୀଙ୍କୁ ପ୍ରଥଭ୍ରଷ୍ଟ କରୁଥିବା ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା । ଅଧିକ୍ଷକ ଶ୍ରୀ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ରେଞ୍ଜ ନିରୀକ୍ଷିକ ପାର୍ଥସାରଥୀ ରାଉତଙ୍କ ପ୍ରତ୍ୟେକ ତତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ମନୋଜ କୁମାର ପୃସେଟଙ୍କ ସହ ଏକ ଟିମ୍ ଉକ୍ତ ରାକେଟ୍‌କୁ ଧରିବା ପାଇଁ ଛକି ରହିଥିଲେ । ଏହି ସମୟରେ ଗୋପ ଥାନା ଅଧୀନ କୁନ୍ଦୁରା ଛକରୁ ବସନ୍ତକୁ ଗିରଫ କରିବା ସହ ତା ନିକଟରୁ ୬୨ ଗ୍ରାମ ହେରୋଇନ ଜବତ କରି କୋଣାର୍କ ଅବକାରୀ ଥାନାକୁ ଆଣିଥିଲେ । ମାତ୍ର ଏହି ରାକେଟ୍‌ର ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଥିବା ଜଣାପଡିଛି । ଏହି ବ୍ରାଉନ ସୁଗାରର ଚେର କେନ୍ଦ୍ରାପଡା ଓ ଜଗତସିଂହପୁରରୁ ଗୋପ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଛି । ଉକ୍ତ ଅଂଚଳର କେତକ ବ୍ୟବବାୟୀ ନୟାହାଟ, ଗୋପ, ଚାରିଛକ, ନାଗପୁର, କୋଣାର୍କ ଆଦି ଆଖପାଖର ଯୁବଗୋଷ୍ଠୀଙ୍କୁ ହାତବାରସୀ କରି ଖୁଲମଖୁଲା ବ୍ୟବସାୟ କରୁଛନ୍ତି । ଏ ଖବର ଅବକାରୀ ବିଭାଗ ନିକଟରେ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଭାକୁର ଛାଡି ମିନ ଧରି୍ୱହାବା ନେଉଛନ୍ତି ।

# ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମେଳା



ପୁରୀ(ଭାସ୍କର ନ୍ୟୁଜ) : ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରତ୍ୟେକ ପିଲାଙ୍କୁ ଦକ୍ଷତା ଓ ପ୍ରତିଭାରେ ନିପୁଣ କରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ଜିଲ୍ଲା ସମଗ୍ର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଶିଶୁ ମାନଙ୍କୁ ମୂଲ୍ୟ ବୋଧ ଭିତ୍ତିକ ଶିକ୍ଷା ଓ ପ୍ରତିଭା ପ୍ରଦର୍ଶନର ମଞ୍ଚ ଯୋଗାଇଥାଏ। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରା ଶିଶୁ ମାନଙ୍କ ମନସ୍ତତ୍ୱକୁ ବୁଝି ଶିକ୍ଷାଦାନ କରାଗଲେ ତାହା ଅଧିକ ଫଳପ୍ରଦ ହୁଏ ବୋଲି କହିଥିଲେ। ବିଭିନ୍ନ ଉଦାହରଣ ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ବେହେରା ପିତାମାତା, ଅଭିଭାବକ ଓ ଶିକ୍ଷକ ମାନେ ଶିଶୁ ପାଇଁ ଉପଯୁକ୍ତ ସମୟ ଦେବା ଓ ସେମାନଙ୍କ ଆଗ୍ରହ କୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପିଲାଟି ନିଜ କଥା ବା ଭାବ ନିଜକୁ ସହଜ ହେଉଥିବା ଭାଷାରେ ପରିପ୍ରକାଶ କରିବା, ପ୍ରତିକ୍ରିୟା ଦେବା, ସଂଖ୍ୟା ଜ୍ଞାନ ସମ୍ପର୍କରେ ଅବଗତ ଓ ଅଭ୍ୟସ୍ତ ହେବା ଏହି ନିପୁଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହୋଇ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହାର ଉପଯୋଗ ପାଇଁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ନିପୁଣ ଓଡିଶା ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିଷଦ ତଥ୍ୟ ଉପସ୍ଥାପନ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପଞ୍ଚସୂତ୍ରର ଉପଯୋଗ, ନିପୁଣ ଓଡ଼ିଶାର ପ୍ରଚାର ପ୍ରସାର, କାର୍ଯ୍ୟାବଳୀ, ଛାତ୍ରଛାତ୍ରୀଙ୍କ ଭୂମିକା, ପିତାମାତାଙ୍କ ଭୂମିକା, ଶିକ୍ଷକମାନଙ୍କ ଭୂମିକା, ଗୋଷ୍ଠୀର ଭୂମିକା, ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ଓ ଶିକ୍ଷା ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି ଓ ନିପୁଣ ଓଡ଼ିଶା ପିଲାଙ୍କୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବ ବୋଲି କହିଥିଲେ।ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଶୁଶିଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାମକୃଷ୍ଣ ସାହୁ ସମସ୍ତଙ୍କୁ ନିପୁଣ ଓଡିଶା ଶପଥ ପାଠ କରାଇଥିଲେ। ପରେ ଛାତ୍ରଛାତ୍ରୀ ମାନେ ଶିକ୍ଷା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶ୍ରୀମନ୍ଦିରରେ ପଶି ମହାପ୍ରଭୁଙ୍କୁ ଦର୍ଶନ କଲେ ବିଦେଶୀ

ପୁରୀ(ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ପଶି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ବିଦେଶୀ। ମହାପ୍ରଭୁଙ୍କ ଦର୍ଶନ ସାରି ଉତ୍ତରଦ୍ୱାର ଦେଇ ଫେରିବା ବେଳେ ଚର୍ଚ୍ଚାମାନେ ତାଙ୍କୁ ଧରିଛନ୍ତି। ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିଷେଧ ଥିବାବେଳେ ଦୁଇଜଣ ବିଦେଶୀ ସାଧୁ ବେଶରେ ଧୋତି, ଚୁଡ଼ିଦାର ପିନ୍ଧି ଏବଂ ମୁଣ୍ଡରେ ଗାମୁଛା ଘୋଡ଼ାଇ ଅତି ଚତୁରତାର ସହ ମନ୍ଦିରରେ ପଶିବା ଓ ଦର୍ଶନ ସାରି ଫେରିବା ପରେ ବି ପୁଲିସ ଏ ସଂପର୍କରେ ଜାଣି ନ ପାରିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ସୂଚନା ମୁତାବକ, ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟା ବେଳେ ଦୁଇ ବିଦେଶୀ ହିନ୍ଦୁ ବେଶରେ ଶ୍ରୀମନ୍ଦିରରେ ପଶି ଦର୍ଶନ ପରେ ଉତ୍ତରଦ୍ୱାର ଦେଇ ବାହାରୁଥିଲେ। କିଛି ଚର୍ଚ୍ଚା ଏ ସମ୍ପର୍କରେ ଜାଣିବା ପରେ ଦୁଇଜଣଙ୍କୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଦୁଇଜଣ ଚୁଟି ମୁଣ୍ଡନ କରିଥିଲେ। ସେମାନଙ୍କ ହାତରେ ମାଳି, ଦେହରେ ଧୋତି ଓ ଚୁଡ଼ିଦାର ରହିଥିଲା। ମୁଣ୍ଡରୁ ଦେହ ଏକ ଗାମୁଛାରେ ଘୋଡ଼ାଇ ହୋଇଥିଲେ। କେବଳ ମୁହଁ ସାମାନ୍ୟ ଦେଖା ଯାଉଥିଲା। ଚର୍ଚ୍ଚାମାନେ ଉଭୟଙ୍କୁ ଧରି ପୁଲିସ ଜିମା ଦେଇଥିଲେ। କିନ୍ତୁ ପୁଲିସ ଥାନାକୁ ନେବା ବଦଳରେ ସେମାନଙ୍କୁ ଛାଡ଼ି ଦେଇଥିଲା। ଜଣେ ଚର୍ଚ୍ଚା ଦୁଇ ବିଦେଶୀଙ୍କୁ ଅଟକାଇ ରଖିବାକୁ ଚେଷ୍ଟା କରିଥିଲେ ବି ପୁଲିସ କିମ୍ବା ଜେଟିପି କେହି ସହଯୋଗ କରୁନଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସୁରକ୍ଷା ଦିଗରେ ପୁଲିସ କେତେ ସତର୍କ ରହିଛି, ତାହା ଏହି ଘଟଣାରୁ ସ୍ପଷ୍ଟ ହେଉଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ, CAD-2616
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୩୦୧୬/ଭୁ.ଉ.କ., ଭୁବନେଶ୍ୱର ତା ୧୦.୦୨.୨୦୨୫ ରିଖ
MA-38/78

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନୟାପଲ୍ଲୀ ହାଉସିଂ ସ୍କିମ୍, ମୌଜା- ନୟାପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MA-31 କୁ ଡକ୍ଟର ଛବିନ୍ଦ୍ର ପ୍ରସାଦ ମହାନ୍ତି, ପିତା-ସ୍ୱର୍ଗତ ବିଦ୍ୟାଧର ମହାନ୍ତି, ଗ୍ରାମ/ପୋଷ୍ଟ-ନଧରା, ଥାନା-ମୋତାଙ୍ଗ, ଜିଲ୍ଲା-ଢେଙ୍କାନାଳ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ଡକ୍ଟର ଛବିନ୍ଦ୍ର ପ୍ରସାଦ ମହାନ୍ତି ଗତ ତା-୧୦.୦୫.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate No.5160/2021 dt.2.06.2021). ଆବଣ୍ଟନଗ୍ରାହୀ ଡକ୍ଟର ଛବିନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସ୍ତ୍ରୀ-ଡକ୍ଟର ମଞ୍ଜୁଶ୍ରୀ ମହାନ୍ତି ମଧ୍ୟ ଗତ ତା-୦୪.୦୫.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate No.5062/2021 dt.1.06.2021).

Legal heir certificate Misc. Case.No.E-LHC/2022/78593 dated 23.06.2022 ଅନୁଯାୟୀ ସ୍ୱର୍ଗତ ଡକ୍ଟର ଛବିନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ଉତ୍ତରାଧିକାରୀ (୧) ଶିଳାଭଦ୍ର ମହାନ୍ତି (ପୁତ୍ର) ଓ (୨) ସୋନୁ ମହାନ୍ତି (କନ୍ୟା) ଅଟନ୍ତି ।

ବର୍ତ୍ତମାନ (୧) ଶିଳାଭଦ୍ର ମହାନ୍ତି (ପୁତ୍ର) ଓ (୨) ସୋନୁ ମହାନ୍ତି (କନ୍ୟା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR 13033/11/0245/2425

OFFICE OF THE SUPERINTENDENT
SCB MEDICAL COLLEGE HOSPITAL, CUTTACK
E-768
E-mail ID:-scbsuperintendent@gmail.com
No.- 3929 //Dt 18.02.2025

SHORT TENDER CALL NOTICE

Sealed Tenders are invited from the interested reputed Travel Agencies/ Tour Operators or private individuals for providing one **BS-VI Non-AC Petrol driven vehicles (Zest/Tigor/Swift Dzire/Xcent/Etios ets)** having valid MV documents for official use of Registrar(Administration), SCB Medical College & Hospital, Cuttack on hire basis. The tender paper and details terms and conditions will be available at the website "www.scbmch.in" and also from the Non-Technical Store section, SCB MCH, Cuttack in all working days on deposit Rs. 1000/- (Rupees One thousand) only in the Accounts Section (Govt.) by cash/DD in favour of the Superintendent, SCB Medical College & Hospital, Cuttack (Non refundable) from dt. 19.02.2025 to dt.27.02.2025. The undersigned is not responsible for any delay/ omission on part of the bidder.

Sd/-Medical Superintendent
SCB Medical College Hospital
Cuttack
OIPR 10186/11/0021/2425

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION, KHARIAR
A-1064
e-Procurement Notice No. SELICD-04/2024-25, Dt.13.02.2025
e-mail address: - eelicd.khr@gmail.com
*****
No 608 Date 13.02.2025

1. Type/Nature of work: Civil Work / Canal Works
2. Total No. of works: 03 (Three) Nos.
3. Approx. value of works: Rs. 5.04 Lakh to Rs. 26.88 Lakh (Excluding GST).
4. Period of completion: 01 (One) to 03 (Three) Calendar months.
5. Classification of bidders: "D"& "C" Class Contractor only.

Other details as follows:

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division Khariar, Dist:-Nuapada, Odisha. | SELICD-04/2024-25 | 19.02.2025 from 10.00 AM | 05.03.2025 up to 5.00 PM | 07.03.2025 at 11.00AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

(Er. Soumya Kishore Jaipuria)
Superintending Engineer,
Lower Indra Canal Division, Khariar
OIPR 32206/11/0004/2425

OFFICE OF THE NOTIFIED AREA COUNCIL, RAMBHA
Letter No.- 328 /NAC Date- 18.02.2025
"e" Procurement Notice
C-1687
TENDER REFERENCE NO.: RABNAC-02/2024-25

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e www.tendersodisha.gov.in

1. Name of the Work : PROVIDING CONSULTANCY SERVICES FOR PREPARATION OF COMPREHENSIVE DRAINAGE MASTER PLAN AND DPR FOR STORM WATER DRAINAGE SYSTEM OF RAMBHA NAC
2. No. of works : 1 No.
3. Period of completion : As Per DTCN.
4. Date & time of availability of bid document in the portal : From 10.00AM of 19.02.2025 to 5:00PM of 10.03.2025.
5. Last date / Time for receipt of bids in the portal : 5:00PM of 10.03.2025.
6. Last Date / Time of receiving of documents relating of tender Off-line : From 10.00AM of 10.03.25 to 5.00 PM of Dt.10.03.25.
7. Technical proposals received online shall be opened on : 11.03.2025 at 12.30 PM.
8. Financial proposals received online shall be opened on : 19.03.2025 at 12.30 PM.
9. Name and address of the Officer Inviting Bid : Executive Officer, NAC Rambha.
10. Further details can be seen from the e-procurement portal https://tendersodisha.gov.in

Sd/-Executive Officer,
NAC, Rambha.
OIPR 13114/11/0024/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଆଇ ଚଢାଉ...

୩ଜଣ ଡ୍ରାଇଭର, କେୟାରଟେକର ଏବଂ ଅଫିସ କର୍ମଚାରୀଙ୍କୁ ମଧ୍ୟ ସିବିଆଇ ଜେରା କରିଥିଲା। ତେବେ ଶାରୀରିକ ଅସୁସ୍ଥତା ଦର୍ଶାଇ ବିଷ୍ଣୁପଦ ସିବିଆଇ ଅଫିସକୁ ନିଜେ ନ ଯାଇ ତାଙ୍କ ଓକିଲକୁ ପଠାଇଥିଲେ।

### ୨୦ ସନ୍ଧ୍ୟା...

ସୂଚନାଯୋଗ୍ୟ ଯେ ଦିଲ୍ଲୀର ୭୦ ବିଧାନସଭା ଆସନ ପାଇଁ ଗତ ୫ ତାରିଖରେ ମତଦାନ ହୋଇଥିଲା। ୮ ତାରିଖରେ ଭୋଟଗ୍ରହଣ କରାଯାଇ ଫଳାଫଳ ପ୍ରକାଶ କରାଯାଇଥିଲା। ବିଜେପି ଏକାକୀ ୪୮ଟି ଆସନ ପାଇଥିବାବେଳେ ଆପ୍ ୨୨ଟି ଆସନରେ ବିଜୟୀ ହୋଇଥିଲା।

### ଯୁକ୍ତ ଦୁଇ...

ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲୁ ରହିବ । ମୋଟ ୨୨ଟି ସିଟିଂରେ ସମସ୍ତ ପରୀକ୍ଷା ଶେଷ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପରୀକ୍ଷା ସରିବାର ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଶ୍ନପତ୍ର ଲିକ୍ ବା ଗୁଜବ ସୃଷ୍ଟି କଲେ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତଥର କୌଣସି ସିଲାବସ୍ ବଦଳି ନାହିଁ । କେବଳ ପାଟର୍ଣ୍ଣକୁ ବଦଳାଯାଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ତଦନ୍ତ ପାଇଁ...

ସେ କହିଛନ୍ତି, କିଟ୍ ଘଟଣା ଉପରେ ସରକାର ନଜର ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ନେଇ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ମାମଲାରେ କିଟ୍ କର୍ତ୍ତୃପକ୍ଷଙ୍କଠାରୁ ଆମେ ଜବାବ ମାଗିଥିଲୁ। ଜବାବ ମିଳିବା ପରେ ସରକାର ଅଧିକ ତତ୍ପର ହୋଇଛନ୍ତି। କ୍ୟାମ୍ପସ ଛାଡ଼ିଥିବା ପିଲାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି। ନେପାଳୀ ପିଲାଙ୍କୁ କାଉନସେଲିଂ ମଧ୍ୟ କରାଯାଉଛି। କିଟ୍‌ଠାରୁ ପ୍ରତି ଦୁଇଘଣ୍ଟାରେ ରିପୋର୍ଟ ମଗାଯାଉଛି। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ଜଣ ନିର୍ଦ୍ଦେଶକ ରହିଥିବାବେଳେ ୨ଜଣ ସୁରକ୍ଷା ଗାର୍ଡ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ନଜରରେ ରଖି ଶେଷରେ କିଟ୍ କର୍ତ୍ତୃପକ୍ଷ ଏହି ଅଘଟଣ ପାଇଁ କ୍ଷମାପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନେପାଳରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ନେପାଳ ରାଜରାସ୍ତାରେ ଶହଶହ ଛାତ୍ରଛାତ୍ରୀ କିଟ୍ ବିରୋଧରେ ନାରାବାଜି କରିବା ସହିତ ମୃତ ଛାତ୍ରୀର ପରିବାରକୁ ତୁରନ୍ତ ନ୍ୟାୟ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସୋମବାର ମଧ୍ୟ ଏହି ଘଟଣାକୁ ନେଇ ଦିନତମାମ କିଟ୍ ପରିସରରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା।

### ୩୩୨୭ କେଜି...

ଏହା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ମାମଲା ଫୁଲବାଣୀ ସଦର ଥାନାରେ ପଞ୍ଜିକରଣ ହୋଇଛି। ତୁଡ଼ିପାଦୁ ଗ୍ରାମ ପଂଚାୟତ କାଡ୍ରିମ୍ବା ଘାଟି ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସଂକ୍ରାନ୍ତରେ ସୂଚନା ପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ଭକ୍ତି ବେହେରା, ବିନୋଦ ବେହେରା ଏବଂ ସାରଳା ବେହେରା ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୪ ଟି ପଲିଥିନ ବ୍ୟାଗରେ ଭର୍ତ୍ତି ହୋଇଥିବା ୩୫୨.୮ କେଜି ଗଞ୍ଜେଇ ଜବତ କରିଛି । ଉପରୋକ୍ତ ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ,ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନ ଗତବର୍ଷ ନଭେମ୍ବର ମାସ ୦୧ ତାରିଖରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୬୨୧ ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ୭୪୫ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି।

### ଓଡ଼ିଶା ପାଇଁ...

ସରକାର ଫେରାଇ ଆଣିବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ପ୍ରୟାସ କରିବେ ଓ ନିୟମିତ ଭାବେ ଜନସାଧାରଣଙ୍କ ସୁଖ ଦୁଃଖରେ ଦଳ ପହଞ୍ଚିବ । ଏହିଭଳି ଦୃଢୋକ୍ତି ବାଢିଛନ୍ତି ନବନିଯୁକ୍ତ ପିସିସି ସଭାପତି । ତେବେ ଶ୍ରୀ ଦାସ ଦିଲ୍ଲୀରୁ ଫେରିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂକଳ୍ପ ପଦଯାତ୍ରା କମିଟି ଅଧକ୍ଷ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ସାଗର ଦାସ, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ମିନାକ୍ଷୀ ବାହିନିପତି, ରଞ୍ଜିତ ପାତ୍ର, ୟାସିର ନୱାଜ, ଅମୀୟ ପାଣ୍ଡବ, ସୁବ୍ରତ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନ, ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ମନୋଜ ଜେନା ଓ ଅନ୍ୟମାନେ ବିମାନ ବନ୍ଦରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ଓଡ଼ିଶା କଂଗ୍ରେସ ସେବା ଦଳର ଶହ ଶହ କର୍ମୀ କଂଗ୍ରେସ ପତାକା ଧରି ଏହି ସଂକଳ୍ପ ପଦଯାତ୍ରାରେ ଚାଲିଥିଲେ । ହସ୍ପିଟାଲ ଛକରେ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କଂଗ୍ରେସ କର୍ମୀମାନେ ଶ୍ରୀ ଭକ୍ତ ଦାସଙ୍କୁ ସ୍ୱାଗତ କରିଥିଲେ । ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତାପୁର ଛକ, ଉତରାଛକ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶିଶୁ ଭବନ ଛକ ଠାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସି.ଏସ୍. ରାଜନ ଏକ୍କା, ସୋଫିଆ ଫିର୍ଦୋଷ, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ଅଶୋକ ଦାସ, ଅପାଲ୍ଲା ସ୍ୱାମୀ କାଡ୍ରାକା ପ୍ରମୁଖ ବିଧାୟକ ମାନେ ଶ୍ରୀ ଦାସଙ୍କୁ ସ୍ୱାଗତ ଜଣାଇବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ । ଭୁବନେଶ୍ୱର କୋର୍ଟ ସାମ୍ମୁଖରେ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ଶ୍ରୀ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିପରି ସାମନ୍ତାପୁର ଛକରେ ଏକାମ୍ରର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନବନିଯୁକ୍ତି ପିସିସି ସଭାପତି ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ସେହିପରି ଲିଙ୍ଗିପୁର ଛକ ପୂର୍ବରୁ ଶତାଧିକ ସାଧାରଣ ଜନତା ସଂକଳ୍ପ ଯାତ୍ରାକୁ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ । ଅପରାହ୍ନ ୩ ଘଟିକାରେ ସଂକଳ୍ପ ପଦଯାତ୍ରା ଲିଙ୍ଗିପୁର ଠାରେ ପହଞ୍ଚିଥିଲା। ଉତ୍ତରାଛକ ଠାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ । ପିପିଲି ନିର୍ବାଚନ ଆରମ୍ଭ ପୂର୍ବରୁ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଶ୍ରୀ ଦାସଙ୍କ ଭବ୍ୟ ସମ୍ବର୍ଦ୍ଧନ କରିଥିଲେ । ଏହି ସଂକଳ୍ପ ପଦଯାତ୍ରା ୩ ଦିନ ବ୍ୟାପୀ ଆୟୋଜିତ ହେବ ବୋଲି ଜଣାପଡ଼ିଛି। ଭୁବନେଶ୍ୱର ବିମାନ ବନ୍ଦରରୁ ଆଜି ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ପିପିଲିରେ ରାତ୍ର ୮.୩୦ ମିନିଟ୍ ଘଟିକାରେ ପହଂଚିଥିଲା । ପିପିଲି ବଜାରରେ ସାଧାରଣ ଜନତା ଓ ବ୍ୟବସାୟ ସଂଘର ବହୁ କର୍ମକର୍ତା ରୁଣ୍ଡ ହୋଇ ବିରାଟ ପଟୁଆରକୁ ହାତ ହଲେଇ ସ୍ୱାଗତ କରିଥିଲେ । ସଂକଳ୍ପ ପଦଯାତ୍ରୀମାନେ ପିପିଲ ହାଟ ବଜାର କଲ୍ୟାଣ ମଣ୍ଡପ ଠାରେ ରାତ୍ରୀ ଯାପନ କରିବେ । ଶ୍ରୀଯୁକ୍ତ ଦାସ ଉତରାଛକ ଠାରେ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଫଳ ବଂଟନ କରିଥିଲେ । ଆସନ୍ତାକାଲି ସକାଳ ୮.୩୦ ମିନିଟ୍ ?ରେ ପୁନଶ୍ଚ ପିପିଲିରୁ ଦ୍ୱିତୀୟ ଦିବସ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ । ଏହି ବିଶାଳ ସଂକଳ୍ପ ଯାତ୍ରା ପାଇଁ କଂଗ୍ରେସ ପ୍ରେମୀ, କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି । ଗଣମାଧ୍ୟମକୁ ସମ୍ବୋଧିତ କରି ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ପାଇଁ ନୂଆ ଏକ ଅଧ୍ୟାୟ ଆରମ୍ଭ ହୋଇଛି । ଏହି ସ୍ୱାଗତ ଓ ସଂକଳ୍ପ ପଦଯାତ୍ରାରେ ପ୍ରାକ୍ତନ ସାଂସଦ ନକୁଳ ନାୟକ, ନଗେନ୍ଦ୍ର ପ୍ରଧାନ, ପ୍ରାକ୍ତନ ବିଧାୟକ ବଳଭଦ୍ର ମାଝୀ, ଡ.ଲଲାଟେନ୍ଦୁ ମହାପତ୍ର, ଯୁଧିଷ୍ଠିର ଜେନା, ଚିନ୍ମୟ ପ୍ରସାଦ ବେଉରା, ବୀଜୟଲକ୍ଷ୍ମୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି ମୁଖପାତ୍ର ପଦ୍ମାକର ଗୁରୁ ସୂଚନା ଦେଇଛନ୍ତି।

## ଦୁର୍ବୃତ୍ତ ଲୁଟି ନେଲେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ତଥା କିଶନନଗର ଥାନା ଅଂଚଳରେ ଘନଘନ ଚୋରି ହେଉଥିବା କାରଣରୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁ ନାହାନ୍ତି। ମଣିଜଙ୍ଗ ଗ୍ରାମପଂଚାୟତ ୨ଜଣ ବ୍ୟକ୍ତିଙ୍କ ଘରର କବାଟ ଭାଙ୍ଗି ଦୁର୍ବୃର୍ତମାନେ ୧୦ଲକ୍ଷ ରୁ ଉର୍ଦ୍ଧ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଛି। ମଣିଜଙ୍ଗ ଗ୍ରାମର ଆଲୋକଚନ୍ଦ୍ର ମିଶ୍ର କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃର୍ତମାନେ ଘରର ପଛ କବାଟ ଗ୍ରୀଲ ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଦୁର୍ବୃର୍ତମାନେ ତାଙ୍କ ଗଡ୍ରେଜଭାଙ୍ଗି ୨ଟି ସୁନାହାର, ୧ଟି ସୁନା ଚେନ, ୨ଟି ଚୁଡି ହଳ, କାନଫୁଲ ହଳେ, ସୁନା ଲକେଟ ୧ଟି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଲୁଟ ସାମଗ୍ରୀର ମୂଲ୍ୟ ୮ଲକ୍ଷରୁ ଉର୍ଦ୍ଧ ହେବ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଏସମ୍ପର୍କରେ ଆଲୋକ ଚନ୍ଦ୍ର ମିଶ୍ର କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଟିମ ସହାୟତାରେ ତଦନ୍ତ କରିଥିଲେ ମଧ୍ୟ କୌଣସି ଦୁର୍ବୃର୍ତଙ୍କୁ ଗିରଫକରିବାରେ ସକ୍ଷମ ହୋଇନାହାନ୍ତି। ସେହିପରି ଭାବେ ଏହି ପଂଚାୟତର ଧାରୁବିଲ ଗ୍ରାମର ରମାକାନ୍ତ ମହାନ୍ତି କେନ୍ଦଝର ଜିଲ୍ଲାର ଆନନ୍ଦପୁର ଠାରେ ରହନ୍ତି। ତାଙ୍କ ଘରେ କେହିନଥିବାର ସୁଯୋଗ ନେଇ ଦୁର୍ବୃର୍ତମାନେ ଅନୁରୂପ ଭାବେ ଘରର ପଛ କବାଟ ଭାଙ୍ଗି ଘରେ ଥିବା ୨ହଳ କାନଫୁଲ, ସୁନା ଲକେଟ, ୧ଟି ମୁଦି, ଗୋଟିଏ ରୂପାର ଜଗନ୍ନାଥ ମୂର୍ତ୍ତି ସମେତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ରମାକାନ୍ତ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି କିଶନନର ଥାନା ପୋଲିସ ଏହି ଅଭିଯୋଗର ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇନାହାନ୍ତି। ତେବେ ଚୋରି ସାମଗ୍ରୀର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି। ତେବେ ଏହି ପଂଚାୟତରେ ଘନ ଘନ ଚୋରି ହେଉଥିବା କାରଣରୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନଥିବାର ଅଭିଯୋଗ ହୋଇଛି। ଏହି ଅଂଚଳରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି।

AFFIDAVIT

By virtue of an affidavit sworn before The Executive Magistrate, Dated: 17.02.2025, I Suvam Sekhar Nayak, Address- Village/Post-Damar Pur, PS-Pattamundai, Dist-Kendrapara-754214, Odisha, declare that I have changed my name from Subham Kumar Nayak to Suvam Sekhar Nayak. Henceforth I shall be known as Suvam Sekhar Nayak for all purposes.

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଟିଆରଡି-କେଜିପି-ଡବ୍ଲୁ-୨୦୨୪-୨୫--୧୪ଆରଟି, ତାରିଖ: ୧୭.୦୨.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିନିଅର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିର୍ଦ୍ଦିଷ୍ଟ ସମୟରେ ଉଲ୍ଲେଖ କରାଯାଇଥିବା ତାରିଖରେ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫.୩୦ରେ ଖୋଲାଯିବ। କାର୍ଯ୍ୟର ବିବରଣୀ: ଖଡ଼ଗପୁର-ଭଦ୍ରକ ସେକ୍ସନ୍ ସ୍ୱୟଂଚାଳିତ ସିଗନାଲିଂ କାର୍ଯ୍ୟ ସହିତ ଜଡ଼ିତ ୨୫କେଭିଏ ସହାୟକ ଟ୍ରାନ୍ସଫର୍ମର ବ୍ୟବସ୍ଥା ଏବଂ କ୍ଷେସନ କାର୍ଯ୍ୟ ନିୟମ (ଏସଡବ୍ଲୁଆର) ର ପରିଶିଷ୍ଟ-'ଏ' ର ପ୍ରସ୍ତୁତି ଏବଂ ଯୋଗାଣ, ଖଡ଼ଗପୁର-ଭଦ୍ରକ ସେକ୍ସନ୍ ସ୍ୱୟଂଚାଳିତ ସିଗନାଲିଂ କାର୍ଯ୍ୟ ସହିତ ଜଡ଼ିତ ସେକ୍ସନିଂ/ସ୍କିମାଟିକ୍ ଡାଇଗ୍ରାମ୍ ବୋର୍ଡ ଏବଂ ସିଗମା ବୋର୍ଡର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୨,୨୯,୧୮,୨୩୪.୬୦। ସର୍ବଶ୍ରେଷ୍ଠ ଟଙ୍କା ଜମା: ୨,୬୪,୬୦୦। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନାହିଁ। ଖୋଲିବାର ତାରିଖ: ୧୩.୦୩.୨୦୨୫। ସମୟ ଅବଧି: ୧୮ (ଅଠର) ମାସ। ଦାଖଲ ତାରିଖ: ୧୩.୦୩.୨୦୨୫ ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-1148)

## ୨ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଥାନା ଅଂଚଳରେ ସ୍କୁଟିରେ ଯାଉଥିଲା ବେଳେ ୨ ଯୁବକଙ୍କ ଉପରେ ଦୁର୍ବୃର୍ତମାନେ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ସେଥିମଧ୍ୟରୁ ଜଣେ ଯୁବକ ଗୁରୁତର ଥିଲା ବେଳେ ଅନ୍ୟଜଣେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଏହି ଘଟଣା ଉପରେ ତଦନ୍ତ ଜାରି ରଖିଛନ୍ତି। ଗତକାଲି ରାତ୍ର ପ୍ରାୟ୧୦.୩୦ବେଳେ ନତକାଇ ଗ୍ରାମପଂଚାୟତ ଏକରୁଖି ଗ୍ରାମର ଦେବାଶିଷ ଦ୍ୱିବେଦୀ(୩୧) ଓ ସେହିଗ୍ରାମର ରଶ୍ମିରଞ୍ଜନ ଲେଙ୍କା(୪୨) ସ୍ଥାନୀୟ ବାହାବଳପୁର ଛକରୁ ନିଜ ଗ୍ରାମ ଏକରୁଖିକୁ ଏକ ସ୍କୁଟିରେ ଯାଉଥିଲେ। ଏହି ସମୟରେ ୨ଟି ମଟର ସାଇକେଲରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରୁଥିଲେ। ମହାଜନପୁର ଗ୍ରାମର ବାଜଣାହୁଡା ନିକଟରେ ପିଛା କରୁଥିବା ୪ଜଣ ଦୁର୍ବୃର୍ତ ତାଙ୍କ ସ୍କୁଟିକୁ ଅଟକାଇ ଖଣ୍ଡା ସାହାର୍ଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ସେମାନଙ୍କ ଆକ୍ରମଣରେ ରଶ୍ମିରଞ୍ଜନଙ୍କ ମୁହଁ ଓ ମୁଣ୍ଡରେ ଶକ୍ତଚୋଟ ଲାଗିଛି। ଏପରିକି ଦେବାଶିଷଙ୍କୁ ମଧ୍ୟ ଆକ୍ରମଣ କରାଯିବାରୁ ତାଙ୍କ ହାତର ଆଙ୍ଗୁଠି ମଧ୍ୟ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ବାଦୁରାବର ଗ୍ରାମରେ ମାଙ୍କଡ କାମୁଡାରେ ୧୦ ଆହତ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡଖାରଦ ଗ୍ରାମପଞ୍ଚାୟତର ବାଦୁରାବର ଗ୍ରାମରେ ତିନି ଦିନ ହେଲା ଗୋଟିଏ ଜଙ୍ଗଲି ହନୁମାଙ୍କଡକାମୁଡିବାରୁ ଝିଲି ପ୍ରଧାନ, ଅମିତ ସାମନ୍ତରାୟ, ସାଇ ସାମନ୍ତରାୟ, ଆଲୋକ ପ୍ରଧାନ, ଗଣେଷ ଦଳାଇ ପ୍ରଭୃତି ୧୦ ଉର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତତ ସହିତ ଦୁଇଟି ଗୋରୁଙ୍କୁ ମଧ୍ୟ କାମୁଡି ଆହତ କରିଦେଇଛି । ବନ ବିଭାଗ ଅଧିକାରୀ ତୁରନ୍ତ ମାଙ୍କଡଟିକୁ ଧରି ନେବା ପାଇଁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

NOTICE INVITING TENDER: NIT No: TPCODL/NIT/24-25/23

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000002083/2024-25 | Rate Contract for Providing Facility Management and Pantry Services at Technology Centre TPCODL for Two Years |
| 2 | TPCODL/P&S/1000002094/2024-25 | Rate Contract for supply of 1000 KVA, 11/0.433KV Compact Sub Station. |
| 3 | TPCODL/P&S/1000002121/2024-25 | Rate Contract for Engagement of Catering Services at MDC, Bhubaneswar. |
| 4 | TPCODL/CCG/1000002120/2024-25 | One Year Rate Contract for Supply of Battery & Battery Charger for TP Odisha DISCOMs |
| 5 | TPCODL/CCG/1000002122/2024-25 | One Year Rate Contract for SITC of Locational Firewall in TPWODL and TPNODL. |
| 6 | TPCODL/P&S/1000002126/2024-25 | One Year Rate Contract for Supply of Office Stationeries at TPCODL |
| 7 | TPCODL/P&S/1000002128/2024-25 | One Year Rate Contract for Hiring of Agency for AMC Services of ACs installed at TPCODL Offices. |
| 8 | TPCODL/P&S/1000002129/2024-25 | Rate Contract for SITC of FRTUs at TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.21.02.2025**. Future communication / corrigendum to tender documents, if any, shall be available on TPCODL website.



ନୂଆଦିଲ୍ଲୀ : ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କୁ ଆମେରିକାର ମାସାଚୁସେଟ୍ସର ଗଭର୍ଣ୍ଣର ମୌରା ହେଲି ସମ୍ମାନଜନକ ଗଭର୍ଣ୍ଣର ପ୍ରଶଂସାପତ୍ରରେ ସମ୍ମାନିତ କରିଛନ୍ତି। ଏହି ପ୍ରଶଂସାପତ୍ରରେ ନୀତା ଅମ୍ବାନୀଙ୍କୁ ଜଣେ ଦୂରଦର୍ଶୀ ନେତ୍ରୀ, ସମାଜସେବୀ ଏବଂ ପ୍ରକୃତ ବିଶ୍ୱ ପରିବର୍ତ୍ତନକାରୀ ଭାବରେ ସ୍ୱୀକୃତି ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡ଼ା, କଳା, ସଂସ୍କୃତି ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ପରିବର୍ତ୍ତନକାରୀ କାର୍ଯ୍ୟ ପାଇଁ ନୀତା ଅମ୍ବାନୀଙ୍କୁ ଆଜୀବନ ସମର୍ପଣ ପାଇଁ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ନୀତା ଅମ୍ବାନୀ ଭାରତ ଏବଂ ଭାରତ ବାହାରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରିଛନ୍ତି। ଏହି ଅବସରରେ ବୋଷ୍ଟନରେ ନୀତା ଅମ୍ବାନୀ ହାତତିଆରି ବନାରସୀ ଶାଢୀ ପିନ୍ଧିଥିଲେ। ନିକଟରେ ମଧ୍ୟ ନୀତା ଅମ୍ବାନୀଙ୍କୁ ଇଣ୍ଡିଆ ବିଜନେସ୍ ଲିଡର ଆୱାର୍ଡସର ୨୦ତମ ସଂସ୍କରଣରେ 'ବ୍ରାଣ୍ଡ ଇଣ୍ଡିଆର ଉତ୍କୃଷ୍ଟ ଅବଦାନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ମୁଖ୍ୟ ନିର୍ବାଚନ କମିଶନ ନିଯୁକ୍ତି ନେଇ କେନ୍ଦ୍ର ଉପରେ ବର୍ଷିଲେ ରାହୁଲ



ନୂଆଦିଲ୍ଲୀ: ମଧ୍ୟରାତ୍ରୀରେ ମୁଖ୍ୟ ନିର୍ବାଚନ କମିଶନ ନିଯୁକ୍ତି ଦେବା ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ନୂଆ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ମଧ୍ୟରାତ୍ରିରେ ତରବର ହୋଇ ନିଷ୍ପତ୍ତି ନେବା ନିହାତି ଅସମ୍ମାନଜନକ ଏବଂ ଅଶୋଭନୀୟ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସମାଲୋଚନା କରିଛନ୍ତି ରାହୁଲ। ନୂଆ ମୁଖ୍ୟ ନିର୍ବାଚନ କମିଶନ ଚୟନ କମିଟିରେ ଥିବା ୩ ଜଣିଆ ସଦସ୍ୟଙ୍କ ଭିତରେ ରାହୁଲ ଗାନ୍ଧୀ ବି ଉପସ୍ଥିତ ଥିଲେ। ତେବେ ସୁପ୍ରିମକୋର୍ଟ ନିର୍ଦ୍ଦେଶର ଉଲ୍ଲଂଘନ କରି ଚୟନ କମିଟିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ସାମିଲ ନ କରିବାକୁ ନେଇ ମଧ୍ୟ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ତରବରିଆ ଭାବରେ ନିଆଯାଇଥିବା ଏହି ନିଷ୍ପତ୍ତି 'ଆମର ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା' ଉପରେ କୋଟି କୋଟି ଭୋଟରଙ୍କ ଚିନ୍ତାକୁ ବଢ଼ାଇ ଦେଇଛି ବୋଲି ସେ କହିଛନ୍ତି। ରାହୁଲ କହିଛନ୍ତି 'ମୁଖ୍ୟ ନିର୍ବାଚନ କମିଶନ ଚୟନ କରିବା ପାଇଁ ଚୟନ କମିଟି ଗଠନ ଏବଂ ପ୍ରକ୍ରିୟାକୁ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ଲମ୍ବିତ ଅଛି। ଏବଂ ଏହାର ଶୁଣାଣିକୁ ମାତ୍ର ୪୮ ଘଣ୍ଟାରୁ ବି କମ୍ ସମୟ ବାକି ଅଛି। ହେଲେ ତା' ପୂର୍ବରୁ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ନୂଆ ସିଇସିଙ୍କୁ ଚୟନ କରିବା ପାଇଁ ମଧ୍ୟରାତ୍ରିରେ ଏମିତି ତରବରିଆ ଭାବେ ନିଷ୍ପତ୍ତି ନେବା ଅସମ୍ମାନଜନକ ଏବଂ ଅଶୋଭନୀୟ।' ସୂଚନା ଥାଉକି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟିର ବୈଠକ ବସିଥିଲା। ଏହାପରେ ନୂଆ ସିଇସି ନିଯୁକ୍ତ କରାଯାଇଥିଲା। ହେଲେ କମିଟିର ସଦସ୍ୟ ଥିବା ରାହୁଲ ଗାନ୍ଧୀ କିନ୍ତୁ ନିଯୁକ୍ତିକୁ ବିରୋଧ କରିଥିଲେ। ବୁଧବାର ସୁପ୍ରିମକୋର୍ଟରେ ଚୟନ ପ୍ରକ୍ରିୟା ଉପରେ ଏକ ଆବେଦନର ଶୁଣାଣି ହେବାକୁ ରହିଛି ବୋଲି ସେ କହିଥିଲେ। ସୂଚନା ଥାଉକି, ରାଜୀବ କୁମାରଙ୍କ ପରେ ସିଇସି ହୋଇଥିବା ଜ୍ଞାନେଶ କୁମାର ହେଉଛନ୍ତି ଦେଶର ପ୍ରଥମ ସିଇସି ଯାହାଙ୍କୁ ଚୟନ କରିବା ପାଇଁ ଚୟନ କମିଟିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ବଦଳରେ କେନ୍ଦ୍ର ଗୃହମନ୍ତ୍ରୀ ସଦସ୍ୟ କରାଯାଇଛି। ସଂଶୋଧିତ ଆଇନ ଅନୁସାରେ ଏପରି କରାଯାଇଛି। ଏନେଇ ବରିଷ୍ଠ କଂଗ୍ରେସ ନେତା କେସି ବେଣୁ ଗୋପାଳ କହିଛନ୍ତି 'ଏପରି ନିନ୍ଦନୀୟ ଆଚରଣ ସରକାର କିଭଳି ନିର୍ବାଚନ ପ୍ରକ୍ରିୟାକୁ ନଷ୍ଟ କରୁଛନ୍ତି ସେ ନେଇ ଲୋକଙ୍କ ସନ୍ଦେହକୁ ଏକ ପ୍ରକାର ସୁନିଶ୍ଚିତ କରିଛି।

# ବିବେକ ଯୋଶୀ ନୂଆ ନିର୍ବାଚନ କମିଶନର ନିଯୁକ୍ତ




ନୂଆଦିଲ୍ଲୀ: କେରଳ କ୍ୟାଡରର ପୂର୍ବତନ ଆଇଏଏସ୍ ଜ୍ଞାନେଶ କୁମାରଙ୍କୁ ଦେଶର ୨୬ତମ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ଜ୍ଞାନେଶ ଏବେ ନିର୍ବାଚନ ଆୟୁକ୍ତ ଥିବାବେଳେ ତାଙ୍କୁ ସିଇସି ଭାବେ ପଦୋନ୍ନତି ଦିଆଯାଇଛି। ସେହପରି ହରିୟାଣାର ମୁଖ୍ୟ ସଚିବ ଭାବରେ କାର୍ଯ୍ୟ କରିଥିବା ଡକ୍ଟର ବିବେକ ଯୋଶୀଙ୍କୁ ନିର୍ବାଚନ କମିଶନର ଭାବରେ ସୋମବାର ନିଯୁକ୍ତ କରାଯାଇଛି। ବିବେକ ହରିୟାଣା କ୍ୟାଡରର ୧୯୮୯ବ୍ୟାଚର ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ, ଯାହାଙ୍କୁ ଗତ ବର୍ଷ ନଭେମ୍ବରରେ ହରିୟାଣାର ମୁଖ୍ୟ ସଚିବ ଭାବରେ ଦାୟିତ୍ୱ ଦିଆଯାଇଥିଲା। ବିବେକ ଯୋଶୀଙ୍କ ନିଯୁକ୍ତି ପତ୍ରରେ କୁହାଯାଇଛି, 'ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନ, ୨୦୨୩ (୨୦୨୩ର ଆଇନ ନମ୍ବର ୪୯) ର ଧାରା ୪ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଡକ୍ଟର ବିବେକ ଜୋଶୀ, ଆଇଏଏସ (ଏଚୱାଇ:୧୯୮୯)ଙ୍କୁ ଭାରତୀୟ ନିର୍ବାଚନ କମିଶନରେ ନିର୍ବାଚନ କମିଶନର ଭାବରେ ନିଯୁକ୍ତି ଦେଉଛନ୍ତି, ଯାହା ସେ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ କାର୍ଯ୍ୟକାରୀ ହେବ। ବୈଠକର ଏହି ପ୍ୟାନେଲରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଏହି ବୈଠକ ସାଉଥ ବ୍ଲକରେ ଅବସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହୋଇଥିଲା।

# ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମୀକ୍ଷା କଲେ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ନୂଆଦିଲ୍ଲୀରେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପସ୍ଥିତିରେ ଜାମ୍ମୁ-କାଶ୍ମୀରରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଜାମ୍ମୁ-କାଶ୍ମୀରରେ ପୋଲିସ, କାରାଗାର, ଅଦାଲତ, ଅଭିଯୋଜନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଜାମ୍ମୁ-କାଶ୍ମୀରର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ, ପୁଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ (ବିବିଆରଡି)ର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ମହାନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଆଲୋଚନା ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନକୁ ୨୦୨୫ ମସିହା ଏପ୍ରିଲ ମାସ ସୁଦ୍ଧା ଜାମ୍ମୁ-କାଶ୍ମୀରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ତିନୋଟି ନୂତନ ଅପରାଧିକ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ କହିଥିଲେ। ସେ କହିଛନ୍ତି ଯେ ତିନୋଟି ନୂତନ ଅପରାଧିକ ଆଇନ ଅଧୀନରେ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଜ୍ଞାନକୌଶଳର ସର୍ବାଧିକ ବ୍ୟବହାର କରାଯିବା ଉଚିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ନୂତନ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ପୋଲିସ କର୍ମଚାରୀ ଏବଂ ପ୍ରଶାସନର ମନୋଭାବରେ ପରିବର୍ତ୍ତନ ଆଣିବା ଏବଂ ନାଗରିକମାନଙ୍କ ମଧ୍ୟରେ ନୂତନ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ଜରୁରୀ। ସେ କହିଥିଲେ ଯେ ଜାମ୍ମୁ-କାଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ହ୍ରାସ ପାଇବା ଏବଂ ସୁରକ୍ଷା ପରିଦୃଶ୍ୟରେ ଉନ୍ନତି ହେବା ସହିତ ପୋଲିସ ଏବେ ନିଜ ନାଗରିକଙ୍କ ଅଧିକାରର ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ଚାର୍ଜସିଟ୍ ଦାଖଲ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୋଲିସ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ କହିଥିଲେ ଯେ କଠିନ ପରିସ୍ଥିତି ସତ୍ତ୍ୱେ ଜାମ୍ମୁ-କାଶ୍ମୀର ପ୍ରଶାସନ ଏବଂ ସରକାର ନୂତନ ଅପରାଧିକ ଆଇନର କାର୍ଯ୍ୟାନ୍ୱୟନ ଦିଗରେ ସନ୍ତୋଷଜନକ କାର୍ଯ୍ୟ କରିଛନ୍ତି। ସେ କହିଛନ୍ତି ଯେ ଜାମ୍ମୁ କାଶ୍ମୀରରେ ତିନୋଟି ନୂତନ ଆଇନର କାର୍ଯ୍ୟକାରିତାର ଅଗ୍ରଗତି ମାସିକ, ପାକ୍ଷିକ ଏବଂ ସାପ୍ତାହିକ ଭିତ୍ତିରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ସ୍ତରରେ ସମୀକ୍ଷା କରାଯିବା ଉଚିତ।

# ୨୪ରେ ବିଶ୍ୱ ନିବେଶକ ସମ୍ମିଳନୀ




ଭୋପାଳ: ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଫେବୃଆରୀ ୨୪-୨୫, ୨୦୨୫ରେ ହେବାକୁ ଥିବା ପ୍ରମୁଖ ଦ୍ୱିବାର୍ଷିକ କାର୍ଯ୍ୟକ୍ରମ, ଇନଭେଷ୍ଟ ମଧ୍ୟପ୍ରଦେଶ-ଗ୍ଲୋବାଲ ନିବେଶକ ସମ୍ମିଳନୀର ୮ମ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି। ମଧ୍ୟପ୍ରଦେଶ ସରକାରଙ୍କ ଶିଳ୍ପ ନୀତି ଏବଂ ନିବେଶ ପ୍ରୋତ୍ସାହନ ବିଭାଗ ଦ୍ୱାରା ଏହି ଦୁଇ ଦିନିଆ ଆୟୋଜନ କରାଯାଇଛି, ଯାହା ମଧ୍ୟପ୍ରଦେଶର ଇନଭେଷ୍ଟମେଣ୍ଟ ଜଳବାୟୁ ଏବଂ ଶିଳ୍ପ ଭିତ୍ତିଭୂମିକୁ ଆଲୋକିତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ସମ୍ଭାବ୍ୟ ସହଯୋଗ ପାଇଁ ଅନେକ ସୁଯୋଗ ପ୍ରଦାନ କରିବ। ଏହି ସମ୍ମିଳନୀ ବିଶ୍ୱ ନେତା, ଶିଳ୍ପପତି ଏବଂ ବିଶେଷଜ୍ଞଙ୍କ ପାଇଁ ଉଦୀୟମାନ ବଜାର ଏବଂ ଧାରା ଉପରେ ଅନ୍ତର୍ଦୃଷ୍ଟି ବାଣ୍ଟିବା ଏବଂ ମଧ୍ୟପ୍ରଦେଶର ନିବେଶ ସମ୍ଭାବନାକୁ ଉପଯୋଗ କରିବାର ଉପାୟ ଅନୁସନ୍ଧାନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଅଭିବୃଦ୍ଧି ଏବଂ ନବସୃଜନର ଏହି ଅବିଶ୍ୱସନୀୟ ଯାତ୍ରାରେ ଆମ ସହିତ ଯୋଗଦାନ କରନ୍ତୁ। ମଧ୍ୟପ୍ରଦେଶ ଆପଣଙ୍କୁ ଇନଭେଷ୍ଟ ମଧ୍ୟପ୍ରଦେଶ - ଗ୍ଲୋବାଲ ନିବେଶକ ସମ୍ମିଳନୀ ୨୦୨୫ର ଏକ ଅଂଶ ହେବାକୁ ସ୍ୱାଗତ କରୁଛି।

# ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବିଷ୍ଣୁ ଦେବ



ରାୟପୁର: ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ମହାପୁରୁଷ, ଯୋଦ୍ଧା, ଦୂରଦୃଷ୍ଟିଶାଳୀ ଶାସକ ଏବଂ ଏକ ଶକ୍ତିଶାଳୀ ଓ ଆତ୍ମନିର୍ଭରଶୀଳ ଭାରତର ସ୍ଥପତି ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ବାର୍ଷିକୀ ଅବସରରେ ତାଙ୍କୁ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶିବାଜୀ ମହାରାଜଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ସାଏ କହିଛନ୍ତି ଯେ, 'ଛତ୍ରପତି ଶିବାଜୀ ମହାରାଜ ଜଣେ ସାମରିକ ପ୍ରତିଭା ଅପେକ୍ଷା ବହୁତ ଅଧିକ ଥିଲେ। ସେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା, ଜଣେ ଦକ୍ଷ ରଣନୀତିଜ୍ଞ ଏବଂ ଜଣେ ନ୍ୟାୟପର ଶାସକ ଥିଲେ ଯିଏ ଏକ ନିର୍ଭୀକ, ଆତ୍ମନିର୍ଭରଶୀଳ ଏବଂ ସାର୍ବଭୌମ ରାଷ୍ଟ୍ରର ମୂଳଦୁଆ ସ୍ଥାପନ କରିଥିଲେ। ତାଙ୍କର ଶୃଙ୍ଖଳିତ ସେନା, ଅଭିନବ ଯୁଦ୍ଧ କୌଶଳ ଏବଂ ପ୍ରଗତିଶୀଳ ନୀତି କେବଳ ତାଙ୍କ ଲୋକମାନଙ୍କୁ ସୁରକ୍ଷା ଦେଇ ନଥିଲା ବରଂ ଗର୍ବ ଏବଂ ଦେଶପ୍ରେମର ଗଭୀର ଭାବନା ମଧ୍ୟ ସୃଷ୍ଟି କରିଥିଲା।' ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଆହୁରି ମଧ୍ୟ କହିଥିଲେ ଯେ, ଶିବାଜୀ ମହାରାଜଙ୍କ ସାହସ, ଅଟଳ ସଂକଳ୍ପ ଏବଂ ଶାସନ ମଡେଲ ନେତା ଏବଂ ନାଗରିକମାନଙ୍କୁ ସମାନ ଭାବରେ ପ୍ରେରଣା ଦେଇଆସୁଛି। ଦମନକାରୀ ଶାସନକୁ ଚ୍ୟାଲେଞ୍ଜ କରିବା, ଏକ ଅନ୍ତର୍ଭୁକ୍ତ ଏବଂ ଦକ୍ଷ ପ୍ରଶାସନ ପ୍ରତିଷ୍ଠା କରିବା ଏବଂ ଦୂରଦୃଷ୍ଟି ସହିତ ନେତୃତ୍ୱ ନେବାର ତାଙ୍କର ଦକ୍ଷତା ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ଏକ କାଳଜୟୀ ଶିକ୍ଷା ହୋଇ ରହିଛି। ତାଙ୍କର ଶାସନ ନ୍ୟାୟ, କଲ୍ୟାଣ ଏବଂ ରଣନୈତିକ ପ୍ରତିଭାରେ ମୂଳ ଥିଲା, ଯାହା ଆଜି ମଧ୍ୟ ପ୍ରାସଙ୍ଗିକ ଏକ ମାନଦଣ୍ଡ ସ୍ଥାପନ କରିଛି। ମାତୃଭୂମି ପ୍ରତି ତାଙ୍କର ବୀରତ୍ୱ ଏବଂ ସମର୍ପଣର ଗାଥା ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତା, ଗର୍ବ ଏବଂ ସ୍ଥିରତାର ଜ୍ୱାଳା ପ୍ରଜ୍ୱଳିତ କରି ରହିବ।

# ବାଣିଜ୍ୟ



ନୂଆଦିଲ୍ଲୀ: ଆମେରିକାର ଟାରିଫ ମାଡ଼ ପରେ ଭାରତ ଏବେ ୩୦ରୁ ଅଧିକ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ଚିନ୍ତା କରୁଛି। ଯେଉଁଥିରେ ଆମେରିକୀୟ ଅଟୋମୋବାଇଲ୍ ସେକ୍ଟର ରହିଛି। ଶୁଳ୍କ ଛାଡ଼ କରିବା ସମ୍ଭାବନା ଥିବା ବେଳେ ଏଲନ ମସ୍କଙ୍କ କମ୍ପାନୀ ଟେସ୍ ?ଲା ଇଙ୍କ୍ ଭାରତରେ ଏଣ୍ଟ୍ରି ମାରିବାକୁ ଉଦ୍ୟମ ଆରମ୍ଭ କଲାଣି। ଏଥିପାଇଁ କମ୍ପାନୀ ଭାରତରେ କିଛି କର୍ମଚାରୀ ନିଯୁକ୍ତି ଦେଇଛି। ଯାହା ସୂଚାଇ ଦେଉଛି ଯେ ଟେସଲା ଖୁବ୍ ଶୀଘ୍ର ଭାରତରେ ପ୍ରବେଶ କରିପାରେ। ଫେବୃଆରୀ ୧୭ ତାରିଖରେ, କମ୍ପାନୀ ଲିଙ୍କଡିନ୍‌ରେ ଘୋଷଣା କରିଥିଲା ଯେ ଟେସଲା ୧୩ ଜଣଙ୍କୁ ନିଯୁକ୍ତି ଦେଇଛି। ଗ୍ରାହକ ସେବା ଏବଂ ପ୍ରଚ୍ଛଦପଟ ପରିଚାଳନା ସହିତ ଜଡ଼ିତ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ବେଳେ ଟେସ୍‌ଲା ସିଇଓ ଏଲନ ମସ୍କଙ୍କୁ ଭେଟିଥିଲେ। ଏବେ ଟେସ୍ ?ଲାର ନିଯୁକ୍ତି ପରେ ଏନେଇ ନାନା ପ୍ରଶ୍ନ ଉଠିଛି। ଲିଙ୍କଡିନ୍‌ରେ ଥିବା ନିଯୁକ୍ତି ନେଇ ଦିଆଯାଇଥିବା ସୂଚନା ଅନୁଯାୟୀ, କମ୍ପାନୀ ଗ୍ରାହକ ସେବା, ଯାନବାହାନ ରକ୍ଷଣାବେକ୍ଷଣ, ବିକ୍ରୟ, ବ୍ୟବସାୟିକ ପରିଚାଳନା ଏବଂ ମାର୍କେଟିଂ ଆଦିରେ ନିଯୁକ୍ତି ଦେଇଛି। ୧୩ଟି ପଦବୀ ମଧ୍ୟରୁ ୧୨ଟି ପୂର୍ଣ୍ଣକାଳୀନ, ଯେତେବେଳେ ଗୋଟିଏ ପାର୍ଟ ଟାଇମ। ସମସ୍ତ ଚାକିରି ପାଇଁ କର୍ମଚାରୀମାନଙ୍କୁ ସାଇଟରେ କାମ କରିବାକୁ ପଡିବ, ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ମୁମ୍ବାଇ କିମ୍ବା ଦିଲ୍ଲୀରେ ଥିବା ଟେସଲାର ସ୍ଥାନଗୁଡ଼ିକରେ ଶାରୀରିକ ଭାବରେ ଉପସ୍ଥିତ ରହିବାକୁ ପଡିବ।

# ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳିତ

DSP
ASSET MANAGERS

ମୁମ୍ବାଇ: ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ଓପନ ଏଣ୍ଡେଡ ସ୍କିମ୍ ଯାହା ନିବେଶକଙ୍କୁ ବେସରକାରୀ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିବେଶ କରିବା ନିମନ୍ତେ ଏକ ଦୃଷ୍ଟିନିବଦ୍ଧକାରୀ ଆଭିମୁଖ୍ୟ ଯୋଗାଇଦେବାକୁ ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସର ପ୍ରତିକୃତି/ଟ୍ରାକିଂ କରିବ। ଭାରତୀୟ ବେସରକାରୀ ବ୍ୟାଙ୍କଗୁଡିକର ବଜାର ଅଂଶ ଗତ ଦୁଇଦଶନ୍ଧି ମଧ୍ୟରେ ଦ୍ୱିଗୁଣିତ ହୋଇଛି। ଏହି ବ୍ୟାଙ୍କଗୁଡଇକ ମଧ୍ୟ ୨୦୦୧ଠାରୁ ମଜଭୁତ ଆୟବ୍ୟୟ ହିସାବ ଫର୍ଦ୍ଦ ଏବଂ ଲାଭ ଉପାର୍ଜନ ପ୍ରଦର୍ଶିତ କରିଆସୁଛନ୍ତି। ତେବେ ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଗତ ଗତ କିଛିବର୍ଷ ମଧ୍ୟରେ ବୃହତର ନିଫ୍‌ଟି ୫୦ ତୁଳନାରେ ଉଲ୍ଲେଖନୀୟ ଭାବରେ ନିମ୍ନ ପ୍ରଦର୍ଶନ କରିଆସିଛନ୍ତି ଏବଂ ଏହାର ସାମ୍ପ୍ରତିକ ମୂଲ୍ୟାୟନ ମଧ୍ୟ ୧୦ବର୍ଷର ହାରାହାରି ତଳେ ରହିଛି। 'ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ମଧ୍ୟରେ ବୃହତ୍ତର ବ୍ୟାଙ୍କଗୁଡିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ଆମେ ବିଶ୍ୱାସ କରୁଛୁ ଯାହା ଫାଇଦା ଆଣିଦେଇପାରିବ। ଏହି ଫଣ୍ଡ୍ ନିବେଶକମାନଙ୍କୁ ଭାରତର ବେସରକାରୀ ବ୍ୟାଙ୍କିଙ୍ଗ କ୍ଷେତ୍ରର ସାମର୍ଥ୍ୟରେ ଅଂଶଗ୍ରହଣ କରିବାକୁ ଏକ ଶାଣିତ ଆଭିମୁଖ୍ୟ ଯୋଗାଇ ଦେଉଛି ବୋଲି ଅନିଲ ଘେଲାନି, ସିଏଫଏ, ହେଡ୍, ପାସିଭ ଇନଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ୍, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଛନ୍ତି। 'ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ବେସରକାରୀ ବ୍ୟାଙ୍କିଙ୍ଗ କ୍ଷେତ୍ରର ସୁଯୋଗ ନେବା ନିମନ୍ତେ ଏକ ସୁସଂହତ ଟିକସ ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଛି, ଯାହା ଏହି ସମସ୍ତ ଷ୍ଟକଗୁଡିକରେ ପ୍ରତ୍ୟକ୍ଷ ଭାବରେ ନିବେଶ ଭଳି ନୁହେଁ, କାରଣ ଏକ ମ୍ୟୁଚୁଆଲ ଫଣ୍ଡ୍ ଜରିଆରେ ମାଲିକାନା ଦ୍ୱାରା ସେଗୁଡିକ ମଧ୍ୟରେ ପୁନଃ ସନ୍ତୁଳନ ଆଣିବା ଅଥବା ଲାଭାଂଶ ପ୍ରାପ୍ତ କରିବା ସମୟରେ କ୍ୟାପିଟାଲ ଗେନ୍ସ ଟିକସ ହିସାବ କରାଯାଇନଥାଏ। ଏଥିସହିତ ଅନେକ ଇଣ୍ଡେକ୍ସର ସାମ୍ପ୍ରତିକ ମୂଲ୍ୟାୟନ ସେମାନଙ୍କର ଐତିହାସିକ ହାରାହାରି ଠାରୁ କମ୍ ରହିଛି, ଯାହା ନିବେଶକମାନଙ୍କୁ ଏକ ଆକର୍ଷଣୀୟ ପ୍ରବେଶ ସ୍ଥଳ ଯୋଗାଇ ଦେଉଛି ବୋଲି ଦୀପେଶ ଶାହ, ଫଣ୍ଡ୍ ମ୍ୟାନେଜର, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଛନ୍ତି। ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ନିମନ୍ତେ ନିୟୁ ଫଣ୍ଡ ଅଫର୍ (ଏନଏଫଓ) ୨୦୨୫ ଫେବୃଆରୀ ୧୪ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଉପଲବ୍ଧ ହେଉଛି। ନିବେଶକମାନେ ସେମାନଙ୍କର ଆର୍ଥିକ ଲକ୍ଷ୍ୟ ଅନୁଯାୟୀ ଏକକାଳୀନ ନିବେଶ ଅଥବା ସିଷ୍ଟମାଟିକ ନିବେଶ ମଧ୍ୟରୁ ବାଛିପାରିବେ।

# ମୁସୋ ପକ୍ଷରୁ ଗ୍ରୋ ଲ୍ୟାବ୍ ଉନ୍ମୋଚିତ




ନୂଆଦିଲ୍ଲୀ: ପିଲାମାନଙ୍କୁ ପ୍ରକୃତିର ସୌନ୍ଦର୍ଯ୍ୟ ସହ ଯୋଡ଼ିବା ଲାଗି ବ୍ୟସ୍ତବହୁଳ ମୁମ୍ବାଇ ସହର ମଝିରେ ଏକ ସବୁଜ ଅଭୟାରଣ୍ୟ ଉଭା ହୋଇଛି। ମ୍ୟୁଜିୟମ୍ ଅଫ୍ ସଲ୍ୟୁସନ୍ସ (ମୁସୋ) ପକ୍ଷରୁ ଗ୍ରୋ ଲ୍ୟାବ୍‌କୁ ଉନ୍ମୋଚନ କରାଯାଇଛି ଯାହା ହେଉଛି ଏକ ପ୍ରଥମ ଧରଣର ସବୁଜ ସ୍ଥଳ, ଯେଉଁଠାରେ ପିଲାମାନେ ପରିବେଶ ଓ ସ୍ଥାୟୀ ଜବନ ସହ ସମ୍ପର୍କକୁ ଅନ୍ୱେଷଣ କରିପାରିବେ। ମୁସୋର ଛାତ ଉପରେ ଅବସ୍ଥିତ ଗ୍ରୋ ଲ୍ୟାବ୍‌ରେ ପିଲାମାନେ ଚମତ୍କାର ଅନୁଭୂତି ସହିତ ପ୍ରକୃତି ଓ ସ୍ଥାୟିତ୍ୱ ଅନ୍ୱେଷଣ କରିପାରିବେ। ପିଲାମାନଙ୍କୁ ଉଦ୍ଦେଶ୍ୟ ଆଧାରିତ ଶିକ୍ଷା ପ୍ରଦାନ କରିବା ଲାଗି ମୁସୋର ରହିଥିବା ଲକ୍ଷ୍ୟ ଅନୁସାରେ ଗ୍ରୋ ଲ୍ୟାବ୍ ପରିବେଶ ସହିତ ଏକ ଗଭୀର ସମ୍ପର୍କ ସ୍ଥାପନ କରି ଯୁବବର୍ଗଙ୍କୁ ପରିବର୍ତ୍ତନର ବାର୍ତ୍ତାବହରେ ପରିଣତ କରିବ। ଏହି ଉନ୍ମୋଚନ ଅବସରରେ ମ୍ୟୁଜିୟମ୍ ଅଫ୍ ସଲ୍ୟୁସନ୍ସର ସହ ପ୍ରତିଷ୍ଠାତା ତାନ୍‌ଭି ଜିନ୍ଦଲ ସିଟେ କହିଛନ୍ତି ଯେ, 'ପିଲାମାନଙ୍କ ଆଦ୍ୟ ଜୀବନରେ ପରିବେଶ ସଚେତନତାକୁ ସମନ୍ୱିତ କରିବା ଦିଗରେ ଗ୍ରୋ ଲ୍ୟାବ୍‌ର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁସୋରେ ଆମର ଅଭିନବ, ସ୍ୱତନ୍ତ୍ର ଓ ବିଶ୍ୱ ସ୍ତରରେ ପ୍ରେରଣାଦାୟୀ ଅନୁଭୂତି ସୃଷ୍ଟି କରିବାରେ ବିଶ୍ୱାସ ରହିଛି ଯାହା ପିଲାମାନଙ୍କ ପାଖରେ ବିଶ୍ୱସ୍ତରୀୟ ସୁଯୋଗ ପହଂଚାଇବ। ଟାଇମ୍‌ସ ପତ୍ରିକାର ପରିଦର୍ଶନର କରିବାର ଶ୍ରେଷ୍ଠ ୧୦୦ ସ୍ଥାନ ତାଲିକାରେ ସ୍ଥାନ ପାଇବା ଓ ହାଣ୍ଡସ ଅନ୍! ଚିଲ୍‌ଡ୍ରେନ୍‌ସ ମ୍ୟୁଜିୟମ୍ ପୁରସ୍କାର ଭାରତରେ ଶ୍ରେଷ୍ଠ ଶିକ୍ଷଣୀୟ ଅନୁଭୂତିକୁ ନିକଟତର କରିବାରେ ଆମ ପ୍ରତିବଦ୍ଧତାକୁ ଦୋହରାଉଛି।

# ପ୍ୟୋର ଇଭି ପକ୍ଷରୁ ଜିଓଥିଙ୍ଗସ ସହ ସହଭାଗୀତା




ନୂଆଦିଲ୍ଲୀ : ଭାରତର ଅନ୍ୟତମ ଅଗ୍ରଣୀ ଦୁଇ ଚକିଆ ଯାନ ନିର୍ମାତା, ପ୍ୟୋର ଇଭି ଏହାର ଇଲେକ୍ଟ୍ରିକ ଯାନରେ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଏବଂ ଟେଲିମେଟିକ୍ସକୁ ଯୋଡ଼ିବା ପାଇଁ ଜିଓ ପ୍ଲାଟଫର୍ମସ ଲିମିଟେଡର ସହାୟକ ସଂସ୍ଥା ଜିଓଥିଙ୍ଗସ ଲିମିଟେଡ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ସହଭାଗୀତାର ଉଦ୍ଦେଶ୍ୟ ହେଉଛି ଉନ୍ନତ ଆଇଓଟି ସମାଧାନ, ନିରବଚ୍ଛିନ୍ନ ସଂଯୋଗ ଏବଂ ସାମଗ୍ରିକ ଡିଜିଟାଲ ଏକତ୍ରୀକରଣର ଉପଯୋଗ କରି ଉପଭୋକ୍ତା ଅଭିଜ୍ଞତାକୁ ନୂଆ ରୂପ ଦେବା। ପ୍ୟୋର ଇଭି ଏହାର ଇଲେକ୍ଟ୍ରିକ ଦୁଇଚକିଆଗୁଡ଼ିକରେ ଏଣ୍ଡ-ଟୁ-ଏଣ୍ଡ ଆଇଓଟି ସଲ୍ୟୁସନ ଅନ୍ତର୍ଭୁକ୍ତ ଥିବା ଜିଓଥିଙ୍ଗସ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟରର ଏକତ୍ରୀକରଣ କରିବ ଯାହା ସେମାନଙ୍କ କାର୍ଯ୍ୟକାରିତା ଏବଂ ଇଂଟରଆକ୍ଟିଭିଟିକୁ ବଢ଼ାଇବ। ୪ଜି ସଂଯୋଗ ଦ୍ୱାରା ସକ୍ଷମ ଟେଲିମାଟିକ୍ସର ଅନ୍ତର୍ଭୁକ୍ତିକରଣ ଦ୍ୱାରା ଗ୍ରାହକମାନେ ରିଅଲ ଟାଇମରେ ଯାନର କାର୍ଯ୍ୟଦକ୍ଷତା ନିରୀକ୍ଷଣ ଏବଂ ଅଧିକ ଦକ୍ଷ ପରିଚାଳନା ପାଇଁ ଉପଯୋଗୀ ଧାରଣା ହାସଲ କରିପାରିବେ। ଜିଓଥିଙ୍ଗସ ୪ଜି ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଆଣ୍ଡ୍ରଏଡ ଓପନ ସୋର୍ସ ପ୍ରୋଜେକ୍ଟ (ଏଓଏସପି) ଉପରେ ଆଧାରିତ ଅବନିଓଏସର ବ୍ୟବହାର କରିଥାଏ। ଏଥିରେ ଦୁଇ ଚକିଆ ଯାନ ବ୍ୟବହାରକାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଅନେକ ଉତ୍ପାନ ଏବଂ ସମାଧାନ ଉପଲବ୍ଧ ହେଉଛି ଯେଉଁଥିରେ ଜିଓଷ୍ଟୋର, ମ୍ୟୁଜିକ ଷ୍ଟ୍ରିମିଂ, ୱେବ ବ୍ରାଉଜିଂ, ହ୍ୟାଣ୍ଡସ ଫ୍ରି ଭଏସ ଆସିଷ୍ଟାନ୍ସ, ନେଭିଗେସନ, ଗେମିଂ ଆଦି ଅନ୍ତର୍ଭୁକ୍ତ। 'ଆମ ବାହନଗୁଡ଼ିକ ମଧ୍ୟରେ ଜିଓଥିଙ୍ଗସର ଉନ୍ନତ ଆଇଓଟି କ୍ଷମତାକୁ ଏକତ୍ରୀକରଣ କରିବା, ପ୍ୟୋର ଇଭିର ଉତ୍ପାଦଗୁଡ଼ିକୁ ସର୍ବୋଚ୍ଚ ଶିଳ୍ପ ମାନଦଣ୍ଡରେ ଉନ୍ନତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି ପ୍ୟୋର ଇଭିର ପ୍ରତିଷ୍ଠାତା ତଥା ଏମଡି ନିଶାନ୍ତ ଡୋଙ୍ଗରୀ କହିଛନ୍ତି । ଆମେ ଆମ ବାହନଗୁଡ଼ିକର ଦକ୍ଷତା ଏବଂ ଇଂଟରଆକ୍ଟିଭିଟି ବୃଦ୍ଧି କରି ଇଲେକ୍ଟ୍ରିକ ମୋବିଲିଟିକୁ ପୁନଃପରିକଳ୍ପିତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ସହଭାଗୀତା ସମ୍ପର୍କରେ ମତବ୍ୟକ୍ତ କରି ଜିଓ ପ୍ଲାଟଫର୍ମସ ଲିମିଟେଡର ସଭାପତି ଆଶିଷ ଲୋଧା କହିଛଁ ଯେ, 'ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଉଦ୍ଭାବନ ଏବଂ ଉତ୍କର୍ଷତା ପ୍ରତି ଆମ ଭଳି ସମାନ ଦୃଷ୍ଟିକୋଣ ରଖିଥିବା କମ୍ପାନୀ ପ୍ୟୋର ଇଭି ସହିତ ହାତ ମିଳାଇ ଆମେ ଆନନ୍ଦିତ । ଏହି ସହଭାଗୀତା ହେଉଛି ଇଲେକ୍ଟ୍ରିକ ଦୁଇ ଚକିଆ ଯାନ କ୍ଷେତ୍ରର ଭବିଷ୍ୟତକୁ ଗଢ଼ିତୋଳିବା ଏବଂ ସ୍ଥାୟୀ ପରିବହନ ସମାଧାନକୁ ବ୍ୟାପକ ଭାବେ ଗ୍ରହଣ କରିବା ଦିଗରେ ଏକ ପଦକ୍ଷେପ।'

# ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ 'ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ' ପୁରସ୍କାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥଙ୍କୁ 'ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ' ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ମୁମ୍ବାଇରେ ଅନୁଷ୍ଠିତ 'ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସରେ' ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିଶ୍ୱର ବିଭିନ୍ନ ଦେଶରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଅଭିନବ ପରିବର୍ତ୍ତନ ଆଣିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।



# ଦୀପକ କୁମାରଙ୍କୁ 'ସିଏ ଇନ୍ ପବ୍ଲିକ୍ ସର୍ଭିସ' ସମ୍ମାନ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଏହାର ପୂର୍ବତନ ଅଧିକାରୀ ଦୀପକ କୁମାର କେଡିଆଙ୍କ ଉଲ୍ଲେଖନୀୟ ସଫଳତାକୁ ନେଇ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି। ୧୯୯୯ ମସିହା ଆସାମ କ୍ୟାଡର ଆଇପିଏସ ଅଧିକାରୀ ଦୀପକ କୁମାର କେଡିଆ ୧୯୯୭-୧୯୯୮ ମସିହାରେ ଆରଏସପିର ବିତ୍ତ ଓ ଲେଖା ବିଭାଗରେ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ରାଉରକେଲା ଇସ୍ପାତ କାରଖାନାରୁ ସେବା ଜୀବନ ଆରମ୍ଭ କରି ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି )ର ମହାନିରୀକ୍ଷକ ଭାବରେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ତାଙ୍କର ଉଲ୍ଲେଖନୀୟ ଯାତ୍ରା ଅନେକଙ୍କ ପାଇଁ ପ୍ରେରଣା ଆଣି ଦେଇଛି । ଶ୍ରୀ କେଡିଆ, ଜଣେ ବିଶିଷ୍ଟ ଚାର୍ଟର୍ଡ ଆକାଉଣ୍ଟାଣ୍ଟ (ସିଏ), କମ୍ପାନୀ ସେକ୍ରେଟାରୀ (ସିଏସ), କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ (ସିଏମଏ ), ଆଇନ ପାଠ୍ୟକ୍ରମରେ ସ୍ନାତକ (ଏଲଏଲବି) ଏବଂ ଏମଏସିଏସ ଡିଗ୍ରୀଧାରୀ ଅଟନ୍ତି ଯାହାଙ୍କୁ ଦିଲ୍ଲୀ, ଯଶୋଭୂମି ଠାରେ ଅନୁଷ୍ଠିତ ୱାର୍ଲ୍ଡ ଫୋରମ୍ ଅଫ୍ ଆକାଉଣ୍ଟାଣ୍ଟସ ସମ୍ମିଳନୀରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ) ଦ୍ୱାରା ପ୍ରତିଷ୍ଠିତ 'ସିଏ ଇନ୍ ପବ୍ଲିକ୍ ସର୍ଭିସ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ କେଡିଆ ବିଗତ ବର୍ଷମାନଙ୍କରେ ଆସାମର ବିଭିନ୍ନ ଜିଲ୍ଲାରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଏସପି), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଅତିରିକ୍ତ ନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ (ଏମଏଚଏ) ରେ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲ୍ୟୁଇ) ନିର୍ଦ୍ଦେଶକ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଏନଏସଜି ମୁଖ୍ୟାଳୟର ମହାନିରୀକ୍ଷକ ଭାବରେ, ସେ ଜାତୀୟ ସୁରକ୍ଷାରେ ରଣନୈତିକ ଯୋଜନା, କାର୍ଯ୍ୟକ୍ଷମ ତଦାରଖ ଏବଂ ନୀତି କାର୍ଯ୍ୟକାରୀ ଦାୟିତ୍ୱ ତୁଲାଉଛନ୍ତି। ଆଇନ ପ୍ରବର୍ତ୍ତନ ଏବଂ ସାର୍ବଜନୀନ ସେବାରେ ତାଙ୍କର ଅବଦାନକୁ ବହୁଳ ଭାବରେ ସ୍ୱୀକୃତି ଦେଇ ୨୦୨୫ ଗଣତନ୍ତ୍ର ଦିବସରେ, ତାଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକରେ ସମ୍ମାନିତ କରାଯାଇଥିଲା। ଯାହା ଭାରତର ପୋଲିସ ଏବଂ ସୁରକ୍ଷା କ୍ଷେତ୍ରରେ ତାଙ୍କ ସ୍ୱୀକୃତିକୁ ଆହୁରି ସୁଦୃଢ଼ କରିଛି । ଆରଏସ୍‌ପିରେ ତାଙ୍କର ଗଠନମୂଳକ କ୍ୟାରିୟର ବର୍ଷ ଗୁଡ଼ିକୁ ନେଇ ଆରଏସ୍‌ପି ଅତ୍ୟନ୍ତ ଗର୍ବ ଅନୁଭବ କରୁଛି ଏବଂ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

# ୟୁଏଇରେ ପ୍ରବେଶ କଲା ରିଲାଏନ୍ସର କାମ୍ପା



ଦୁବାଇ : ରିଲାଏନ୍ସ କନ୍‌ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆରସିପିଏଲ) ୟୁଏଇରେ କାମ୍ପା ବ୍ରାଣ୍ଡ ଶୁଭାରମ୍ଭ କରିଛି। ବିଶ୍ୱର ସର୍ବବୃହତ ଖାଦ୍ୟ ଏବଂ ପାନୀୟ ସୋର୍ସିଂ ଇଭେଣ୍ଟ ଗଲ୍ଫୁଡ୍ ରେ ଏହି ଶୁଭାରମ୍ଭ ହୋଇଛି। ୟୁଏଇର ଏଗଥିଆ ଗ୍ରୁପ୍ ସହିତ ସହଭାଗିତାରେ ଏହା ଆରମ୍ଭ କରାଯାଇଛି। ରିଲାଏନ୍ସ କନ୍‌ଜ୍ୟୁମର ପ୍ରଡକ୍ଟ ଲିମିଟେଡର ସିଓଓ କେତନ ମୋଦି କହିଛନ୍ତି, 'ଆମେ ୫୦ ବର୍ଷରୁ ଅଧିକ ପୁରୁଣା ଭାରତୀୟ ବ୍ରାଣ୍ଡ କାମ୍ପା ସହିତ ୟୁଏଇ ବଜାରରେ ପ୍ରବେଶ କରିବାକୁ ନେଇ ବେଶ ଉତ୍ସାହିତ ରହିଛୁ। ସହଭାଗିତା ସମ୍ପର୍କରେ ସୂଚନା ଦେଇ ଏଗଥିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ୍ ସ୍ମିଥ୍ କହିଛନ୍ତି, 'କାମ୍ପା କୋଲାକୁ ୟୁଏଇକୁ ଆଣିବା ପାଇଁ ରିଲାଏନ୍ସ କନ୍‌ଜ୍ୟୁମର ପ୍ରଡକ୍ଟ ସହ ସହଭାଗୀ ହୋଇ ଆମେ ଅତ୍ୟଧିକ ଆନନ୍ଦିତ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ କାମ୍ପା ପୋର୍ଟଫୋଲିଓରେ ପ୍ରଥମେ କାମ୍ପା କୋଲା, କାମ୍ପା ଲେମନ ଓ କାମ୍ପା ଅରେ ଏବଂ କୋଲା ଜିରୋ ଉପଲବ୍ଧ ହେବ। ଏହାର ଆକର୍ଷଣୀୟ ଲାଲ ଓ ବାଇଗଣୀ ପ୍ୟାକେଜିଂ ଏବଂ ସୁଲଭ ମୂଲ୍ୟର ପ୍ରତିଶ୍ରୁତି ସହିତ କାମ୍ପା ୟୁଏଇରେ ସଫଳତାର ଆଉ ଏକ କାହାଣୀ ଲେଖିବାକୁ ଯାଉଛି। ସୂଚନା ଯୋଗ୍ୟ ଯେ ରିଲାଏନ୍ସ ୨୦୨୨ ରେ କାମ୍ପା କୋଲା ଅଧିଗ୍ରହଣ କରିଥିଲା ଏବଂ ୨୦୨୩ ରେ ଏହାକୁ ଭାରତରେ ପୁନଃ ପ୍ରଚଳନ କରିଥିଲା।



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୪ର୍ଥ ମ୍ୟାଚରେ ଡି ଆର କେ (ବି) ଜେକେସିସିକୁ ୨୯ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡି ଆର କେ (ବି) ୩୫ ଓଭରରେ ୬ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ସୁବ୍ରତ ସିଂ ୪୫ ଓ ପ୍ରୀତପାଲ ସିଂହ ୩୭ ରନ କରିଥିବା ବେଳେ ବିପକ୍ଷ ଦଳର ସଂଜୀବ କୁମାର ମହାପାତ୍ର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜେ କେ ସି ସି ୩୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଅନାଦି ମହାନ୍ତ ୪୧ ଓ ଶ୍ୱେତ ଦାସ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ଡି ଜଗନ ରେଡ୍ଡୀ ୫ ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଅତିଥି ବିନୀତ ପୁରିଙ୍କ ସମେତ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଖେଳାଳିଙ୍କ ପାଇଁ ନିୟମ କୋହଳ କଲା ବିସିସିଆଇ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମ ଦୁବାଇରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଫେବୃୟାରୀ ୨୦ରେ ବାଂଲାଦେଶ ବିପକ୍ଷରେ ଭାରତ ତାର ଅଭିଯାନ ଆରମ୍ଭ କରିବ। କିନ୍ତୁ ଏହା ପୂର୍ବରୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଖେଳାଳିଙ୍କୁ ଏକ ଖୁସିଖବର ଦେଇଛି । ବିସିସିଆଇ ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟ ବେଳେ ନିଜ ସହ ଫ୍ୟାମିଲିକୁ ରଖିବା ପାଇଁ ଅନୁମତି ଦେଇଛି । ତେବେ ଏଥିପାଇଁ ଗୋଟିଏ ସର୍ତ୍ତ ମଧ୍ୟ ରହିଛି । ଏହି ନିଷ୍ପତ୍ତି ସହ ବିସିସିଆଇର ଫ୍ୟାମିଲି ନିୟମ ଭାଙ୍ଗିଛି । ମିଡିଆ ରିପୋର୍ଟ ଅନୁସାରେ ଯଦି ଖେଳାଳି ଚାହିଁବେ ତେବେ ଟୁର୍ଣ୍ଣାମେଣ୍ଟ ବେଳେ ନିଜ ସହ ନିଜ ପରିବାର ଲୋକଙ୍କୁ ରଖିପାରିବେ । ତେବେ ସର୍ତ୍ତ ଏହା ଯେ କେବଳ ଗୋଟିଏ ମ୍ୟାଚ୍ ପାଇଁ ହିଁ ଏପରି କରିପାରିବେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପରେ ବିସିସିଆଇ ଖେଳାଳିମାନଙ୍କ ପାଇଁ କେତୋଟି କଠୋର ନିୟମାବଳୀ ଲାଗୁ କରିଥିଲା । ଏଥିରେ ପରିବାର ସଦସ୍ୟ ଯିବା ଉପରେ କଟକଣା ଲଗାଇଥିଲା । ଏବେ ଖେଳାଳିମାନେ ଅସନ୍ତୋଷ ବ୍ୟକ୍ତ କରିବାରୁ ବୋର୍ଡ ଏହି ନିମୟରେ କିଛିଟା କୋହଳ କରିଛି। ନୂତନ ନିୟମ ଅନୁସାରେ ଏବେ ଚାମ୍ପିୟନ୍ସ ଟ୍ରଫିରେ ଖେଳାଳିମାନଙ୍କ ପରିବାର ସଦସ୍ୟଙ୍କୁ ଗୋଟିଏ ମ୍ୟାଚ ପାଇଁ ଅନୁମତି ଦେବା ନେଇ ବିଚାର କରୁଛି । ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ ଏ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ସୁରକ୍ଷା ଦୃଷ୍ଟିକୋଣରୁ ଭାରତ ଚାମ୍ପିୟନ୍ସ ଟ୍ରଫିରେ ତାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ । ଏଥିନେଇ ପିସିବି, ବିସିସିଆଇ ଓ ଆଇସିସି ମଧ୍ୟରେ ବୁଝାମଣା ହୋଇଛି । ବାଂଲାଦେଶ ବିପକ୍ଷ ମୁକାବିଲା ପରେ ଭାରତ ୨୩ରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସୂଚନା ଅନୁଯାୟୀ ବର୍ଡର-ଗାଭାସ୍କର ଟ୍ରଫିରେ ଟିମ୍‌ର ଶୋଚନୀୟ ପରାଜୟ ପରେ ବିସିସିଆଇ ଏକ ନୂଆ ଟ୍ରାଭେଲ୍ ନୀତି ଲାଗୁ କରିଥିଲା । ଏହା ଅନୁସାରେ ଟିମ୍ ଇଣ୍ଡିଆ କୌଣସି ଗସ୍ତ ଯଦି ୪୫ ଦିନ କିମ୍ବା ଏହାଠାରୁ ଅଧିକ ହୁଏ ତେବେ ଖେଳାଳିଙ୍କ ପରିବାର ଲୋକ ଦୁଇ ସପ୍ତାହ ଯାଏ ତାଙ୍କ ସହ ରହିପାରିବେ।

# ଆଜିଠୁ ରାଜ୍ୟସ୍ତରୀୟ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

**ଜର୍ସି ଉନ୍ମୋଚିତ**

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାଜ୍ୟସ୍ତରୀୟ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୯ ତାରିଖରୁ ବିଜେବି କଲେଜ ଖେଳ ପଡ଼ିଆରେ ଭୁବନେଶ୍ୱର ଓକିଲ ସଂଘ ଆନୁକୁଲ୍ୟାଲରେ ଆରମ୍ଭ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଟର ଓଡ଼ିଶାର ବିଭିନ୍ନ ଓକିଲ ସଂଘର ୮ଟି ଟିମ୍ ଅଂଶଗ୍ରହଣ କରିବେ । ଏଥିରେ ବିଚାରବିଭାଗୀୟ ଏକାଦଶ ସହ ପ୍ରଶାସନ ଏକାଦଶ ଖେଳ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଜର୍ସି ଉନ୍ମୋଚିତ ହୋଇଛି। ଏଥିରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ଦିପକ କୁମାର ଦାଶ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଖେଳ କମିଟି ଅଧକ୍ଷ ସୂର୍ଯ୍ୟ ନାରାୟଣ ଦାସ, ସହ ଅଧକ୍ଷ ସନ୍ତୋଷ ଚୌଧୁରୀ, ଭୁବନେଶ୍ୱର ଟିମ୍ କ୍ୟାପ୍‌ଟେନ୍ ସୁମନ ରାଉତରାୟ, ଖେଳ ପରିଚାଳଣା କମିଟି ସଦସ୍ୟ ଜୟନ୍ତ କୁମାର ଜେନା, ନିହାର ରଞ୍ଜନ ସେଠୀ ଓ ଖେଳ କମିଟି ମ୍ୟାନେଜର ରମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତଥିଲେ।



## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଭଦ୍ରକ ୟୁନିକ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍ ୧୧ ସହ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଉତ୍କଳିକା ଦଳ ଅଧିନାୟକ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ ୟୁନିକ୍ ଦଳ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୯୦ ରନ ସ୍କୋର କରିଥିଲେ। ବ୍ୟାଟ୍ସମ୍ୟାନ ଅମିତ ସାହୁ ସର୍ବାଧିକ ୭୧ ରନ ଓ ରେହିତ ସିଂ ୬୨ ରନ ହାସଲ କରିଥିଲେ। ବିପକ୍ଷ ବୋଲର ବସନ୍ତ ମହାଳିକ ୩ ଓଭର ବୋଲିଂ କରି ୨୭ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଉତ୍କଳିକା ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବସନ୍ତ ମହାଳିକ ୮୨ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ଭୈବପ୍ରକାଶ ୪ ଓଭର ବୋଲିଂ କରି ୧୮ ରନ ଦେଇ ୨ ଉଇକେଟ ଆସଲ କରିଥିଲେ। ମ୍ୟାନ ଅଫ ଦି ମ୍ୟାନ ବିବେଚିତ ପ୍ରକାଶ ଜେନାଙ୍କୁ ଲଳିତ ରାଉତ ପୁରସ୍କୃତ କରିଥିଲେ। ଶରତ ଜେନା ଓ ରାମଚନ୍ଦ୍ର ଦାଶ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ସୋମ୍ୟରଞ୍ଜନ ପରିଡା ସ୍କୋରର, ପ୍ରଦୀପ ଜେନା ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ। ବୁଧବାର ୩ୟ କ୍ୱାଟର ଫାଇନାଲ ମ୍ୟାଚ ଭୁବନେଶ୍ୱର ଫ୍ୟୁଚର କ୍ଲବ ସହ ବାଲେଶ୍ୱର ଆଦର୍ଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ଜୟ ଡ଼ଙ୍ଗର ବୁଢା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

ମୁରିବାହାର (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଖେଳ ପଡିଆ ଠାରେ ଜୟ ଡ଼ଙ୍ଗର ବୁଢା ଫୁଟବଲ ଟୁର୍ନାମେଣ୍ଟ ଇଲେଭେନ ବ୍ରଦର ଫୁଟବଲ ଆସୋସିଏସନ ତରଫରୁ ଉଦଘାଟିତ ହୋଇ ଯାଇଛି। ଉଦଘାଟନି ମ୍ୟାଚରେ ହଳଦୀ ସହିତ ତୁର୍ଲା ଦଳର ଖେଳ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ତୁର୍ଲା ଦଳ ୨ଟି ଗୋଲ କରିଥିବା ବେଳେ ହଳଦୀ ଦଳ ୩ଟି ଗୋଲ କରି ତୁର୍ଲା ଦଳକୁ ପରାସ୍ତ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବରେ ହଳଦୀ ସମିତି ସଭ୍ୟ ଟୁନାମଣୀ ମହାନନ୍ଦ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଫୁଟବଲ ଖେଳାଳି ବଳରାମ ସା, ସୁବାଷ ଚନ୍ଦ୍ର ପଟନାୟକ, କୃତି ହାତୀ, ହିମାଂଶୁ ହାତୀ, ହଳଦୀ ପଂଚାୟତ ପୂର୍ବତନ ସରପଞ୍ଚ ହୃଷିକେଶ ବାଗ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ଖେଳକୁ ରେଫରୀ ଆଶୀର୍ବାଦ ସାହା, ଆଶିଷ ଦେବ ସାହା, ଅଶ୍ୱିନି ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଏଥିରେ କମିଟିର ସଭାପତି ଯଶୋବନ୍ତ ଭୋଇ, ଉପସଭାପତି ମନୋଜ କୁମାର ପୂଝରୀ, ସହ ସମ୍ପାଦକ ରାଜୀବ ହାତୀ, ରବି ପୋଢ଼, ହେମରାଜ ବାଗ,କ୍ଷୀରସିନ୍ଧୁ ପାତ୍ର, ଚିତ୍ରସେନ ହାତୀ, ସୁନୀଲ ହାତୀ, ବିକି ସିଂ ଭୋଇ, ଝୁନୁ ପୋଢ଼ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।



# ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ନୀଳାକାମ୍ବେରୁ ଚାମ୍ପିଅନ୍



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ଗୋପବନ୍ଧୁ ସାଂସ୍କୃତିକ ପରିଷଦ ପରିସରରେ ଥିବା ପଡିଆରେ ମଧୁ ମାଛ, ନାରାୟଣ ବାଜିଙ୍ଗ ଓ ବିଜୟ ଖିଲଙ୍କ ସ୍ମୃତିରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ୫ ନମ୍ବର ୱାର୍ଡର କାଉନସିଲର ସୁନିତା ଗୁରୁ, ବନପାଳ ମୋହନ ଗୁଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ।ଏହି ଟୁର୍ନାମେଣ୍ଟରେ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୬ ଦଳ ମଧ୍ୟରେ ଖେଳ ହୋଇଥିଲା। ସେମାନଙ୍କ ମଧ୍ୟରୁ ନୀଳାକାମ୍ବେରୁ ଓ ବାଲିମେଳା ସହରର ନୂଆ ବସଷ୍ଟାଣ୍ଡ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୮ ଘଟିକା ସମୟରେ ନୀଳାକାମ୍ବେରୁ ଓ ନୂଆ ବସ ଷ୍ଟାଣ୍ଡ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏହି ମ୍ୟାଚରେ ନୀଳାକାମ୍ବେରୁ ଟିମ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବିଜେତା ଟିମକୁ ୫ ହଜାର ଟଙ୍କା ଓ ଉପ ବିଜେତା ହୋଇଥିବା ନୂଆ ବସଷ୍ଟାଣ୍ଡ ଟିମକୁ ୩ ହଜାର ଟଙ୍କା ପୁରସ୍କାର ସହିତ ଉଭୟଙ୍କୁ ସିଲ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ମିସ୍ତ୍ରୀ ସଂଘର ସଭାପତି ରବୀନ୍ଦ୍ର ସରକାର, କମିଟିର ସଭାପତି ଝିନୁ ଖିଲ, ସମ୍ପାଦକ ରାମ କୃଷ୍ଣ ଖିଲ, କ୍ରିଷ୍ଣା ଖିଲ, ସାଇରାମ ନାଗ, କୃଷ୍ଣ ବାଘ, ଶ୍ୟାମ ବାଘ, ବିପିନ ଖିଲ, ରାଜେଶ ପାଙ୍ଗି, ମାନସ ହନ୍ତାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍

## ଭାରତୀୟ ମହିଳା ଓ ପୁରୁଷ ହକି ଦଳ କଲେ ନିରାଶ

# ଇଂଲଣ୍ଡ, ଜର୍ମାନୀ ପୁରୁଷ ଓ ସ୍ପେନ୍ ମହିଳା ହକି ଦଳ ବିଜୟୀ








ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଆଜି ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ନିରାଶ କ୍ରୀଡା ପ୍ରଦର୍ଶନ କରି ହକି ପ୍ରେମୀ ନିରୁତ୍ସାହିତ କରିଛନ୍ତି। ପ୍ରଥମେ ଟର୍ଫକୁ ଓହ୍ଲାଇଥିଲେ ପୁରୁଷ ଇଂଲଣ୍ଡ ଓ ସ୍ପେନ୍ ହକି ଦଳ। ତେବେ ଇଂଲଣ୍ଡ ୭-୨ ଗୋଲରେ ସ୍ପେନ୍ ପୁରୁଷ ହକି ଦଳକୁ ପରାସ୍ତ କରିଥିଲା। ପରେ ମୈଦାନକୁ ଓହ୍ଲାଇଥିଲେ ଭାରତୀୟ ମହିଳା ହକି ଦଳ ଓ ସ୍ପେନ୍ ମହିଳା ହକି ଦଳ। ଉଭୟଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିବା ବେଳେ ପ୍ରଥମ କ୍ୱାର୍ଟରରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ତେବେ ଚତୁର୍ଥ କ୍ୱାର୍ଟର ସୁଦ୍ଧା ସ୍ପେନ୍ ୮-୭ ଟି ଗୋଲରେ ଭାରତୀୟ ମହିଳା ହକି ଦଳକୁ ପରାସ୍ତ କରିଥିଲା। ପରେ ଭାରତୀୟ ପୁରୁଷ ହକି ଦଳ ଓ ଜର୍ମାନୀ ପୁରୁଷ ହକି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ହଜାରେ ହଜାରେ ଦର୍ଶକ ସାମିଲ ହୋଇ ଖେଳକୁ ଉପଭୋଗ କରିଥିଲେ ସୁଦ୍ଧା ଭାରତ ପୁରୁଷ ହକି ଦଳର ନୈରାଶ୍ୟଜନକ ଖେଳ ପ୍ରଦର୍ଶନ ପାଇଁ ହକି ପ୍ରେମୀମାନେ ନିରାଶ ହୋଇଥିଲେ। ଏଥିରେ ଜର୍ମାନୀ ୧୦ଟି ଗୋଲ କରି ମ୍ୟାଚ୍ ଜିଣି ପାରିଥିବା ବେଳେ ଭାରତ ମାତ୍ର ୪ଟି ଗୋଲରେ ପରାଜୟ ବରଣ କରିଥିଲା। ଏହିପରି ଭାବେ ଜର୍ମାନୀ ୧୦-୪ ଗୋଲରେ ଭାରତକୁ ପରାସ୍ତ କରିଥିଲା।

# ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ : ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୂର୍ତ୍ତ, ଅବକାରୀ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଭାରତ ଓ ସ୍ପେନ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚରେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ପ୍ରେସିଡେଣ୍ଟ ଦିଲୀପ ତିର୍କୀ ଏବଂ ଭାରତୀୟ ମହିଳା ଫୁଟବଲ ଟିମ୍‌ର ପୂର୍ବତନ କ୍ୟାପଟେନ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉପସ୍ଥିତ ଥିଲେ। ଭାରତ ଓ ସ୍ପେନ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ସ୍ପେନ ମହିଳା ହକି ଦଳ ବିଜୟ ହାସଲ କରିଛି। ସେହିପରି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଭାରତ ଓ ଜର୍ମାନୀ ପୁରୁଷ ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚରେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଭାରତ ଓ ଜର୍ମାନୀ ପୁରୁଷ ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ଜର୍ମାନୀ ପୁରୁଷ ହକି ଦଳ ବିଜୟ ହାସଲ କରିଛି।

**OFFICE OF THE EXECUTIVE ENGINEER, NATIONAL HIGHWAYS DIVISION, DHANBAD.**
**(Combined Office Building Campus)**
Telephone No.0326-2313339 -e-mail: eenhdhanbad-jhr@nic.in

Letter No:- **CORRIGENDUM** Date:-

**e-Tender Reference No.-NH/Dhanbad/13/2024-25 Dated- 04.01.2025**
**PR No. : 343694 Road (24-25)D**
**Name of Work : Elevated flyover in Dhanbad Town from km-53 (Dhansar) on (NH-218) to Govindpur on NH-19 (Old NH-02)**
**Note : Date extended for the above mention Tender**

| Bid Doc. | Sl No. | Event Description | Previous Date | Modified Date |
|---|---|---|---|---|
| NIT | 1 | Last date for submission of queries | 17.01.2025, 11.00 PM | 05.03.2025, 11.00 PM |
| | 2 | Pre bid meeting | 17.01.2025, 15.00 PM | 05.03.2025, 15.00 PM |
| | 3 | Dead line for Submission of bids | 25.02.2025, 15.00 PM | 25.03.2025, 15.00 PM |
| | 4 | Dead line for opening of bids | 03.03.2025, 15.00 PM | 03.04.2025, 15.00 PM |

But for the above changes, all other Term & Condition given in the above cited tender notice remain un-altered.

Sd/-
Executive Engineer
National Highway Division, Dhanbad-826001

PR 346664 (Road)24-25*D

**ई0 प्रोक्योरमेन्ट सेल**
**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, लातेहार**

ई– प्रोक्योरमेन्ट नोटिस (द्वितीय आमंत्रण)
ई–टेन्डर रेफरेन्स नं0–29/2024-25/EE/BCD/LATEHAR दिनांक– 18.02.2025

| क्र0 सं0 | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|
| 1 | Proposed Construction of Swimming Pool at Latehar | 49993300 /- | 11 (Eleven) Months |

1. वेबसाईट पर निविदा प्रकाशन की तिथि :–25/02/2025 को 11:00 बजे
2. बिड प्राप्ति के लिए अन्तिम तिथि/समय :–10/03/2025 को 11:00 बजे
3. निविदा प्रकाशित करने वाले कार्यालय का नाम एवं पत्ता :–कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, लातेहार।
4. निविदा खोलने की तिथि/समय एवं स्थान :–11/03/2025 को 11:30 बजे नोडल पदाधिकारी, ई0 प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची।
5. प्रोक्योरमेन्ट पदाधिकारी का सम्पर्क संख्या :–9431501121
6. ई–प्रोक्योरमेन्ट सेल का हेल्पलाईन संख्या :–8434414939
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
8. सूचना प्रौद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी सम्पूर्ण जवाबदेही निविदादाता की होगी।

- अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, लातेहार

PR 346674 (Building)24-25*D

**GOVERNMENT OF JHARKHAND**
**Agriculture, Animal Husbandry & Co-operative Department**
**(Co-Operative Division)**
**OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI**
**INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI**

**e-Tender Notice**
**Tender Notice No:- ICDP/RANCHI/14/2024-25 DATE:- 18.02.2025**

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District WEST SINGHBHUM (CHAIBASA). | 42 | 14,74,83,000.00 | 10,000.00 | 14,75,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps Of District KHUNTI. | 42 | 14,74,83,000.00 | 10,000.00 | 14,75,000.00 | |
| | (C) | Construction of 100 MT Capacity Godown with Marketing Centre in Different Pacs Of District HAZARIBAGH. | 42 | 14,74,83,000.00 | 10,000.00 | 14,75,000.00 | |
| | (D) | Construction of 100 MT Capacity Godown with Marketing Centre in Different Pacs Of District CHATRA. | 40 | 14,04,60,000.00 | 10,000.00 | 14,04,600.00 | |
| | (E) | Construction of 100 MT Capacity Godown with Marketing Centre in Different Lamps/Pacs Of District GARHWA. | 40 | 14,04,60,000.00 | 10,000.00 | 14,04,600.00 | |
| | (F) | Construction of 100 MT Capacity Godown with Marketing Centre in Different Lamp/Pacs Of Districts DEOGHAR AND JAMTARA. | 42 | 14,74,83,000.00 | 10,000.00 | 14,75,000.00 | |
| 02. | | Date Of Publication of on Website | 27.02.2025 AT 11:00 AM | | | | |
| 03. | | Last Date & Time of Submission of bids | 19.03.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 9431782508, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 27.02.2025 at 11:00 AM to 19.03.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 19.03.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 20.03.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 346711 Co-opretive(24-25).D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, बोकारो**

ई–प्रोक्युरमेंट सूचना
(एस0बी0डी0 आधारित अति अल्पकालीन ई–निविदा)
ई–निविदा प्रसंग संख्या– **RCD/BOKARO/219/**F.Y. 2024-25 (2nd Call) दिनांक–18.02.2025

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत "बोकारो सेक्टर–11 से तेलमच्चो पुल तक पथ (कुल लम्बाई 3.65 कि0मी0) के IRQP कार्य" वर्ष 2024–25. |
| 2. | प्राक्कलित राशि (रूपये में) | रू0 3,13,94,500.00 (तीन करोड़ तेरह लाख चौरानबे हजार पाँच सौ रूपये) मात्र। |
| 3. | कार्य पूर्ण होने की अवधि | 02(दो) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 21.02.2025, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 28.02.2025, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, बोकारो। |
| 7. | प्रोक्युरमेंट पदाधिकारी का सम्पर्क संख्या | 06542–265569 |
| 8. | ई–प्रोक्युरमेंट सेल का हेल्पलाईन संख्या | 0651–2400210 |

**नोट :– प्राक्कलित राशि घट बढ़ सकती है।**
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता हैं।

कार्यपालक अभियंता,
पथ निर्माण विभाग,
पथ प्रमण्डल, बोकारो

PR 346689 (Road)24-25*D



ଖରାଦିନେ ସମସ୍ତଙ୍କୁ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ। ସେଥିପାଇଁ ସମସ୍ତେ ଫ୍ରିଜ୍ ରେ ପାଣି ରଖିକି ପିଅନ୍ତି। କିନ୍ତୁ ଫ୍ରିଜ୍ ପାଣି ସ୍ୱାସ୍ଥ୍ୟ ପାଇଁ ବହୁତ୍ ଖରାପ। ଗଳାରେ ଯନ୍ତ୍ରଣା ହେବାଠୁ ନେଇ ଆହୁରି ଅନେକ କିଛି ରୋଗ ଫ୍ରିଜ୍ ପାଣି ଯୋଗୁଁ ହୋଇଥାଏ। ସେଥିପାଇଁ ଅନେକ ଲୋକ ଖରାଦିନେ ମାଠିଆରେ ପାଣି ରଖି ପିଇବାକୁ ପସନ୍ଦ କରନ୍ତି। କାରଣ ମାଠିଆରେ ପାଣି ପ୍ରାକୃତିକ ଭାବେ ଥଣ୍ଡା ରହେ। ତେବେ ଆଜି ଆମେ ଆପଣଙ୍କୁ ମାଠିଆ ପାଣି ପଇବାର କିଛି ଫାଇଦା ବିଷୟରେ ଜଣାଇବୁ। ମାଟି ପାତ୍ରରେ ପାଣି ରଖିଲେ ତାହା ପ୍ରାକୃତିକ ଭାବରେ ଥଣ୍ଡା ହେବା ସହିତ ପାଣିକୁ ବିଶୁଦ୍ଧ ମଧ ରଖିଥାଏ। ମାଟିପାତ୍ର ଗୁଡିକରେ କୌଣସି ଛିଦ୍ର ନଥିବାରୁ ଏହା ବାହାର କୌଣସି ବି ପ୍ରଦୁଷଣକୁ ଭିତରକୁ ପ୍ରବେଶ କରିବାକୁ ଦିଏନାହିଁ ଏବଂ ପାଣିକୁ ସୁରକ୍ଷିତ ରଖିଥାଏ। ମାଟିରେ ଥିବା ଖଣିଜ ପଦାର୍ଥ ଏବଂ ଲୁଣ ମଧ ହଜମ ପାଇଁ ଲାଭଦାୟକ। ତାସହିତ ଏସିଡ଼ିଟି, ପେଟ ଫୁଲିବା ଏବଂ କୋଷ୍ଠକାଠିନ୍ୟକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଫ୍ରିଜ୍ ପାଣି ହଜମଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ । ଏହା ରକ୍ତ ନଳୀକୁ ଚୁକ୍ତି କରେ ଏବଂ ହଜମକୁ ସୀମିତ କରେ । ଫ୍ରିଜ ପାଣି ଦ୍ୱାରା ଶରୀରକୁ ହଜମ ସମୟରେ ପ୍ରାକୃତିକ ଉପାୟରେ ମିଳୁଥିବା ପୋଷକ ତତ୍ତ୍ୱ ବାଧାପ୍ରାପ୍ତ ହୁଏ । କିନ୍ତୁ ମାଠିଆ ପାଣିରେ କୌଣସି ବି ପ୍ରକାରର ନକରାତ୍ମକ ପ୍ରଭାବ ଶରୀର ଉପରେ ପଡେନାହିଁ। ଏହା ମେଟାବୋଲିଜିମ୍ ବଢ଼ାଇଥାଏ। ତେଣୁ ଖରାଦିନେ ଯେତେ ସମ୍ଭବ ଫ୍ରିଜ୍ ପାଣିଠୁ ଦୂରେଇ ମାଠିଆ ପାଣି ପିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ।

## ପାଦରେ ଅଳତା ଲଗାଇବାର ଧାର୍ମିକ ଓ ବୈଜ୍ଞାନିକ ମହତ୍ତ୍ୱ



*ଭାରତୀୟ ପରମ୍ପରାରେ ମହିଳାଙ୍କ ୧୬ ଶୃଙ୍ଗାରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା କେବଳ ମହିଳାମାନଙ୍କୁ ସୁନ୍ଦର କରି ନ ଥାଏ ବରଂ ଏହାର ଅନେକ ଧାର୍ମିକ ଓ ବୈଜ୍ଞାନିକ ମହତ୍ୱ ମଧ ରହିଛି। ଆଜି ଆମେ ମହିଳାମାନେ ପାଦରେ ଲଗାଉଥିବା ଅଳତାର ମହତ୍ୱ ଓ ଲାଭ ବିଷୟରେ ଜାଣିବା, ଯଦ୍ୱାରା ଆପଣମାନେ ଜାଣିପାରିବେ ଯେ, ମହିଳାମାନେ ପର୍ବପର୍ବାଣୀ, ପୂଜା ତଥା ବିବାହ ଆଦି କାର୍ଯ୍ୟକ୍ରମରେ କାହିଁକି ପାଦରେ ଅଳତା ଲଗାନ୍ତି..*

ସୁହାଗର ଅନ୍ୟତମ ପ୍ରତୀକ ଅଳତା ଲଗାଇବା ଦ୍ୱାରା ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଆସିଥାଏ। ନାଲି ରଙ୍ଗକୁ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। ମାନ୍ୟତା ରହିଛି ଯେ, ଅଳତା ସୁଖୀ ବୈବାହିକ ଜୀବନ ପାଇଁ ଭଗବାନଙ୍କ ଆଶୀର୍ବାଦ ପ୍ରଦାନ କରେ। ଅଳତାକୁ ଦୁଇ ଆତ୍ମାର ମିଳନର ପ୍ରତୀକ ଭାବରେ ବିବେଚନା ମଧ କରାଯାଏ। ଏହା ବ୍ୟତୀତ ପାଦରେ ଅଳତା ଲଗାଇବା ଦ୍ୱାରା ଶରୀର ସହ ମାନସିକ ସୁରକ୍ଷା ମଧ ବଜାୟ ରହିଥାଏ। ଏହି କାରଣରୁ ହିନ୍ଦୁ ଧର୍ମରେ ବିଭିନ୍ନ ରୀତିନୀତି ଏବଂ ପର୍ବପର୍ବାଣୀରେ ଅଳତା ଲଗାଇବା ଜରୁରୀ ଏବଂ ଶୁଭ ବୋଲି ବିବେଚନା କରାଯାଏ। ଏହାର ନାଲି ରଙ୍ଗକୁ ପବିତ୍ରତା ଏବଂ ଦିବ୍ୟ ନାରୀ ଶକ୍ତିର ପ୍ରତୀକ ବୋଲି ମଧ ବିଶ୍ୱାସ ରହିଛି।ଏହା ବ୍ୟତୀତ ନବଜାତ ଶିଶୁକନ୍ୟା ଏବଂ କୁଆଁରୀ ଝିଅମାନଙ୍କ ପାଦରେ ମଧ ଅଳତା ଲଗାଇବା ଶୁଭ ହୋଇଥାଏ। କାରଣ ଅଳତା ମା' ଲକ୍ଷ୍ମୀଙ୍କ ସ୍ୱରୂପ ବୋଲି ବିଶ୍ୱାସ ରହିଛି। ଏଠାରେ କହିରଖୁଛୁ ଯେ, ବିବାହ ସମୟରେ କେବଳ ମହିଳା ନୁହଁନ୍ତି ପୁରୁଷଙ୍କୁ ମଧ ଅଳତା ଲଗାଯାଇଥାଏ।

### ଅଳତା ଲଗାଇବାର ବୈଜ୍ଞାନିକ ମହତ୍ତ୍ୱ

ବୈଜ୍ଞାନିକଙ୍କ କହିବାନୁସାରେ, ପ୍ରାକୃତିକ ଉପାୟରେ ତିଆରି ଅଳତା ଲଗାଇବା ଦ୍ୱାରା ଚାପ ତଥା ଦୁଶ୍ଚିନ୍ତା କମ୍ କରିଥାଏ, ଗୋଇଠି ଥଣ୍ଡା ରହିଥାଏ ଏବଂ ପାଦର ଚର୍ମ ମଧ ନଷ୍ଟ ହେବାରୁ ରକ୍ଷା ପାଇଥାଏ।

## ଅଟା ଚକଟୁଛି ରୋବଟ



ଦିନକୁ ଦିନ କୃତ୍ରିମ ବୁଦ୍ଧିମତାର ଅଗ୍ରଗତି ହେବାରେ ଲାଗିଛି । ଏପରିକି କୃତ୍ରିମ ବୁଦ୍ଧିମତା ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚିଲାଣି କହିଲେ ଅତ୍ୟୁକ୍ତି ହେବନି। ଏବେ ଏମିତି ଏକ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ରୋବୋଟ୍ ଅଟା ଚକଟୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ସାମାଜିକ ଗଣମାଧମ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏଶିୟନ ଟେକ୍ନୋଲୋଜି ନାମକ ଏକ ଆକାଉଣ୍ଟରୁ ଅଟା ଚକଟୁଥିବା କୃତ୍ରିମ ବୁଦ୍ଧିମତା ବିଶିଷ୍ଟ ରୋବୋଟର ଭିଡିଓ ପୋଷ୍ଟ କରାଯାଇଥିବା ଦେଖିବାକୁ ମିଳିଥିଲା। ରୋବଟ୍ ଅଟା ଚକଟୁଥିବାବେଳେ ଆଖପାଖରେ କିଛି ଲୋକ ମଧ ଯିବା ଆସିବା କରୁଥିବା ଦେଖାଯାଇଥିଲା । ଏକ କୁଶଳ ରୋଷେୟା ଭଳି ସେ ଅଟାକୁ ଚକଟୁଥିବା ନଜର ଆସିଥିଲା। ଏହି ଭିଡିଓକୁ ବହୁତ ଲୋକ ଲୋକ ପସନ୍ଦ କରିଥିଲେ।

## ଷ୍ଟନିଂ ଲୁକ୍‌ରେ ଅନୁଷ୍କା ସେନ୍



ଟିଭି ଅଭିନେତ୍ରୀ ଅନୁଷ୍କା ସେନ୍ ସବୁବେଳେ ଇନଷ୍ଟାଗ୍ରାମରେ ତାଙ୍କର ଫଟୋ ପୋଷ୍ଟ୍ ନିଜ ପ୍ରଶଂସକଙ୍କୁ ପାଗଳ କରି ରଖିବାରେ ବେଶ୍ ମାହିର। ତାଙ୍କର ପ୍ରତ୍ୟେକ ଲୁକ୍ ଇଣ୍ଟରନେଟ୍‌କୁ ଆସିବା ମାତ୍ରେ ହଇଚଇ ସୃଷ୍ଟି କରିବା ଆରମ୍ଭ କରେ। ତାଙ୍କ ଦମଦାର ଲୁକ୍ ଦେଖିବା ପରେ ପ୍ରଶଂସକମାନେ ପାଗଳ ହୋଇଯାଆନ୍ତି। ନିକଟରେ ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କର ଲାଟେଷ୍ଟ୍ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋଗୁଡ଼ିକରେ ତାଙ୍କର ସିଜ୍‌ଲିଙ୍ଗ୍ ଷ୍ଟାଇଲ୍ ଦେଖି ତାଙ୍କ ଉପରୁ ପ୍ରଶଂସକଙ୍କ ନଜର ଉଠୁ ନାହିଁ। ଏହି ଫଟୋଗୁଡ଼ିକରେ ଆପଣ ଅଭିନେତ୍ରୀଙ୍କୁ ଧଳା ରଙ୍ଗର ଟପ୍ ଏବଂ କଳା ରଙ୍ଗର ଡେନିମ୍ ଜିନ୍ସ ପିନ୍ଧିଥିବାର ଦେଖିପାରିବେ। ଏହି ପୋଷାକରେ ସେ ଗୋଟିଏ ପରେ ଗୋଟିଏ ଦମଦାର ପୋଜ୍ ଦେଉଥିବା ନଜର ଆସନ୍ତି। ଅଭିନେତ୍ରୀ ଅନୁଷ୍କା ତାଙ୍କ ଚୁଟିକୁ ଖୋଲା ରଖୁଛନ୍ତି, ମୁହଁରେ ଚଷମା ଲଗାଇଛନ୍ତି ଏବଂ ହାଲୁକା ମେକ୍‌ଅପ୍ ନେଇ ନିଜର ଆଉଟ୍‌ଲୁକ୍ ଶେଷ କରିଛନ୍ତି। ତାଙ୍କର ଏମିତି ଅବତାର ଦେଖିବା ପରେ ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। ଯେତେବେଳେ ବି ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କ ଫଟୋ ପୋଷ୍ଟ କରନ୍ତି, ପ୍ରଶଂସକମାନେ ତାଙ୍କ ଫଟୋକୁ ଲାଇକ୍ କରନ୍ତି ଏବଂ କମେଣ୍ଟ ମାଧମରେ ପ୍ରତିକ୍ରିୟା ଦିଅନ୍ତି। ଏ ଫଟୋଗୁଡିକରେ ମଧ ସେମାନେ ଏମିତି କିଛି କରିବା ଦେଖାଯାଏ। ଅନୁଷ୍କା ସେନ୍ ସୋସିଆଲ୍ ମିଡିଆରେ ବହୁତ ସକ୍ରିୟ। ଇନଷ୍ଟାଗ୍ରାମରେ ତାଙ୍କର ଅନେକ ପ୍ରଶଂସକ ଅଛନ୍ତି। ପ୍ରଶଂସକଙ୍କୁ ମନୋରଂଜନ କରିବାରେ ଅଭିନେତ୍ରୀ କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ। ଅନୁଷ୍କା ସେନ୍ ସବୁବେଳେ ସୋସିଆଲ୍ ମିଡିଆରେ ନିଜର ବୋଲ୍ଡ ଓ ହଟ୍ ଲୁକ୍ ଫଟୋ ପୋଷ୍ଟ କରି ନିଜ ସୌନ୍ଦର୍ଯ୍ୟରେ ପ୍ରଶଂସକଙ୍କୁ ମୋହିତ କରନ୍ତି। ଇଣ୍ଟରନେଟରେ ଆସିବା ମାତ୍ରେ ତାଙ୍କର ପ୍ରତ୍ୟେକ ଲୁକ୍ ଭାଇରାଲ୍ ହୁଏ।

## ସର୍ଜରୀ ପାଇଁ ଏହି ଅଭିନେତ୍ରୀଙ୍କର ବର୍ବାଦ ହୋଇଥିଲା କ୍ୟାରିୟର











*ବଲିଉଡରେ ଅନେକ ଅଭିନେତା ଓ ଅଭିନେତ୍ରୀ ସୁନ୍ଦରତା ବୃଦ୍ଧି କରିବା ପାଇଁ ସର୍ଜରୀର ସାହାରା ନେଇଥାନ୍ତି। ତେବେ ବିଭିନ୍ନ ସମୟରେ ଏହା ଓଲଟା ଫଳ ପ୍ରଦାନ କରିଥାଏ । ଅନେକ ସମୟରେ ସର୍ଜରୀ ଫଳରେ ପ୍ରାକୃତିକ ସୁନ୍ଦରତା ପଳାଇ ଯାଇଥାଏ ଓ ଚେହେରା ଅଧିକ ଖରାପ ହୋଇ ଯାଇଥାଏ। ଏମିତି କିଛି ଅଭିନେତ୍ରୀଙ୍କ ଉପରେ ଏକ ନଜର ଯେଉଁମାନେ ସର୍ଜରୀ କରିବା ପରେ ସେମାନଙ୍କ କ୍ୟାରିୟର ଆଗକୁ ବଢି ପାରି ନାହିଁ।*

**କୋଏନା ମିତ୍ର:** ବଲିଉଡର ଅନ୍ୟତମ ସୁନ୍ଦରୀ ଅଭିନେତ୍ରୀ କୋଏନା ମିତ୍ର। ଅପନା ସପନା ମନି ମନି ଭଳି ସଫଳ ଫିଲ୍ମରେ ମଧ ସେ ରହିଥିଲେ। ତେବେ ନାକର ପ୍ଲାଷ୍ଟିକ ସର୍ଜରୀ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏପରିକି ନାକର ଆକାର ବିଗିଡିଯିବା ପରେ ତାଙ୍କୁ କାମ ମଧ ମିଳି ନ ଥିଲା।

**ଅନୁଷ୍କା ଶର୍ମା:** ବଲିଉଡର ଅନ୍ୟତମ ଟପ ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ଶର୍ମା। ତେବେ କଫି ୱିଡ କରଣର ଏକ ଏପିସୋଡରେ ତାଙ୍କ ଓଠ ଫୁଲିଥିବାର ଦେଖିବାକୁ ମିଳିଥିଲା। ଏହା ଅଜବ ଦେଖା ଯାଉଥିବା ବେଳେ ଏହା ଏକ ସାମୟିକ ସର୍ଜରୀ ରହିଥିବା ସ୍ୱୀକାର କରିଥିଲେ ଅନୁଷ୍କା।

**ରାକ୍ଷୀ ସାୱନ୍ତ:** ବଲିଉଡର କଣ୍ଟ୍ରୋଭର୍ସି କୁଇନ ରାକ୍ଷୀ ସାୱନ୍ତ। ସେ ଏକାଧିକ ଥର ନିଜ ଶରୀରରେ ସର୍ଜରୀ କରିଛନ୍ତି। ଲିପ ସର୍ଜରୀ, ବ୍ରେଷ୍ଟ ଇମ୍ପ୍ଲାଣ୍ଟ ଓ ବୋଟୋକ୍ସ ସର୍ଜରୀ କରିଥିଲେ। ଏହାପରେ ରାକ୍ଷୀଙ୍କ ଚେହେରାକୁ ଦର୍ଶକ ପସନ୍ଦ କରି ନ ଥିଲେ।

**ଆୟେଶା ଟାକିଆ:** ୱାଣ୍ଟେଡ ଫିଲ୍ମର ଅଭିନେତ୍ରୀ ଆୟେଶା ଟାକିଆ ନିଜର ନାଚୁରାଲ ଲୁକ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ। ତେବେ ଲିପ ଓ ଫେସ ସର୍ଜରୀ ପରେ ଆୟେଶାଙ୍କ ଚେହେରା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଫ୍ୟାନ ମାନଙ୍କୁ ତାଙ୍କ ନୂଆ ଲୁକ ପସନ୍ଦ ଆସି ନ ଥିବା ବେଳେ ତାଙ୍କୁ ଟ୍ରୋଲ କରାଯାଇଥିଲା।

**ରିମି ସେନ-** ଧୁମର ପ୍ରଥମ ପାର୍ଟରେ ଅଭିଷେକ ବଚ୍ଚନଙ୍କ ବିପକ୍ଷରେ ଅଭିନୟ କରିଥିବା ରିମି ସେନ ମଧ ପ୍ଲାଷ୍ଟିକ ସର୍ଜରୀ କରିଥିଲେ। ପ୍ଲାଷ୍ଟିକ ସର୍ଜରୀ ପରେ ତାଙ୍କ ଚେହେରାର ଆକୃତି ସମ୍ପୂର୍ଣ୍ଣ ବଦଳି ଯାଇଥିଲା ଓ ଫ୍ୟାନ ମାନେ ଏହାକୁ ନାପସନ୍ଦ କରିଥିଲେ।

## ପେଟ ଜନିତ ସମସ୍ୟା ଥିଲେ ପିଅନ୍ତୁ ନାହିଁ ହଳଦୀ କ୍ଷୀର



*ପେଟ ଜନିତ ସମସ୍ୟା ଥିଲେ ପିଅନ୍ତୁ ନାହିଁ ହଳଦୀ କ୍ଷୀର, ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକସୁସ୍ଥ ଶରୀର ପାଇଁ ଲୋକମାନେ ପ୍ରାୟତଃ କ୍ଷୀର ପିଇବାକୁ ପରାମର୍ଶ ଦିଅନ୍ତି ଏବଂ ଅନ୍ୟାନ୍ୟ ଲାଭ ପାଇବା ପାଇଁ, ହଳଦୀ ସହିତ କ୍ଷୀର ମିଶାଇ ପିଇବାକୁ ମଧ ପରାମର୍ଶ ଦିଆଯାଏ । ହଳଦୀ ଆଣ୍ଟିସେପ୍ଟିକ୍ ଗୁଣରେ ଭରପୂର, ତେଣୁ ଏହାକୁ କ୍ଷୀର ସହିତ ମିଶାଇ ସେବନ କଲେ ଲାଭ ଦ୍ୱିଗୁଣିତ ହୁଏ । ହଳଦୀ କ୍ଷୀର ଅନେକ ରୋଗରେ ବହୁତ ଲାଭଦାୟକ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହା କିଛି ଲୋକଙ୍କ ପାଇଁ କ୍ଷତି ମଧ କରିଥାଏ । ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ କେଉଁ ସମସ୍ୟାରେ ପୀଡିତ ଲୋକମାନେ ଏହାକୁ ସେବନ କରିବା ଉଚିତ୍ ନୁହେଁ ।*

### ପେଟ ସମସ୍ୟା

ଯେଉଁମାନଙ୍କର ପେଟ ସମସ୍ୟା ଅଛି ସେମାନେ ହଳଦୀ କ୍ଷୀର ପିଇବା ଉଚିତ ନୁହେଁ । ଅଧିକ ପରିମାଣରେ ହଳଦୀ କ୍ଷୀର ପିଇବା ଦ୍ୱାରା ପେଟରେ ଗ୍ୟାସ ସମସ୍ୟା ସୃଷ୍ଟି ହୁଏ । ଏପରି ପରିସ୍ଥିତିରେ, ଅତ୍ୟଧିକ ହଳଦୀ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ପେଟ ଖରାପ ହୋଇପାରେ । ହଳଦୀ ଶରୀରକୁ ଗରମ କରିଥାଏ, ଯାହା ପେଟ ଦରଜ ଏବଂ ଯନ୍ତ୍ରଣାର ସମ୍ଭାବନାକୁ ବୃଦ୍ଧି କରିଥାଏ । ହଳଦୀରେ ଥିବା ଯୌଗିକ ଗୁଣ ଯୋଗୁଁ ମଧ ଡାଇରିଆ ଏବଂ ବାନ୍ତି ଭଳି ସମସ୍ୟା ସୃଷ୍ଟି ହୋଇପାରେ । ଏହା ସହିତ, ଯଦି ଆପଣଙ୍କର ମସଲା ଖାଇବା ପ୍ରତି ଆଲର୍ଜି ଅଛି, ତେବେ ଆପଣ ହଳଦୀ ବ୍ୟବହାର ମଧ ବନ୍ଦ କରିବା ଉଚିତ । ଏହା ଆପଣଙ୍କର ଆଲର୍ଜିକୁ ଆହୁରି ବଢ଼ାଇପାରେ ।

### ପେଟ ସମସ୍ୟା

ଯଦି ଆପଣଙ୍କ ଶରୀରର କୌଣସି ସ୍ଥାନରେ ଷ୍ଟୋନ ଅଛି, ତେବେ ଆପଣ ହଳଦୀ କ୍ଷୀର ପିଇବାରୁ ଦୂରେଇ ରହିବା ଉଚିତ । ବିଶେଷକରି ପେଟ ସମସ୍ୟାରେ ପୀଡିତ ଲୋକଙ୍କ ପାଇଁ । କାରଣ ଏହା ଆପଣଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ । ଯଦି ଆପଣଙ୍କର ଲିଭର ସମ୍ବନ୍ଧୀୟ କୌଣସି ସମସ୍ୟା ଅଛି, ତେବେ ହଳଦୀ କ୍ଷୀର ଆଦୌ ସେବନ କରନ୍ତୁ ନାହିଁ, କାରଣ ଏହା ଲିଭର ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ । ଏହା ବ୍ୟତୀତ ହଳଦୀ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ଖରାପ କରିପାରେ, ଯାହା ରକ୍ତସ୍ରାବ ରୋଗ ଥିବା ଲୋକଙ୍କ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । ସେଥିପାଇଁ ଏହି ସବୁ ସମସ୍ୟା ଥିଲେ ହଳଦୀ କ୍ଷୀର ପିଇବା ଉଚିତ ନୁହେଁ, ନଚେତ ଆପଣ ଆଗକୁ ଯାଇ ବଡ଼ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ): ଚାନ୍ଦବାଲି ରାଜ୍ୟ ରାଜପଥର ଅଲୀନଗର ଛକ ନିକଟରୁ ତିହିଡ଼ି ପୋଲିସ ୨ ଟି ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି। ଏଥିସହ ପୋଲିସ ଭ୍ୟାନରେ ଥିବା ୨୯ଟି ଗୋରୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ୬୧/୨୪ରେ ଏକ ମକଦ୍ଦମା ରୁଜୁ କରିଥିବା ବେଳେ ଗୋରୁ ଚାଲାଣକାରୀଙ୍କୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାଯାଇଛି। ପ୍ରକାଶ ଯେ ତିହିଡ଼ି ଓ ଚାନ୍ଦବାଲିର ବିଭିନ୍ନ ଅଞ୍ଚଳରୁ ଗୋରୁ ଚାଲାଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଚାଲାଣକାରୀମାନେ ଅମାନୁଷିକ ଭାବେ ଗୋଟିଏ ଗାଡ଼ିରେ ୧୫ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଭର୍ତ୍ତିକରି ଚାଲାଣ କରୁଛନ୍ତି। ଗତ ରବିବାର ରାତିରେ ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ରାତି ପେଟ୍ରୋଲିଂରେ ଥିବାବେଳେ ୨ଟି ପିକଅପ ଭ୍ୟାନରେ ଗୋରୁ ବୋଝେଇ ହୋଇ ଯାଉଥିବା ଜାଣିବାକୁ ପାଇଥିଲେ। ଏଏସଆଇ ମାରାଣ୍ଡିଙ୍କ ସମେତ ଅନ୍ୟ ପୋଲିସମାନେ ଭ୍ୟାନକୁ ପିଛା କରିବା ପରେ ଗାଡ଼ି ଚାଳକଙ୍କ ସମେତ ଅନ୍ୟମାନେ ଫେରାର ହୋଇଯାଇଥିଲେ। ତେବେ ପୋଲିସ ୩ଟି ଭ୍ୟାନକୁ ଜବତ କରିବା ସହ ୨୯ଟି ଗୋରୁଙ୍କୁ ଉଦ୍ଧାର କରିଥିଲା । ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ସୟାସ୍ଥିତ ଗୋଶାଳାରେ ଛଡ଼ାଯାଇଥିବା ଜଣାଯାଇଛି।

# କେନ୍ଦୁଝର ଜିଲ୍ଲାରେ ଅପମିଶ୍ରିତ ମହୁଲି ମଦର ଅବାଧ କାରବାର

## ଚୋରା ମଦ ମାଫିଆ-ଅବକାରୀ ବିଭାଗ ମଧୁଚନ୍ଦ୍ରିକା

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଦେଶୀ-ବିଦେଶୀ ମଦର କାରବାର ଅହେତୁକ ଭାବରେ ବୃଦ୍ଧି ପାଇ ଚାଲିଥିବା ବେଳେ ଏହାର ସୁଯୋଗ ନେଇ ଅନେକ ସ୍ଥାନରେ ଅପମିଶ୍ରିତ ଦେଶୀ ମଦ କୁଟୀରଶିଳ୍ପରେ ପରିଣତ ହୋଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅବକାରୀ ବିଭାଗର ଜିଲ୍ଲା ମୁଖ୍ୟାଳୟରେ ଅନେକ ଅପମିଶ୍ରିତ ବିଦେଶୀ ମଦ ଖୁଲମଖୁଲ୍ଲା କାରବାର ହେଉଥିବାବେଳେ କେବେବି ଅବକାରୀ ବିଭାଗ ପକ୍ଷରୁ ଏହି ଦୋକାନଗୁଡିକ ଉପରେ ଚଢ଼ାଉ କରାଯିବାର ନଜିର ନଥିବା ଏବଂ ବର୍ତ୍ତମାନ ମାପ, ଓଜନ ଓ ଗୁଣବତ୍ତାକୁ ନେଇ କେବେବି ଅବକାରୀ ବିଭାଗ ତା'ର କୁମ୍ଭକର୍ଣ୍ଣ ନିଦ୍ରାକୁ ଭାଙ୍ଗି ନଥିବା ବେଳେ ଜିଲ୍ଲାରେ ଏବେ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଗୋଟିଏ ପରେ ଗୋଟିଏ ଘଟଣାରେ ଅବକାରୀ ବିଭାଗ ଜନତାଙ୍କ କାଠଗଡ଼ା ମଧ୍ୟକୁ ଆସିଥିବା ବେଳେ ବିଦେଶୀ ଚୋରା ମଦର ବଟଲିଂ କଥା କାହାକୁ ଅଛପା ନୁହେଁ। କୋଲକାତା ଠାରୁ ମୁମ୍ବାଇକୁ ସଂଯୋଗ କରୁଥିବା ୪୯ନଂ ଜାତୀୟ ରାଜପଥ କଡ଼ରେ ଥିବା ମୟୁରଭଞ୍ଜ ଜିଲ୍ଲାର ଚଢେଇଭୋଳ ଠାରୁ କେନ୍ଦୁଝର ଜିଲ୍ଲାର ଜଗମୋହନପୁର ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ଦୋକାନ, ଢାବା, ହୋଟେଲ ଆଦି ସ୍ଥାନ ମାନଙ୍କରେ ଅପମିଶ୍ରିତ ଏବଂ ନକଲି ମଦର କାରବାର ବଢ଼ିଥିବା କଥା କାହାକୁ ଅଛପା ନୁହେଁ। ସରକାରଙ୍କ ଅବକାରୀ ବିଭାଗର କେତେକ କର୍ମଚାରୀ ଓ ଅଧିକାରୀ ମଦ ବେପାରୀଙ୍କ ସୁରକ୍ଷା କବଚ ସାଜି ଜିଲ୍ଲାରେ ବେଆଇନ ଅପମିଶ୍ରିତ ବିଶାକ୍ତ ମଦର ପସରାକୁ ପ୍ରୋତ୍ସାହନ ଯୋଗାଉଥିବା ଅଭିଯୋଗ ହୁଏ। ଜିଲ୍ଲାର ବର୍ତ୍ତମାନ ଗ୍ରାମାଞ୍ଚଳରେ ମଧ୍ୟ ପ୍ରତ୍ୟେକ ଗ୍ରାମ ସାହିରେ ମଦ ଦିବାରାତ୍ରି ବିକ୍ରି ଚାଲିଛି। ଜିଲ୍ଲାରେ କେବଳ ମଦ ବିକ୍ରି ହୁଏ ତାହା ନୁହେଁ ସହର ତଥା ଗ୍ରାମାଞ୍ଚଳରେ ହୋଟେଲ, ପାନ ଦୋକାନ, ଅଣ୍ଡା ଦୋକାନ ଓ ମନୋହରୀ ଦୋକାନରେ ମଧ୍ୟ ପଲିଥିନ ପାଉଚ ମଦ ଏବଂ ବିଦେଶୀ ମଦ ମିଳିଯାଉଛି। କେନ୍ଦୁଝର ସହରର କେତେକ ପୋଖରୀ ହୁଡ଼ାରେ ଦେଶୀମଦ କାରବାର ସ୍ୱଷ୍ଟ ଦିବାଲୋକରେ ଚାଲିଥିବା ବେଳେ ଏହା ଅବକାରୀ ବିଭାଗ କିପରି ଜାଣିପାରୁ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ ଭାବେ ଅପମିଶ୍ରିତ ବିଶାକ୍ତ ଦେଶୀ ଓ ବିଦେଶୀମଦ ଅବାଧରେ ବିକ୍ରି ଚାଲିଥିଲେ ମଧ୍ୟ ଏହାକୁ ରୋକିବା ପାଇଁ କାହାରି ଉଦ୍ୟମ ନାହିଁ। ଅବକାରୀ ବିଭାଗର ସ୍ଥାଣୁ ଅବସ୍ଥାକୁ ନେଇ କେନ୍ଦୁଝର ଜିଲ୍ଲାରେ ମଦ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇପାରୁ ନାହିଁ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏବଂ ଜିଲ୍ଲା ବାହାରୁ ପ୍ରତିଦିନ ହଜାର ହଜାର ବିଷାକ୍ତ ଅପମିଶ୍ରିତ ପଲିଥିନ ପାଉଚ୍ ମଦ ଜିଲ୍ଲାକୁ ଆସୁଛି। ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟି ମାନଙ୍କରେ ମହୁଲ ଫୁଲରେ ମଦ ରନ୍ଧାଯାଇ ବିକ୍ରି କରିବାର ନିୟମ ଥିବାବେଳେ ଜିଲ୍ଲାରେ ଥିବା ଦେଶୀ ମଦଭାଟି ମାନଙ୍କରେ ମହୁଲ ଫୁଲ ସହ ସାହାଜ ପତ୍ର, କୀଟନାଶକ ଓ ରାସାୟନିକ ୟୁରିଆ ସାର ମିଶ୍ରିତ କରି ମଦ ତିଆରି କରାଯାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଜିଲ୍ଲା ଅପମିଶ୍ରିତ ବିଶାକ୍ତ ମଦ କାରବାର ବ୍ୟାପକ ହୋଇଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର ନୀରବତା ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ଜିଲ୍ଲାର ଅବକାରୀ ବିଭାଗ ଏକପ୍ରକାର ନିଷ୍କ୍ରିୟ ହୋଇଯାଇଛି। ଜିଲ୍ଲାର ସମସ୍ତ ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରାଯାଇ ମନ୍ଦିର, ଗାଧୁଆତୁଠ, ବିଦ୍ୟାଳୟ, ସର୍ବସାଧାରଣ ସ୍ଥାନମାନଙ୍କରେ ବେଆଇନ ମଦ କାରବାର କରାଯାଉଛି। ଜିଲ୍ଲାର ଅଧିକାଂଶ ମଦଭାଟି ଅବକାରୀ ନିୟମକୁ ଉଲ୍ଲଙ୍ଘନ କରି ବେପାର ଚଲାଇଛନ୍ତି। ଯୋଡା, ବଡ଼ବିଲ, ଚମ୍ପୁଆ, ଝୁମ୍ପୁରା, ତୁରୁମୁଙ୍ଗା, ଖିରେଇଟାଙ୍ଗିରୀ, ପାଟଣା, ଢେଙ୍କିକୋଟ, ହରିଚନ୍ଦନପୁର, ବାଂଶପାଳ, କାଞ୍ଜିପାଣି, ତେଲକୋଇ, ଜଗମୋହନପୁର,ବିଞ୍ଜିବାହାଳ, ଶୁଆକାଟି, କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାର ଖୋଲାଖୋଲି କରାଯାଉଛି। କେତେକ ସ୍ଥାନରେ ନାମକୁ ମାତ୍ର ଅବକାରୀ ଚଢ଼ାଉ କରାଯାଇ ଲୋକଙ୍କ ଦୃଷ୍ଟିକୁ ହଟାଇବା ପାଇଁ ଉଦ୍ୟମ ଜାରିରହିଛି। ଏହି ଦେଶୀ ମଦ ପ୍ରତି ପ୍ରଶାସନିକସ୍ତରରେ ଅଙ୍କୁଶ କରା ନଗଲେ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।



# ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ମ୍ୟୁଜିକ ଚେୟାର ପ୍ରତିଯୋଗିତା



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର 'ଓଡ଼ିଆ ସମ୍ମାନ' ବିଭାଗ ପକ୍ଷରୁ ଭିକିପୁର ନିକଟସ୍ଥ ଆକାଶିଆ ଜଙ୍ଗଲ ପରିସରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରତିଯୋଗିତାକୁ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ବର୍ଷର ୨୬ଜଣ, ଦ୍ୱିତୀୟ ୨୪ ଜଣ ଓ ତୃତୀୟ ବର୍ଷର ୨୨ଜଣ ପିଲା ଭାଗନେଇ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଖେଳକୁ ସାଗରିକା ଜେନା, ସ୍ମୃତିରେଖା ସାହୁ, ତୁଳସୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଖେଳର ପୁରସ୍କାର ବିତରଣ ସଭା ଓଡ଼ିଆ ବିଭାଗର ମୁଖ୍ୟ ଅଧାପିକା ସୁମିତ୍ରା ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ +୨ର ଗଣିତ ବିଭାଗର ଅଧାପକ ଜ୍ୟୋତିପ୍ରକାଶ ରାଉତ, ସମ୍ମାନିତ ଅତିଥି ଭାବେ ପଦାର୍ଥବିଜ୍ଞାନ ବିଭାଗର ଅଧାପକ ହୃଷିକେଶ ତ୍ରିପାଠୀ, ବିଭାଗୀୟ ଅଧାପକ ମଳୟ କୁମାର ମଲ୍ଲିକ, ଅଧାପିକା ଝୁନୁମଣୀ ଜେନା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ପ୍ରଥମ ବର୍ଷର ଚମ୍ପିଆନ ସାଗରିକା ଜେନା (ଖ), ଦ୍ୱିତୀୟ ବର୍ଷର ଚମ୍ପିଆନ ସ୍ମୃତିସାରିକା ଜେନା ଓ ତୃତୀୟବର୍ଷର ଚମ୍ପିଆନ ରାମାରାଣୀ ମଲ୍ଲିକ ପ୍ରମୁଖଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ମମତା ପାଢୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା, ସୋନୀ ସାହୁ, ବର୍ଷାରାଣୀ ଦାସ, ମମତାରାଣୀ ମାଝୀ, ଏଲିକାପ୍ରିୟଦର୍ଶିନୀ ବ୍ରହ୍ମ, ସୋନାଲି ରଣା, ସୁବର୍ଣ୍ଣା ସାହୁ, ମୋନାଲିସା ଗୁରୁ, ମୋନାଲିସା ମଲ୍ଲିକ, ଅଭାମୟୀ ମଲ୍ଲିକ, ପ୍ରିୟଙ୍କା ପ୍ରଦର୍ଶିନୀ ମହାନ୍ତି, ହରପ୍ରିୟା ଦଳେଇ, କମଳା ସାହୁ, କବିତା ସେଠୀ, ଶୁଭସ୍ମିତା ସାହୁ, ବିଜୟଲକ୍ଷ୍ମୀ ରାଉତ, ଅନିଷାପ୍ରିୟଦର୍ଶିନୀ ରାୟ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମୋନାଲିସା ତରେଇ, ସୋନୀ ସେନାପତି, ବାସନ୍ତୀ ମଣ୍ଡଳ ପ୍ରମୁଖ ପରିଚାଳନାରେ ସହଯୋଗିତା କରିଥିଲେ। ଶେଷରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଆରମ୍ଭ

## ୩ କେନ୍ଦ୍ରରେ ୩୪୮ ବିଦ୍ୟାର୍ଥୀ ଦେଲେ ଓଡ଼ିଆ ପରୀକ୍ଷା

ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)ଦ୍ୱାରା ପରିଚାଳିତ ଯୁକ୍ତଦୁଇ ଥିଓରି ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗ (ଷ୍ଟ୍ରିମ୍)ର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ପରୀକ୍ଷାର୍ଥୀ। ଅସ୍ତରଙ୍ଗ ବ୍ଲକ୍‌ର ୩ଟି ପରୀକ୍ଷା କେନ୍ଦ୍ରରେ ୩୪୮ପରୀକ୍ଷାର୍ଥୀ ଦେଲେ ପରୀକ୍ଷା। ଖବର ମୁତାବକ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ପରୀକ୍ଷା। ପରୀକ୍ଷାର୍ଥୀମାନେ କେନ୍ଦ୍ରରେ ୩୦ମିନିଟ ପୂର୍ବରୁ ପହଞ୍ଚିଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷା ପାଇଁ ୩ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୮ଜଣ ପରୀକ୍ଷା ଦେଇଥିବା ବେଳେ ୧୫୭ଜଣ ରେଗୁଲାର ଓ ୧ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଥିଲେ। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବାବେଳେ ଶାରଳା ଆବାସିକ ବିଦ୍ୟାଳୟର ୯୯ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨ଜଣ ଅନୁପସ୍ଥିତ ୯୭ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟରେ ୪୨ଜଣ ପରୀକ୍ଷାର୍ଥୀ ପ୍ରଥମଦିନ ମାତୃଭାଷା ପରୀକ୍ଷା ଦେଇଛନ୍ତି। ପୁରା ସିସିଟିଭି ନଜରରେ ପରୀକ୍ଷା କେନ୍ଦ୍ର ରହିଥିଲା। ବୁଧବାର କଳା ଓ ବାଣିଜ୍ୟ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ରହିଛି।

# ସରପଞ୍ଚଙ୍କ ଦ୍ୱାରା ଜଳ କ୍ଲିଷ୍ଟ ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ଏକ ବୃହତ୍ ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତରେ ୧୧ଗୋଟି ରାଜସ୍ୱ ଗ୍ରାମ ରହିଛି। ଉକ୍ତ ପଞ୍ଚାୟତର ଚତୁର୍ପାଶରେ ଶହଶହ ସଂଖ୍ୟାରେ କଳ କାରଖାନା ଗଢ଼ି ଉଠି ଥିବାରୁ ସମୁଦ୍ରରୁ ବିପୁଳ ପରିମାଣରେ ବାଲି ଡ୍ରେଜିଂ ହେବା କାରଣରୁ ଭୂତଳ ଜଳ ଲବଣାମ୍ଳକ ହୋଇଯାଇଛି। ପଞ୍ଚାୟତର ୧୧ଗୋଟି ରାଜସ୍ୱ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଥିବାରୁ ପଞ୍ଚାୟତ ତରଫରୁ ପାରାଦ୍ୱୀପ ଗଡ଼, ଚକ୍ରଧରପୁର, ଚୂନବେଲାରୀ ଏବଂ କତକୁଲା ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି ଓ ରଙ୍ଗିଆଗଡ, ରାମଚଣ୍ଡୀପଡ଼ା, ଚନକଣ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ମଧ୍ୟ ଅନେକ ସମୟରେ ତାଳଦଣ୍ଡା କେନାଲରେ ପାଣି ଆସୁ ନଥିବାରୁ ଏବଂ ଫେବୃଆରୀ ମାସରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରପଞ୍ଚ ସସ୍ମିତା ବେହେରା ପଞ୍ଚାୟତର ଜଳ କ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ଏହି ପ୍ରକ୍ରିୟା ମଇ ମାସ ୩୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସରପଞ୍ଚ ବେହେରା ପ୍ରକାଶ କରିଛନ୍ତି।

# ପାଞ୍ଚଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଉଦ୍‌ଯାପିତ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଫେବୃୟାରୀ ୧୩ ତାରିଖରୁ ନେହେରୁ ଷ୍ଟାଡ଼ିୟମ୍ ପରିସରରେ ପଲ୍ଲୀଶ୍ରୀ ମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ଅନୁଷ୍ଠିତ ହୋଇ ଆସିଥିବା ୫ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟା ଆସରରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗଦେଇ ଭଦ୍ରାୟଣୀର ସଫଳ ଭେଟି ଏବଂ ଆଗାମୀ ବର୍ଷମାନଙ୍କରେ ଭଦ୍ରାୟଣୀର କଳେବର ଆହୁରି ଅଧିକ ଆକର୍ଷଣୀୟ ହେଉ ବୋଲି ପ୍ରକାଶ କରିଥିଲେ। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ସାରା ସହରବାସୀ ଉଲ୍ଲସିତ ଓ ଏକ ଉତ୍ସବ ମୁଖର ପରିବେଶରେ ଭରପୂର ହୋଇ ନିଜର ଆବଶ୍ୟକତା ଭିତ୍ତିରେ ବିଭିନ୍ନ ଦ୍ରବ୍ୟ କ୍ରୟ କରିବା ସହିତ ସନ୍ଧ୍ୟାରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଏଥିରେ ସମୁଦାୟ ୨୪୦ଟି ଷ୍ଟଲ ହୋଇଥିଲା। ତନ୍ମଧ୍ୟରୁ ୯୦ଟିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓରମାସ ପ୍ରାୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟୋଗ ପାର୍କ, ପ୍ରଡ୍ୟୁସର ଏଣ୍ଟରପ୍ରାଇଜ୍ ଓ କାରିଗରମାନେ ଭାଗ ନେଇଥିଲେ। ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକଗୋଷ୍ଠୀ ଭାଗ ନେଇଥିଲେ। ୧୦ଟି ଷ୍ଟଲରେ ରାଜ୍ୟ ବାହାରର କାରିଗରମାନେ ଭାଗ ନେଇଥିଲେ। ଯେଉଁଥିରେ କି ବାଉଁଶ କାରିଗର, ବନାରସୀ ଶାଢ଼ୀ, ପିତ୍ତଳଦ୍ରବ୍ୟ, ଡ୍ରେସ, କାଠକାମ, ଧୂପ, ବେଡ଼ସିଟ୍, ବିଭିନ୍ନ ଜୁଏଲାରୀ ଆଦି କରିଗର ଭାଗ ନେଇଥିଲେ। ଏକ ଥିମ୍ ଷ୍ଟଲରେ ହସ୍ତତନ୍ତର ଲାଇଭ୍ ଡେମୋନଷ୍ଟ୍ରେସନ୍ ହେଉଥିଲା। ୬ଟି ଷ୍ଟଲରେ ସେବା ସଂସ୍ଥା ଥିଲେ, ୨୧ଟି ଷ୍ଟଲରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ପାଇଁ ବିଭିନ୍ନ ବିଭାଗମାନେ ଅଂଶଗ୍ରହଣ କରିଥିଲେ। ୩ଟି ଷ୍ଟଲରେ ବ୍ୟାଙ୍କ, ହସ୍ତତନ୍ତ୍ର, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ୩୫ଟି ଷ୍ଟଲ, କୃଷି ବିଭାଗର ୪୦ଟି ଷ୍ଟଲ, ଖାଦ୍ୟ ନିମନ୍ତେ ୩୫ଟି ଷ୍ଟଲ ଖୋଲା ଯାଇଥିଲା।

# ଲର୍କି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଧୂମଧାମରେ ପାଳିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ମୁଖ୍ୟ ଅତିଥି, ପରିଚାଳନା କମିଟିର ସଭାପତି ଯଶୋବନ୍ତୀ ମେହେର, ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ, ବିନୋଦିନୀ ତାଣ୍ଡୀ, ରଜନୀ ମେହେର, ଲୀଳାବତୀ ମେହେର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମା' ସରସ୍ୱତୀଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପ, ଧୂପଦୀପ ଅର୍ପଣ ପରେ ଛାତ୍ରୀବୃନ୍ଦ ପ୍ରାରମ୍ଭିକ ସଙ୍ଗୀତ ଗାଇଥିଲେ। ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା। ବିଦ୍ୟାଳୟରେ ଶୈକ୍ଷିକ ଓ ଅଣ ଶୈକ୍ଷିକ ଦିଗରେ ଆଗୁଆ ଥିବା ଛାତ୍ରଛାତ୍ରୀ ଓ ସମେଟିଭ ପ୍ରଥମ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ।

# ରାସ୍ତା ଜବରଦଖଲ କରି ଗୃହନିର୍ମାଣ ଅଭିଯୋଗ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ୍ କଡ଼ବ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଟୁଆ ଗ୍ରାମରେ ସର୍ବସାଧାରଣ ରାସ୍ତାକୁ ୨ ଜଣ ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏବେ ଏହି ରାସ୍ତା ଉପରେ ଗୃହନିର୍ମାଣ ଜାରୀ ରଖିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିନେଇ ସୋମବାର ଚଟୁଆ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବାସିନ୍ଦାମାନେ ବୋଲଗଡ଼ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ବେଳେ ସେ କାର୍ଯ୍ୟାଳୟରେ ଉପସ୍ଥିତ ନଥିବାରୁ ସେମାନେ ଆଡିସନାଲ ତହସିଲଦାର ଦୀପ୍ତିମୟୀ ଶର୍ମାଙ୍କୁ ଭେଟିଥିଲେ ମଧ୍ୟ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ଗ୍ରାମ ଦେଇ ଯାଇଥିବା ଆରଡ଼ି ରାସ୍ତା ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତା (ଚଟୁଆ ମୌଜା ର ଖାତା ନଂ -୩୦୮,ପ୍ଲଟ ନଂ - ୩୭୯)କୁ ଦୁଇଜଣ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବାବେଳେ ଏହାକୁ ମାପ ଚିହ୍ନଟ କରି ଜବରଦଖଲ ମୁକ୍ତ କରିବା ପାଇଁ ଦୀର୍ଘ ୪ମାସ ଧରି ଗ୍ରାମବାସିମାନେ ପ୍ରଚେଷ୍ଟା କରିଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଥିନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରାଯାଇଥିଲା ବେଳେ ବିଭାଗ ପକ୍ଷରୁ ବୋଲଗଡ଼ ତହସିଲ କାର୍ଯ୍ୟାଳୟକୁ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ଏହା ମଧ୍ୟରେ ଅନେକ ଥର ସମ୍ପୃକ୍ତ ଗ୍ରାମବାସୀମାନେ ତହସିଲଦାରଙ୍କୁ ଶୀଘ୍ର ମାପଚିହ୍ନଟ କରି ପଦକ୍ଷେପ ନେବାକୁ ନିବେଦନ କରାଯାଇ ଥିଲେ ବି କୌଣସି ସୁଫଳ ମିଳୁନାହିଁ। ଅପରପକ୍ଷରେ ରାସ୍ତା ଜବରଦଖଲ ନେଇ ଗ୍ରାମବାସୀମାନେ ଚଳପ୍ରଚଳରେ ନାନାଦି ଅସୁବିଧା ଭୋଗ କରୁଥିବା ବେଳେ ଜବରଦଖଲକାରି ସେଠାରେ ଦୃତଗତିରେ ଗୃହନିର୍ମାଣ ଜାରି ରଖିଛନ୍ତି। ଏଥିନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସଞ୍ଜୟ ସାହୁ, ହେମନ୍ତ ସାହୁ, ପ୍ରଦୀପ ମହାରଣା, ଲକ୍ଷ୍ମଣ ମୁଦୁଲି, କୃଷ୍ଣଚନ୍ଦ୍ର ବାରିକ, ଚରଣ ବେହେରା ପ୍ରମୁଖ ଦାବି କରିଛନ୍ତି।

# ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅନିୟମିତତା ନେଇ ଗ୍ରାମବାସୀଙ୍କ ଅଭିଯୋଗ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାଲକାନଗିରି ଜିଲ୍ଲାର ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୟାସ ଜାରିରହିଛି। ବୃହତ ଉଠା ଜଳସେଚନ ପ୍ରକଳ୍ପଟିକୁ ଜେଭିଆର ନାମକ ଏକ ଘରୋଇ କମ୍ପାନୀର ଠିକାସଂସ୍ଥାକୁ ପ୍ରଦାନ କରାଯାଇଛି। ଏହି ବୃହତ ଉଠା ଜଳସେଚନ ପ୍ରକଳ୍ପରେ ଶହଶହ କୋଟିଟଙ୍କା ବ୍ୟୟ ଅଟକଳ ମଧ୍ୟ ରଖାଯାଇଛି। କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ଶହଶହ କୋଟିର ଅର୍ଥରେ କାର୍ଯ୍ୟ ହେଉଥିଲେ ମଧ୍ୟ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ କୌଣସି ସୁରକ୍ଷା ସାମଗ୍ରୀ ଦିଆ ନଯିବା ଏକ ବିଡ଼ମ୍ବନାର ବିଷୟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାର୍ଯ୍ୟରେ ନାବାଳିକାମାନଙ୍କୁ ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରାଇବା ସହିତ ବିନା ସୁରକ୍ଷା ସାମଗ୍ରୀରେ ନାବାଳିକାମାନେ କାର୍ଯ୍ୟ କରୁଥିବା ଚିତ୍ର ଦେଖିବାକୁ ମିଳିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଥିଲି ବ୍ଲକ କୁଟୁନି ପାଲ୍ଲୀ ପଞ୍ଚାୟତ କୁଡୁକ ଗୁଡା ଗ୍ରାମରେ। ସମ୍ପୃକ୍ତ ଠିକା କମ୍ପାନୀର କାର୍ଯ୍ୟ ଚାଲୁଥିବା ବେଳେ ସେଠାରେ ରହିଥିବା ବିରାଟ ବିରାଟ ଗଛଗୁଡିକୁ ଜେସିବି ଲଗାଇ ଉପାଡ଼ି ଦିଆଯାଇ କାର୍ଯ୍ୟ ଚଲାଉଥିବା ଦେଖିବାକୁ ମିଳୁଛି । ସେହି ଗଛଗୁଡ଼ିକୁ ଉପାଡ଼ିବା ପରେ ସେଗୁଡ଼ିକ ମାଟି ତଳେ ପୋତି ଦିଆଯାଉଥିବା ଦେଖିବାକୁ ମିଳିଛି। ତାହାସହିତ ସେହି ଗ୍ରାମର ଜଣେ ବିଧବା ମହିଳାଙ୍କ ନିଜ ଜାଗାରେ କମ୍ପାନୀ ଜୋରଜବରଦସ୍ତ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଗଛ ଗୁଡ଼ିକ ଉପାଡିବା ସମୟରେ ପାର୍ଶ୍ୱବର୍ତ୍ତି ଗ୍ରାମବାସୀ ଅଭିଯୋଗ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ପୋଲିସ ଲଗାଇ ଜେଲ ପଠାଇ ଦେବୁ ବୋଲି ଧମକ ଦେଇଥିବା ଅଭିଯୋଗ ମଧ୍ୟ ହେଇଛି। ଗଛ ଉପାଡ଼ିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ପରେ କାର୍ଯ୍ୟ ମଧ୍ୟ ବନ୍ଦ କରିଥିଲେ। ତାହା ସହିତ ବନ କର୍ମଚାରୀମାନେ ଗଛ ଗୁଡ଼ିକ ଦେଖିବା ପରେ ଏକ ସିଜର ଲିଷ୍ଟ ମଧ୍ୟ କରିଥିଲେ କିନ୍ତୁ ସେହି ସିଜର ଲିଷ୍ଟକୁ ନେଇ ସମ୍ପୃକ୍ତ ଠିକାସଂସ୍ଥା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ସ୍ଥାନୀୟ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି ବନ ବିଭାଗ। ବନବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ କରିବା ପରେ ବି ପୁଣି କାର୍ଯ୍ୟ ଚାଲୁ ରହିଥିବା ଦେଖିବାକୁ ମିଳିଛି। ଯାହା ବନବିଭାଗର କର୍ମଚାରୀଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଛି। ତାହା ସହିତ ନାବାଳିକାମାନେ ବିନା ସୁରକ୍ଷିତ ଭାବେ କାର୍ଯ୍ୟକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମାନେ ଜାଣିଛନ୍ତି ନା ଅଧିକାରୀ ମାନେ ସମ୍ପୃକ୍ତ ଠିକା ସଂସ୍ଥା ସହିତ ମଧୁଚନ୍ଦ୍ରିକାରେ ଚଲାଉଛନ୍ତି ଏମିତି ଅନେକ ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କିମାରୁଛି। ଜିଲ୍ଲା ପ୍ରଶାସନ ଏହାର ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ତଥା ସାଧାରଣରେ ଦାବି ଜୋର ଧରିଛି।

# ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଜି ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଡେରାବିଶ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ମୁଖ୍ୟବକ୍ତା ଭାବେ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ସମ୍ମାନିତ ଅତିଥିଭାବେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ଜିଲ୍ଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ ଓ ଅରବିନ୍ଦ ମଲିକ, ଗୋଲରାହାଟ ସରପଂଚ କାଶିନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି, ଶିକ୍ଷାବିତ୍ ଶରତ କୁମାର ଆଚାର୍ଯ୍ୟ, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଏବିଇଓ ଖଗେଶ୍ୱର ନାୟକ ସଚିକାନ୍ତ ମିଶ୍ର ଓ ଦେବଦତ୍ତ ଶତପଥି ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ଉପସ୍ଥିତ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନରେ ଦକ୍ଷତା ଆଣିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଇଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଞ୍ଚାଳନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉପରେ ପରିବେଶିତ ସଙ୍ଗୀତ ଗାନ କରିଥିଲେ। ଶେଷରେ ବାଘିଲୋବାବନପୁର କ୍ଲଷ୍ଟରର ସିଆରସିସି ରାମଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରରୁ ଛାତ୍ରଛାତ୍ରୀମାନେ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ସମ୍ପର୍କୀତ ଷ୍ଟଲମାନ ପ୍ରଦର୍ଶିତ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଲଲାଟ କେଶରୀ ଭୂୟାଁ, ସିଆରସିସି ପ୍ରମୋଦ କୁମାର ମଲ୍ଲ, ପ୍ରଶାନ୍ତ ଶତପଥି, ପ୍ରକାଶ ରାଉତ, ବିଶ୍ୱଜିତ ମୁଦୁଲି, ପ୍ରଦିପ୍ତ ମଲ୍ଲ, ସନ୍ତୋଷ ମଲିକ, ବେଣୁଧର ପ୍ରଧାନ, କନକଲତା ପୃଷ୍ଟି ପ୍ରମୁଖଙ୍କ ସମେତ ଡେରାବିଶ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ସିଠାଳରେ ଶୋକାକୁଳ ପରିବେଶ



ନିଆଳି, (ଭାସ୍କର ନ୍ୟୁଜ୍): ସିଠାଳ ହାଇସ୍କୁଲର ପୂର୍ବତନ ହିନ୍ଦୀ ଶିକ୍ଷକ ନିମାଇଁ ଚରଣ ହୋତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ସିଠାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଗତସିଂହପୁର ଜିଲ୍ଲା ପୁରୋହିତପୁରରେ ତାଙ୍କ ଶବଦାହରେ ସିଠାଳ ଅଞ୍ଚଳରୁ ଶତାଧିକ ଛାତ୍ର ଓ ଶୁଭେଚ୍ଛୁ ଯୋଗ ଦେଇ ହୋତାଙ୍କ ଶେଷଦର୍ଶନ କରିଥିଲେ। ହୋତା ଅତ୍ୟନ୍ତ ଛାତ୍ର ବତ୍ସଳ, ଅନୁଶାସନ ପ୍ରିୟ ଏବଂ ମେଳାପୀ ମଣିଷ ଥିଲେ। ସ୍ଥାନୀୟ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କ ଛାତ୍ରଛାତ୍ରୀମାନଙ୍କୁ ସେ ନିଜ ପୁଅ-ଝିଅ ପରି ଆଦର କରୁଥିଲେ। ହିନ୍ଦୀଭାଷାର ପ୍ରଚାର ପ୍ରସାରରେ ତାଙ୍କର ବହୁ ଅବଦାନ ରହିଛି। ତାଙ୍କର ୪୦ରୁ ଅଧିକ ଛାତ୍ରଛାତ୍ରୀ ହିନ୍ଦୀ ଶିକ୍ଷକ ରୂପେ ନିଯୁକ୍ତି ପାଇ ହିନ୍ଦୀ ଭାଷାର ବିକାଶରେ ତତ୍ପର ଅଛନ୍ତି। ତାଙ୍କର ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁ 'ସ୍ୱର୍ଗତଃ ନିମାଇଁ ଚରଣ ହୋତା ଶ୍ରଦ୍ଧାଞ୍ଜଳି ସମିତି, ସିଠାଳ ସ୍କୁଲଙ୍କ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ସିଠାଳ ହାଇସ୍କୁଲ ପଡ଼ିଆରେ ତା ୨୪/୨/୨୦୨୫ ତାରିଖ ଅପରାହ୍ନ ତିନି ଘଟିକା ସମୟରେ ଆୟୋଜନ କରିବାକୁ ସ୍ଥିର କରିଛନ୍ତି। ସମିତିର ସଭାପତି ଭଗବାନ ବସ୍ତିଆ, ହୋତାଙ୍କ ଛାତ୍ରଛାତ୍ରୀ ତଥା ଶୁଭେଚ୍ଛୁଙ୍କୁ ଉକ୍ତ ସଭାରେ ଯୋଗଦେଇ ତାଙ୍କର ଗୁଣକୀର୍ତ୍ତନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବାକୁ ଆହ୍ୱାନ ଦେଇଛନ୍ତି।



ବାଲୁଗାଁ, (ଭାସ୍କର ନ୍ୟୁଜ୍): ଚିଲିକା ବ୍ଲକ୍ ଡୁଙ୍ଗମାଳ ପଞ୍ଚାୟତ ଅନ୍ତର୍ଗତ ନାଭାଲ ଛକସ୍ଥିତ ଶ୍ରୀଜଗନ୍ନାଥ ମୁକ୍ତିଧାମ ପ୍ରାଙ୍ଗଣରେ ମା' ବିମଳା ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ଅନ୍ତର୍ଗତ ଛତ୍ରଗଡ଼, ଖାରିବନ୍ଧ, ନୂଆଗଡ଼, ଗଡଦ୍ୱାର, ପଥରା, ପାନ୍ଥନିବାସ ରୋଡ୍, ଅମୃତପୁର, ବ୍ରଜରାଜପୁର, ନୀଳାଦ୍ରୀ ବିହାର, ଆଖୁପୋଖରା, ଅଞ୍ଚଳବାସୀଙ୍କ ସାହାଯ୍ୟ ସହାୟତାରେ ପ୍ରତିଷ୍ଠାଉତ୍ସବ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ପାଞ୍ଚଦିନ ବ୍ୟାପି କାର୍ଯ୍ୟକ୍ରମରେ ଶୁକ୍ରବାର ଦୀକ୍ଷା ଗ୍ରହଣ, ବନଯୋଗ ଅଙ୍କୁରାରୋପଣ ଓ ସାଲାଧିବାସ କରାଯାଇଥିବା ବେଳେ ଶନିବାର କଳସଯାତ୍ରା, ନାମଯଜ୍ଞ ଘୃତଯଜ୍ଞ, ଅଗ୍ନି ସ୍ଥାପନ, ମନ୍ଦିର ଓ ଦେବତା ଅଧିବାସ କରାଯାଇଥିଲା । ରବିବାର ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ପରେ ବିଗ୍ରହମାନଙ୍କ ମହାସ୍ନାନ ସହ ପ୍ରାଣପ୍ରତିଷ୍ଠା ହୋଇଥିଲା । ସୋମବାର ପୂର୍ବାହ୍ନରେ ଉନ୍ମୁଦ ସହ ବିଗ୍ରହମାନଙ୍କୁ ନଗରଭ୍ରମଣ କରି ସିଂହାସନ ଆରୋହଣ କରାଯାଇଥିଲା । ଅପରାହ୍ନରେ ଘୃତଯଜ୍ଞ ପୂର୍ଣ୍ଣାହୁତି ହୋଇଥିବା ବେଳେ ମଙ୍ଗଳବାର ନାମଯଜ୍ଞ ପୂର୍ଣ୍ଣାହୁତି ସହ ଦଧିହାଣ୍ଡି ଭଗ୍ନ ଓ ନଗର କୀର୍ତ୍ତନ ହୋଇଥିଲା ।

# ଶରତ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ଶରତଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜକୁ ସୁନାଗରିକ ରୂପେ ନିଜକୁ ଗଢି ତୋଳି ଆଗାମୀ ଦିନରେ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ଓ ଶିକ୍ଷାର୍ଥୀମାନଙ୍କ ଭୂଷଣ ହେଉଛି ଶୃଙ୍ଖଳା ବୋଲି କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡା ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ୨୦୨୪ ଶିକ୍ଷାବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ଦେବାଶିଷ ସରକାରଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାଗତଭାଷଣ ଶିକ୍ଷୟିତ୍ରୀ ସୁପ୍ରଭାତ ଦେ, ବେଦପାଠ ଶିକ୍ଷକ ଶଶାଙ୍କ ଶେଖର ଆଚାର୍ଯ୍ୟ, ବାର୍ଷିକ ବିବରଣୀ ପାଠ ଶିକ୍ଷୟିତ୍ରୀ ସୁମିତ୍ରା ଦାସ, କ୍ରୀଡା ବିଜେତାମାନଙ୍କ ନାମ ଘୋଷଣା ଶିକ୍ଷକ ପ୍ରଦୀପ ମହାନ୍ତ ଓ ଶିକ୍ଷୟିତ୍ରୀ ଅମ୍ବିକା ପଣ୍ଡା, ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷୟିତ୍ରୀ ବର୍ଣ୍ଣାଳୀ ରାଉତ, ସଞ୍ଜୁବାଳା ସାହୁ, ସନ୍ଧ୍ୟାରାଣୀ ମହାପାତ୍ର, ସନ୍ଧ୍ୟାରାଣୀ ମାଝୀ ଓ ଧନ୍ୟବାଦ ଅର୍ପଣ ଶିକ୍ଷୟତ୍ରୀ ରୋଜାଲିନ ପଣ୍ଡା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଫିସ ସହାୟକ ବିଦ୍ୟାଧର ସାହୁ, ଶିକ୍ଷା କର୍ମଚାରୀ ଅମର କୁମାର ଦାସ, କୁଞ୍ଜଲତା ବିଶୋଇ, ରାତ୍ରି ଜଗୁଆଳୀ ଅଶୋକ ବିଶୋଇ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମିନି ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# ବନ୍ଧୁମିଳନ ଓ ସ୍ମୃତିଚାରଣ ସଭା



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ଧନେଶ୍ୱର ଠାରେ କୋରାଇ ହାଇସ୍କୁଲର ୧୯୭୫ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ବନ୍ଧୁମିଳନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଦେବେନ୍ଦ୍ର ପାଣିଗ୍ରାହୀଙ୍କ ବେଦୋଚ୍ଚାରଣ ସହିତ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଅବସରରେ ପ୍ରଥମେ ଦିବଂଗତ ପୁଣ୍ୟାତ୍ମା ଶିକ୍ଷକ ମୋଜାମିଲ ହୁସେନ, ପାଣ୍ଡବ ଚରଣ ବେହୁରା, ଶେଖ୍ ଇଦ୍ରିଶ ମହମ୍ମଦ, ବିଜୟ କୁମାର ଦାସ, ବିଶ୍ୱନାଥ ମହାପାତ୍ର ଏବଂ ସହପାଠୀନି ଲତିକା ମଞ୍ଜରୀ ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହିତ ନୀରବ ପ୍ରାର୍ଥନା କରାଯାଇଥିଲା । ଅବସର ପ୍ରାପ୍ତ ଶିକ୍ଷକ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, କ୍ରୀଡ଼ା ଶିକ୍ଷକ ଶେଖ୍ ଫୁରକାନ ହଜାରୀ, କୃଷ୍ଣ ଚନ୍ଦ୍ର ଦାସ, ବିଜୟକୁମାର ପଟ୍ଟନାୟକଙ୍କୁ ପୁଷ୍ପମାଲ୍ୟ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଏବଂ ଛାତ୍ରଛାତ୍ରୀ ପାଠପଢା ସମୟର ବିଭିନ୍ନ ମଧୁର ସ୍ମୃତିକୁ ମନେପକାଇଥିଲେ । କିପରି ଶିକ୍ଷକମାନଙ୍କର ଶ୍ରଦ୍ଧା ଓ ଅବଦାନ ପିଲାମାନଙ୍କର ଭବିଷ୍ୟତ ଗଢିବାରେ ବିଶେଷ ସହାୟକ ହୋଇଛି ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଥିଲେ । ଦେବେନ୍ଦ୍ର ପାଣିଗ୍ରାହୀ ଉକ୍ତ ସଭା ପରିଚାଳନା କରିଥିଲେ । ଅନାଦି ଚରଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ତରଞ୍ଜନ ମହାନ୍ତି, ତରୁଣ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି, ମନ୍ମଥ ଦାସ, ବିଶ୍ୱଜିତ ପଟ୍ଟନାୟକ, କାର୍ତ୍ତିକ ଦ୍ୱିବେଦୀ, ସତ୍ୟଭାମା ପରିଡ଼ା, ପ୍ରଭାତ ନଳିନୀ ସେନାପତି, ଗଜନଫର ଅଲ୍ଲୀ, ସୋଫିଆନ, ଶାନ୍ତନୁ ସାହୁ, ସୁଦର୍ଶନ ଘଡ଼େଇ, ଅକ୍ଷୟ ଦାସ, ମଦନମୋହନ ମଲ୍ଲିକ, କୈଳାସ ମାଝି, ନୃସିଂହ ପରିଡ଼ା, ଲୋକମାନ, ଇବ୍ରାହିମ, ପ୍ରଳୟ କୁମାର ଦାସ, ସୁବାସ ସାମଲ, ରବି ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଧ୍ରୁବ ଚରଣ ଖୁଣ୍ଟିଆ, ବିପିନ ବିହାରୀ ଜେନା, ଅର୍ଣ୍ଣପୂର୍ଣ୍ଣା ମହାରଣା ଏବଂ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦାନ କରି ନିଜର ମତାମତ ପ୍ରଦାନ କରିଥିଲେ । ପ୍ରୀତି ଭୋଜନ ସହ ସଭା ସମାପନ ହୋଇଥିଲା ।

## ଦ୍ୱାଦଶଶ୍ରେଣୀ ବାର୍ଷିକ ପରୀକ୍ଷା

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ କରି ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବାର୍ଷିକ ପରୀକ୍ଷା ପାଇଁ ୧୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ୩ ଜଣ ପିଲା ପରୀକ୍ଷା ଦେଇନଥିଲେ । ପରୀକ୍ଷା କେନ୍ଦ୍ରର ସୁପରୀଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରଶ୍ମିତା ସେଠୀ, ଉପ ସୁପରୀଟେଣ୍ଡେଣ୍ଟ ଭାବେ ଦୁର୍ଗାପ୍ରସାଦ ଚୌଧୁରୀ, ପରୀକ୍ଷା ନିରୀକ୍ଷକ ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ ଓ ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶୀତଲ ପ୍ରସାଦ ଦାସ କାର୍ଯ୍ୟ ତୁଲାଇଥିଲେ । ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁମ୍ଭାରିପୁଟରେ ଦ୍ୱାଦଶ ବିଜ୍ଞାନ ବାର୍ଷିକ ପରୀକ୍ଷା ୧୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ସୁପରିଟେଣ୍ଡେଣ୍ଟ ଭାବେ ସୁଶିଲ କୁମାର ପ୍ରଧାନ ବାଣିଜ୍ୟ ବିଭାଗ ଅଧ୍ୟାପକ, ଉପ ସୁପରିଟେଣ୍ଡେଣ୍ଟ ଭାବେ ପ୍ରମଦ କୁମାର ଦାସ ପ୍ରାଣୀ ବିଜ୍ଞାନ ଅଧ୍ୟାପକ, ପରୀକ୍ଷା ନିରୀକ୍ଷକ ଭାବେ ତହସିଲଦାର ଶ୍ରୀମତୀ ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ ଓ ଲକ୍ଷ୍ମୀପୁର ମହାବିଦ୍ୟାଳୟରୁ ଅଧ୍ୟାପକ ନିଯୋଜିତ ହୋଇ ଥିଲେ । ଦୁଇଟି ପରୀକ୍ଷା କେନ୍ଦ୍ରରେ ଅନେକ ପରୀକ୍ଷକ ନିୟୋଜିତ ଥିଲେ । ଏହାସହ ଦୁଇଟି ପରୀକ୍ଷା କେନ୍ଦ୍ରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କ ସହଯୋଗରେ ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

# ଆମ ଗାଁ ଉତ୍ସବ ଉଦ୍‌ଯାପିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ଗ୍ରାମସ୍ଥିତ କ୍ଷେତ୍ରପାଳିନୀଙ୍କ ପୀଠରେ ଗତ ୧୨ ତାରିଖରୁ ଜହଙ୍ଗର, ବାମ୍ଫିଲୋ, ବିଶୋକ, କୁଆଁରପୁର, ପୁରିପଡ଼ା, ଖଟୁଆପଡ଼ା, ନରପା ଓ ମଠସାହି ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିବା 'ଆମ ଗାଁ' ଉତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଉତ୍ସବର ସଭାପତି ମଦନ ମୋହନ ନାୟକ ସଭାପତିତ୍ୱ କରିଥିଲେ । ଉତ୍ସବ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟିତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସୁଭଦ୍ରା ମହତାବ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଏମ୍‌ଡି ସକିଲ, ସମ୍ମାନିତ ଅତିଥିଭାବରେ ପୂର୍ବତନ ଅଧକ୍ଷ ରମାନାଥ ସାହୁ, ମୁଖ୍ୟ ଉପଦେଷ୍ଟା ପ୍ରାଧାପକ ଗୁରୁଚରଣ ସେଠୀ, ଯୁବ ଯାତ୍ରା ନିର୍ଦ୍ଦେଶକ ପପୁ ବରାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏହିଭଳି ଉତ୍ସବ ପରସ୍ପର ମଧ୍ୟରେ ଭାଇଚାରା ସମ୍ପର୍କ ସୁଦୃଢ଼ କରିବ ବୋଲି କହିଥିଲେ । ଉତ୍ସବର ସମ୍ପାଦକ ରାଜକିଶୋର ଜେନା, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶୈଳଜା ନନ୍ଦନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦୀପକ କୁମାର ସ୍ୱାଇଁ ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ମା' କ୍ଷେତ୍ରପାଳିନୀ ଲୋକନାଟ୍ୟ ପରିଷଦ ପକ୍ଷରୁ ୧୫ ଓ ୧୬ ତାରିଖ ଦୁଇଦିନ ଧରି ସ୍ଥାନୀୟ କଳାକାରମାନେ 'ଆଖିକଥା ଆଉ ମାନୁନି ଲୁହ' ଓ 'ତତେ ଲାଗିଯାଉ ମୋ ଆୟୁଷ' ଦୁଇଟି ନାଟକ ମଞ୍ଚସ୍ଥ କରିଥିଲେ ।

# ମମତା ଯୋଜନାରେ ଆସୁଥିବା ଅର୍ଥ ହରିଲୁଟ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡ ବ୍ଲକ୍ ଶିଶୁ ବିକାଶ ଓ ମହିଳା କଲ୍ୟାଣ ସମିତି ରେ ମମତା ଯାଜନାରେ ଘୋଟଲା ହୋଇଥିବା ଜଣାପଡିଛି । ସୂଚନାରୁ ଜଣାପଡିଛି ୫୧ ବର୍ଷ ଓ ଏହାଠାରୁ ଅଧିକ ବୟସର ବୃଦ୍ଧା ମହିଳାଙ୍କୁ ଗର୍ଭବତୀ ଦେଖାଇ ତାଙ୍କ ନାମରେ ମମତା ଯୋଜନାରେ ଆସୁଥିବା ଅର୍ଥକୁ ହରିଲୁଟ କରାଯାଇଥିବା ନେଇ ଅଭିଯୋଗ ହୋଇଛି । କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମ୍. ଭି. ୨୩ ଓ ଆଖ ପାଖ ଗାଁରୁ । ତେବେ ମମତା ଯୋଜନା ପୋର୍ଟାଲରୁ ମଧ ଏହାର ପ୍ରମାଣ ମିଳିଥିବା ବେଳେ ୬୦ରୁ ଉର୍ଦ୍ଧ୍ୱ ବୃଦ୍ଧା ମହିଳାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ମାଧ୍ୟମରେ କରାଯାଇଛି ଲକ୍ଷାଧିକ ଟଙ୍କାର ହରି ଲୁଟ୍ । ବୃଦ୍ଧା ମହିଳାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ମାଧ୍ୟମରେ ପ୍ରତି ଗର୍ଭବତୀ ମହିଳାଙ୍କ ନାମରେ ଆସିଥିବା ୬ ହଜାର ଟଙ୍କାର ସହୟତ ରାସୀକୁ ବ୍ୟାଙ୍କଖାତରୁ ଉକ୍ତ ଗ୍ରାମର ନିତ୍ୟାନନ୍ଦ ନାମକ ଜଣେ ବ୍ୟକ୍ତି ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏହି ଅର୍ଥ କାହାକୁ ଯାଉଛି ଏବଂ ଏଥିରେ ବିଭାଗୀୟ ଅଧିକାରୀଙ୍କ ଭୂମିକା କଣ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଏ ବିଷୟରେ ଆମେ ଅଙ୍ଗନଓ୍ୱାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ପଚାରିବାରୁ ସେମାନେ ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି । କିପରି ବୃଦ୍ଧା ମହିଳା ମାନଙ୍କୁ ସରକାରୀ କାଗଜ କଲମରେ ଗର୍ଭବତୀ କରାଗଲା ତାହା ଏବେ ପ୍ରଶ୍ନବାଚି ସୃଷ୍ଟି କରିଥିବା ବେଳେ ଘଟଣାକୁ ନେଇ ବୃଦ୍ଧା ମହିଳାମାନେ ଗଣମାଧ୍ୟମ ଆଗକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ କୋରୁକୋଣ୍ଡା ଭରପ୍ରାପ୍ତ ସିଡିପିଓ ରଜନୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ମଧ ଘଟଣା ବିଷୟରେ ଅବଗତ ନଥିବା ସହ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି । ସେହିପରି ଏନେଇ ଆମେ ଜିଲ୍ଲାପାଳଙ୍କୁ ମଧ ଅବଗତ କରାଇଥିବା ବେଳେ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

## ବ୍ଲକ୍ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଖଇରପୁଟ, (ଭାସ୍କର ନ୍ୟୁଜ୍): ଗୋବିନ୍ଦପାଲି ହେବ କି ପଞ୍ଚାୟତ ସମିତି ! ଏଭଳି କିଛି ଦାବି ନେଇ ଆଜି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି ୭ ପଞ୍ଚାୟତର ସରପଞ୍ଚ । ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି । ବହୁ ବର୍ଷ ପୂର୍ବେ ଗୋବିନ୍ଦପାଲିରେ ହିଁ ବ୍ଲକ୍ ରହିଥିଲା କିନ୍ତୁ କାଳକ୍ରମେ ଏହାକୁ ବଦଳାଇ ଖଇରପୁଟକୁ ସ୍ଥାନାନ୍ତରିତ କରାଯାଇଥିଲା । ଯାହାଫଳରେ ଖଇରପୁଟ ବ୍ଲକ୍‌ର ଗୋବିନ୍ଦପାଲ୍ଲୀ, ବଡଡୁରାଲ, ମାଡ଼କାପଦ, କଦମଗୁଡା ଓ ମାଥିଲି ବ୍ଲକ୍‌ର ଉଦୁଲିବେଡା, ଧୁଙ୍ଗିଆପୁଟ ଏବଂ କୁଟୁନିପାଲ୍ଲୀ ନିଜନିଜ ବ୍ଲକ୍ ସଦର ମହକୁମା ଠାରୁ ଦୂରେଇ ଗଲା । ଯେପରିକି ଖଇରପୁଟ ଠାରୁ ବଡ଼ଡୁରାଲର ଦୂରତା ୩୦ କିମି, ଖଇରପୁଟ ଠାରୁ ମାଡକା ପଦର୍‌ର ଦୂରତା ୨୨କିମି ଖଇରପୁଟ ଠାରୁ ଗୋବିନ୍ଦପାଲିର ଦୂରତା ୧୨ କିମି, କଦମଗୁଡ଼ା ଠାରୁ ଖଇରପୁଟର ଦୂରତା ୬ କିମି ସେହିପରି ମାଥିଲି ବ୍ଲକ୍‌ରେ ମଧ ଠିକ୍ ସେହିଭଳି ଦୂରଦୂରାନ୍ତର ପରିସ୍ଥିତି । ତେଣୁ ବର୍ତ୍ତମାନର ସରକାର ବ୍ଲକ୍ ଓ ପଞ୍ଚାୟତ ସଂଖ୍ୟା ବଢ଼ାଇବାକୁ ଚାହୁଁଥିବା ବେଳେ ଏହି ୭ ପଞ୍ଚାୟତର ସରପଞ୍ଚ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ଜଣାଇଛନ୍ତି । ଜିଲ୍ଲାର ପ୍ରବେଶ ଦ୍ୱାର ହେଉଥିବାରୁ ଓ ଏହି ୬ ପଞ୍ଚାୟତର ଅତି ନିକଟତମ ଓ ସମସ୍ତ ୬ ପଞ୍ଚାୟତର ମଧ୍ୟଭାଗରେ ଗୋବିନ୍ଦପାଲି ରହୁଥିବାରୁ ଗୋବିନ୍ଦପାଲିକୁ ଏକ ପଞ୍ଚାୟତ ସମିତି କରିବାକୁ ଦାବି ଜଣାଇଛନ୍ତି ଏହି ୭ ପଞ୍ଚାୟତର ସରପଞ୍ଚ । ଜିଲ୍ଲା ସରପଞ୍ଚ ସଂଘର ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଆଜିର ଏହି ଦାବି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବାରୁ ଗୋବିନ୍ଦପାଲିର ଯୁବ ସରପଞ୍ଚଙ୍କ ଏଭଳି ସକାରାତ୍ମକ ଚିନ୍ତାଧାରାକୁ ସମସ୍ତେ ସମ୍ମାନ ଜଣାଇବା ସହ ଏଭଳି ଦାବିକୁ ସ୍ୱାଗତ ଜଣାଇଛନ୍ତି ।

# ସରିଲା ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ବାରିପଦା ଓ ସୀମାନ୍ତ ଯୁବ ମହୋତ୍ସବ ସମିତି ଝାରପୋଖରିଆ ର ମିଳିତ ସହଯୋଗରେ 'ଲୋକସାହିତ୍ୟ, ଲୋକଜୀବନର ମୁକୁର' ଶୀର୍ଷକରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ସୀମାନ୍ତ ଯୁବ ମହୋତ୍ସବର ତୃତୀୟ ଦିନରେ, ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ର ସଭାପତି ଡକ୍ଟର ସରୋଜ ନାୟକଙ୍କ ଅଧକ୍ଷତାରେ ଉଦ୍ଘାଟନୀ ସଭା ଅନୁଷ୍ଠିତ ହୋଇଥିବା । ଏହି ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଯୋଗଦେଇ ଏକାଡେମୀର ପ୍ରୟାସକୁ ଭୁୟସୀ ପ୍ରଶଂସା କରିବାସହ ନିଜ ନିବନ୍ଧ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ବାବରୁବାହନ ମହାପାତ୍ର ଯୋଗଦେଇ ଲୋକସାହିତ୍ୟ ଗବେଷଣା ର ଆବଶ୍ୟକୀୟ ଉପାଦାନ ବିଷୟରେ ଗବେଷକ ମାନଙ୍କୁ ଦିଗଦର୍ଶନ ଦେବା ସହ ନିଜ ନିବନ୍ଧ ପାଠ କରିଥିଲେ କ୍ଷ ସମ୍ମାନିତ ଅତିଥିଭାବେ ଝାରଖଣ୍ଡ ର ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ଡକ୍ଟର ଦିନେଶ ଷଡ଼ଙ୍ଗୀ, ସରେଇକଳା ର ଅତନୁ କବି,ବରିଷ୍ଠ ସାହିତ୍ୟିକ ବୃନ୍ଦାବନ ଦାଶ,ପ୍ରଫେସର ଜଗତବନ୍ଧୁ ଆଚାର୍ଯ୍ୟ, ଖୋର୍ଦ୍ଧା ଜଟଣୀରୁ କୁଞ୍ଜବିହାରୀ ପାଢ଼ୀ, ସୀମାନ୍ତ ଯୁବ ମହୋତ୍ସବ ସମିତି ର ସଭାପତି ଅଶୋକ ପୁଷ୍ଟି,କବି ଅମିତାଭ ମିଶ୍ର ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଜାତୀୟ ଆଲୋଚନାଚକ୍ରର ଆବାହକ ଅଧପକ ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଥୋମାସ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । କି ନୋଟ ବକ୍ତା ଭାବେ ପ୍ରଫେସର ଡକ୍ଟର କୁଞ୍ଜବନ ପୁଷ୍ଟି ଯୋଗଦେଇ, ନିଜ ବକ୍ତବ୍ୟ ରେ ଆଲୋଚ୍ୟ ଶୀର୍ଷକରେ ସବିଶେଷ ଆଲୋଚନା କରିବା ସହ ନିବନ୍ଧ ଉପସ୍ଥାପନ କରିଥିଲେ । ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ, ଡକ୍ଟର ଦିଗମ୍ବର ଗିରି, ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ସଭାପତିତ୍ୱ କରି ନିବନ୍ଧ ଗୁଡିକର ସମୀକ୍ଷା କରିଥିଲେ । ପ୍ରଫେସର ଡକ୍ଟର ନିର୍ମଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପେନାଲ ଆଲୋଚନାଚକ୍ରରେ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଜିତ ପାତ୍ର, ପଦ୍ମନାଭ ସାହୁ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ସଞ୍ଜୟ ଚୌଧୁରୀ, ଡକ୍ଟର କୁମାର ବାବୁଲି ଅଧାପକ ଥୋମାସ ମାରାଣ୍ଡି, ସୁଜାତା ପଟ୍ଟନାୟକ,ସ୍ୱପ୍ନେଶ୍ୱରୀ ମୁର୍ମୁ, ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉଦଯାପନ ସଭା ରେ ପୂର୍ବତନ ବିଧାୟକ ଡକ୍ଟର ବୁଢାନ ମୁର୍ମୁ ଯୋଗଦେଇ ପୂର୍ବରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ରର ମଧୁର ସ୍ମୃତିଚାରଣ କରିବା ସହ ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଉଦ୍ୟମ ସାହିତ୍ୟିକମାନଙ୍କ ମାଧ୍ୟରେ ନୂତନ ପ୍ରେରଣା ସୃଷ୍ଟି କରିବ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରଫେସର, ଅଧାପକ ଗବେଷକଙ୍କ ସହିତ ବିଶିଷ୍ଟ ସାହିତ୍ୟିକମାନେ ଯୋଗଦେବା ସହ ନିବନ୍ଧ ଉପସ୍ଥାପନ କରିଥିଲେ । ଉକ୍ତ ଜାତୀୟ ସ୍ତରର ଆଲୋଚନା ଚକ୍ରରେ ସୀମାନ୍ତ ମହାବିଦ୍ୟାଳୟ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ବିଭାଗର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୀମାନ୍ତ ମହାବିଦ୍ୟାଳୟ ଝାରପୋଖରିଆ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗରିପୋଷୀର ବହୁ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ପାଞ୍ଚଶହ ଲୋକଙ୍କର ସମାଗମ ହୋଇଥିଲା ।

# ୪୮୮ ବର୍ଗ କଲେଜ ସଂଘର ଧାରଣା ପାଇଁ ପ୍ରସ୍ତୁତି ବୈଠକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଚାକିରି ସର୍ତ୍ତାବଳୀ, ପଦୋନ୍ନତି ଓ ପେନସନ ଦାବିରେ ଭଦ୍ରକ ଜିଲ୍ଲା ୪୮୮ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜ୍ଜୁନ କଲେଜ ପରିସରରେ ଭଦ୍ରକ ଜିଲ୍ଲା ସ୍ତରୀୟ ବୈଠକ ସମିତି ସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟ ସଭାପତି ଡକ୍ଟର ପ୍ରଶାନ୍ତ ପ୍ରଧାନ ତଥା ରାଜ୍ୟ ନେତୃମଣ୍ଡଳୀ ଡକ୍ଟର ଅଟଳ ବଳ, ଅଧ୍ୟାପକ ବିଭୁପ୍ରସାଦ ରଥ, ଅଧ୍ୟାପକ ବନମାଳୀ ବାରିକ ଓ ଅଧ୍ୟାପକ ପ୍ରତାପ କୁମାର ନାୟକଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ଏହି ସମାବେଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ ଅଧ୍ୟାପକ କର୍ମଚାରୀ ଯୋଗଦାନ କରୁଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ଭାବେ ଭଦ୍ରକ ଜିଲ୍ଲାରୁ ସର୍ବାଧିକ ଉପସ୍ଥାନ ରଖିବା ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଥିଲା । ଜିଲ୍ଲାର ଏହି ବର୍ଗ ଭିତରେ ଥିବା ସମସ୍ତ ଉଚ୍ଚମାଧ୍ୟମିକ ଶିକ୍ଷାନୁଷ୍ଠାନ, ଡିଗ୍ରୀ ଓ କମ୍ପୋଜିଟ୍ କଲେଜଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକମାନେ ବହୁ ସଂଖ୍ୟାରେ ଯୋଗଦାନ କରି ସମାବେଶକୁ ସଫଳ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ । ଜିଲ୍ଲାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଧ୍ୟାପକ ସ୍ନେହାଂଶୁ ମହାନ୍ତି, ସମ୍ପାଦକ ଅଧ୍ୟାପକ ଜୟପ୍ରକାଶ ଦାସ, ଜିଲ୍ଲା ବରିଷ୍ଠ ସଦସ୍ୟ ଅଧ୍ୟାପକ ଅଶୋକ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଆକଳନ ଶିବିର



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ଅବସ୍ଥିତ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଠାରେ ଜିଲ୍ଲାର ସମସ୍ତ ଜନ୍ମଗତ ବକ୍ରପାଦକୁ ଅସ୍ତ୍ରୋପଚାର ମାଧ୍ୟମରେ ଚିକିତ୍ସା କରିବା ପାଇଁ ଏକ ନିରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ପରିଦର୍ଶନ କରି ବକ୍ରପାଦ ଧାରୀ ଶିଶୁମାନଙ୍କ ଆବଶ୍ୟକ ଚିକିତ୍ସା ଉପରେ ଗୁରୁତ୍ୱ ଦେଇଥିଲେ । ଉକ୍ତ ଶିବିରରେ ଜିଲ୍ଲାର ମୋଟ ୭୦ଜଣ ବକ୍ରପାଦ ଧାରୀ ଶିଶୁଙ୍କର ଚିକିତ୍ସା ଯୋଗ୍ୟ ପରୀକ୍ଷା କରାଯାଇଥିଲା ତନ୍ମଧ୍ୟରୁ ୬୦ଜଣ ଶିଶୁଙ୍କୁ ଚିହ୍ନଟ କରାଯାଇ ଥିଲା । ଆଗାମୀ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଏହି ଶିଶୁମାନଙ୍କର ଅସ୍ତ୍ରୋପଚାର ଦିନ ଧାର୍ଯ୍ୟ କରାଯାଇ ତାଙ୍କର ଅଭିଭାବକ ମାନଙ୍କୁ ଜଣାଇ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ଡିଡିଆର୍ ଓ କନ୍ଧମାଳ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କ ବକ୍ରପାଦ ଚିକିତ୍ସା ନିମନ୍ତେ ପରୀକ୍ଷାର ଆବଶ୍ୟକ ପଦକ୍ଷେପ ନେଇଥିଲେ ।

## ପକ୍ଷାଘାତ ରୋଗରେ ପୀଡ଼ିତ ରତିଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଫତେପୁର ପଞ୍ଚାୟତର ଫତେପୁର ଗ୍ରାମର ପକ୍ଷାଘାତ ରୋଗରେ ପୀଡିତା ରତି ବେହେରାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ରତି ଯେ କି ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି, ଗତ କିଛି ମାସ ହେବ ପକ୍ଷାଘାତ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚଲାବୁଲା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ପୁଅ ମଧ ଭିନ୍ନକ୍ଷମ । ଘର କହିଲେ ଭଙ୍ଗା ଦଦରା ଚାଳ ଘର । ପୁଅ ଯାହା ମୁଲ ମଜୁରୀ କରିକି ଦୁଇ ପଇସା ଆଣନ୍ତି ତାହା ଦୁଇ ଓଳି ଦୁଇ ମୁଠା ଖାଇବାକୁ ନିଅଣ୍ଟ । ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍କେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ସରୋଜ କୁମାର ବେହେରା, ସଂଯୋଜକ କୁନେଶ ବାରିକ, ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ବାବାଜୀ ରାଉତ, ତୁଷାରକାନ୍ତ ସ୍ୱାଇଁ ଓ ସମ୍ବିତ ଦାସ ପ୍ରମୁଖ ରତିଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ ସାମଗ୍ରୀ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ରତିଙ୍କୁ ଗୋଟେ ପକ୍କା ଘର ଯୋଗାଇଦେବାକୁ ଅନୁଷ୍ଠାନ ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ରତି ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି ।

## ଆୟକରଦାତା ଆଳରେ ରାସନକାର୍ଡ ନକାଟିବାକୁ ଜନସେବା କେନ୍ଦ୍ର ପରିଚାଳକଙ୍କ ଦାବି



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳକମାନେ ଆୟକରଦାତା ହୋଇଥିବା ଆଳରେ ରାସନକାର୍ଡ ନକାଟିବା ପାଇଁ ଗତ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳନା ବାବଦକୁ ୧୦ ପ୍ରତିଶଦ କମିଶନ ପାଇବା ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବା ବାଧ୍ୟତାମୂଳକ ହୋଇଥିବାରୁ ପରିଚାଳକମାନେ ଆୟକର ରିଟର୍ଣ୍ଣ ଦାଖଲ କରିଆସୁଥିଲେ । ସମ୍ପୃକ୍ତ ପରିଚାଳକମାନଙ୍କ ଆୟ କମିଶନ ଭିତ୍ତିକ ଅଟେ । ଏବେ ଗ୍ରାହକମାନେ ଡିଜିଟାଲ କାରବାରକୁ ପ୍ରାଧାନ୍ୟ ଦେଉଥିବାରୁ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର କାରବାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଫଳରେ କମିଶନ ଅର୍ଥରେ ପରିବାର ପୋଷଣ ସମ୍ଭବ ହେଉନାହିଁ । ଏଭଳି ପରିସ୍ଥିତିରେ ଆୟକରଦାତା ଆଳରେ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳକଙ୍କ ରାସନ କାର୍ଡ କଟାଯିବା ଅନ୍ୟାୟ ଅଟେ । ଏହାର ପୁର୍ନବିଚାର ପାଇଁ ଚିତ୍ତରଞ୍ଜନ ନାୟକ, ସ୍ୱାଗତିକା ଜେନା, ମନୋଜ କୁମାର ସାହୁ, ପ୍ରଦୀପ୍ତ ସାମଲ, ଦିବାକର ସାହୁ, ପ୍ରଭାସ କୁମାର ନାୟକ, ଧିରେନ୍ଦ୍ର ସ୍ୱାଇଁ, ସଞ୍ଜୟ ମିଶ୍ର, ଦେବପ୍ରସନ୍ନ ମହାପାତ୍ର, ଗଣେଶ ପ୍ରସାଦ ସାହୁ, କମଳାକାନ୍ତ ପରିଡା, ପ୍ରଶାନ୍ତ କୁମାର ସେଠୀ, ଚିନ୍ମୟ ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସୁପାରିଶ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ।

# ସାହସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାଣପୁର, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ସାହସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତା ୧୮.୦୨.୨୦୨୫ ରିଖ ମଙ୍ଗଳବାର ଦିନ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି-ଅମରେନ୍ଦ୍ର ରଣସିଂହ ବ୍ଲକ ଅଧକ୍ଷ, ମୁଖ୍ୟ ବକ୍ତା - ଅନନ୍ତ ଚରଣ ଖଟେଇ, ସମ୍ମାନୀତ ଅତିଥି - ପ୍ରମୋଦ କୁମାର ପାତ୍ର ଉଜଉଉ, ବିଶ୍ୱନାଥ ନାୟକ, ବସନ୍ତ ମୁଦୁଲି, ମହେଶ୍ୱର ନାୟକ ଓ୍ୱାର୍ଡମେମ୍ବର, ଭାବେ ଯୋଗ ଦେଇଥିଲେ । ଆୟୋଜିତ ସଭାରେ କାର୍ତ୍ତିକ ବାରିକ ସରପଞ୍ଚ ସଭାପତିତ୍ୱ କରିଥିଲେ । ସମସ୍ତ କାର୍ଯ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ପ୍ରଧାନ ଓ ସହକାରୀ ଶିକ୍ଷକ ସତ୍ୟନାରାୟଣ ପ୍ରଧାନ, ତ୍ରିନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ରଂଜନ ହୋତା, ସୁରଞ୍ଜିକା ବେହେରା, ସୁଭଲକ୍ଷ୍ମୀ କାଣ୍ଡି , ପ୍ରଜ୍ଞା ପାରମିତା ନାୟକ ଆଦି ସହଯୋଗ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ଯୋଗଦାନ କରିଥିଲେ ।

## ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

# ନୂଆଦିଲ୍ଲୀ ଯାତ୍ରା କଲେ ଜିଲ୍ଲାର ୪୦ ଯୁବକ-ଯୁବତୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସହର ସନ୍ନିକଟ ଅଟାଙ୍ଗଗୁଡା ଠାରେ ଥିବା କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ କ୍ୟାମ୍ପ ପରିସରରେ ୧୭ତାରିଖି ସୋମବାର ଦିନ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର 'ମାଇଁ ଭାରତ' କଳାହାଣ୍ଡି ଶାଖା ଏବଂ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ ଓ ମଦନପୁର ରାମପୁର ବ୍ଲକ୍ ଅଂଚଳର ୪୦ ଜଣ ଯୁବକଯୁବତୀ ନୂଆଦିଲ୍ଲୀର ରାଜଘାଟକୁ ଯାତ୍ରା କରିଛନ୍ତି । ସେଠାରେ ଚଳିତ ମାସ ୧୯ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏକ ସାତ ଦିନିଆ ଯୁବ ବିନିମୟ ଶିବିରରେ ସେମାନେ ଯୋଗଦେବେ । ଶିବିରରେ ଅନ୍ୟାନ୍ୟ ରାଜ୍ୟର ଜନଜାତି ଯୁବକଯୁବତୀ ମାନେ ମଧ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । କଳାହାଣ୍ଡି ଜିଲ୍ଲାରୁ ଯାଉଥିବା ଏହି ଜନଜାତିର ଯୁବଗୋଷ୍ଠୀଙ୍କ ଯାତ୍ରାର ଶୁଭାରମ୍ଭ କରିବା ନିମନ୍ତ ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପ୍ ଅଟାଙ୍ଗଗୁଡାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କଳାହାଣ୍ଡି ୬୪ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ସେକେଣ୍ଡ ଇନ୍ କମାଣ୍ଡ ପ୍ରଶାନ୍ତ କୁମାର ମିଶ୍ର, କଳାହାଣ୍ଡି ଏଡିଏମ୍ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ତହସିଲଦାର ଶୁଭସ୍ମିତା ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ମମତା ଦାସ, ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ, କଳାହାଣ୍ଡି ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ନବରଙ୍ଗପୁର ନେହେରୁ ଯୁବକେନ୍ଦ୍ର ଯୁବ ଅଧିକାରୀ ଭୁକିୟା ରମେଶ, ଜିଲ୍ଲା ଫିଜିକାଲ୍ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ସିଆରପିଏଫ ୬୪ ବାଟାଲିୟନ୍ ଡେପୁଟି କମାଣ୍ଡାଣ୍ଟ ଜିତବାହାନ ଓରାନ୍, ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, କଳାହାଣ୍ଡି ଡେପୁଟି ଡାଇରେକ୍ଟର ପ୍ଲାନିଂ ଶ୍ରୀକାନ୍ତ ଦଳେଇ ଏବଂ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ଯୋଗ ଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ କିଭଳି ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରି ଜିଲ୍ଲାର କଳା ସଂସ୍କୃତିକୁ ପରିବେଷଣ କରି କଳାହାଣ୍ଡି ମାଟିକୁ ସୁନାମ ଆଣିପାରିବେ ସେ ନେଇ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ସୂଚନା ଦେଇଥିଲେ । ପରେ ପରେ ୬୪ ସିଆରପିଏଫ୍ କମାଣ୍ଡାଣ୍ଟ ଶ୍ରୀ ମିଶ୍ର ଓ ଏଡିଏମ୍ ଶ୍ରୀ ଦରୱାନ୍ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଜନଜାତି ଯୁବକ ଯୁବତୀମାନଙ୍କ ସହିତ ଏସକର୍ଟ ଭାବେ ସିଆରପିଏଫର ଏଏସ୍ଆଇ, ହରକେଶ୍ କୁମାର ଭାଟି, ଏଏସ୍ଆଇ, ସନ୍ଥରାଜ ସିଂ ଭାରତୀ, ହେଡ୍ କନେଷ୍ଟବଳ ପ୍ରତିମ ଦାଶ, କନେଷ୍ଟବଳ ଏନ୍. ଲୋଚନ ମଧ ନୂଆଦିଲ୍ଲୀର ରାଜଘାଟ ସହରକୁ ଯାତ୍ରା କରିଛନ୍ତି ।

# ବିଶ୍ୱନାଥପୁରରେ ବ୍ଲକସ୍ତରୀୟ ନିପୁଣ ମେଳା




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ସମାଜସେବୀ ହରିଶଙ୍କର ପାତ୍ର ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲଳିତ କୁମାର ଭୋଇ । ସେହିପରି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ସୁନା, ଆଦିତ୍ୟ ପଣ୍ଡା, ପ୍ରବୀଣ ତାଣ୍ଡି, ବିଜୟ ରାୟ, ପ୍ରଭାତ ପାଠୀ, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ସୌଭାଗ୍ୟ ରଞ୍ଜନ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଜଳନ୍ଧର ମାଝୀ, ଶିବରାମ ପଧାନ, ଘାସିରାମ ମାଝୀ, ତ୍ରିନାଥ ଶ୍ୟାମ କୁମାର, ସଞ୍ଜୀବ ସାହୁ, ଶ୍ରବଣ କୁମାର ସରାଫ, ମନୋଜ କୁମାର ସାହୁ, ମନୋଜ ପଣ୍ଡା, ଗୁଣମଣି ଭୋଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିପରି ବ୍ଲକର ୧୩ଗୋଟି କ୍ଲଷ୍ଟର ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଶ୍ରେଣୀ ଗୃହର ଅଭାବ, ବାରଣ୍ଡାରେ ଚାଲିଛି ପାଠପଢା



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ରାଜପୁର ସରକାରୀ ଉର୍ଣ୍ଣିତ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀ କୋଠରୀର ଘୋର ଅଭାବ ଦେଖାଦେଇଛି । ପ୍ରକାଶ ଥାଉକି ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ପ୍ରାୟ ୪୨୫ ଜଣ ଛାତ୍ରଛାତ୍ରୀ ପାଠ ପଢିଥାନ୍ତି । ମାତ୍ର ଏମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀ କୋଠରୀ ନାହିଁ । ୪ ଗୋଟି କୋଠରୀରେ ୧୦ ଗୋଟି ଶ୍ରେଣୀର ଛାତ୍ରଛାତ୍ରୀ । ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏଁ ଗୋଟିଏ ବାରଣ୍ଡାରେ ଏବଂ ଚତୁର୍ଥ ଓ ପଞ୍ଚମ ଓ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଗୋଟିଏ ଶ୍ରେଣୀରେ ପାଠ ପଢିଥାନ୍ତି । ଶ୍ରେଣୀ କୋଠରୀ ସାଙ୍ଗକୁ ବିଦ୍ୟାଳୟରେ ଇ-ଲାଇବ୍ରେରୀ, କମ୍ପ୍ୟୁଟର, ବିଜ୍ଞାନାଗାର ଏବଂ ଖେଳପଡ଼ିଆର ଅଭାବ ରହିଛି । ବିଦ୍ୟାଳୟଟି ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇଥିବା ବେଳେ କେବଳ ସ୍କୁଲ ଚକାଚକ ରହିଛି । ମାତ୍ର ଆବଶ୍ୟକ ଶ୍ରେଣୀ କୋଠରୀ ନଥିବାରୁ ଶିକ୍ଷା ଦାନରେ ଅସୁବିଧା ଦେଖା ଦେଉଛି । ପ୍ରଧାନ ଶିକ୍ଷକ ଅଜିତ ମେହେରଙ୍କ କହିବାନୁଯାୟୀ ଶ୍ରେଣୀ କୋଠରୀର ଅଭାବ ରହିଛି କିନ୍ତୁ ପାଠପଢା ଠିକ୍ ଭାବରେ ଚାଲିଛି । ଏପରିକି ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥାଏ । ବର୍ତ୍ତମାନ ଦୁଇ ଗୋଟି କୋଠା ଏବେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଛି । ସେହି ଦୁଇଟି କୋଠା ସମ୍ପୂର୍ଣ୍ଣ ହେଲେ ସମସ୍ୟା ଟିକେ ଦୂର ହେବ ବୋଲି ଶ୍ରୀ ମେହେର ପ୍ରକାଶ କରିଛନ୍ତି । ଗତ ବାର୍ଷିକ ଉତ୍ସବ ପାଳନ ସମୟରେ ମଧ ପ୍ରଧାନ ଶିକ୍ଷକ ତାଙ୍କ ବାର୍ଷିକ ବିବରଣୀ ପାଠ ବେଳେ ବିଭାଗୀୟ ଅଧିକାରୀଙ୍କ ସମ୍ମୁଖରେ ବିଦ୍ୟାଳୟର ଶ୍ରେଣୀ କୋଠରୀ ଅଭାବ ରହିଥିବା କହିଥିଲେ । ବିଦ୍ୟାଳୟରେ ଅନେକ ଅସୁବିଧା ଥାଇ ମଧ କୌଣସି ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସ୍କୁଲ ପରିଚାଳନା କମିଟି ତଥା ଗ୍ରାମବାସୀମାନେ ଦୁଃଖ ପ୍ରକାଶ କରିଛନ୍ତି ।

# ଜିଲ୍ଲାପରିଷଦଙ୍କ ଶିକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା ବୈଠକ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଧର୍ମଗଡ ଜୋନ-୧ ଜିଲ୍ଲାପରିଷଦ ତଥା ଶିକ୍ଷା, କ୍ରୀଡା ଓ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଜିଲ୍ଲା ଅଧକ୍ଷ ଗୋପୀନାଥ ମହାନନ୍ଦ ଧର୍ମଗଡ ବ୍ଲକରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଛନ୍ତି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ବିଆର୍‌ସିସି ଅରୂପାନନ୍ଦ ଭୋଇ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଷ୍ଟାଣ୍ଡିଂ କମିଟି ସଦସ୍ୟ ପ୍ରେମଲାଲ ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ଧର୍ମଗଡ ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ । ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ପୋଷାକର ଗୁଣବତ୍ତା, ଠିକ ସମୟରେ ବିଦ୍ୟାଳୟକୁ ଯିବା, ବିଦ୍ୟାଳୟ ଅନୁଦାନର ସୁବ୍ୟବହାର, ଖେଳ ସାମଗ୍ରୀ ସହିତ ତାହାର ଫୋଟୋ ଉଠାଇ ପଠେଇବା, ଆଇଏଫଏ ବଟିକାର ସାପ୍ତାହିକ ବଣ୍ଟନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ନିୟମିତ ରିପୋର୍ଟ କରିବା, ଶିକ୍ଷା ଅଧିକାରୀ ମାନେ ନିୟମିତ ବିଦ୍ୟାଳୟକୁ ପରିଦର୍ଶନ କରିବା, ଅଭିଭାବକ ମାନଙ୍କୁ ସଚେତନ କରିବା, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଶିକ୍ଷକ ବୈଠକରେ ତଥା ପ୍ରତ୍ୟେକ ମାସିକ ବୈଠକରେ ଜନପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ସମସ୍ତ ସିଆର୍‌ସିସିଙ୍କୁ ଜିଲ୍ଲାପରିଷଦ ସଦସ୍ୟ ଶ୍ରୀ ମହାନନ୍ଦ ପରାମର୍ଶ ଦେଇଥିଲେ ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ସଭା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଓ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ କେଗାଁ ବନାଞ୍ଚଳ ଅଧିନସ୍ତରେ ଥିବା କେଗାଁ ସେକ୍ସନର ୬ ଗୋଟି ବନ ସୁରକ୍ଷା ସମିତି ଯଥା ଜୟନ୍ତପୁର, ବାଗମୁଣ୍ଡା, କେଗାଁ, ତୁରେଛଡା, ଖଳିଆପାଲି ଓ ନୂଆଗାଁ ବନ ସୁରକ୍ଷା ସମିତିକୁ ନେଇ ଏଏନ୍‌ଆର୍ ପ୍ଲାଣ୍ଟେସନ ବାଘମୁଣ୍ଡା ଠାରେ ସେକ୍ସନସ୍ତରୀୟ ବନଗ୍ନି ନିରାକରଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା । ପ୍ଲାଣ୍ଟେସନ ମଧରେ ନିଆଁ ନ ଲଗାଇବାର କାରଣ ହେଉଛି ନିଆଁ ଲାଗିବା ଦ୍ୱାରା ଛୋଟ ଛୋଟ ଗଛ ପୋଡ଼ି ନଷ୍ଟ ହେବା ଓ ବନ୍ୟଜନ୍ତୁ ପୋଡି ପାଉଁଶ ହୋଇଯାଏ, ଜଙ୍ଗଲ ପୋଡି କ୍ଷୟ ହେବା ଦ୍ୱାରା ଅତ୍ୟଧିକ ଗରମ ହେବା, ଜଳବାୟୁ ପରିବର୍ତ୍ତନ ହେବା ବିଷୟରେ କେଗାଁ ବନପାଳ ରମେଶ କୁମାର ପଣ୍ଡା ଉପସ୍ଥିତ ସମସ୍ତଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସୁନୀତା ପୁଟେଲ, ରୀନାରାଣୀ ପ୍ରଧାନ, ପାରାଷ୍ଟାଫ୍ ପ୍ରକାଶ ସାହୁ, ବେଣୁଧର ମଲ୍ଲିକ, ଗିରିଧାରୀ ପୁଟେଲ, ପ୍ରେମୁ ମଲ୍ଲିକ, କୃଷ୍ଣ ଚଣ୍ଡି, ତୁଳାରାମ ବାଗ, ୱାଚର ପ୍ରମେ ତୋଲଟିଆ, ନବିନ ତୋଲଟିଆ, ଦୂର୍ଯ୍ୟନ ମାଝୀ, ନିଳାମ୍ବର ପୁଟେଲ, ଚରଣ ଧରୁଆ, ତାରେଶ୍ୱର୍ ପୁଟେଲ ଉପସ୍ଥିତ ଥିବା ବେଳେ ଆମ ଜଙ୍ଗଲ ଯୋଜନା ଦଳପତି ବିକାଶ କୁମାର ତାଣ୍ଡି ମଞ୍ଚ ପରିଚାଳନା ଓ ବିକାଶ ଅଧିକାରି ରୋମାଞ୍ଚଳ ବାଗ ସହଯୋଗ କରିଥିଲେ ।



## ।।। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ।।।

# କୋଲକାତା ଓ କାମାକ୍ଷୀ ଅଭିମୁଖେ ବାହାରିଲେ ୧୯୨ ତୀର୍ଥଯାତ୍ରୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଳାହାଣ୍ଡି ଜିଲ୍ଲାରୁ ୫ ଗୋଟି ସ୍ୱତନ୍ତ୍ର ବସ ଯୋଗେ ୧୯୨ ଜଣ ବରିଷ୍ଠ ନାଗରିକ ୧୭ ତାରିଖ ସୋମବାର ଦିନ କୋଲକାତା-କାମାକ୍ଷୀ ଅଭିମୁଖେ ଯାତ୍ରା କରିଛନ୍ତି । ଏମାନେ ରାୟଗଡାଠାରୁ ବାହାରୁ ଥିବା ଏକ ସ୍ୱତନ୍ତ୍ର ରେଳ ଯୋଗେ କୋଲକତା ଯାଇ ସେଠାରୁ କାମାକ୍ଷୀ ଅଭିମୁଖେ ଯାତ୍ରା କରିବେ । ୧୭ ତାରିଖ ଦିନ ସମସ୍ତ ତୀର୍ଥଯାତ୍ରୀ ରାୟଗଡା ଠାରେ ରାତ୍ରି ଯାପନ କରି ୧୮ ତାରିଖ ଦିନ ଟ୍ରେନ ଯୋଗେ କୋଲକାତା କାମାକ୍ଷୀ ଯାତ୍ରା କରି ଆସନ୍ତା ଫେବୃଆରୀ ୨୩ ତାରିଖରେ ଫେରିବେ । ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥଯାତ୍ରୀ ମିଳିମିଶି ଏକାଠି ରହି ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାର ୧୯୨ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଭଲରେ ତୀର୍ଥଯାତ୍ରା ସାରି କେମିତି ଭଲରେ ଫେରିଆସିବେ ସେଥିପାଇଁ ଜିଲ୍ଲାପାଳ ସମସ୍ତଙ୍କର ଶୁଭକାମନା କରିଥିଲେ । ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ଭଲରେ ନେଇ ଆଣିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ କମିଶନର ବନ୍ଦୋବସ୍ତ କଳାହାଣ୍ଡି, ଅଗସ୍ତି ପ୍ରଧାନ, ଡେପୁଟି କଲେକ୍ଟର ବନମାଳୀ ମେହେର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ,ଡେପୁଟି ସି ଓ, ଓ ର ମାସ, ଜର୍ଜ୍ କେରକେଟା, ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜଣେ ଥାନା ଅଧିକାରୀଙ୍କ ଭରସାରେ ୨ ଲକ୍ଷ ଲୋକ


ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଆବଶ୍ୟକତା ଦୃଷ୍ଟିରୁ ଅନେକ ସମୟରେ ସରକାର ନୂତନ ଥାନା ସ୍ଥାପନ ଫାଣ୍ଡି ବା ବିଟ୍ ହାଉସକୁ ଉନ୍ନିତ କରି ଥାନାର ମାନ୍ୟତା ଦେଇଥାନ୍ତି । ଚଳିତ ବିଧାନସଭାରେ ନୂତନ ସରକାର ୨୭ଟି ନୂତନ ଥାନା ପ୍ରତିଷ୍ଠା କରିବାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଭୌଗୋଳିକ ଦୃଷ୍ଟିକୋଣରୁ ଧର୍ମଗଡ଼ ଥାନା ବିଭାଜନ ହେବା ସମ୍ଭାବନା ଥିବା ଆଲୋଚନା ହେଉଛି । ବର୍ତ୍ତମାନ ଧର୍ମଗଡ଼ ଅଧିନରେ ୨ଲକ୍ଷ ଲୋକ ଜଣେ ଥାନା ଅଧିକାରୀଙ୍କ ଉପରେ ନିର୍ଭର ରହିଛନ୍ତି । ଧର୍ମଗଡ଼ ଉପଖଣ୍ଡ ଧର୍ମଗଡ଼ ବ୍ଲକରେ ଗତ ୨୦୧୧ ଜନଗଣନା ଅନୁଯାୟୀ ୧ ଲକ୍ଷ୩୯ ହଜାର ୩୫୯ ଲୋକ ବାସ କରନ୍ତି । ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୬୯ ହଜାର ୯୯୪ ଏବଂ ମହିଳାଙ୍କ ସଂଖ୍ୟା ୬୯ ହଜାର ୩୬୫ ରହିଛି । ଜନସଂଖ୍ୟା ଦୃଷ୍ଟିରୁ ଜୁନାଗଡ଼ ବ୍ଲକ ପରେ ଧର୍ମଗଡ଼ ବ୍ଲକରେ ହିଁ ସର୍ବାଧିକ ଲୋକ ଅଛନ୍ତି । କିନ୍ତୁ ଏମାନଙ୍କ ପାଇଁ ଗୋଟିଏ ଥାନା ରହିଛି । ଗୋଲାମୁଣ୍ଡା ବ୍ଲକରେ ୧ ଲକ୍ଷ ୨୯ ହଜାର ୪୯୯ ରହିଛନ୍ତି । ପୁରୁଷଙ୍କ ସଂଖ୍ୟା ୬୪ ହଜାର ୯୧୭ ଓ ମହିଳାଙ୍କ ସଂଖ୍ୟା ୬୪ ହଜାର ୫୮୨ ରହିଛି । କୋକସରା ବ୍ଲକରେ ମୋଟ ଜନସଂଖ୍ୟା ୧ଲକ୍ଷ ୧୯ ହଜାର ୩୦୪ରହିଛି । ଯେଉଁଥିରେ ପୁରୁଷଙ୍କ ସଂଖ୍ୟା ୫୮ହଜାର ୯୫୩ଏବଂ ମହିଳାଙ୍କ ସଂଖ୍ୟା ୬୦ ହଜାର ୩୫୧ ରହିଛି । ଜୁନାଗଡ଼ ବ୍ଲକରେ ୧ ଲକ୍ଷ ୯୩ ହଜାର ୩୧୬ ଥିବାବେଳେ ପୁରୁଷ ସଂଖ୍ୟା ୯୬ ହଜାର ୪୪୧ ଓ ମହିଳାଙ୍କ ସଂଖ୍ୟା ୯୬ ହଜାର ୮୭୫ ରହିଛି । ଜୟପାଟଣା ବ୍ଲକରେ ୧ ଲକ୍ଷ ୩୦ ହଜାର ୭୨୪ ରହିଛି । ପୁରୁଷ ସଂଖ୍ୟା ୬୪ହଜାର ୬୭୩ ଓ ମହିଳାଙ୍କ ସଂଖ୍ୟା ୬୬ ହଜାର ୦୫୧ ରହିଛି । କଳମପୁର ବ୍ଲକରେ ୬୦ ହଜାର ୦୭୫ ଥିବାବେଳେ ପୁରୁଷଙ୍କ ସଂଖ୍ୟା ୨୯ ହଜାର ୫୩୧ ଏବଂ ମହିଳାଙ୍କ ସଂଖ୍ୟା ୩୦ ହଜାର ୫୪୪ ରହିଛି । ବର୍ତ୍ତମାନ ୧୪ ବର୍ଷ ପରେ ଜନସଂଖ୍ୟା ସ୍ଥିତି ଆହୁରି ବଦଳିଛି । ତେବେ କୋକସରା ବ୍ଲକରେ ଆମପାଣି ଓ କୋକସରା ଦୁଇଟି ଥାନା ରହିବା ସହିତ ମୋଟେର ଓ ଗୋତୋମୁଣ୍ଡା ଠାରେ ଫାଣ୍ଡି ରହିଛି । ଗୋଲାମୁଣ୍ଡା ବ୍ଲକରେ ୨ଟି ଥାନା -ଗୋଲାମୁଣ୍ଡା, କେଗାଁ ରହିଥିବା ବେଳେ ଦଶପୁର ଠାରେ ଫାଣ୍ଡି ରହିଛି । କଳମପୁର ଫାଣ୍ଡି ଏବେ ଥାନାର ମାନ୍ୟତା ପାଇଛି । ଜୟପାଟଣା ବ୍ଲକରେ ଗୋଟିଏ ଥାନା ଓ ମୁଖିଗଡା ଠାରେ ଗୋଟିଏ ଫାଣ୍ଡି ରହିଛି । ଜୁନାଗଡ଼ରେ ମଧ ଗୋଟିଏ ଥାନା ଓ ଚିଲଗୁଡାରେ ଫାଣ୍ଡି ରହିଛି । ହେଲେ ଧର୍ମଗଡ଼ ବ୍ଲକରେ କେବଳ ଗୋଟାଏ ଥାନା ଅବସ୍ଥିତ ରହିଛି । ଭୌଗଳିକ ସ୍ଥିତିକୁ ଦେଖିଲେ ଧର୍ମଗଡ଼ ଥାନା ଶେଷ ଭାଗରେ ପର୍ଲା ରହିଥିବା ବେଳେ ଛତିଶଗଡ଼ ସୀମାନ୍ତରେ ରହିଛି । ଅନ୍ୟପଟେ ନବରଙ୍ଗପୁର ଜିଲ୍ଲା ଲାଗି ରହିଥିବା ଧଅଁରପୁର ପଞ୍ଚାୟତ ସାହାଜଖୋଲ ଜଙ୍ଗଲରେ ପାଦ ଦେଶରେ ଅବସ୍ଥିତ ରହିଛି । ଯେଉଁଠି କିଛି ବର୍ଷ ତଳେ ପୋଲିସ ଗୁଳିରେ କିଛି ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଏହି ଜଙ୍ଗଲରେ ଅନେକ ସମୟରେ ମାଓବାଦୀଙ୍କ ଚଳପ୍ରଚଳ ଖବର ଶୁଣିବାକୁ ମିଳିଥାଏ । ଏହି ଜଙ୍ଗଲର ଶେଷ ମୁଣ୍ଡ ନବରଙ୍ଗପୁର ଜିଲ୍ଲା ରାଇଘର ଗୋନା ଜଙ୍ଗଲ ସହିତ ସଂଯୋଗ ହୋଇଛି । ଏହା ସହ ଏହି ଅଞ୍ଚଳ ଛତିଶଗଡ଼ ରାଜ୍ୟ ମେନପୁର ଡିଭିଜନକୁ ମଧ ଲାଗିରହିଛି । ଇତି ପୂର୍ବରେ ପର୍ଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ୨ଥର ମାଓବାଦୀଙ୍କ ପୋଷ୍ଟର ଲାଗିଥିଲା । ଯାହାକୁ ନେଇ ସେତେବେଳେ ଅଞ୍ଚଳର ଲୋକଙ୍କ ଭିତରେ ଭୟଭୀତ ଖେଳି ଯାଇଥିଲା । ଭୌଗଳିକ ଦୃଷ୍ଟିରୁ ଧର୍ମଗଡ଼ ଥାନାର ବିଭାଜନ ଘଟି ନୂତନ ଥାନା ଓ ଫାଣ୍ଡିର ଆବଶ୍ୟକତା ରହିଛି । କିଛି ବର୍ଷ ତଳେ ଗୋଟିଏ ଥାନା ଗୋଟିଏ ବ୍ଲକ ପାଇଁ ସରକାର ପ୍ରକିୟା ଆରମ୍ଭ କରିଥିବା ଶୁଣିବାକୁ ମିଳିଥିଲା । ସେତେବେଳେ ଆଶା କରାଯାଉଥିଲା ଯେ ଧର୍ମଗଡ ଥାନାର ବିଭାଜନ ଘଟି ଗୋଟିଏ ଦୁଇଟି ଫାଣ୍ଡି ପ୍ରତିଷ୍ଠା ହେବ । ବର୍ତ୍ତମାନ ନୂତନ ସରକାର ଆସିଲା ପରେ ନୂତନ ଭାବେ ୨୭ଟି ଥାନା ସ୍ଥାପନ କରିବାକୁ ସୂଚନା ଦେଇଛନ୍ତି । ଯାହା ଧର୍ମଗଡ଼ ଥାନା ବିଭାଜନ ହେବା ସମ୍ଭାବନା ଦେଖା ଦେଇଛି । ପର୍ଲା ଠାରେ ଫାଣ୍ଡି ସ୍ଥାପନ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି । କିଛି ବର୍ଷ ତଳେ ପର୍ଲା ଓ ଟିପିଗୁଡାବାସୀ ଫାଣ୍ଡି ପ୍ରତିଷ୍ଠା ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଧର୍ମଗଡ଼ ଥାନା ବିଭାଜନ ହେଲେ ପର୍ଲା ଓ ଟିପିଗୁଡା ଠାରେ ଫାଣ୍ଡି ସ୍ଥାପନ ହେବା ନିଶ୍ଚିତ ବୋଲି ପ୍ରଶାସନ ବି ପ୍ରକ୍ରିୟା ଆରମ୍ଭ କରିଥିଲା । ଭୌଗୋଳିକ ସ୍ଥିତି ସହ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ସିମାନ୍ତ ପର୍ଲା ଠାରେ ଥାନା ପ୍ରତିଷ୍ଠା ସହ ଟିପିଗୁଡା, କାଙ୍କେରୀ, ସନ୍ଧିକୁଲିଆରୀ, ଡୁମେରଗୁଡା ଅଞ୍ଚଳରେ ଏକ ଥାନା ସ୍ଥାପନର ଆବଶ୍ୟକତା ରହିଛି । ଧର୍ମଗଡ଼ ଥାନାରେ ବର୍ତ୍ତମାନ ଜଣେ ଇନ୍‌ସପେକ୍ଟର, ଜଣେ ସବ ଇନ୍‌ସପେକ୍ଟର, ୬-ଜଣ ଅତିରିକ୍ତ ସବ ଇନ୍‌ସପେକ୍ଟର, ଜଣେ ହେଡ କନେଷ୍ଟବଳ ଓ ୬ ଜଣ କନେଷ୍ଟବଳ ବର୍ତ୍ତମାନ କାର୍ଯ୍ୟରତ ରହିଛନ୍ତି । ତେବେ ଜଣେ ଥାନା ଅଧିକାରୀଙ୍କ ଭରସାରେ ୨ଲକ୍ଷ ଲୋକଥିବା -ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଥାନା ବିଭାଜନ ହୋଇ ପର୍ଲା ଠାରେ ନୂତନ ଥାନା ପ୍ରତିଷ୍ଠା ହେବା ଆଶା ସଞ୍ଚାର ହୋଇଛି । ଅନ୍ୟପଟେ ପର୍ଲା ଠାରେ ନୂତନ ଥାନା ପ୍ରତିଷ୍ଠା ପାଇଁ ଜନସାଧାରଣରେ ଦାବି ହେଉଛି ।

## ରାଶିଫଳ


**ବୁଧବାର, ୧୯ ଫେବୃଆରୀ ୨୦୨୫**



**ମେଷ:** ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ । ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ । କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି ।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ । ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ । ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି । ଦାମ୍ପତ୍ୟ ଜୀବନରେ ସୁଖ ରହିବ ।



**ମିଥୁନ:** ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ । ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ । ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ ସଂପୂର୍ଣ୍ଣ କରିବେ । ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ ।




**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ । ଅଫିସରେ ଜୁନିଅର ଯେ କୌଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ । ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ । ବିବାହିତ ସାଥୀଙ୍କ ପତି କୌଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି ।



**ସିଂହ:** ଏହି ବ୍ୟସ୍ତତା ମଧରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅନ୍ତୁ । କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି । ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ ।




**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ । ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ । କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି । ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ ।



**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ । ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ । ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି ।



**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ । କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ । ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ । ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି ।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ । କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ । ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ । କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ । ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ । ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ । ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ । ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ । କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ । ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍ । ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି । ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ ।



ଜ୍ୟୋତିଷ ସ୍ତମ୍ଭ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯